# ଧରିତ୍ରୀ DHARITRI

ରାୟଗଡ଼ା, ଗୁରୁବାର, ଜୁଲାଇ ୯/୨୦୨୦ (୧୬ ପୃଷ୍ଠା) | Rayagada, Thursday, July 9/2020 | ★

୧୦ମ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ପିଲା ପଢ଼ିବେନି ଗୁରୁତ୍ୱପୂର୍ଣ୍ଣ ପାଠ

## ସିବିଏସ୍‌ଇ ପାଠ୍ୟକ୍ରମରୁ ନାଗରିକତ୍ୱ, ସଂଘୀୟବାଦ, ଧର୍ମନିରପେକ୍ଷତା, ବିମୁଦ୍ରୀକରଣ ବିଷୟ ବାଦ୍

ନୂଆଦିଲ୍ଲୀ,୮।୭(ପି.ଟି.)

କେବଳ ପିଲାଙ୍କ ପାଠପଢ଼ା ନୁହେଁ, ରାଜନୀତିରେ ମଧ୍ୟ କୋଭିଡ୍‌ର ପ୍ରଭାବ ଅସମ୍ଭାଳ ହୋଇପଡ଼ିଛି। ଏହାର ଆଭାସ ମିଳିଛି କେନ୍ଦ୍ର ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ସିଲାବସ୍ ପରିବର୍ତ୍ତନ ନିଷ୍ପତ୍ତିରୁ। କୋଭିଡ୍ ମୁକାବିଲା ପାଇଁ ଜାରି କଟକଣା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ତାଲା ପଡ଼ିଥିବାବେଳେ ପିଲାମାନେ କ୍ଲାସ୍ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମୁଣ୍ଡରୁ ପାଠପଢ଼ା ବୋଝ ହ୍ରାସ କରିବା ପାଇଁ ନବମରୁ ଦ୍ୱାଦଶ ଶ୍ରେଣୀ ସିବିଏସ୍‌ଇ ଛାତ୍ରୀଛାତ୍ରଙ୍କ ପାଇଁ ୩୦% ସିଲାବସ୍ ହ୍ରାସ କରାଯାଇଛି। ହେଲେ ଏବେ ଜଣାପଡ଼ିଛି ଯେ, ବିଶେଷ ଭାବେ କେତେକ ବିଷୟବସ୍ତୁ କଟାଯାଇଛି, ଯାହାର ରାଜନୈତିକ ଗୁରୁତ୍ୱ ରହିଛି। ସେଥିମଧ୍ୟରେ ରହିଛି ଧର୍ମନିରପେକ୍ଷତା, ନାଗରିକତ୍ୱ, ଜାତୀୟତାବାଦ, ସଂଘୀୟବାଦ, ବିମୁଦ୍ରୀକରଣ ଏବଂ ଗଣତାନ୍ତ୍ରିକ ଅଧିକାର ଭଳି କେତେକ ପାଠ। ଆସନ୍ତା ବର୍ଷ ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ଏବେ ଏସବୁ ବିଷୟ ପଢ଼ିବେ ନାହିଁ।

୨୦୨୦-୨୧ ଶିକ୍ଷାବର୍ଷ ପାଇଁ ସିବିଏସ୍‌ଇ ପ୍ରକାଶ କରିଥିବା ନୂଆ ପାଠ୍ୟକ୍ରମ ସମ୍ପର୍କରେ ବିଜ୍ଞପ୍ତି ବୁଧବାର ପ୍ରକାଶ ପାଇଛି। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଠ୍ୟକ୍ରମକୁ ୩୦ ପ୍ରତିଶତ ହ୍ରାସ କରାଯାଇଛି। ଦଶମ ଶ୍ରେଣୀ ପାଠ୍ୟକ୍ରମରୁ ଗଣତନ୍ତ୍ର ଓ ବିବିଧତା, ଲିଙ୍ଗ, ଧର୍ମ, ଜାତି, ଜନସଂଖ୍ୟା ସଂଘର୍ଷ ଏବଂ ଆନ୍ଦୋଳନ, ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ ଆଦି ଅଧ୍ୟାୟକୁ ହଟାଯାଇଛି। ସେହିପରି ଏକାଦଶ ଶ୍ରେଣୀ ପାଠ୍ୟକ୍ରମରୁ ସଂଘୀୟବାଦ, ନାଗରିକତ୍ୱ, ଜାତୀୟତାବାଦ, ଧର୍ମନିରପେକ୍ଷତା ଏବଂ ଭାରତରେ ସ୍ଥାନୀୟ ଶାସନର ଅଭିବୃଦ୍ଧି ବିଷୟ ବାଦ୍ ପଡ଼ିଛି। ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମରୁ ପଡୋଶୀ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ, ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପରିବର୍ତ୍ତିତ ପ୍ରକୃତି, ଭାରତରେ ସାମାଜିକ ଆନ୍ଦୋଳନ ଓ ବିମୁଦ୍ରୀକରଣ ଆଦି ଅଧ୍ୟାୟକୁ ବାଦ୍ ଦିଆଯାଇଛି।

### ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା

ଅନ୍ୟପକ୍ଷରେ ପାଠ୍ୟକ୍ରମରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବାଦ୍ ପଡ଼ିବାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ମର୍ମାହତ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେ ଏହାର ଦୃଢ଼ ବିରୋଧ କରିଛନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ନାଗରିକତ୍ୱ, ସଂଘୀୟବାଦ୍, ଧର୍ମନିରପେକ୍ଷତା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦିଆ ନ ଯାଉ ବୋଲି ସେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ପାଠ୍ୟକ୍ରମ ହ୍ରାସ ପଦକ୍ଷେପକୁ ବିଭିନ୍ନ ସ୍କୁଲ ପ୍ରତିନିଧି ସ୍ୱାଗତ କରିଥିବାବେଳେ ଏହା ନିର୍ଦ୍ଦିଷ୍ଟ ବିଚାରଧାରା ଦ୍ୱାରା ପ୍ରେରିତ ବୋଲି ଗୋଟିଏ ଶିକ୍ଷାବିତ୍ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ପାଠ୍ୟକ୍ରମ ହ୍ରାସ କରିବାରେ ଶିକ୍ଷାବିତ୍‌ଙ୍କ ଅପେକ୍ଷା ରାଜନୈତିକ ନିଷ୍ପତ୍ତିକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଭଳି ଜଣାପଡୁଛି ବୋଲି ସେମାନେ କହିଛନ୍ତି। ପିଲାଙ୍କ ପାଠପଢ଼ା ସହ ସାଲିସ କରାଯାଉଛି ଓ ଶିକ୍ଷାକ୍ଷେତ୍ରରେ ନିବେଶ ହ୍ରାସ ଲାଗି ଉଦ୍ୟମ ହେଉଛି ବୋଲି ଜବାହରଲାଲ ନେହେରୁ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ସୋସିଆଲ ସାଇନ୍ସ ପ୍ରଫେସର ସୁରଜିତ୍ ମଜୁମ୍‌ଦାର କହିଛନ୍ତି।

# ଭୁବନେଶ୍ୱର ଜମି ଉପରେ ନଜର ରଖିବ 'ବ୍ଲୁଇସ୍'




ଭୁବନେଶ୍ୱର,୮।୭(ବ୍ୟୁରୋ)

■ ସାଧାରଣ ପ୍ରଶାସନ, ଗୃହ ବିଭାଗ ପାଇଁ ୮ ବୈଷୟିକ ସମାଧାନ ବ୍ୟବସ୍ଥାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ରାଜଧାନୀରେ ଥିବା ବହୁମୂଲ୍ୟ ସରକାରୀ ଜମିକୁ ଜଗିବ ଭୁବନେଶ୍ୱର ଲ୍ୟାଣ୍ଡ ୟୁଜ୍ ଇଣ୍ଟେଲିଜେନ୍ସ ସିଷ୍ଟମ(ବ୍ଲୁଇସ୍)। ଏହା ଏକ ୱେବ୍ ଓ ମୋବାଇଲ ଆପ୍ ଆଧାରିତ ବ୍ୟବସ୍ଥା। ଉଚ୍ଚ ଶକ୍ତିସମ୍ପନ୍ନ ଉପଗ୍ରହ ଚିତ୍ର ମାଧ୍ୟମରେ ଭୁବନେଶ୍ୱର ଅଞ୍ଚଳର ସମସ୍ତ ସରକାରୀ ଜମିକୁ ତଦାରଖ କରାଯିବ। କେଉଁ ସରକାରୀ ଜମିକୁ କେଉଁଠି ଜବରଦଖଲରେ ରଖାଯାଇଛି, ସେହି ଜମିକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି, ସେ ସମସ୍ତ ସୂଚନା ଉପଗ୍ରହ ଚିତ୍ର ଜରିଆରେ ସରକାର ପାଇବେ। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବ୍ୟବସ୍ଥାରେ ଥିବା ମୋବାଇଲ ଆପ୍ ଜରିଆରେ ଜନସାଧାରଣ ସରକାରୀ ଜମିକୁ ଜବରଦଖଲ ରଖିଥିବା

☞ପୃଷ୍ଠା-୪

# ସାମଗ୍ରୀର ଉତ୍ପତ୍ତିସ୍ଥଳ ଦର୍ଶାଇବେ ଇ-କମର୍ସ କମ୍ପାନୀ




ନୂଆଦିଲ୍ଲୀ,୮।୭

ପ୍ରଡକ୍ଟ କେଉଁଠାରେ ପ୍ରସ୍ତୁତ ହୋଇଛି ତାହା ଏବେ ଇ-କମର୍ସ କମ୍ପାନୀଗୁଡ଼ିକ ଆଉ ଅଛପା ରଖିପାରିବେ ନାହିଁ। ଏହି କମ୍ପାନୀଗୁଡ଼ିକୁ ପ୍ରଡକ୍ଟର ଉତ୍ପତ୍ତିସ୍ଥଳ ଦର୍ଶାଇବାକୁ ହେବ। ଏ ସମ୍ପର୍କରେ ବୁଧବାର ଇ-କମର୍ସ କମ୍ପାନୀଗୁଡିକ ସହ କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ (ଡିପିଆଇଆଇଟି) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତାବିତ ପରିବର୍ତ୍ତନ ଜୁଲାଇ ଶେଷ ସୁଦ୍ଧା କାର୍ଯ୍ୟକାରୀ କରାଇବା ଲାଗି ସରକାର ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସରକାରଙ୍କ ନିର୍ଦ୍ଦେଶ ପରେ ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ଏବଂ ଫ୍ଲିପ୍‌କାର୍ଟ ପକ୍ଷରୁ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। କମ୍ପାନୀଗୁଡିକ ବର୍ତ୍ତମାନ

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପାରାମାନଙ୍କ ଅବଦାନ**

# ଗାନ୍ଧୀ ପରିବାର ଟ୍ରଷ୍ଟର ତଦନ୍ତ ପାଇଁ କମିଟି ଗଠିତ

ନୂଆଦିଲ୍ଲୀ,୮।୭

ଗାନ୍ଧୀ ପରିବାର ସହ ସମ୍ପୃକ୍ତ ୩ଟି ଟ୍ରଷ୍ଟରେ ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ହେବ। ଉକ୍ତ ତଦନ୍ତରେ ସହଯୋଗ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଆନ୍ତଃମନ୍ତ୍ରଣାଳୟ କମିଟି ଗଠନ କରାଯାଇଛି। ରାଜୀବ ଗାନ୍ଧୀ ଫାଉଣ୍ଡେଶନ, ରାଜୀବ ଗାନ୍ଧୀ ଚାରିଟେବଲ୍ ଟ୍ରଷ୍ଟ ଏବଂ ଇନ୍ଦିରା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟରେ ଆୟକର ଆଇନ ଏବଂ ବିଦେଶୀ ଅନୁଦାନ ନିୟମାବଳୀର ଉଲ୍ଲଂଘନ ଅଭିଯୋଗ ହୋଇଛି। ମୁଖ୍ୟତଃ ଗାନ୍ଧୀ ପରିବାର ନିୟନ୍ତ୍ରଣରେ ଥିବା ଉକ୍ତ ଟ୍ରଷ୍ଟଗୁଡ଼ିକରେ ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ), ଆୟକର ଆଇନ ଏବଂ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ତାହାର ତଦନ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ନିର୍ଦ୍ଦେଶକ କମିଟିର ମୁଖ୍ୟ ରହିବେ।

୧୯୯୧ ଜୁନ୍‌ରେ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଏବଂ ୨୦୦୨ରେ ରାଜୀବ ଗାନ୍ଧୀ ଚାରିଟେବଲ୍ ଟ୍ରଷ୍ଟ ଗଠନ ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଭୟ ଟ୍ରଷ୍ଟର ମୁଖ୍ୟ ଅଛନ୍ତି। ଏହି ତଦନ୍ତ ଏକ ରାଜନୈତିକ ଷଡ଼ଯନ୍ତ୍ର

☞ପୃଷ୍ଠା-୪

# ୨୦୧୩ ଟୁଇଟ୍‌କୁ ନେଇ ମୋଦିଙ୍କୁ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ,୮।୭

୨୦୧୩ ଏପ୍ରିଲ ୧୫ରେ ଚାଇନାର ୧ ପ୍ଲାଟୁନ ସୈନ୍ୟ ଦୌଲତବେଗ୍ ଓଲ୍ଡି ସୀମାରୁ ଭାରତୀୟ ଭୂଖଣ୍ଡର ୧୯ କି.ମି. ଭିତରକୁ ଅନୁପ୍ରବେଶ କରି ୪ଟି ଟେଣ୍ଟ ତିଆରି କରିଥିଲେ। ଏହାକୁ ନେଇ ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ୨୧ ଦିନ ଧରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଦୁଇମାସ ପରେ ଚାଇନା ସୈନ୍ୟ ଲଦାଖର ଚୁମାର ସେକ୍ଟରରେ ପୁଣି ଅନୁପ୍ରବେଶ କରିଥିଲେ। ଆଲୋଚନା ପରେ ଦୁଇଦେଶର ସେନା ବିବାଦୀୟ ଅଞ୍ଚଳରୁ ପଛକୁ ହଟିଥିଲେ। ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କୁ ଏନେଇ କାଠଗଡ଼ାରେ ଛିଡ଼ା କରାଇଥିଲେ। ନିଜ ଭୂଖଣ୍ଡରୁ ଭାରତୀୟ ଯବାନମାନଙ୍କୁ କାହିଁକି ପ୍ରତ୍ୟାହାର କଲ ବୋଲି ସେହି ସମୟରେ ମୋଦି ପ୍ରଶ୍ନ କରିଥିଲେ। ଏହାର ୭ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାନ ପ୍ରଶ୍ନ ପଚାରି ଘେରିଛି କଂଗ୍ରେସ। ୨୦୧୩ ମସିହାରେ ଉପା ସରକାର ଅମଳରେ ମୋଦିଙ୍କ ମନ୍ତବ୍ୟକୁ ସ୍ମରଣ କରାଇଦେଇଛି ବିରୋଧୀ ଦଳ। କହିଛି, ପ୍ରସଙ୍ଗ ସମାନ, ପ୍ରଶ୍ନ ସମାନ। ଏବେ ଆମ ପାଳି। ଜବାବ ଆପଣ ଦିଅନ୍ତୁ...।

☞ପୃଷ୍ଠା-୪

### ନିଜ ଭୂମିରୁ ଭାରତୀୟ ଯବାନଙ୍କୁ କାହିଁକି ହଟାଗଲା


Randeep Singh Surjewala
@rssurjewala

आदरणीय प्रधान मंत्री जी,

क्या आपके शब्द याद हैं?

क्या आपके शब्दों के कोई मायने हैं?

क्या बताएँगे की अब हमारी फ़ोर्स हमारी सरज़मीं से क्यों पीछे हट रही हैं?

देश जवाब माँगता है।

narendramodi_in
@narendramodi_in

China withdraws its forces but I wonder why Indian forces are withdrawing from Indian territory? Why did we retreat? : @narendramodi

7:00 am · 13 May 13 · Twitter Web Client




# ଭାକ୍ସିନ ପାଇଁ ଲାଗିପାରେ ୧୦ ବର୍ଷ



- କୋଭିଡ୍-୧୯ରୁ ମୁକ୍ତି ପାଇଁ ଭାକ୍ସିନ ଉଦ୍ଭାବନ କରିବାକୁ ୧୦୦ରୁ ଊର୍ଦ୍ଧ୍ୱ ଅଧ୍ୟୟନ ଜାରି ରହିଛି
- ଟିକାକରଣ ହେଉଛି ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଶ୍ୱର ଅନ୍ୟତମ ସଫଳ ଉପାୟ, ଯାହାକୁ ଆପଣାଇ ପ୍ରତିବର୍ଷ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ବଞ୍ଚାଯାଇ ପାରୁଛି
- ଏହାକୁ ଅଧିକ ବିକଶିତ କରାଯାଇପାରିଲେ ବିଶ୍ୱବ୍ୟାପୀ ବାର୍ଷିକ ୧୫ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରାଯାଇପାରିବ
- ଟିକାର ମୂଲ୍ୟ ଏବଂ ଏହାକୁ ନେଇ ବିବାଦ ଓ ଦ୍ୱିଧା ହେଉଛି ରୋଗ ପ୍ରତିଷେଧକ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ
- ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ଟିକାକରଣ ସ୍ୱାସ୍ଥ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଉଦ୍ଭାବନଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିଥାଏ

**କୋଭିଡ୍-୧୯ ବା କରୋନା ଭାଇରସ୍ ମହାମାରୀ ପ୍ରତିଷେଧନର ଗୁରୁତ୍ୱ ସମ୍ପର୍କରେ ଆମ ଆଧୁନିକ ବିଶ୍ୱକୁ ଅବଗତ କରାଇଛି। କିନ୍ତୁ ସାର୍ବଜନୀନ ଟିକାକରଣ ସହଜ କି ଶସ୍ତା ନୁହେଁ। ଏହି ୫ଟି ଚାର୍ଟ ବା ସାରଣୀରେ ଆଜିର ଟିକାକରଣ ସମ୍ପର୍କରେ ଅବତାରଣା କରାଯାଇଛି।**

## କୋଭିଡ୍-୧୯ ଭାକ୍ସିନ ପାଇଁ ପ୍ରତିଦ୍ୱନ୍ଦ୍ୱିତା




Fig. 1 | **Pipeline of COVID-19 vaccine candidates by technology platform.** Exploratory projects (split into confirmed and unconfirmed) are in the early planning stage with no in-vivo testing, and preclinical projects are at the stage of in-vivo testing and/or manufacturing clinical trials material.

ବର୍ତ୍ତମାନ ସାରା ବିଶ୍ୱରେ ୧୦୦ରୁ ଅଧିକ କୋଭିଡ୍-୧୯ ଭାକ୍ସିନ ବିକଶିତ କରାଯାଉଛି। ସେଥିମଧ୍ୟରୁ ଏକ ୟୁରୋପୀୟ ଫାର୍ମାସ୍ୟୁଟିକାଲ କମ୍ପାନୀ ଭବିଷ୍ୟବାଣୀ କରିଛି ଯେ ଏହା ସେପ୍ଟେମ୍ବର ସୁଦ୍ଧା ବିଶ୍ୱବ୍ୟାପୀ ଟିକା ଉତ୍ପାଦନ କରିବା ପାଇଁ ପ୍ରସ୍ତୁତ।

କରୋନାର ଉତ୍ପତ୍ତିସ୍ଥଳ ବୋଲି କୁହାଯାଉଥିବା ଚାଇନାରେ ଲୋକଙ୍କ ଶରୀରରେ ଅଦ୍ୟାବଧି ୫ଟି ଭାକ୍ସିନ ପ୍ରୟୋଗ କରାଯାଇଛି। ସେଠାକାର ଏକ ସରକାରୀ ସଂସ୍ଥା ଅନୁସାରେ ଚଳିତବର୍ଷ ଶେଷ ସୁଦ୍ଧା ଗୋଟିଏ ଭାକ୍ସିନ ପ୍ରସ୍ତୁତ ହୋଇଯିବ।

## ଆହୁରି ଦୀର୍ଘ ସମୟର ପ୍ରତୀକ୍ଷା




ଗବେଷକମାନେ ଓ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ଯେପରି ତ୍ୱରିତ ଭାବେ କରୋନା ଭାଇରସ୍ ମହାମାରୀର ମୁକାବିଲା ପାଇଁ ଉପାୟ ଅବଲମ୍ବନ କରିଛନ୍ତି, ତାକୁ ଇଣ୍ଟରନ୍ୟାଶନାଲ ଭାକ୍ସିନ ଇନ୍‌ଷ୍ଟିଚ୍ୟୁଟ୍ ମହାନିର୍ଦ୍ଦେଶକ ଡକ୍ଟର ଜେରୋମ୍ କିମ୍ 'ଅପ୍ରତ୍ୟାଶିତ' ବୋଲି ଅଭିହିତ କରିଛନ୍ତି।

ସିଏନ୍‌ବିସିକୁ ଡକ୍ଟର ଜେରୋମ କହିଛନ୍ତି, ଆମେ ପଞ୍ଚ-ବାର୍ଷିକ ସମୟସୀମା ସହ ଅଭ୍ୟସ୍ତ ଥିବାବେଳେ ମାର୍ଚ୍ଚ ୧୭ରେ ମାନବ ଶରୀରରେ ଟିକାର ପ୍ରୟୋଗ ବାସ୍ତବରେ ଏକ ଉଲ୍ଲେଖନୀୟ ବିଷୟ। ଏହା ସଫଳତାର ଗ୍ୟାରେଣ୍ଟି ଦିଏ କି? ଅବଶ୍ୟ ନୁହେଁ। ଭାକ୍ସିନର ବିକାଶ ଏକ ଉଚ୍ଚ ବିଫଳତା ହାରକୁ ଦର୍ଶାଇଥାଏ। ଅଧିକାଂଶ ସମୟରେ ପ୍ରାଣୀଙ୍କୁ ନେଇ କରାଯାଉଥିବା ଅଧ୍ୟୟନ ଓ ଉତ୍ପାଦର ପଞ୍ଜୀକରଣ ମଧ୍ୟରେ ବିଫଳତା ହାର ୯୩% ରହିଥାଏ।

ୱେଲ୍‌କମ୍ ଟ୍ରଷ୍ଟ ଅନୁସାରେ ଉଦ୍ଭାବନ ଓ ଗବେଷଣା ପର୍ଯ୍ୟାୟ ସାଧାରଣତଃ ଦୁଇରୁ ୫ ବର୍ଷ ହୋଇଥାଏ। ମୋଟାମୋଟି ଭାବେ ଏକ ଭାକ୍ସିନକୁ ପୂର୍ଣ୍ଣ ବିକଶିତ କରିବା ପାଇଁ ୧୦ ବର୍ଷରୁ ଅଧିକ ସମୟ ଲାଗିଥାଏ। ଏଥିପାଇଁ ୫୦୦ ନିୟୁତ ଡଲାର ଖର୍ଚ୍ଚ ହୋଇଥାଏ ବୋଲି ବ୍ରିଟେନର ଏହି ଦାତବ୍ୟ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ପ୍ରତିଷ୍ଠିତ ଭାକ୍ସିନଗୁଡ଼ିକ ମଧ୍ୟ ସାର୍ବଜନୀନ ନୁହେଁ




ଡବ୍ଲ୍ୟୁଏଚ୍‌ଓ କହିଛି ଯେ ସମ୍ପ୍ରତି ଟିକାକରଣ ଯୋଗୁ ପ୍ରତିବର୍ଷ ୨-୩ ନିୟୁତ ଲୋକଙ୍କ ଜୀବନ ବଞ୍ଚାଯାଇପାରୁଛି। କିନ୍ତୁ ଅଧିକ ଲୋକ ଟିକା ନେଲେ ଆହୁରି ୧.୫ ନିୟୁତ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ସାର୍ବଜନୀନ ଟିକାକରଣ ଆଗରେ ଭୟଙ୍କର ପ୍ରତିବନ୍ଧକ ରହିଛି, ବିଶେଷକରି ଅନୁନ୍ନତ ଅଞ୍ଚଳଗୁଡ଼ିକରେ।

ମାନବିକ ଚିକିତ୍ସା ସଙ୍ଗଠନ ମେଡିସିନ୍ସ ସାନ୍ସ ଫ୍ରଣ୍ଟିୟର୍ସ (ଏମ୍‌ଏସ୍‌ଏଫ୍) ଅନୁସାରେ ଭାକ୍‌ସିନର ଦାମ ଅଧିକ ହୋଇଥିବାରୁ ଏବଂ ଏହାର ବିତରଣ ଓ ସଂରକ୍ଷଣ କ୍ଷେତ୍ରରେ ଥିବା ଅସୁବିଧା ଯୋଗୁ ଲୋକେ ପ୍ରତିଷେଧନରୁ ବଞ୍ଚିତ ହୋଇଥାନ୍ତି। ବିବାଦୀୟ କ୍ଷେତ୍ରରେ ବିପର୍ଯ୍ୟସ୍ତ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା କାରଣରୁ ଟିକାକରଣରେ ବାଧାସୃଷ୍ଟି ହେବା ସହ ରୋଗଗୁଡ଼ିକ ପୁଣି ବାହାରିଲେ ଲୋକଙ୍କ ଚିକିତ୍ସା ବନ୍ଦ ହୋଇପାରେ।

## ଟିକା ବିରୋଧୀ ଭାବନା ଏକ ପ୍ରତିବନ୍ଧକ




ଭାକ୍ସିନ ଦ୍ୱିଧା ବା ଟିକା ନେବାକୁ ମନା କରିବା ବିଶ୍ୱର ସବୁଠୁ ୧୦ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଗୋଟିଏ ବୋଲି ଗତବର୍ଷ ଡବ୍ଲ୍ୟୁଏଚ୍‌ଓ ଦର୍ଶାଇଥିଲା। ଲୋକେ ଭାକ୍ସିନ ଗ୍ରହଣ ନ କରିବାର କାରଣଗୁଡ଼ିକ ଜଟିଳ କିନ୍ତୁ ଆତ୍ମତୃପ୍ତି, ଭାକ୍‌ସିନ ପାଇବାରେ ଜଟିଳତା ଓ ବିଶ୍ୱାସର ଅଭାବକୁ ପ୍ରମୁଖ କାରଣ ଭାବେ ଡବ୍ଲ୍ୟୁଏଚ୍‌ଓ ଉଲ୍ଲେଖ କରିଛି। ଏହି ଅସୁବିଧା ଦୂର କରିବା ପାଇଁ ଭାକ୍ସିନଗୁଡ଼ିକ ଉପରେ ଭରସାଯୋଗ୍ୟ ସୂଚନା ପ୍ରଦାନ କରିବାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସମର୍ଥନ ଦିଆଯିବା ଜରୁରୀ।

ଆମେରିକାର ମ୍ୟାନେଜମେଣ୍ଟ କନ୍‌ସଲଟାନ୍ସି କମ୍ପାନୀ ଗାଲ୍‌ଅପ୍ ପୋଲ୍ ଅନୁସାରେ ଭାକ୍‌ସିନଗୁଡ଼ିକ ଉପରେ ଫ୍ରାନ୍ସରେ ବିଶ୍ୱର ସବୁଠୁ କମ୍ ଭରସା କରାଯାଏ। ଦେଶର ଏକତୃତୀୟାଂଶ ଲୋକ ପ୍ରତିଷେଧନ ସୁରକ୍ଷାକୁ ନେଇ ଚିନ୍ତିତ।

## ସେମାନେ ଜୀବନ ରକ୍ଷାକରନ୍ତି

ଡବ୍ଲ୍ୟୁଏଚ୍‌ଓ ମତରେ ରୋଗ ନିରାକରଣ ପାଇଁ ଟିକାକରଣ କେବଳ ଶସ୍ତା ଓ ପ୍ରଭାବଶାଳୀ ଉପାୟ ନୁହେଁ, ବରଂ ଶିକ୍ଷା ଓ ଅର୍ଥନୈତିକ ବିକାଶକୁ ସମର୍ଥନ କରି ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ମଧ୍ୟ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅଦ୍ୟାବଧି ଭାକ୍ସିନ ପ୍ରୟୋଗ କରି କେବଳ ବସନ୍ତକୁ ଦୂର କରାଯାଇ ପାରିଥିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। କିନ୍ତୁ ଗତବର୍ଷ ହିଁ ପୋଲିଓର ଦୁଇଟି ଅନ୍ତିମ ଜୀବିତ ଷ୍ଟ୍ରେନ୍ ମଧ୍ୟରୁ ଗୋଟିଏକୁ ବିଲୋପ କରାଯାଇପାରିଥିଲା। ୧୪୦ରୁ ଊର୍ଦ୍ଧ୍ୱ ବିଶ୍ୱନେତା କୋଭିଡ୍-୧୯ର ଭାକ୍ସିନ ମାଗଣାରେ ସମସ୍ତଙ୍କୁ ଉପଲବ୍ଧ କରାଇବାକୁ ଆହ୍ୱାନ ଦେଇଛନ୍ତି।




## ଗାଭି କ'ଣ

ଗାଭି ହେଉଛି ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ବୈଠକ ୨୦୦୦ରେ ଆରମ୍ଭ କରାଯାଇଥିବା ଏକ ମେଣ୍ଟ। ଏହା ପ୍ରାୟ ୭୦୦ ନିୟୁତ ଶିଶୁଙ୍କ ପ୍ରତିଷେଧନ କ୍ଷେତ୍ରରେ ସହାୟକ ହୋଇପାରିଛି। ଏହାସହ ଗାଭି ୨୦ ବର୍ଷରୁ କମ୍ ସମୟ ମଧ୍ୟରେ ବିଶ୍ୱର ପ୍ରାୟ ୧୦ ନିୟୁତ ଲୋକଙ୍କ ଜୀବନ ବଞ୍ଚାଇ ପାରିଛି।

ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ପ୍ରାରମ୍ଭିକ ଭାବେ ୭୫୦ ନିୟୁତ ଡଲାର ରାଶିରେ ଗାଭିକୁ ଲଞ୍ଚ କରାଯାଇଥିଲା। ଏହାର ଲକ୍ଷ୍ୟ ହେଉଛି ଭାକ୍ସିନର ଉପଲବ୍ଧତା ବୃଦ୍ଧି କରି ବିଶ୍ୱର ସମସ୍ତ ଶିଶୁଙ୍କ ପାଇଁ ଶସ୍ତା କରାଇବା। ଜାତିସଂଘର ଏଜେନ୍ସିଗୁଡ଼ିକ, ସରକାରମାନେ, ଭାକ୍ସିନ ଇଣ୍ଡଷ୍ଟ୍ରି ଓ ସିଭିଲ ସୋସାଇଟି ପକ୍ଷରୁ କରାଯାଉଥିବା ସର୍ବୋତ୍କୃଷ୍ଟ ପ୍ରୟାସକୁ ଗାଭି ସମ୍ମିଳିତ କରିଥାଏ। ବିକାଶଶୀଳ ଦେଶଗୁଡ଼ିକରେ ଛୋଟପିଲାଙ୍କଠାରେ ପ୍ରତିଷେଧନକୁ ଉନ୍ନତ କରିବା ଓ ନୂଆ ଭାକ୍ସିନଗୁଡ଼ିକୁ ଉପଲବ୍ଧ କରାଇବା ହେଉଛି ଏହାର ଉଦ୍ଦେଶ୍ୟ।

ଇତିମଧ୍ୟରେ ଭାକ୍ସିନ ଆଲାଏନ୍ସ ଗାଭିକୁ ୨୦୦୦ ମସିହାରେ ସୁଇଜରଲାଣ୍ଡର ଡାଭୋସ୍ ସହରରେ ଅନୁଷ୍ଠିତ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଆନୁଆଲ୍ ମିଟିଂରେ ଲଞ୍ଚ କରାଯାଇଥିଲା। ବିଶ୍ୱର ପ୍ରାୟ ଅଧା ଶିଶୁଙ୍କୁ ସଂକ୍ରାମକ ରୋଗଗୁଡ଼ିକରୁ ମୁକ୍ତି ଦେବା ପାଇଁ ଏହା ଟିକା ଦେବାରେ ସହାୟକ ହୋଇପାରିଛି।

ସୌଜନ୍ୟ: ୱାର୍ଲ୍ଡ ଇକୋନୋମିକ୍ ଫୋରମ୍

# ବିଜ୍ଞାନ ଓ ପ୍ରାଦ୍ୟୋଗିକ ମନ୍ତ୍ରଣାଳୟ ବିଶେଷଜ୍ଞ କମିଟିରେ ଓଡ଼ିଆ

ଭୁବନେଶ୍ୱର, ୮।୭(ବ୍ୟୁରୋ)



ଡ. ମନୀଷା ଆଚାର୍ଯ୍ୟ

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ମନ୍ତ୍ରଣାଳୟ ପକ୍ଷରୁ 'ଇନୋଭେସନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଣ୍ଟରପ୍ରିନିୟରଶିପ୍ ଡେଭ୍‌ଲପ୍‌ମେଣ୍ଟ' ବିଶେଷଜ୍ଞ ଉପଦେଷ୍ଟା ସମିତିର ସଦସ୍ୟା ଭାବେ ଓଡ଼ିଶା ଜନ୍ମିତ ଡ. ମନୀଷା ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ସେ ୩ ବର୍ଷ ପାଇଁ ଏହି ପଦବୀରେ କାର୍ଯ୍ୟ କରିବେ। ଗୁଜୁରାଟସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦ (ଆଇଆର୍‌ଏମ୍‌ଏ)ର ପ୍ରଫେସର ଡ. ହୃଷୀକେଶ ମିଶ୍ର ସମିତିର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଡ. ମନୀଷା ଏବେ ଦିଲ୍ଲୀସ୍ଥିତ ଇଣ୍ଡିଗ୍ରାମ୍ ଲାବ୍‌ସ ଫାଉଣ୍ଡେଶନ (ଆଇଏଲ୍‌ଏଫ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରିଥିବାବେଳେ ବ୍ରିଟିଶ ସରକାରଙ୍କ ବିଦେଶ ଓ କମନ୍‌ୱେଲ୍‌ଥ କାର୍ଯ୍ୟାଳୟ ତରଫରୁ ଚେଭେନିଙ୍ଗ୍ ଫେଲୋଶିପ୍ ପାଇ ଅକ୍ସଫୋର୍ଡ ୟୁନିଭର୍ସିଟିରୁ ଶିକ୍ଷାଲାଭ କରିଛନ୍ତି। କତାରରେ ୨୦୧୯ରେ ଅନୁଷ୍ଠିତ ବିଶ୍ୱ ଇନୋଭେଶନ ସମ୍ମିଳନୀରେ ମନୀଷା ବକ୍ତା ଭାବେ ଯୋଗଦେଇଥିଲେ। ତାଙ୍କୁ ଭାରତୀୟ ଖାଦ୍ୟ ଓ କୃଷି ସଦନ ଦ୍ୱାରା ୨୦୧୯ର ଇନ୍‌କ୍ୟୁବେଟର କାଟାଗୋରିରେ ଶ୍ରେଷ୍ଠ ସିଇଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ପୋର୍ଟାଲରେ ଜଣେ ସ୍ୱୀକୃତିପ୍ରାପ୍ତ ମେଣ୍ଟର ଭାବେ ସେ କାର୍ଯ୍ୟ କରୁଛନ୍ତି। ମୟୂରଭଞ୍ଜ ଜିଲାର ବାରିପଦାରେ ଜନ୍ମିତ ମନୀଷା କଟକର ବୋହୂ ହୋଇଥିବା ବେଳେ ଏବେ ଦିଲ୍ଲୀରେ ରହୁଛନ୍ତି।

# ନୀରବ ମୋଦିଙ୍କ ୩୨୯ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୮।୭



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୩ ହଜାର କୋଟି ଟଙ୍କାର ବେଆଇନ ଋଣ ପ୍ରଦାନ ମାମଲାର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ୩୨୯.୬୬ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ବାଜ୍ୟାପ୍ତ କରିଛି। ନୀରବ ମୋଦି ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସି ଏହି ଋଣ ଠକେଇରେ ସାମିଲ ରହିଥିବା ବେଳେ ଇଡି ସେମାନଙ୍କ ବିରୋଧରେ ତଦନ୍ତ ଜାରି ରଖିଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ୱର୍ଲି ମୁମ୍ବାଇସ୍ଥିତ ସମୁଦ୍ର ମହଲର ୪ ଫ୍ଲାଟ୍, ଆଲିବଗରେ ଏକ ଫାର୍ମ ହାଉସ, ଜୟସାଲମେରରେ ଏକ ୱିଣ୍ଡମିଲ୍, ଲଣ୍ଡନରେ ଫ୍ଲାଟ୍ ଏବଂ ୟୁଏଇରେ ଏକ ରେସିଡେନସିଆଲ ଫ୍ଲାଟ୍ ସାମିଲ ରହିଛି। ଏହବାଦ କିଛି ଶେୟାର ଏବଂ ବ୍ୟାଙ୍କ ଜମା ମଧ୍ୟ ସମ୍ପତ୍ତି ମଧ୍ୟରେ ରହିଥିବା ଇଡି ଏକ ବିବୃତିରେ କହିଛି। ସମ୍ପତ୍ତି ବାଜ୍ୟାପ୍ତ ଲାଗି ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ଜୁନ୍ ୮ରେ ଇଡିକୁ କ୍ଷମତା ପ୍ରଦାନ କରିଥିଲେ। ଗତବର୍ଷ ଡିସେମ୍ବର ୫ରେ ଏହି କୋର୍ଟ ନୀରବଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ବୋଲି ଘୋଷଣା କରିଥିଲେ। ଏହି ଆଇନରେ ୨୦୧୮ରେ ଇଡି ନୀରବଙ୍କ ୩୨୯ କୋଟି ସମ୍ପତ୍ତିକୁ ଜବତ କରିଥିଲା। ବେଆଇନ ଅର୍ଥ କାରବାର ନିରୋଧୀ ଆଇନରେ ବର୍ତ୍ତମାନ ସୁଦ୍ଧା ତାଙ୍କର ୨୩୪୮ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ୨୦୧୯ ମାର୍ଚ୍ଚରେ ନୀରବ ଲଣ୍ଡନରେ ଗିରଫ ହୋଇଥିଲେ। ୟୁକେରେ ସେ ବର୍ତ୍ତମାନ ଜେଲରେ ଥିବା ବେଳେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଜାରି ରହିଛି।

**ବିବାହ, ଶୁଦ୍ଧିରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ ନେଇ ଉଦ୍‌ବେଗ**

# କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୭(ବ୍ୟୁରୋ)

**ଉଲ୍ଲଂଘନ ହେଲେ ଦାୟୀ ରହିବେ ଆୟୋଜକ**

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବେଳକୁ ବେଳ ବଢ଼ିବାରେ ଲାଗିଛି। ଏହା ମହାମାରୀ ରୂପ ନେବାରେ ଲାଗିଛି। ଏଭଳି ପରିସ୍ଥିତିରେ ବିବାହ ଏବଂ ଶୁଦ୍ଧିକାର୍ଯ୍ୟ ବେଳେ କୋଭିଡ୍ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉକ୍ତ ସାମାଜିକ କାର୍ଯ୍ୟକ୍ରମ ଉପରେ କଟକଣାକୁ କଡାକଡି କରିବାକୁ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର, କଟକ ଓ ଭୁବନେଶ୍ୱର ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବୁଧବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। କ୍ଷେତ୍ରସ୍ଥଳରେ ଏଭଳି ସାମାଜିକ କାର୍ଯ୍ୟକ୍ରମ ଉପରେ କଡା ନଜର ରଖିବାକୁ କୁହାଯାଇଛି।

ଏ ନେଇ ପୁଣିଥରେ ବିବାହ କାର୍ଯ୍ୟ ସମ୍ପାଦନ ପୂର୍ବରୁ ସ୍ଥାନୀୟ ଥାନାରୁ ଅନୁମତି ନେବାକୁ ପଡିବ। କୌଣସି ପ୍ରକାର ବିବାହ ରୋଶଣି ବିନାନୁମତିରେ ହୋଇ ପାରିବ ନାହିଁ। ବିବାହ ଉତ୍ସବରେ ୫୦ରୁ ଯେପରି ଅଧିକ ଲୋକ ଏକାଠି ନ ହେବେ ସେ ନେଇ ସ୍ଥାନୀୟ ଥାନା ନିଶ୍ଚିତ କରିବ। ୬୫ ବର୍ଷରୁ ଊର୍ଦ୍ଧ୍ୱ କିମ୍ବା ୧୦ ବର୍ଷରୁ କମ୍ ବୟସ ପିଲା ଏବଂ ଗର୍ଭବତୀଙ୍କୁ ଉତ୍ସବରେ ସାମିଲ ନ ହେବାକୁ ପରାମର୍ଶ ଦିଆଯାଇଛି। ଉତ୍ସବରେ ଯୋଗ ଦେବା ବେଳେ ଅତି କମ୍‌ରେ ୨ ମିଟର ଦୂରତା ଅବଲମ୍ବନ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ମାସ୍କ ବ୍ୟବହାର କରିବେ। ଉତ୍ସବରେ ଯୋଗ ଦେଇଥିବା ବ୍ୟକ୍ତିମାନେ ଗୁଟ୍‌ଖା, ପାନ ଖାଇ ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଉପରେ କଟକଣା ଜାରି କରାଯାଇଛି। ବରପିତା କିମ୍ବା ସେମାନଙ୍କର ଅଭିଭାବକ ଏହାକୁ କଡାକଡି ପାଳନ କରିବେ। ଯଦି ଏହି ଗାଇଡ୍‌ଲାଇନକୁ କେହି ଉଲ୍ଲଂଘନ କରିବେ ତେବେ ସେଥିପାଇଁ ଆୟୋଜକ ଦାୟୀ ରହିବେ। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଯେଉଁମାନେ ଏହି ଉତ୍ସବରେ ଯୋଗ ଦେଇ ନିୟମ ଉଲ୍ଲଂଘନ କରିଥିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଅନ୍ତ୍ୟେଷ୍ଟିଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ଯାଏ ୨୦ ଜଣରୁ ଅଧିକ ବ୍ୟକ୍ତି ଏକାଠି ନ ହେବାକୁ କୁହାଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଛି। ଯଦି ଏହା ଉଲ୍ଲଙ୍ଘନ ହେବ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ପକ୍ଷରୁ ନୂତନ ଭାବେ ଜାରି କରାଯାଇଥିବା ଗାଇଡ୍‌ଲାଇନରେ କୁହାଯାଇଛି।

# ବାୟୁ ଦ୍ୱାରା କରୋନା ବ୍ୟାପେ

**ମାନିଲା ଡବ୍ଲ୍ୟୁଏଚ୍‌ଓ**

ନୂଆଦିଲ୍ଲୀ,୮।୭



ବାୟୁମଣ୍ଡଳରେ କରୋନା ଭୂତାଣୁ ଅଛନ୍ତି। କୌଣସି ସଂକ୍ରମିତ ବ୍ୟକ୍ତି କାଶିବା କିମ୍ବା ଛିଙ୍କିବା ଦ୍ୱାରା ଛୋଟ ଛୋଟ କଣିକା ମାଧ୍ୟମରେ ଏହି ଭୂତାଣୁ ବାୟୁମଣ୍ଡଳକୁ ପ୍ରବେଶ କରିଥାନ୍ତି। ଏହା ଖାଲିଆଖିରେ ଦେଖାଯାଉ ନ ଥିଲେ ହେଁ ସୁସ୍ଥଲୋକଙ୍କ ଦେହରେ ସହଜରେ ପ୍ରବେଶ କରିଥାଏ। ବିଶେଷକରି ନିଃଶ୍ୱାସପ୍ରଶ୍ୱାସ ନେବାବେଳେ କିମ୍ବା ପାଟି ଖୋଲା ଥିବାବେଳେ ଏହି କ୍ଷୁଦ୍ର କଣିକା ଶରୀର ଭିତରକୁ ସହଜରେ ପ୍ରବେଶ କରିଥାଏ। ମାସେବ୍ୟାପୀ ଏନେଇ ତର୍ଜମା କରାଯିବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ସ୍ୱୀକାର କରିଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବାୟୁ ଦ୍ୱାରା କରୋନା ଭୂତାଣୁ ବ୍ୟାପିବା ସହଜ ହୋଇଥାଏ। ସାର୍ସ- କୋଭ୍-୨ ଭୂତାଣୁ ବାୟୁମଣ୍ଡଳରେ ବ୍ୟାପିବାର ପ୍ରମାଣ ରହିଛି ବୋଲି ଜାତିସଂଘ ସ୍ୱାସ୍ଥ୍ୟ ଏଜେନ୍ସି ପକ୍ଷରୁ ପ୍ରକାଶ କରାଯାଇଛି। ତେବେ ଏହି ପ୍ରାଥମିକ ତଥ୍ୟକୁ ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି ବୋଲି ଡବ୍ଲ୍ୟୁଏଚ୍‌ଓ ଟେକ୍ନିକାଲ ହେଡ୍ ବେନେଡେଟା ଆଲେଗ୍ରାଞ୍ଜି କହିଛନ୍ତି।

୩୨ ଦେଶର ୨୩୯ ବୈଜ୍ଞାନିକ ବାୟୁ ଦ୍ୱାରା କରୋନା ଭୂତାଣୁ ବ୍ୟାପିଥାଏ ବୋଲି ଦାବିକରିବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ମାନିଛି। ବିଶ୍ୱରେ ମହାମାରୀ କରୋନା ମୃତ୍ୟୁସଂଖ୍ୟା ୫.୪୦ ଲକ୍ଷରେ ପହଞ୍ଚିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧.୧୬ କୋଟି ଟପିଲାଣି। ବାୟୁମଣ୍ଡଳରେ ଉଡ଼ି ବୁଲୁଥିବା ଭୂତାଣୁଠାରୁ ଦୂରେଇ ରହିବା ଲାଗି ମାସ୍କ ପିନ୍ଧିବା ସହ ଅନ୍ୟ ଲୋକମାନଙ୍କଠାରୁ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଦର୍ଶାଯାଇଛି। ହାତକୁ ବାରମ୍ବାର ଧୋଇବା ଓ ନାକ, ପାଟି, ଆଖିକୁ ନ ଛୁଇଁବା ସହ ହସ୍ପିଟାଲ ଗାଇଡ୍‌ଲାଇନ୍‌କୁ ମାନି ଚଳିବା ନିହାତି ଦରକାର ବୋଲି କୁହାଯାଇଛି।

**ଆସିଲା ୨୦ହଜାର ଆଣ୍ଟିଜେନ୍ ଟେଷ୍ଟ କିଟ୍**

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶାରେ ଆଉ ୨୦ହଜାର ଆଣ୍ଟିଜେନ୍ ଟେଷ୍ଟ କିଟ୍ ଆସି ପହଞ୍ଚିଛି। ବୁଧବାର ଏହା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ରେ ପହଞ୍ଚିଥିବା ଜଣାପଡ଼ିଛି। ସେଠାରୁ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜକୁ ଏହା ପଠାଯିବ। କଟକ ଏସ୍‌ସିବିକୁ ୧,୫୦୦ ଆଣ୍ଟିଜେନ୍ ଟେଷ୍ଟ କିଟ୍ ଏବଂ ଅନ୍ୟ ୫ଟି ମେଡିକାଲ କଲେଜକୁ ୧,୦୦୦ ଲେଖାଏ କିଟ୍ ପଠାଯିବ। ଗଞ୍ଜାମ ଜିଲାକୁ ୩ହଜାର କିଟ୍ ଯିବ। ସେହିପରି ଗଜପତିକୁ ୫୦୦ ଓ କଟକ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ୫୦୦ କିଟ୍ ପଠାଯିବ। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ୧୫୦ ଲେଖାଏ କିଟ୍ ପଠାଯିବ ବୋଲି ସୂଚନା ମିଳିଛି।




# ୪୮ ଜୀବନ ନେଲାଣି କରୋନା

ଭୁବନେଶ୍ୱର, ୮।୭(ବ୍ୟୁରୋ)

- କେନ୍ଦ୍ରାପଡ଼ା, ରାୟଗଡ଼ାରେ ପ୍ରଥମ ମୃତ୍ୟୁ
- ୫୨୭ ନୂଆ ଆକ୍ରାନ୍ତ ଚିହ୍ନଟ
- ରାଉରକେଲାର ସୁପରସ୍ପ୍ରେଡରଙ୍କ ଦ୍ୱାରା ୯୫ ସଂକ୍ରମିତ
- ଚିନ୍ତା ବଢ଼ାଉଛନ୍ତି ସ୍ଥାନୀୟ ସଂକ୍ରମିତ
- ଦିନକରେ ସର୍ବାଧିକ ୩୦୩ ସୁସ୍ଥ

ରାଜ୍ୟରେ କରୋନାର ପ୍ରକୋପ ବଢ଼ିବାରେ ଲାଗିଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ ବଢି ଚାଲିଛି। ବୁଧବାର ପୁଣି ୬ଜଣଙ୍କ ଜୀବନ ନେଇଛି କରୋନା। ଏମାନଙ୍କ ମଧ୍ୟରୁ ଗଞ୍ଜାମର ୩ଜଣ ଥିବା ବେଳେ ଭୁବନେଶ୍ୱର, ରାୟଗଡ଼ା ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ରାୟଗଡ଼ା ଓ କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ କରୋନାଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାର ୩ ମୃତକଙ୍କ ମଧ୍ୟରେ ଦୁଇଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ଦୁଇ ପୁରୁଷଙ୍କ ମଧ୍ୟରୁ ଜଣେ ୬୪ବର୍ଷୀୟ ବ୍ୟକ୍ତି ଯିଏକି ମଧୁମେହ ରୋଗରେ ପୀଡ଼ିତ ଥିଲେ। କିନ୍ତୁ ୫୬ ବର୍ଷୀୟ ଅନ୍ୟ ଜଣେ ପୁରୁଷଙ୍କଠାରେ କୌଣସି ରୋଗ ନ ଥିଲା। ସେହିପରି ୫୦ ବର୍ଷୀୟା ମହିଳା ଜଣଙ୍କ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରରେ ଜଣେ ୫୫ବର୍ଷୀୟ ବ୍ୟକ୍ତିଙ୍କର କରୋନାରେ ମୃତ୍ୟୁ ଘଟିଥିବା ବେଳେ ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। କେନ୍ଦ୍ରାପଡ଼ାର ମୃତକ ଜଣଙ୍କ ୪୯ ବର୍ଷୀୟ ପୁରୁଷ ଓ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ରାୟଗଡ଼ାର ମୃତକ ଜଣଙ୍କ ୮୦ ବର୍ଷୀୟ ବୃଦ୍ଧ ଏବଂ ସେ ଶ୍ୱାସଜନିତ ରୋଗରେ ପୀଡ଼ିତ ଥିଲେ। ଏହି ୬ଜଣଙ୍କ ମୃତ୍ୟୁ ପରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୮ ଛୁଇଁଛି। ସେହିପରି ଆଉ ଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ସେ ଖୋର୍ଦ୍ଧା ଜିଲାର ଜଣେ ୫୩ ବର୍ଷୀୟ ବ୍ୟକ୍ତି। ସେ ଏଚ୍‌ଆଇଭି ସଂକ୍ରମିତ ଥିଲେ ଓ ସେଥିରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ ୧୩ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହେଲାଣି।

ବୁଧବାର ପୁଣି ରାଜ୍ୟରେ ୫ଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟାରେ ୨୬ ଜିଲାରୁ ୫୨୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିମଧ୍ୟରୁ ସର୍ବାଧିକ ୧୮୯ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବାବେଳେ ୩୩୮ ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୧୫ ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୭୮, ଖୋର୍ଦ୍ଧା ୫୦, ବାଲେଶ୍ୱର ୨୬, ଯାଜପୁର ୨୫, ବଲାଙ୍ଗୀର ୨୧, ନୟାଗଡ଼ ୧୮, କଟକ ୧୭, ପୁରୀ ୧୬, ମୟୂରଭଞ୍ଜ ୧୦, କେନ୍ଦୁଝର ୭, କୋରାପୁଟ ୬, ସୋନପୁର, କେନ୍ଦ୍ରାପଡ଼ାରୁ ୫ଜଣ ଲେଖାଏ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ନୂଆପଡ଼ାରୁ ୪ଜଣ ଲେଖାଏ, ଗଜପତି, ମାଲକାନଗିରି, ନବରଙ୍ଗପୁରରୁ ୩ଜଣ ଲେଖାଏ, ଭଦ୍ରକ ୨, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଏବଂ ବରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୬୨୪କୁ ବୃଦ୍ଧିପାଇଛି। ସେହିପରି ବୁଧବାର ସର୍ବାଧିକ ୩୦୩ ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ଆରୋଗ୍ୟଙ୍କ ସଂଖ୍ୟା ୭,୦୦୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ଯେଉଁଭଳି ଭାବେ ବୃଦ୍ଧି ପାଇବାରେ ଲାଗିଛି ତାହା ସରକାର ଓ ରାଜ୍ୟବାସୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅନେକ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ବହୁ ଲୋକ ସଂକ୍ରମିତ ହେଉଛନ୍ତି। ଫଳରେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରାଉରକେଲାର ଜଣେ ବୃଦ୍ଧ ସୁପରସ୍ପ୍ରେଡର ହୋଇ ୨ଦିନ ମଧ୍ୟରେ ୯୫ଜଣଙ୍କୁ କରୋନା ଭୂତାଣୁ ସଂକ୍ରମିତ କରିଛନ୍ତି। ରାଉରକେଲା ସେକ୍ଟର-୧୬ ଅଞ୍ଚଳର ଜଣେ ୬୬ ବର୍ଷୀୟ ବୃଦ୍ଧ ପଜିଟିଭ୍ ଚିହ୍ନଟ ହେବା ପରେ ଗତ ୨ତାରିଖରେ ତାଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରଥମେ ୪୯ ଓ ପରେ ୪୬ ଜଣ ଚିହ୍ନଟ ହୋଇଥିଲେ।


THANKS TO ALL HAVING TRUST US FROM LAST 10 YEARS
ORIGINAL NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV
DTH Platform Channel No.
TATA SKY - 1956
DISH TV - 1537
VIDEOCONE - 848
AIRTEL - 672
BIG TV - 783
SUN - 693
also available on Jain HITS - 949 & AO TV (Mobile Arlin) A

| 08.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 34 | 10 | 83 | 78 |
| 09.00 | 31 | 97 | 05 | 95 |
| 09.30 | 47 | 58 | 93 | 32 |
| 10.00 | 42 | 13 | 17 | 44 |
| 10.30 | 37 | 98 | 92 | 92 |
| 11.00 | 84 | 63 | 03 | 73 |
| 11.30 | 09 | 34 | 40 | 35 |
| 12.00 | 38 | 60 | 49 | 81 |
| 12.30 | 15 | 29 | 47 | 72 |
| 01.00 | 43 | 26 | 90 | 03 |
| 01.30 | 83 | 29 | 36 | 62 |
| 02.00 | 93 | 35 | 70 | 81 |
| 02.30 | 91 | 54 | 32 | 84 |
| 03.00 | 33 | 96 | 75 | 45 |
| 03.30 | 30 | 29 | 11 | 19 |
| 04.00 | 70 | 70 | 33 | 60 |
| 04.30 | 89 | 58 | 17 | 78 |
| 05.00 | 42 | 91 | 15 | 52 |
| 05.30 | 02 | 70 | 18 | 19 |
| 06.00 | 04 | 90 | 71 | 01 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website : navratnayantracoupon.com goldennavratnacoupon.com


# ସରକାରୀ କର୍ମଚାରୀଙ୍କୁ ଅଫିସ ମନା

## କଟକ ମହାନଗର, ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଞ୍ଚଳ କର୍ମଚାରୀ ଆସିବେ

ଭୁବନେଶ୍ୱର, ୮।୭(ବ୍ୟୁରୋ)

- ରାଜଭବନକୁ ସାଧାରଣ ଲୋକ ପ୍ରବେଶ ବନ୍ଦ
- ସୋମବାର ପର୍ଯ୍ୟନ୍ତ ବନ୍ଦ ହେଲା ଆର୍‌ଟିଓ-୧ ଏବଂ ୨

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଦୈନିକ ୫୦୦ରୁ ଅଧିକ ମାମଲା ଦୃଷ୍ଟିକୁ ଆସୁଛି। ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜନେତାମାନେ ମଧ କରୋନାରେ ଆକ୍ରାନ୍ତ ହେବାକୁ ଲାଗିଲେଣି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣା ଆରମ୍ଭ କରିଛନ୍ତି। ଆସନ୍ତା ୩୧ ପର୍ଯ୍ୟନ୍ତ ସରକାରୀ କର୍ମଚାରୀମାନେ ଭୁବନେଶ୍ୱରରେ ରହିଥିବା ନିଜସ୍ୱ ଅଫିସ ଆସିପାରିବେ ନାହିଁ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ କଟକ ମହାନଗର ଏବଂ ଖୋର୍ଦ୍ଧା ପୌରାଞ୍ଚଳକୁ ଛାଡି ଅନ୍ୟ ସ୍ଥାନରୁ ଆସୁଥିବା ସରକାରୀ କର୍ମଚାରୀମାନଙ୍କୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଥିବା ବିଭିନ୍ନ ସରକାରୀ ଅଫିସକୁ ନ ଆସିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୋଭିଡ୍-୧୯ ମାର୍ଗଦର୍ଶିକା ଆଧାରରେ ରାଜଭବନକୁ ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। ଆବଶ୍ୟକସ୍ଥଳେ ଟେଲିଫୋନ୍/ଫ୍ୟାକ୍ସ/ଇମେଲରେ ଯୋଗାଯୋଗ କରିବାକୁ ରାଜଭବନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରାଜଧାନୀର ଦୁଇଟି ଆର୍‌ଟିଓ କାର୍ଯ୍ୟାଳୟ(୧ ଏବଂ ୨)କୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଯେହେତୁ ମଙ୍ଗଳବାର ଆର୍‌ଟିଓ ୧ କାର୍ଯ୍ୟାଳୟର ୩ଜଣ କର୍ମଚାରୀଙ୍କ କରୋନା ପଜିଟିଭ ଚିହ୍ନଟ ହେଲା, ଏହାପରେ ସେମାନଙ୍କ ସହ ଅନ୍ୟ ଅଧିକାରୀମାନେ ମିଶିଥିବା ଆଶଙ୍କାରେ ବନ୍ଦ କରାଯାଇଛି। ସେହିପରି ଉଭୟ ଆର୍‌ଟିଓ କାର୍ଯ୍ୟାଳୟକୁ ମଧ ସାନିଟାଇଜ କରାଯାଉଛି।

କିଛିଦିନ ତଳେ ସାଧାରଣ ଲୋକମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରବେଶ ଲାଗି ବାରଣ କରାଯାଇଥିଲା। ସେହିପରି ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଅଫିସ କାର୍ଯ୍ୟ କରିବାକୁ ଘୋଷଣା ହୋଇଥିଲା। ବର୍ତ୍ତମାନ ଅଫିସରଙ୍କ ଅଫିସ ଆସିବା ଉପରେ ସରକାର କଟକଣା ଲଗାଇଛନ୍ତି।

# ଗଞ୍ଜାମ ଜିଲାକୁ ଟ୍ରେନ୍ ସେବା ବନ୍ଦ

**ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ପୂର୍ବତଟ ରେଳପଥର ନିଷ୍ପତ୍ତି**

ଭୁବନେଶ୍ୱର, ୮।୭(ବ୍ୟୁରୋ): ଗଞ୍ଜାମ ଜିଲାରେ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଟ୍ରେନ୍ ସେବାକୁ ବନ୍ଦ କରାଯାଇଛି। ସଂକ୍ରମଣକୁ ରୋକିବା ପାଇଁ ଗଞ୍ଜାମ ଜିଲାର ସମସ୍ତ ରେଳଷ୍ଟେଶନ ସହ ବାଲୁଗାଁ ଷ୍ଟେଶନଠାରେ ଯାତ୍ରୀବାହୀ ଟ୍ରେନଗୁଡ଼ିକର ରହଣି ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଜୁଲାଇ ୯ ତାରିଖଠାରୁ ସମସ୍ତ ଟ୍ରେନ୍ ସେବାକୁ ବାତିଲ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଗଞ୍ଜାମରେ ସ୍ଥିତି ସମ୍ଭାଳିବାକୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନକୁ ଭୁବନେଶ୍ୱରଠାରୁ ଜୁଲାଇ ୮ରୁ ଏବଂ ବ୍ରହ୍ମପୁରଠାରୁ ଜୁଲାଇ ୯ରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିଭଳି ଭୁବନେଶ୍ୱର-ଛତ୍ରପତି ଶିବାଜୀ ମହାରାଜ ଟର୍ମିନ୍ସ, ମୁମ୍ବାଇ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନର ରହଣିକୁ ବାଲୁଗାଁ, ଛତ୍ରପୁର ଓ ବ୍ରହ୍ମପୁରଠାରେ ଉଭୟ ଦିଗରୁ ଜୁଲାଇ ୯ ତାରିଖରୁ ବାତିଲ କରାଯାଇଛି। ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନର ରହଣିକୁ ବାଲୁଗାଁ ଓ ବ୍ରହ୍ମପୁର ଷ୍ଟେଶନଠାରେ ୯ ତାରିଖଠାରୁ ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟାକଲେ ସ୍ୱାମୀ

କଣ୍ଟାପଡ଼ା, ୮।୭(ଡି.ଏନ୍.ଏ.)

**ପାରିବାରିକ କଳହର କରୁଣ ପରିଣତି**

- ଟିକାକରଣ ପାଇଁ ଯାଇଥିବା ବେଳେ ହତ୍ୟା କଲେ
- ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କଲା ପୋଲିସ


ଅଭିଯୁକ୍ତ ଅକ୍ଷୟ କୁମାର ସାହୁ।

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ତଣ୍ଟିକାଟି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକ ସଦର ଅନ୍ତର୍ଗତ ମହୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ। ମୃତା ଜଣକ ହେଲେ ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ପ୍ରୀତି ପ୍ରଧାନ(୩୫)। ଖବର ପାଇ କଟକ ସଦର ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନାକୁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଅକ୍ଷୟ କୁମାର ସାହୁ(୪୦)ଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା(୩୨୭/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ ସ୍ୱାସ୍ଥ୍ୟକର୍ମୀ ପ୍ରୀତି ବୁଧବାର ଟିକାକରଣ ପାଇଁ ମହୁରା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଟିକାକରଣ ସାରି ଆଶାକର୍ମୀ, ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ସହ ପ୍ରୀତି ବସିଥିବାବେଳେ ମଧ୍ୟାହ୍ନରେ ତାଙ୍କ ସ୍ୱାମୀ ଅକ୍ଷୟ ହଠାତ୍ ଉକ୍ତ ଅଫିସ ଭିତରକୁ ପ୍ରବେଶକରି ପାଟିତୁଣ୍ଡ କରିଥିଲେ। ଏହାକୁ ପ୍ରୀତି ବିରୋଧ କରିବାରୁ ଅକ୍ଷୟ ଉତ୍କ୍ଷିପ୍ତ ହୋଇ ପାଖରେ ରଖିଥିବା ଏକ ଛୁରିରେ ପ୍ରୀତିଙ୍କ ପେଟକୁ ଭୁସି ଦେବା ସହ ଗଳା କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରୀତି ଟଳି ପଡ଼ିଥିଲେ। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଅକ୍ଷୟ ଛୁରିଟିକୁ ଫିଙ୍ଗିଦେଇ ସେହିଠାରେ ହିଁ ବସି ରହିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଦେଖି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଥାନାକୁ ଖବର ଦେଇଥିଲେ। ଖବର ପାଇ କଟକ କମିଶନରେଟ ପୋଲିସର ଜୋନ-୪ ଏସିପି ସତ୍ୟରଞ୍ଜନ ମଲ୍ଲିକ, କଟକ ସଦରଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ଅତିରିକ୍ତ ଆଇଆଇସି ଅନୀତା ସାହୁ ସାଇଣ୍ଟିଫିକ ଟିମ୍‌ସହ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୂର୍ବରୁ ଗତ ମାସକ ତଳେ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ କଟକସଦର ପୋଲିସ ଅକ୍ଷୟଙ୍କୁ ଗିରଫ କରି କୋର୍ଟଚାଲାଣ ମଧ କରିଥିଲା। ଅକ୍ଷୟଙ୍କ ଘର ଆଠଗଡ଼ ଅଞ୍ଚଳରେ ହୋଇଥିବାବେଳେ ପ୍ରୀତି ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରିଥିବାରୁ ଗତ ୩ବର୍ଷ ହେଲା ଭୁବନେଶ୍ୱରରେ ଏକାକୀ ରହୁଥିଲେ। ଉଭୟ ଅଲଗା ରହୁଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମନାନ୍ତର ହେଉଥିଲା। ଏପରି କି ସ୍ୱାମୀ ଅକ୍ଷୟ ବାରମ୍ବାର ସ୍ତ୍ରୀଙ୍କୁ ନିଜ ପାଖରେ ରହିବାକୁ କହି ଆସୁଥିଲେ ମଧ ପ୍ରୀତି ରାଜି ହେଉ ନ ଥିଲେ। ପାରିବାରିକ ଅଶାନ୍ତି କାରଣରୁ ଏଭଳି କାଣ୍ଡ ଭିଆଇଲେ ବୋଲି ଅଭିଯୁକ୍ତ ଅକ୍ଷୟ ଗିରଫ ସମୟରେ ପ୍ରକାଶ କରିଥିବା ଜଣାପଡ଼ିଛି। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରେ ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି କହିଛନ୍ତି।


ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା
ଷ୍ଟ୍ରଙ୍ଗ୍ ଇମ୍ୟୁନିଟି
"ଜୋଲି ତୁଳସୀ 51" ଏକ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ ଅଟେ
ଯାହାର ପରିଣାମ Lab tested ଅଟେ।




କେମିତି କାମ କରିଥାଏ Jolly Tulsi 51
ଯଦି ଇମ୍ୟୁନିଟି ମଜଭୁତ ହୋଇଥାଏ ତେବେ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦିର ଆକ୍ରମଣରୁ ପ୍ରତିରୋଧ କରାଯାଇପାରିବ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ୍ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।
ପାଞ୍ଚ ପ୍ରକାର ତୁଳସୀ ଦ୍ୱାରା ଅତି ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
CLINICALLY TESTED
JOLLY
ତୁଳସୀ 51 ଡ୍ରପ୍‌ସ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି।
ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ।
ଏଥିପାଇଁ ଷ୍ଟୋର୍‌ରୁ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ। ଯାହାର ପରିଣାମ ବିଶ୍ୱସନୀୟ ହେବା ସହ ଲାବ୍ ପ୍ରମାଣିତ ମଧ ଅଟେ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588


# ପାରାଦୀପରେ ଗ୍ୟାସ୍ ନିର୍ଗତ ନେଇ ଚର୍ଚ୍ଚା


୩ ତାରିଖରେ ଧୂଆଁ ଭଳି ଆଚ୍ଛାଦିତ ହୋଇଥିବା ଦୃଶ୍ୟ

**ପାରାଦୀପ,୮।୭(ସ୍ୱ.ପ୍ର.):** ପାରାଦୀପ ବନ୍ଦର ସହରରେ ଚାରି ଦିନ ହେଲା ରସାୟନ ଗ୍ୟାସ୍ ନିର୍ଗତ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରି କି ବୁଧବାର ଅଠରବାଙ୍କି ଅଞ୍ଚଳର ଜଣେ ବ୍ୟକ୍ତି ଆମୋନିଆ ଗ୍ୟାସ ପ୍ରଭାବରେ ଅସୁସ୍ଥ ହୋଇଛନ୍ତି ବୋଲି ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗ୍ୟାସ ଲିକ୍ ଯୋଗୁ ତାଙ୍କ ଆଖି, ନାକ ପୋଡ଼ିବା ସହ ଛାତିରେ ଯନ୍ତ୍ରଣା ହେଉଛି। ଏହି ଗ୍ୟାସ ପାରାଦୀପରେ ଥିବା ଏକ ସାରକାରଖାନାର ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ୩ ତାରିଖରେ ଅଠରବାଙ୍କିରେ କିଛି ସମୟ ଧୂଆଁ ଭଳି ଆଚ୍ଛଦିତ ହୋଇ ଯାଇଥିଲା। ସେତେବେଳେ ବର୍ଷା ହୋଇଥିବାରୁ ଏହାର ପ୍ରଭାବ ଜଣାପଡିଥିଲା। ସେହି ଗ୍ୟାସ ଆସ୍ତରଣ ପିପିଏଲ କମ୍ପାନୀ ଛାଡି ଥିଲା ବୋଲି ଚର୍ଚ୍ଚା ଜୋର ଧରିଥିଲା। ଯାହାକୁ କମ୍ପାନୀ କର୍ତ୍ତୃପକ୍ଷ ସେତେବେଳେ ଖଣ୍ଡନ କରିଥିଲେ। ବୁଧବାର ସେମିତି କୌଣସି ଲକ୍ଷଣ ଅଞ୍ଚଳରେ ଦେଖାଯାଇ ନ ଥିଲେ ମଧ ଅଭିଯୋଗ ହୋଇଛି।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମିଳିବ ଦରମା

**ଭୁବନେଶ୍ୱର, ୮।୭(ବ୍ୟୁରୋ):** ଲକ୍‌ଡାଉନ ଯୋଗୁ କେତେକ ସରକାରୀ କାର୍ଯ୍ୟାଳୟ ଆଂଶିକ ଖୋଲା କିମ୍ବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିରେ ନିଯୁକ୍ତ ଚୁକ୍ତିଭିତ୍ତିକ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିଯୁକ୍ତ ଅଛନ୍ତି। ସେହି କର୍ମଚାରୀଙ୍କୁ ଦରମା ଦେବା ନେଇ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ମତାମତ ଲୋଡ଼ାଯାଇଥିଲା। ଏନେଇ ଅର୍ଥ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ଯେଉଁ ଚୁକ୍ତିଭିତ୍ତିକ କର୍ମଚାରୀ ବିଭିନ୍ନ ବିଭାଗରେ ନିଯୁକ୍ତ ହୋଇଛନ୍ତି ଲକ୍‌ଡାଉନରେ କିମ୍ବା ଚୁକ୍ତିଅବଧି ପର୍ଯ୍ୟନ୍ତ ସେମାନଙ୍କୁ ଦରମା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସିଧାସଳଖ ବିଭାଗ ନିଯୁକ୍ତି ଦେଇଛି ସେମାନଙ୍କୁ ମଧ ଦରମା ଦେବା ଲାଗି କୁହାଯାଇଛି। ଯଦି ସେମାନଙ୍କ ନିଯୁକ୍ତି ଅବଧି ଶେଷ ହୋଇଥିବ ତେବେ ସ୍ୱୟଂକ୍ରିୟ ଭାବେ ନବୀକରଣ ନ କରିବା ଲାଗି ବିଭାଗଗୁଡିକୁ ପରାମର୍ଶ ଦିଆଯାଇଛି। କଟକଣା ଉଠିବା ପରେ ଆବଶ୍ୟକ ପଡିଲେ ସେହି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇପାରିବ। ଏହାଛଡା କେତେକ ବିଭାଗରେ ଅବସର କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ସେହି କର୍ମଚାରୀମାନେ ପେନସନ ପାଉଛନ୍ତି। ଲକଡାଉନରେ ଯଦି କାମ କରିନାହାନ୍ତି ତେବେ ସେମାନଙ୍କୁ ପାଉଣା ନ ଦେବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛି। ଆବଶ୍ୟକ ପଡ଼ିଲେ ଲକଡାଉନ କଟକଣା ଉଠିବା ପରେ ସେମାନଙ୍କ ନିଯୁକ୍ତି ଉପରେ ବିଚାର କରାଯାଇପାରେ। ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ସମସ୍ତ ବିଭାଗ କଡାକଡି ପାଳନ କରିବାକୁ କହିଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୯ ଜୁଲାଇ, ୨୦୨୦

ଆଜିର ମନ୍ତବ୍ୟ

"ଅନ୍ତର୍ଜାତୀୟ ସୀମା ନିକଟରେ ରହୁଥିବା ଲୋକଙ୍କୁ ନିଯୁକ୍ତିରେ ସଂରକ୍ଷଣ ମିଳିବ।"
-ଜିତେନ୍ଦ୍ର ସିଂ, ପିଏମ୍ଓ ଏବଂ କାର୍ମିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୋନାଲିସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ବର୍ଷ ନୂଆ ନିଯୁକ୍ତି ନ ହେବା ନେଇ ବର୍ଷିଲେ ବିରୋଧୀ



ଯୁବ କଂଗ୍ରେସର ବିକ୍ଷୋଭ।

**ଖାଲି ପଦବୀ ପୂରଣ ହେବ: ଅର୍ଥ ବିଭାଗ**

ଭୁବନେଶ୍ୱର, ୮ ।୭(ବ୍ୟୁରୋ): ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି। ସେହି ଅନୁଯାୟୀ ଆଗକୁ ଆଉ କିଛି ନୂଆ ପଦବୀ ସୃଷ୍ଟି ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବାପରେ ବିରୋଧୀ ବର୍ଷିଛନ୍ତି। ଉଭୟ କଂଗ୍ରେସ ଏବଂ ଭାଜପା ଏହା ବିରୋଧରେ ମୁହଁ ଖୋଲିଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଅଭିନବ ଉପାୟରେ ଭିକ୍ଷାମାଗି, ଜୋତାପଲିସି କରି ଓଡ଼ିଶା ସରକାରଙ୍କ ଦୁଇବର୍ଷ ସରକାରୀ ନିଯୁକ୍ତି କାଟ୍‌କୁ ପ୍ରତିବାଦ କରାଯାଇଛି। ପ୍ରବାସୀ ଶ୍ରମିକମାନେ ଏବେ ବିନା କାମରେ ଘରେ ବସିଛନ୍ତି, ଏହି ମୁହୂର୍ତ୍ତରେ ସରକାରଙ୍କର ଏହି କଠୋର ନିଷ୍ପତ୍ତି ଓଡ଼ିଶାର ଶିକ୍ଷିତ ଯୁବତୀଯୁବକ ଏବଂ ସେମାନଙ୍କ ଅଭିଭାବକ ମାନସିକ ଚାପଗ୍ରସ୍ତ ହେବେ ବୋଲି ଲେଙ୍କା କହିଛନ୍ତି। ସେହିପରି ଏକ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଆଗାମୀ ଦୁଇବର୍ଷ ପାଇଁ ନିଯୁକ୍ତି ବନ୍ଦ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷକୁ ୨ ଲକ୍ଷ କର୍ମନିଯୁକ୍ତି ଯୋଗାଇଦେବା ନେଇ ଆଗରୁ ଘୋଷଣା କରିଥିଲେ। କୋଭିଡ୍ ବିପତ୍ତି ସମୟରେ ଯେତେବେଳେ କର୍ମନିଯୁକ୍ତିର ଘୋର ଅଭାବ ଦେଖାଦେଇଛି ସେ ସମୟରେ ଲୋକଙ୍କୁ କର୍ମନିଯୁକ୍ତି ଦେବା ସରକାରଙ୍କ ପ୍ରାଥମିକତା ହେବା ଉଚିତ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି ଯେ, ୨୦ବର୍ଷ ଭିତରେ କେବଳ ଖର୍ଚ୍ଚ କାଟ କରି ସରକାର ଚଳାଇଛନ୍ତି। ସରକାରୀ ନିଯୁକ୍ତିକୁ ୨ ବର୍ଷ ଲାଗି ବନ୍ଦ କରିବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିଜ ଦାୟିତ୍ୱରୁ ଖସିଯିବାର ଏକ ଷଡ଼ଯନ୍ତ୍ର ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ବିରୋଧୀ ଏଭଳି ଅଭିଯୋଗ କରୁଥିବାବେଳେ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ନିଯୁକ୍ତି ବନ୍ଦ ହୋଇନାହିଁ। ଚାଲିଥିବା ପ୍ରକ୍ରିୟା ଜାରି ରହିବ। ଦୁଇବର୍ଷ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହେବ। କେତେକେ ଭାବୁଛନ୍ତି ନିଯୁକ୍ତି ବନ୍ଦ ହୋଇଗଲା। ମାତ୍ର ପ୍ରକୃତ କଥା ହେଲା, କୌଣସି ନୂଆ ପଦବୀ ସୃଷ୍ଟି ହେବନାହିଁ। କିଛି ସମୟ ପର୍ଯ୍ୟନ୍ତ କେବଳ ନୂଆ ପଦବୀ ସୃଷ୍ଟି ଉପରେ କଟକଣା ଲାଗିଛି। ଖାଲି ଥିବା ପଦବୀ ପୂରଣ ହେବ ବୋଲି ଅର୍ଥ ବିଭାଗ ସ୍ପଷ୍ଟୀକରଣ ରଖିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୋଳ ଝୋଳ ମତେ ଦବୁ**
**ଫଳ ଫଳ ତୁ ଖାଇବୁ।**

ଚାଲାକ ଚତୁର ବ୍ୟକ୍ତିଙ୍କୁ କଥା ଓ କାମରେ ହରାଇବା ଅସମ୍ଭବ। ଯେକୌଣସି ପରିସ୍ଥିତି ଉପୁଜିଲେ ମଧ୍ୟ ସେଥିରୁ ସେ ଫାଇଦା ଉଠାଇବାରେ ସିଦ୍ଧହସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁମୁରୁ ଝୁମୁରୁ ଚାଲିକି,**
**ସରି ନୁହେଁ ଘୋଡ଼ା ପାଲିଙ୍କି ; ପଇସା ନେବୁ କାଲିକି।**

ଝୁମୁରୁ ଝୁମୁରୁ ଚାଲି ସହ ଘୋଡ଼ା ପାଲିଙ୍କିରେ ଯିବା କୌଣସି ଗୁଣରେ ସରି ହୋଇ ନ ଥାଏ। ଟଙ୍କା ପଇସା ଥରେ ହାତରୁ ଚାଲିଗଲେ ଫେରିପାଇବା ସହଜ ହୋଇ ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ସମୟ ଗଡ଼େଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday

0674-2580101, 2549302




**SALE**

Tata Indigo ECS,TDI private regd. No with new battery and tyres. 9439778849. D-67755




Ayurvedic full body massage ladies and gents, Contact: 9861064981. D-69523

Get refreshment body massage by expert therapist contact for. 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Herbal full body massage by smart / expert therapist. Contact: 8338067247. D-69702

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦୁଇଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୮ ।୭(ବ୍ୟୁରୋ)

ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ଦୁଇଦିନ ମଧ୍ୟ ପ୍ରବଳ ବର୍ଷା ହେବ। ଗୁରୁବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଗୁରୁବାର ୧୪ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ମଧ୍ୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଜିଲାଗୁଡ଼ିକ ହେଲା କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ମୟୂରଭଞ୍ଜ। ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଅନେକ ସ୍ଥାନ ଏବଂ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। କିନ୍ତୁ କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ। ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଶୁକ୍ରବାର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସୋନପୁର, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସମ୍ବଲପୁର ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଝଡ଼ତୋଫାନ ନେଇ ୟେଲୋ ୱାର୍ନିଂ**

# ଆଜି ଇଣ୍ଡିଆ ଗ୍ଲୋବାଲ ୱିକ୍‌ରେ ଉଦ୍‌ବୋଧନ ଦେବେ ମୋଦି

ନୂଆଦିଲ୍ଲୀ,୮।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଅପରାହ୍ନ ୧ଟା ୩୦ରେ ଇଣ୍ଡିଆ ଗ୍ଲୋବାଲ୍ ୱିକ୍ ୨୦୨୦ରେ ଉଦ୍‌ଘାଟନୀ ଭାଷଣ ପ୍ରଦାନ କରିବେ। ବ୍ରିଟେନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱ ନେତା ଭାଗ ନେବେ। ଉକ୍ତ ଫୋରମ୍‌ରେ ମୁଖ୍ୟତଃ ଭାରତର ବାଣିଜ୍ୟ, ବିଦେଶୀ ପୁଞ୍ଜିନିବେଶ ସମ୍ଭାବନା ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଆଶା କରାଯାଉଛି। ଏହି ଫୋରମ୍ ବିଭିନ୍ନ ଦେଶର ନେତାଙ୍କୁ ଏକାଠି କରୁଥିବାରୁ ଏଠାରେ ବିଶ୍ୱ ଅର୍ଥନୀତି ସମେତ ଭାରତରେ ରହିଥିବା ବିଭିନ୍ନ ସୁଯୋଗ ସମ୍ପର୍କରେ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ଗୁରୁବାରଠାରୁ ଆରମ୍ଭ ହେଉଥିବା ଏହି ତିନିଦିନିଆ ସମିଟ୍‌ରେ ଭାରତରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ରେଳ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ, ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ବକ୍ତା ଭାବେ ଯୋଗଦେବେ। ବ୍ରିଟେନ ପକ୍ଷରୁ ଯୁବରାଜ ଚାର୍ଲ୍ସ ସ୍ୱତନ୍ତ୍ର ବକ୍ତା ଭାବେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ବହିର୍ବ୍ୟାପାର ସଚିବ ଡୋମିନିକ ରାବ୍, ଗୃହ ସଚିବ ପ୍ରୀତି ପଟେଲ, ସ୍ୱାସ୍ଥ୍ୟ ସଚିବ ମାଟ୍ ହାନ୍‌କକ୍ ଓ ଅନ୍ତର୍ଜାତୀୟ ବାଣିଜ୍ୟ ସଚିବ ଲିଜ୍ ଟ୍ରୁସ୍ ପ୍ରମୁଖ ଉଦ୍‌ବୋଧନ ଦେବେ। ଆମେରିକା, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଜାପାନ ପ୍ରଭୃତି ଦେଶରୁ ମୋଟ ୨୫୦ ବକ୍ତା ଓ ୫ ହଜାର ଶ୍ରୋତା ଯୋଗଦେବା ଆଶା କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ୨୦୧୩ ଟୁଇଟ୍‌କୁ ନେଇ...

ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ମଧ୍ୟରେ ସଂଘର୍ଷ ଘଟିବାର ୨୧ ଦିନ ପରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରୁ ଉଭୟ ପକ୍ଷ ହଟିଛନ୍ତି। ଏହାକୁ ନେଇ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ପୁରୁଣା ଟୁଇଟ୍‌କୁ ନେଇ ଭାଜପାକୁ ଟାର୍ଗେଟ କରିଛି କଂଗ୍ରେସ। ଦଳର ମୁଖପାତ୍ର ରଣଦୀପ ସୁର୍ଜେୱାଲା ଏହି ଅବସରରେ ମୋଦିଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରି ଲେଖିଛନ୍ତି, ସମ୍ମାନନୀୟ ପ୍ରଧାନମନ୍ତ୍ରୀ, ଆପଣ ନିଜ ମନ୍ତବ୍ୟ ମନେରଖିଛନ୍ତି କି? ଆପଣଙ୍କ କଥାର କିଛି ମାନେ ଅଛି କି? ଆମ ଭୂମିରୁ ଆମ ଯବାନମାନେ କାହିଁକି ହଟୁଛନ୍ତି ତାହା ଆପଣ ଆମକୁ ଜଣାଇବେ କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି।

୨୦୧୩ ମେ ୧୩ରେ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଚାଇନା ନିଜ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେଲା। କିନ୍ତୁ ଭାରତ କାହିଁକି ଭାରତୀୟ ଭୂଖଣ୍ଡରୁ ଯବାନମାନଙ୍କୁ ପ୍ରତ୍ୟାହାର କରୁଛି? ଆମେ କାହିଁକି ପଛଘୁଞ୍ଚା ଦେଉଛେ? ମୋଦିଙ୍କ ଏହି ଟୁଇଟ୍ ସାମ୍ନାକୁ ଆସିବା ପରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ମଧ୍ୟ ଏହାକୁ ରିଟୁଇଟ୍ କରିଛନ୍ତି। ଏହି ପ୍ରସଙ୍ଗରେ ମୁଁ ମୋଦିଙ୍କ ସହ ଏକମତ। ପ୍ରଧାନମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତର ଦେବା ଜରୁରୀ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି, ନୂଆଦିଲ୍ଲୀ ପକ୍ଷରୁ ସ୍ଥିତାବସ୍ଥା ଉପରେ ଜୋର୍ ଦିଆଗଲା ନାହିଁ କାହିଁକି? ଏବଂ ସରକାରଙ୍କ ବିବୃତିରେ ଗଲୱାନ ଉପତ୍ୟକାର କ୍ଷେତ୍ରୀୟ ସାର୍ବଭୌମତ୍ୱ ସମ୍ପର୍କରେ କାହିଁକି ଉଲ୍ଲେଖ କରାଯାଇ ନାହିଁ। ଜାତୀୟ ସ୍ୱାର୍ଥ ହେଉଛି ସର୍ବୋଚ୍ଚ ପ୍ରାଥମିକତା। ଏହାକୁ ସୁରକ୍ଷା ଦେବା ଭାରତ ସରକାରଙ୍କ କର୍ତ୍ତବ୍ୟ ହୋଇଥିବାବେଳେ ସ୍ଥିତାବସ୍ଥା ଉପରେ କାହିଁକି ଜୋର୍ ଦିଆଯାଉନାହିଁ? ଆମ ଭୂଖଣ୍ଡରେ ଆମର ୨୦ ନିରସ୍ତ୍ର ଯବାନଙ୍କ ହତ୍ୟାକୁ ଯଥାର୍ଥ ବୋଲି ଦର୍ଶାଇବା ପାଇଁ ଚାଇନାକୁ କାହିଁକି ସୁଯୋଗ ଦିଆଗଲା ବୋଲି ଟୁଇଟରରେ ରାହୁଲ ପ୍ରଶ୍ନ କରିଛନ୍ତି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ଓ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ମଧ୍ୟରେ ଆଲୋଚନା ହେବା ପରେ ଉଭୟ ଭାରତ ଓ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିକୁ ରାହୁଲ ଟୁଇଟରରେ ଶେୟାର କରିଛନ୍ତି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ନିଜ ବିବୃତିରେ କିପରି ଗଲୱାନ ଉପତ୍ୟକା ସମ୍ପର୍କରେ ଅବତାରଣା କରିଛି ଏବଂ ଭାରତୀୟ ପ୍ରତିପକ୍ଷ ଏହାକୁ ବାଦ୍ ଦେଇଛି ତାହା ମଧ୍ୟ ରାହୁଲ ଦର୍ଶାଇଛନ୍ତି। ଦୁଇଦେଶର ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ ହେବା ପ୍ରସଙ୍ଗକୁ ନେଇ କଂଗ୍ରେସ ମୋଦି ସରକାରଙ୍କୁ ପ୍ରଶ୍ନ କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ପୁରୁଣା ଟୁଇଟ୍ ଏହି ଘଟଣାକ୍ରମରେ ନୂଆ ଟୁଇଷ୍ଟ ଆଣିଛି।

ରାହୁଲ ଶନିବାର ପ୍ରଶ୍ନ କହିଥିଲେ, ଦେଶଭକ୍ତ ଲଦାଖବାସୀ ଚାଇନାର ଅନୁପ୍ରବେଶକୁ ନେଇ ସ୍ୱର ଉତ୍ତୋଳନ କରୁଛନ୍ତି। ତେଣୁ ସରକାର ସେମାନଙ୍କ କଥା ଶୁଣନ୍ତୁ। କାରଣ ଲଦାଖବାସୀଙ୍କ ସତର୍କବାଣୀକୁ ଅଣଦେଖା କଲେ ଭାରତକୁ ମହଙ୍ଗା ପଡ଼ିବ। ଏହାସହ ରାହୁଲ ଏକ ସୋସିଆଲ ମିଡିଆ ରିପୋର୍ଟ ଶେୟାର କରିଛନ୍ତି, ଯେଉଁଥିରେ ଚାଇନା ଲଦାଖରେ ଭାରତୀୟ ଭୂଖଣ୍ଡ ଦଖଲ କରିଥିବା ଲଦାଖବାସୀ ଅଭିଯୋଗ ଆଣିଛନ୍ତି। ଭାରତର ସ୍ୱାର୍ଥ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ସେମାନଙ୍କ କଥା ଶୁଣନ୍ତୁ ବୋଲି ରାହୁଲ ଏଥିରେ ଅନୁରୋଧ କରିଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଙ୍ଗଳବାର ରାହୁଲଙ୍କୁ ସମର୍ଥନ କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରାହୁଲଙ୍କୁ ଭାରତୀୟ ଯବାନଙ୍କ ମନୋବଳ ଦୁର୍ବଳ କରୁଥିବା ଦର୍ଶାଇ ଟାର୍ଗେଟ କରିଥିଲେ। ଅମରିନ୍ଦର ଏହାର ଜବାବ ରଖି କହିଥିଲେ, ଗଲୱାନ ଉପତ୍ୟକାର ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି।

ଗଲୱାନ ଅଞ୍ଚଳର ପାଟ୍ରୋଲିଂ ପଏଣ୍ଟ ନମ୍ବର ୧୪ରୁ ଭାରତୀୟ ଓ ଚାଇନା ସୈନ୍ୟ ପଛଘୁଞ୍ଚା ଦେବା ଆରମ୍ଭ କରିଛନ୍ତି ବୋଲି କେତେକ ରିପୋର୍ଟ ପ୍ରକାଶ ପାଇଥିବାବେଳେ ପ୍ରଧାନମନ୍ତ୍ରୀ ନିଜ ପୂର୍ବ ମନ୍ତବ୍ୟକୁ ନେଇ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ସୋମବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। କାରଣ ସୋମବାର ଭର୍ଚୁଆଲ ସର୍ବଦଳୀୟ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତୀୟ ଭୂଖଣ୍ଡକୁ କେହି ଅନୁପ୍ରବେଶ କରିନାହାନ୍ତି ଅଥବା କେହି ଆମ ସେନାର କୌଣସି ଶିବିରକୁ ଦଖଲ କରିନାହାନ୍ତି।

ଇତିମଧ୍ୟରେ ଉଭୟ ଭାରତ ଓ ଚାଇନା ସୈନ୍ୟ ହଟ୍‌ସ୍ପ୍ରିଙ୍ଗ୍ ସେକ୍ଟରର ପାଟ୍ରୋଲିଂ ପଏଣ୍ଟ ୧୫ ଓ ପାଟ୍ରୋଲିଂ ପଏଣ୍ଟ ୧୭ଏ (ଗୋଗ୍ରା)ରୁ ପଛକୁ ଫେରିଥିବା ସୂଚନା ମିଳିଛି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଉତ୍ତେଜନା ହ୍ରାସ ପାଇଁ ଦୁଇପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇବା ପରେ ଏପରି ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

### ଗାନ୍ଧୀ ପରିବାର ଟ୍ରଷ୍ଟର ...

ବୋଲି କଂଗ୍ରେସ କହିଛି। ନିକଟରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସରକାର ବଙ୍ଗଳା ଛାଡ଼ିବାକୁ କୁହାଯାଇଥିଲା। ଏହାବ୍ୟତୀତ ନ୍ୟାଶନାଲ ହେରାଲ୍ଡ ମାମଲା ବିଚାରାଧୀନ ରହିଛି। ନ୍ୟାଶନାଲ ହେରାଲ୍ଡ ମାଧ୍ୟମରେ ଗାନ୍ଧୀ ପରିବାର ଦଳୀୟ ପାଣ୍ଠିକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିଥିବା ଅଭିଯୋଗର ତଦନ୍ତ ହେଉଛି।

ସରକାର ଆନ୍ତଃମନ୍ତ୍ରଣାଳୟ କମିଟି ଗଠନ କରିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ସତ୍ୟ ପାଇଁ ଲଢ଼େଇ କରୁଛନ୍ତି, ସେମାନେ କେବେ ଭୟଭୀତ ହେବେନାହିଁ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ସାରା ଦୁନିଆ ତାଙ୍କ ଭଳି ବୋଲି ମୋଦି ବିଶ୍ୱାସ କରୁଛନ୍ତି। ତେବେ ଯେଉଁମାନେ ସତ୍ୟ ପାଇଁ ଲଢୁଛନ୍ତି ସେମାନଙ୍କ ଭୟଭୀତ କରାଯାଇପାରିବ ନାହିଁ, ଏକଥା ପ୍ରଧାନମନ୍ତ୍ରୀ କଦାପି ବୁଝିପାରିବେ ନାହିଁ ବୋଲି ରାହୁଲ କହିଛନ୍ତି। ରାଜୀବ ଗାନ୍ଧୀ ଫାଉଣ୍ଡେଶନ ସମେତ ଅନ୍ୟ ଟ୍ରଷ୍ଟ ପାଣ୍ଠିର ତଦନ୍ତ ସରକାରଙ୍କ ଦୋମୁହାଁ ନୀତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଟ୍ରଷ୍ଟଗୁଡ଼ିକ ଆଇନ ଅନୁଯାୟୀ ଚାଲୁଥିବାରୁ ତଦନ୍ତକୁ ନେଇ ଭୟ କରିବାର କିଛି ନାହିଁ ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି କହିଛନ୍ତି। ଅନ୍ୟପକ୍ଷରେ ଆର୍ଏସ୍ଏସ୍, ବିବେକାନନ୍ଦ ଫାଉଣ୍ଡେଶନ, ଇଣ୍ଡିଆ ଫାଉଣ୍ଡେଶନ ଏବଂ ଭାଜପାର ଓଭରସିଜ୍ ଫ୍ରେଣ୍ଡସ୍ ସଂସ୍ଥାକୁ ସରକାର ସୁରକ୍ଷା ଦେଉଥିବା ସେ ଅଭିଯୋଗ କରିଛନ୍ତି।

### ସାମଗ୍ରୀର ଉତ୍ପତ୍ତିସ୍ଥଳ ...

ସେମାନଙ୍କ ବ୍ୟାକ୍‌ଏଣ୍ଡ ସିଷ୍ଟମକୁ ଅପ୍‌ଡେଟ୍ କରାଉଛନ୍ତି। ସେମାନଙ୍କ ପ୍ଲାଟ୍‌ଫର୍ମରେ ସୂଚୀଭୁକ୍ତ ହେଉଥିବା ନୂଆ ପ୍ରଡକ୍ଟ କେଉଁଠାରେ ପ୍ରସ୍ତୁତ ହୋଇଛି ସେଲରମାନେ ତାକୁ ସହଜରେ ଚିହ୍ନିଟ କରିବା ଲାଗି ବ୍ୟବସ୍ଥା କରାଯାଇଛି। ପ୍ରକ୍ରିୟା ସହ ଜଡ଼ିତ ୨ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁ ପ୍ରକ୍ରିୟା ଶେଷ କରିବା ଲାଗି ଅନ୍ତତଃ ପକ୍ଷେ ୩ ମାସ ସମୟ ଲାଗିବ ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି। ଇ-କମର୍ସ ପ୍ଲାଟ୍‌ଫର୍ମରେ ବିପୁଳ ସଂଖ୍ୟାରେ ପ୍ରଡକ୍ଟ ବିକ୍ରି ହୋଇଥାଏ। ପରିବର୍ତ୍ତିତ ନିୟମକୁ ପ୍ରଥମେ ନୂଆ ପ୍ରଡକ୍ଟରୁ ଆରମ୍ଭ କରାଯିବାକୁ କମ୍ପାନୀ ଯୋଜନା କରିଛନ୍ତି। ଏ ନେଇ ଆମାଜନ, ଫ୍ଲିପ୍‌କାର୍ଟ ଏବଂ ଡିପିଆଇଆଇଟିର ଉତ୍ତର ଲୋଡ଼ାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ଚାଇନା ସେନାର ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଚାଇନା ସାମଗ୍ରୀ ଉପରେ କଟକଣା ଲଗାଇବା ଲାଗି ଏଭଳି ହେଉଥିବା ଜଣାପଡ଼ିଛି। ବର୍ତ୍ତମାନ ଦେଶ ମଧ୍ୟରେ ଚାଇନା ସାମଗ୍ରୀ ବର୍ଜନ ନେଇ ଦେଶବ୍ୟାପୀ ଅଭିଯାନ ହେଉଛି।

### ଭୁବନେଶ୍ୱର ଜମି ଉପରେ ...

ଲୋକମାନଙ୍କ ବିଷୟରେ ସୂଚନା ଦେଇପାରିବେ। ଭୁବନେଶ୍ୱରରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡ଼ିକର ସୁରକ୍ଷା ପାଇଁ ସ୍ପେଶ୍ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବ୍ୟବସ୍ଥା ଲାଗୁ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟରେ ପରିଣତ ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଭିନ୍ନ କାର୍ଯ୍ୟକୁ ସହଜ କରିବା ପାଇଁ ୫-ଟି ଅଭିନବ ବ୍ୟବସ୍ଥା ଅଧୀନରେ ୮ ବୈଷୟିକ ସମାଧାନ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫-ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ, ଟାଇମ୍, ଟ୍ରାନ୍ସଫର୍ମେଶନ) ମଡେଲ୍ ୨୦୧୯ରେ ଆରମ୍ଭ କରାଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ବିଭାଗ ନିଜର ଲକ୍ଷ୍ୟ ହାସଲ ପାଇଁ ଦ୍ରୁତଗତିରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ବ୍ୟବସ୍ଥା ଯୋଗାଇଦେବାକୁ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

ଲୋକମାନଙ୍କୁ ହାତପାଆନ୍ତାରେ ସରକାରୀ ସୁବିଧା ଯୋଗାଇବା ଓ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ୫-ଟି ଏବଂ ମୋ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଆଖିଦୃଶିଆ ଉନ୍ନତି ଆଣିବାରେ ସହାୟକ ହୋଇଛି। ଭୁବନେଶ୍ୱରରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡ଼ିକର ସୁରକ୍ଷା ପାଇଁ ସ୍ପେଶ୍ ଟେକ୍ନୋଲୋଜି ଏବଂ ଏଆଇ ବ୍ୟବସ୍ଥା ଲାଗୁ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା ସରକାରୀ ସମ୍ପତ୍ତିର ସୁରକ୍ଷାକୁ ଦୃଢୀଭୂତ କରିବା ସହ ଲୋକମାନଙ୍କୁ ସରକାରୀ ସମ୍ପତ୍ତିର ଉପଭୋଗ ପାଇଁ ସୁବିଧା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ପାଇଁ ଆଗାମୀ ଦିନର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେପରି କୌଣସି ବ୍ୟକ୍ତିଙ୍କୁ ସରକାରୀ କାର୍ଯ୍ୟାଳୟକୁ ନ ଆସିବାକୁ ପଡିବ ସେଥିପାଇଁ ଆମକୁ ସମସ୍ତ ସରକାରୀ ସେବାକୁ ଅନ୍‌ଲାଇନ ବ୍ୟବସ୍ଥା ନିଶ୍ଚିତ କରିବାକୁ ପଡିବ। ଏଥିପାଇଁ ୨୦୨୦ ଅଗଷ୍ଟ ୧୫ ଧାର୍ଯ୍ୟ କରାଯାଇଥିଲା। ମାତ୍ର କୋଭିଡ୍-୧୯ ମହାମାରୀ ପାଇଁ ଉକ୍ତ ସମୟକୁ ଗାନ୍ଧୀ ଜୟନ୍ତୀ ଅର୍ଥାତ୍ ଆସନ୍ତା ଅକ୍ଟୋବର ୨ ଯାଏ ବୃଦ୍ଧି କରାଯାଇଛି। ଏହି ସମୟ ମଧ୍ୟରେ ସମସ୍ତ ସରକାରୀ ସେବାକୁ ଅନ୍‌ଲାଇନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଇ-ପ୍ରବେଶ (ଭିଜିଟର ପାସ୍ ମ୍ୟାନେଜମେଣ୍ଟ ସିଷ୍ଟମ) ଏକ ୱେବ୍ ଓ ମୋବାଇଲ ଆପ୍ ଆଧାରିତ ବ୍ୟବସ୍ଥା। ଏହାଦ୍ୱାରା ଜନସାଧାରଣ ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନକୁ ପ୍ରବେଶ କରିପାରିବେ। ଏଥିରେ ଥିବା କ୍ୟୁଆର୍ କୋଡ୍ ଜରିଆରେ ପ୍ରବେଶକାରୀଙ୍କୁ ସୁରକ୍ଷା କର୍ମୀମାନେ ଯାଞ୍ଚ କରି ପାରିବେ।

ଇ-ଭବନ(ଓଡ଼ିଶା ଭବନ ମ୍ୟାନେଜମେଣ୍ଟ ସିଷ୍ଟମ) ବ୍ୟବସ୍ଥା ଜରିଆରେ ସରକାରୀ କର୍ମଚାରୀ, ଜନପ୍ରତିନିଧି ଏବଂ ସାଧାରଣ ଲୋକମାନେ ବିଭିନ୍ନ ରାଜ୍ୟରେ ଥିବା ଅତିଥି ଭବନଗୁଡ଼ିକୁ ସଂରକ୍ଷଣ କରିପାରିବେ।

ଇ-ଅତିଥି(ଷ୍ଟେଟ୍ ଗେଷ୍ଟ ହାଉସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍) ବ୍ୟବସ୍ଥା ରାଜ୍ୟର ଅତିଥି ଭବନ ପାଇଁ କାର୍ଯ୍ୟ କରିବ। ଭୁବନେଶ୍ୱରରେ ଥିବା ରାଜ୍ୟ ଅତିଥି ଭବନ ପରିଚାଳନା ପାଇଁ ଏହି ଇଣ୍ଟରନେଟ ବ୍ୟବସ୍ଥାକୁ ବ୍ୟବହାର କରାଯିବ।

ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍-୨.୦) ଏକ ୱେବ୍ ଓ ମୋବାଇଲ ଆପ୍ଲିକେଶନ ବ୍ୟବସ୍ଥା। ସମସ୍ତ କର୍ମଚାରୀଙ୍କ ସହିତ ଯୋଗାଯୋଗକରିବାପାଇଁଏହାଏକସିଙ୍ଗଲୱିଣ୍ଡୋସିଷ୍ଟମଭାବେକାର୍ଯ୍ୟକରିବ।

ଲିଟିଗେଶନ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏଲ୍ଏମ୍ଏସ୍ ୨.୦) ଆଇନଗତ ସମସ୍ୟାଗୁଡ଼ିକର ରେକର୍ଡ ରଖିବ। ଏହାଦ୍ୱାରା ସରକାର ଓ ସରକାରୀ ଓକିଲମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବ। ଏହା ଅନ୍‌ଲାଇନ ଜରିଆରେ କୋର୍ଟ କେସ୍‌ଗୁଡ଼ିକ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା କରିବ।

ଓଡ଼ିଶା ରାଇଟ୍ ଟୁ ପବ୍ଲିକ ସର୍ଭିସ୍ ଆକ୍ଟ(ଓଆର୍‌ଟିପିଏସ୍ଏ) ଏକ ଅନ୍‌ଲାଇନ ମଡ୍ୟୁଲ୍ ବ୍ୟବସ୍ଥା। ଏହା ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବାଗୁଡ଼ିକୁ ଏକ ସେଣ୍ଟ୍ରାଲ ମନିଟରିଂ ବ୍ୟବସ୍ଥା ଦ୍ୱାରା ତଦାରଖ କରିବ। ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣାଣିର ତଦାରଖ କରିବ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ, ସମଗ୍ର ଦେଶରେ ୫-ଟି ପ୍ରଶାସନିକ ବ୍ୟବସ୍ଥା ପାଇଁ ଓଡ଼ିଶା ଏକ ଆଦର୍ଶ ରାଜ୍ୟରେ ପରିଣତ ହୋଇଛି। ୧୦୫ଟି ସରକାରୀ ସେବାକୁ ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଉଛି। ଏଥିପାଇଁ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗକୁ ସେ ପ୍ରଶଂସା କରିଛନ୍ତି। ବୈଠକରେ ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଦକ୍ଷତା ବିକାଶ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଲାଭଭାବସ୍ଥ ଚନ୍ଦ୍ର ଆର୍ଥିକ ଅଭିବୃଦ୍ଧି କଲେ ମଧ୍ୟ ପାରିବାରିକ ସ୍ଥିତିକୁ ଠିକ୍ ରଖିବନାହିଁ। କୌଣସି କଥାକୁ ଠିକ୍ ଭାବରେ ନ ବୁଝି ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ସମସ୍ୟା ସମାଧାନ କରିବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**
ଦ୍ୱାଦଶାଧିପତି ରାଶିସ୍ଥ ହେତୁ ଆପଣଙ୍କୁ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକରି ସଫଳତା ପାଇପାରିବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରିଆସିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ପାପଗ୍ରହଯୁକ୍ତ ରାଶି ଶାରୀରିକ ଅସୁସ୍ଥତାର କାରଣ ହୋଇପାରେ। ନୂତନ ଯାନବାହନ କ୍ରୟ କରିବା କିମ୍ବା ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିବ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ମିତ୍ରମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**କର୍କଟ**
କର୍ମାଧିପ ଭାଗ୍ୟସ୍ଥ ଯୋଗୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି। ଦୀର୍ଘଦିନରୁ ପାଇବାକୁ ଥିବା ବକେୟା ପାଇ ଖୁସି ହୋଇପାରନ୍ତି।

**ସିଂହ**
ବ୍ୟୟାଧିପ ସପ୍ତମସ୍ଥ ଯୋଗୁ ବାଣିଜ୍ୟ,ବ୍ୟବସାୟରେ, ଶେୟାରବଜାରରେ ପୁଞ୍ଜିଲଗାଣ ଶୁଭପ୍ରଦ ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟିରେ ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା**
ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବିଭିନ୍ନ ସମସ୍ୟା ମଧ୍ୟରେ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା**
ଆଜିର ଫେରନ୍ତା ବାଟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ସହକର୍ମୀମାନଙ୍କ କୃତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ନୂତନ କର୍ମାରମ୍ଭ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**
ଚନ୍ଦ୍ରଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଭୂମି,ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ।

**ଧନୁ**
ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ମଙ୍ଗଳ ଜନିତ ପାଖ ପଡ଼ୋଶୀଙ୍କ ସହଯୋଗରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସ୍ୱାର୍ଥସାଧନର ଆଶଙ୍କାକରି ଆତ୍ମୀୟମାନେ କ୍ରମଶଃ ଦୂରେଇଯିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଉଦ୍ୟମ ବିଫଳ ହେବନାହିଁ। କୌଣସି ମୂଲ୍ୟବାନ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଘରର ବରାଦ ଅନୁଶାରେ ଗୃହୋପକରଣ କ୍ରୟ କରିପାରନ୍ତି।

**କୁମ୍ଭ**
ଚତୁର୍ଥସ୍ଥ ଶୁକ୍ରଜନିତ ବନ୍ଧୁମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ**
ପରିସ୍ଥିତିର ବିଡମ୍ବନା କାରଣରୁ ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇବେ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀଯୁକ୍ତ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତାରମ୍ଭ, ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ରାଶି ନକ୍ଷତ୍ର, ଶତଭିଷା/କୁମ୍ଭ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅପରାହ୍ନ ଘ.୦୩।୪୮ ଗତେ ଘ.୦୬।୨୬ ମଧ୍ୟେ, ସନ୍ଧ୍ୟା ୦୭।୦୯ ଗତେ ଘ.୦୯।୨୦ ମଧ୍ୟେ, ରାତ୍ରି ଘ.୧୨।୧୩ ଗତେ ଘ.୦୨।୨୪ ମଧ୍ୟେ, ଘ.୦୩।୫୧ ଗତେ ଘ.୦୫।୧୮ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୮ ଗତେ ଘ.୦୬।୧୦ ମଧ୍ୟେ, ଘ. ୦୯।୪୦ ଗତେ ଘ.୧୧।୨୫ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୩୦ ଗତେ ଘ. ୦୩।୦୯ ମଧ୍ୟେ ରାହୁକାଳ।।

ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ଜୁଲାଇ ୯, ୨୦୨୦



## ସରପଞ୍ଚ କଲେ ଜରୁରୀ ବୈଠକ

ପଚ୍ଛାଙ୍ଗୀ,(ଡି.ଏନ.ଏ.)–କୋରାପୁଟ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ବୁଧବାର ପଚ୍ଛାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଭଗବାନ ଖରା ଏକ ବୈଠକ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ଜମିଜମା ପଞ୍ଜୀକରଣ କାର୍ଯ୍ୟକୁ କରୋନା ସଂକ୍ରମଣ ନିୟନ୍ତ୍ରଣ ନ ହେବା ଯାଏ ବନ୍ଦ କରିବା ନେଇ ଆଲୋଚନା ହୋଇଥିଲା। ଜମିଜମା ପଞ୍ଜୀକରଣ ଲାଗି ବିଭିନ୍ନ ଅଞ୍ଚଳରୁ ଲୋକେ ଏଠାକୁ ଆସୁଥିବାରୁ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ସେହିପରି ବ୍ଲକର ରାଲେଗଡା, କୁନ୍ଦୁଲି ଓ ପୁକାଲିରେ ହେଉଥିବା ସାପ୍ତାହିକ ହାଟକୁ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ବନ୍ଦ କରିବା ସହ ବୈଠକରେ ଅନ୍ୟାନ୍ୟ ନିଷ୍ପତ୍ତି ହୋଇଛି ।

## ସଂକ୍ଷେପରେ

### ନବରଙ୍ଗପୁରରୁ ୩ ପଜିଟିଭ

ନବରଙ୍ଗପୁର,୮।୭(ବି.ପ୍ର.)
ନରଙ୍ଗପୁର ଜିଲାରେ ଆଉ ୩ ଜଣ କରନାରେ ଆକ୍ରାନ୍ତ ହୋଇଛନ୍ତି। ଜଣେ ତେନ୍ତୁଳିଖୁଣ୍ଟି ବ୍ଲକ ଓ ଅନ୍ୟ ୨ ଜଣ ନବରଙ୍ଗପୁର ବ୍ଲକ ପୋଲିଟେକ୍‌ନିକ କଲେଜ ସଙ୍ଗରୋଧ କେନ୍ଦ୍ରର ବୋଲ ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ସମସ୍ତଙ୍କୁ ନବରଙ୍ଗପୁର କୋଭିଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶିଶୁକନ୍ୟା ମୃତ

ମାଥିଲି, ୮।୦୭(ଡ଼ି, ଏନ, ଏ)- ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ବଣ୍ଡାମାଝିଗୁଡା ଗ୍ରାମରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ୭ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗ୍ରାମର ଲିଙ୍ଗରାଜ ପୂଜାରୀଙ୍କ ଝିଅ ମୌସୁମୀ । ଖବରରୁ ଜଣାପଡିଛି ଗ୍ରାମରେ ବର୍ଷା ପବନ ଯୋଗୁ ୧୧ କେଭି ତାର ଏକ ଗଛ ଉପରେ ପଡି ତଳେ ପଡିଥିଲା। ଏହାକୁ ଗ୍ରାମବାସୀ ଦେଖିପାରି ନ ଥିଲେ। ତାରରେ ବିଦ୍ୟୁତ ସରବରାହ ଚାଲିଥିଲା। ମୌସୁମୀ ସକାଳେ ଖେଳିବା ବେଳେ ଏହି ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମାଥିଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ନିୟମ ଉଲ୍ଲଂଘନ କରି ଜରିମାନା ଗଣିଲେ ୨ ସୁନା ଦୋକାନୀ

ଜୟପୁର,୮।୭(ଡି.ଏନ.ଏ )- ଜୟପୁର ସହରରେ ପ୍ରଶାସନ ପକ୍ଷରୁ ଚଢାଉ ବେଳେ କୋଭିଡ ନିୟମର ଉଲ୍ଲଂଘନ କରିଥିବା ନଜରକୁ ଆସିବାରୁ ୨ ସୁନା ଦୋକାନକୁ ଜରିମାନା କରାଯାଇଛି। ଏଥିସହ ଅନ୍ୟାନ୍ୟ ଦୋକାନ ଓ ସାଧାରଣ ଲୋକଙ୍କଠାରୁ ମଧ ଜରିମାନା ଆଦାୟ ହୋଇଛି। ଏବାବଦରେ ୧୪ ହଜାର ଟଙ୍କା ଆଦାୟ ହୋଇଛି । ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀଙ୍କ ନେତୃତ୍ୱରେ ଟାଉନଥାନା ପୋଲିସ ଏବଂ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ଏହି ଚଢାଉ କରାଯାଇଥିଲା। ଚଢାଉ ବେଳେ ବିଭିନ୍ନ ସ୍ଥାନରେ ଲୋକେ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ନ ରଖିବା ଦୃଷ୍ଟିକୁ ଆସିଥିଲା।

### ୪ କୋର୍ଟ ୧୫ଯାଏ ବନ୍ଦ

ମାଲକାନଗିରି,୮।୭(ସ୍ୱ.ପ୍ର.)- ମାଲକାନଗିରି ସଦର ମହକୁମାରେ ୨ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ପଜିଟିଭ ଏସଡିଜେଏମ କୋର୍ଟ ପରିସର ଅଞ୍ଚଳର ବୋଲି ଜଣାପଡିବା ପରେ ଜିଲା ଦୌରାଜଜ୍ ରୋହିତ ଲାଲ ପଣ୍ଡା ଆସନ୍ତା ୧୫ ପର୍ଯ୍ୟନ୍ତ ଏସଡିଜେଏମ, ଜେଏମଏଫସି, ସିଜେଏମ ଓ ଜେଏମଏଫସି-୨ କୋର୍ଟକୁ ବନ୍ଦ କରିଛନ୍ତି।

### ହତ୍ୟା ଅଭିଯୋଗରେ ୨ ଗିରଫ

ମାଲକାନଗିରି,୮।୭ (ଡି.ଏନ୍.ଏ.)- ମାଲକାନଗିରି ଜିଲା ତଣ୍ଡିକି ପଞ୍ଚାୟତ ଟିଟଙ୍ଗ ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ଜଡିତ ୨ଜଣଙ୍କୁ ବୁଧବାର ମାଲକାନଗିରି ପୋଲିସ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମାରୁ ମାଡକାମି ଓ ଗଙ୍ଗା ମାଡକାମି। ଟିଟଙ୍ଗ ଗ୍ରମର ଆନ୍ଦା ମାଡକାମି ତାଙ୍କ ସମ୍ପର୍କୀୟ ଘରେ ଦୀର୍ଘ ଦିନ ହେଲା ରହୁଥିଲେ। ଗତ ୪ରେ ସମ୍ପର୍କୀୟଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟହାର କରିଥିଲେ। ଏନେଇ ସମ୍ପର୍କୀୟଙ୍କ ୨ପୁଅ ସମାରୁ ଓ ଗଙ୍ଗା ଜାଣିବା ପରେ ଆନ୍ଦାଙ୍କୁ ହତ୍ୟା କରି ନିକଟସ୍ଥ ଜଙ୍ଗଲରେ ଫୋପାଡି ଦେଇଥିଲେ । ପୋଲିସ ଖବର ପାଇ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଥିଲା।

### ଅନ୍‌ଲାଇନରେ ଅଭିଯୋଗ କରିବାକୁ ଜିଲାପାଳଙ୍କ ପରାମର୍ଶ

କୋରାପୁଟ,୮।୭(ସ୍ୱପ୍ର) କୋରାପୁଟ ଜିଲାରେ ଦିନକୁ ଦିନ କୋରନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାପାଳ ମଧୁସୂଦନ ମିଶ୍ର ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଜନସାଧାରଣ ସରକାରୀ କାର୍ଯ୍ୟାଳୟକୁ ନ ଆସି ଅନ୍‌ଲାଇନ ମାଧମରେ କରିବାକୁ ବୁଧବାର ପରାମର୍ଶ ଦେଇଛନ୍ତି। ଜିଲାବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି। ଜିଲା ପ୍ରଶାସନର ୱେବସାଇଟ ନଚେତ ବିଭିନ୍ନ ବିଭାଗର ମେଲ୍‌ରେ ଜନସାଧାରଣ ସେମାନଙ୍କ ଅଭିଯୋଗ ପଠାଇପାରିବେ। ପ୍ରଶାସନ ପକ୍ଷରୁ ମଧ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟ ସିଲ୍

ମାଲକାନଗିରି/କୋରୁକୋଣ୍ଡା, ୮।୭(ଡି.ଏନ୍.ଏ./ସ୍ୱ.ପ୍ର.)


ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

**ମାଲକାନଗିରିରେ ପୁଣି ୩ ପଜିଟିଭ**
- ଗୃହ ସଙ୍ଗରୋଧରେ ୪୦ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ
- ଅତି ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ହୋଇଛି ବ୍ୟବସ୍ଥା
- ନିଜ ଜୀବନକୁ ନିଜେ ରକ୍ଷା କରନ୍ତୁ: ଜିଲାପାଳ

ମାଲକାନଗିରି ଜିଲାରେ ବୁଧବାର ପୁଣି ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାରୁ ଚିକିତ୍ସାଳୟକୁ ସିଲ୍ କରାଯାଇଛି। ମାତ୍ର ଜରୁରିକାଳୀନ ଓପିଡି ଖୋଲା ରଖାଯାଇଛି। ଓପିଡି ଓ ଆଇପିଡିକୁ ବନ୍ଦ କରାଯାଇଛି । ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା ଜାରି ରହିଛି। ପ୍ରାୟ ୪୦ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇଥିବା ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଚିକିତ୍ସାଳୟକୁ ବିଶୋଧନ କରାଯାଉଛି। ଏକ ସ୍ୱତନ୍ତ୍ର କୋଠରିରେ ଅତି ଗୁରୁତର ରୋଗୀଙ୍କୁ ଚିକିତ୍ସାପାଇଁ ବ୍ୟବସ୍ଥା କରାଯାଇଛି। ସାଧାରଣ ରୋଗୀଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ଆସିବା ପାଇଁ ବାରଣ କରାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍ ଭିତରକୁ କୌଣସି ବ୍ୟକ୍ତି ପ୍ରବେଶ ନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇ ନିଜ ଜୀବନକୁ ନିଜେ ରକ୍ଷା କରିବା ପାଇଁ କହିଛନ୍ତି। ଡାକ୍ତରଖାନାରେ ଚିହ୍ନଟ ଆକ୍ରାନ୍ତଙ୍କ ଅସ୍ତ୍ରୋପଚାର ପୂର୍ବରୁ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ସେହିପରି ମାଲକାନଗିରି ପୌରାଞ୍ଚଳର ଅନ୍ୟ ଆକ୍ରାନ୍ତ ଜଣକ ପୂର୍ବରୁ କରୋନା ଆକ୍ରାନ୍ତ ରୋଗୀଙ୍କ ସଂସ୍ପର୍ଶରେ ଆସି ଥିବାରୁ ତାଙ୍କର ପଜିଟିଭ୍ ବାହାରିଛି। ତୃତୀୟ ଜଣକ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ବୋଲି ଜଣାପଡିଛି। ବୁଧବାରର ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫କୁ ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ୬୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୫୪ ଜଣ ଚିକିତ୍ସାଧୀନ ଅଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଡିଆଇପିଆର୍‌ଓ ଦିଲୀପ ସାମନ୍ତରାୟ ଉପସ୍ଥିତ ଥିଲେ।

## ସୂର୍ଯ୍ୟ ଚାରିପଟେ ଦେଖାଗଲା ବଳୟ


ସୂର୍ଯ୍ୟ ଚାରିପଟେ ସୃଷ୍ଟି ହୋଇଥିବା ବଳୟ।

ମାଲକାନଗିରି,୮।୭(ଡି.ଏନ୍.ଏ.)
ବିଭିନ୍ନ ସମୟରେ ବର୍ଷା ହେବାର ସଙ୍କେତ ଆକାଶରେ ଦେଖିବାକୁ ମିଳିଥାଏ। ବୁଧବାର ମାଲକାନଗିରି ଜିଲାରେ ସେହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଅପରାହ୍ନ ୧୨.୫୦ରେ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଏକ ବୃତ୍ତାକାର ଘୂର୍ଣ୍ଣି ବଳୟ ଆକାଶରେ ଦୃଷ୍ଟିଗୋଚର ହୋଇଥିଲା। ଏହା ଆଗାମୀ ବର୍ଷା ପାଇଁ ଶୁଭ ସୂଚନା ବୋଲି ସାଧାରଣରେ ଆଲୋଚନା ହେଉଛି।

## ବୋରିଗୁମ୍ମା, ମାଲକାନଗିରି, ବାଲିମେଳା ଶଟ୍‌ଡାଉନ

ବୋରିଗୁମ୍ମା/ମାଲକାନଗିରି/କୋରୁକୋଣ୍ଡା,୮।୭(ଡି.ଏନ.ଏ.)

କୋରାପୁଟ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହା ପ୍ରଶାସନର ଚିନ୍ତା ବଢାଇଛି। ଗତ ଏକ ସପ୍ତାହ ମଧ୍ୟରେ ଜିଲାର ବୋରିଗୁମ୍ମା ବ୍ଲକ ଏବଂ ଦାମାନଯୋଡି ଅଞ୍ଚଳରେ କରୋନା ଚିହ୍ନଟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବୁଧବାର ଜିଲାରେ ପୁଣି ୬ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ବୋରିଗୁମ୍ମା ବ୍ଲକ ବଙ୍ଗଳାଗୁଡା ବସ୍ତି ଏବଂ ସର୍ଗିଗୁଡା ପଞ୍ଚାୟତର ସାନ ଧୁବୁଲି ଅଞ୍ଚଳର ରହିଛନ୍ତି। ଫଳରେ ବୋରିଗୁମ୍ମାରେ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଏଥିଯୋଗୁ ପ୍ରଶାସନ ବୋରିଗୁମ୍ମା ସହରକୁ ଆସନ୍ତା ୫ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛି। ଧୁବୁଲି ଗ୍ରାମର ୧ ନମ୍ବର ୱାର୍ଡକୁ ସପ୍ତାହେ ଯାଏ କଣ୍ଟେନମେଣ୍ଟ ଜୋନ କରାଯାଇ ଥିବା ବିଡିଓ ପ୍ରଣୟ ରଞ୍ଜନ ବେହେରା କହିଛନ୍ତି। ସେହିପରି ଆଇନ ଶୃଙ୍ଖଳା ନେଇ ବୋରିଗୁମ୍ମା ପୋଲିସ ସଜାଗ ରହିଥିବା ଆଇଆଇସି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

ସେହିପରି ମାଲକାନଗିରି ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ମନୀଷ ଅଗ୍ରୱାଲ ଆସନ୍ତା ୧୦ ତାରିଖ ରାତି ୮ଟାରୁ ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଶଟଡାଉନ ଘୋଷଣା କରିଛନ୍ତି। ପେଟ୍ରୋଲ ପମ୍ପ, ଔଷଧ ଦୋକାନ, ପନିପରିବା ରାଶନ ସାମଗ୍ରୀ ହୋମ ଡେଲିଭରି ବ୍ୟବସ୍ଥା ହେବ। ଯଦି କେହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନେଇ କଂଗ୍ରେସର ବିକ୍ଷୋଭ

ଦଶମନ୍ତପୁର,୮।୭( ଡି.ଏନ.ଏ.)
କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତୈଳ ଦର ବୃଦ୍ଧି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଏମ୍‌ପି ପ୍ରତିନିଧି ରୂପକ ତୁରୁକଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ବ୍ଲକ ଉପ ସଭାପତି ହେମନ୍ତ ଖରା, ଦିଲୀପ ବାଘଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

## ବସ୍ ଚଳାଚଳ, ଯାତାୟାତ ଉପରେ ରୋକ

ରାୟଗଡ଼ା ଅଫିସ,୮।୭–
ରାୟଗଡ଼ା ଜିଲାରେ କୋରନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଜିଲା ପ୍ରଶାସନ ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପଡୋଶୀ ଗଞ୍ଜାମ ଜିଲା ସମେତ କଟକ, ଭୁବନେଶ୍ୱରକୁ ବସ ଚଳାଚଳ ବନ୍ଦ କରାଯାଇଛି। ଗଞ୍ଜାମରେ କୋରନାସ୍ଥିତି ଉଦ୍‌ବେଗ ଜନକ ରହିଛି। ତେଣୁ ଅତ୍ୟାବଶ୍ୟକ କାମ ନ ଥିଲେ ସେଠାକୁ କେହି ଯିବେ ନାହିଁ ବୋଲି ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି। ଗଞ୍ଜାମରୁ କୌଣସି ବ୍ୟକ୍ତି ଜିଲାପାଳଙ୍କ ଅନୁମତି ବିନା ଆସି ପାରିବେ ନାହିଁ ବୋଲି ସୂଚନା ମିଳିଛି। ବାହାରୁ ଆସିଥିବା ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଦେଖାଗଲେ ସେ ନିଜ ଖର୍ଚ୍ଚରେ କ୍ୱାରେଣ୍ଟାଇନରେ ରହିବେ ବୋଲି କୁହଯୋଇଛି। ସରକାରୀ କର୍ମଚାରୀମାନେ ମଧ ଜିଲାପାଳଙ୍କ ଅନୁମତି ବିନା ଗଞ୍ଜାମ ଜିଲାକୁ ଯାଇପାରିବେ ନାହିଁ। ମେଡ଼ିକାଲ ସାମଗ୍ରୀ, ଅତ୍ୟାବଶ୍ୟକ ସେବା ସହ ଜଡିତ ଗାଡିକୁ ଏଥିରୁ ବାଦ ଦିଆଯାଇଛି।

## ହାଣ୍ଡି ରଖି ରାସ୍ତା ଅବରୋଧ କଲେ ମହିଳା

ନବରଙ୍ଗପୁର,୮।୭(ବି.ପ୍ର.)


ମହିଳାମାନେ ରାସ୍ତା ଅବରୋଧକରି ଆନ୍ଦୋଳନ କରୁଛନ୍ତି।

ନବରଙ୍ଗପୁରକୁ ପାନୀୟ ଜଳ ଯୋଗାଣ ପ୍ରାୟ ୪ ଦିନ ହେବ ବନ୍ଦ ରହିଛି। ପାଣି ଟୋପେ ପାଇଁ ଅଞ୍ଚଳବାସୀ ତହଲବିକଳ ହେଉଛନ୍ତି। ଏହି ସମସ୍ୟା ସମାଧାନ ଦାବିରେ ନୂଆବନ୍ଧ ସାହି ମହିଳାମାନେ ମଙ୍ଗଳବାର ରାତିରେ ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ନବରଙ୍ଗପୁର ପୌରାଞ୍ଚଳରେ ୪ଦିନ ହେବ ପିଏଚ୍‌ଇଡି ପାଣି ଆସୁନାହିଁ। ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନି ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ନବରଙ୍ଗପୁର ସହରରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ସମସ୍ତେ ପାଣି ବିନା ତହଲବିକଳ। ଏହି ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ପୋଲିସ ଓ ପିଏଚ୍‌ଇଡି ଯନ୍ତ୍ରୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମଟର ଖରାପ ଯୋଗୁ ପାନୀୟ ଜଳ ଯୋଗାଣରେ ସମସ୍ୟା ରହିଛି। ମରାମତି କାର୍ଯ୍ୟ ସରିଛି, ପାଣି ଲୋଡ୍ କରାଯାଉଛି। ଗୁରୁବାର ସକାଳ ସୁଦ୍ଧା ନବରଙ୍ଗପୁର ସହରରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ରଞ୍ଜିତ ରାୟ କହିଛନ୍ତି।

**୪ଦିନ ହେବ ଆସୁନି ପାଣି**

## ଡ୍ୟାମ୍‌ରୁ ମାଛଧରାଳିଙ୍କ ମୃତଦେହ ଉଦ୍ଧାର

ଗୁଣପୁର,୮।୭(ଡି.ଏନ୍.ଏ.)
ରାୟଗଡ଼ା ଜିଲା ପଦ୍ମପୁର ବଡ଼ନାଳ କେନ୍ଦୁଗଡ଼ା ଡ୍ୟାମ୍‌ରୁ ମାଛଧରାଳି ରବୀନ୍ଦ୍ର ଶବରଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ତାଙ୍କ ଘର ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ତେମ୍ବାଗୁଡା ପଞ୍ଚାୟତ ହାଟପଦା ଅଞ୍ଚଳରେ। ରବୀନ୍ଦ୍ର ମଙ୍ଗଳବାର ଡ୍ୟାମ୍‌କୁ ମାଛ ଧରିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ଡ୍ୟାମ୍ କୂଳରେ ରବୀନ୍ଦ୍ରଙ୍କ ମୃତଦେହ ଲାଗିଥିବା ପରିବାର ଲୋକେ ଦେଖି ଉଦ୍ଧାର କରିଥିଲେ।

## ଅସ୍ଥାୟୀ ବ୍ରିଜ୍ ଉପରେ ପାଣି: ଯାତାୟାତ ବାଧାପ୍ରାପ୍ତ

ଗୁଣପୁର,୮।୭(ଡି.ଏନ୍.ଏ.)
ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁରସ୍ଥିତ ଅସ୍ଥାୟୀ ବ୍ରିଜ୍ ଉପରେ ପାଣି ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବୁଧବାର ଅପରାହ୍ନରେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନାଳରେ ପାଣି ଆସି ଅସ୍ଥାୟୀ ବ୍ରିଜ୍ ଦେଇ ପ୍ରବାହିତ ହେଉଛି। ଗୁଣପୁରଠାରୁ ଜଗନ୍ନାଥପୁର ଏବଂ ଓଡ଼ିଶାର ଗୋଠଲପଦର,ମରମା ପଞ୍ଚାୟତ ସହ ଆନ୍ଧ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## କୋରାପୁଟ ଜିଲାରେ ପୁଣି ୬ ପଜିଟିଭ

କୋରାପୁଟ/ଦାମନଯୋଡି, ୮।୭(ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲାରେ ବୁଧବାର ପୁଣି ୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ଜଣେ ସଙ୍ଗରୋଧ କେନ୍ଦ୍ରରୁ, ୨ ଜଣ ଘରୋଇ କ୍ୱାରାଣ୍ଟାଇନରୁ ଏବଂ ୩ ଜଣ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଖବରରୁ ଜଣାପଡିଛି ଦାମନଯୋଡି ସଙ୍ଗରୋଧ କେନ୍ଦ୍ରରୁ ଜଣେ ସିଆଇଏସ୍‌ଏଫ୍ ଯବାନ ଚିହ୍ନଟ ହୋଇଛନ୍ତି। ସେ କଟକରୁ ଆସିଥିଲେ। କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ ଓ ଜୟପୁର ମ୍ୟୁନିସିପାଲିଟିରୁ ଜଣେ ଚିହ୍ନଟ ହୋଇଛନ୍ତି। ଏହି ୨ ଜଣ ଗଞ୍ଜାମ ଜିଲାରୁ ଆସି ଉଭୟେ ଘରୋଇ କ୍ୱାରାଣ୍ଟାଇନରେ ଥିଲେ। କୋରାପୁଟ ଓ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ଚିହ୍ନଟ ୩ ଜଣ ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। କରୋନା ପଜିଟିଭ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି ।

## ଏଟିଏମ୍ କାଉଣ୍ଟର ସାନିଟାଇଜ କରିବାକୁ ନିର୍ଦ୍ଦେଶ

ଜୟପୁର ୮।୭ (ନି. ପ୍ର.)

ଜୟପୁର ସହରରେ ଥିବା ସମସ୍ତ ଏଟିଏମ୍ କାଉଣ୍ଟର, ବ୍ୟାଙ୍କ ପରିସର ସାନିଟାଇଜ୍ କରିବାକୁ ଉପଜିଲାପାଳ ହେମନ୍ତ ସାଏ ବୁଧବାର ସମସ୍ତ ଜାତୀୟକରଣ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବ୍ୟାଙ୍କ ଓ ଏଟିଏମ୍‌ଠାରେ ଗାର୍ଡ ମୁତୟନ କରିବାକୁ ମଧ ନିର୍ଦ୍ଦେଶରେ କୁହାଯାଇଛି। ସହରରେ ଥିବା ବ୍ୟାଙ୍କ, ଏଟିଏମ୍ କାଉଣ୍ଟରରେ ଭିଡ଼ ରହୁଛି। କୋଭିଡ୍–୧୯ ନିୟମ ଅନୁସାରେ ସାମାଜିକ ଦୂରତା ରହୁନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷ ମଧ ଧ୍ୟାନ ଦେଉନାହାନ୍ତି। ଏଟିଏମ୍‌ଗୁଡିକ ସାନିଟାଇଜ କରାଯାଉ ନାହିଁ। ଫଳରେ କରୋନା ବ୍ୟାପିବା ଆଶଙ୍କା ରହିଛି ବୋଲି ଚିଠିରେ ଉଲ୍ଲେଖ ରହିଛି।

## ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ

ଗୁଣପୁର,୮।୭(ଡି.ଏନ୍.ଏ.)
ରାୟଗଡ଼ା ଜିଲା ଗୁଣପୁରଠାରେ ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ ସପ୍ତାହେ ହେବ ଚାଲିଛି। ଏକ ବର୍ଷ ହେବ ସେମାନେ ଦରମା ପାଇ ନ ଥିବା କହିଛନ୍ତି। କରୋନା ସମୟରେ କୌଣସି କର୍ମଚାରୀଙ୍କ ଦରମା ବନ୍ଦ ନ ହେବା ନିର୍ଦ୍ଦେଶ ରହିଥିଲେ ମଧ ଏଠାରେ ବ୍ୟତିକ୍ରମ ଦେଖାଦେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।ଏ ନେଇ ଜିଲା ସଂଘମାନଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ ସୁଫଳ ମିଳିନି। ଗୁଣପୁର ବିଏସ୍‌ଏନ୍‌ଏଲ୍ ଅଫିସରେ ଏସ୍‌ଡିଓଙ୍କୁ ଛାଡି ସମସ୍ତେ ଠିକା କର୍ମଚାରୀ। ତେଣୁ ଠିକା କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଉପଭୋକ୍ତାମାନେ ହଇରାଣ ହେଉଛନ୍ତି। ତେଣୁ ଠିକା କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବାକୁ ଗୁଣପୁର ସଂଘ ପକ୍ଷରୁ ଦାବି କରାଯାଇଛି।

## ଜରିମାନା ଦେଲେ ୨୦ ବ୍ୟବସାୟୀ

ମାଥିଲି,୮।୭(ଡି.ଏନ.ଏ.)–ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରର ବିଭିନ୍ନ ଦୋକାନ ଉପରେ ବୁଧବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। କୋଭିଡ୍–୧୯ ନିୟମ ଖିଲାପ କରିଥିବାରୁ ୨୦ ବ୍ୟବସାୟୀ ଜରିମାନା ଗଣିଛନ୍ତ। ମାଥିଲି ସରପଞ୍ଚ ଗୌରୀ ବଟେଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଏହି ଚଢାଉ କରିଥିଲା। ଦୋକାନ ସମ୍ମୁଖରେ ସାମାଜିକ ଦୂରତା ନ ରହିବା, ସାନିଟାଇଜର, ସାବୁନ୍ ନ ରଖିବା, ମାସ୍କ ନ ପିନ୍ଧିବା ନେଇ ବ୍ୟବସାୟୀମାନଙ୍କୁ ପଚରାଉଚରା କରି ଜରିମାନା କରାଯାଇଥିଲା। ଟିମ୍‌ରେ ପିଇଓ ଅଶୋକ ମହାରଣା, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ସାମାଜିକ କର୍ମୀ କୁନାଲ ମିଶ୍ର, ୱାର୍ଡମେମ୍ବର ରୋହିତ ବେହେରାଙ୍କ ସହ ମାଥିଲି ପୋଲିସ ସାମିଲ ହୋଇଥିଲେ। ଆଗାମୀ ଦିନରେ ଯଦି ସେମାନେ ପୁନର୍ବାର ନିୟମ ଖିଲାପ କରନ୍ତି ଦୋକାନକୁ ସଲ୍ କରାଯିବ ବୋଲି କୁହାଯାଇଛି।

## ଫେରାର କଏଦୀ ଗିରଫ

କୋଡିଙ୍ଗା, ୮।୭(ଡି.ଏନ୍.ଏ.)
ଜେଲ କାନ୍ଥ ଡେଇଁ ଫେରାର ଜଣେ କଏଦୀଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଡିଙ୍ଗା ପୋଲିସ ଗିରଫ କରିଛି। ସେ ହେଲେ କୋଡିଙ୍ଗା ଗାଁର ମୋତିସିଂ ଚାଲାଣ। ୨ବର୍ଷ ତଳେ ମୋତିସିଂ ପୁଅକୁ ହତ୍ୟା କରି ସଜା ପାଇଥିଲେ। ସେ କୋରାପୁଟ ଜିଲା ସବ ଜେଲରେ ସଜା କାଟୁଥିବା ବେଳେ ଗତବର୍ଷ ଜେଲ କାନ୍ଥ ଡେଇଁ ଫେରାର ହୋଇଯାଇଥିଲେ। ସେବେଠାରୁ କୋଟପାଡ ପୋଲିସ ତାଙ୍କୁ ଖୋଜୁଥିଲା।

## ବର୍ଷେ ପୂରୁନି ବଦଳୁଛନ୍ତି ଥାନା ଅଧିକାରୀ

କୁନ୍ଦୁରା,୮।୭(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଥାନାରେ ଥାନା ଅଧିକାରୀ ରୂପେ ସୂର୍ଯ୍ୟ ପ୍ରକାଶ ନାୟକ ୨୦୧୯ ଅକ୍ଟୋବରରେ ଯୋଗ ଦେଇଥିଲେ। ମାତ୍ର ୮/୯ ମାସ ଭିତରେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ଏନେଇ ବ୍ଲକବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲା ପୋଲିସ କାର୍ଯ୍ୟାଳୟର ଏଭଳି ବଦଳି ନୀତିକୁ ସାଧାରଣରେ ନାପସନ୍ଦ କରାଯାଇଛି। ସରକାରୀ ନିୟମାନୁଯାୟୀ ଜଣେ ଅଧିକାରୀ ଯୋଗ ଦେବାର ୩ ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବା ପରେ ତାଙ୍କର ବଦଳି ହୋଇଥାଏ। ବିଶେଷ କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଇଥାଏ । ଗତ ଦିନରେ ମଧ କୁନ୍ଦୁରା ଥାନାରେ କାର୍ଯ୍ୟରତ ଆଇଆଇସି ଭବାନୀ ମୁଦୁଲିଙ୍କୁ ୩ବର୍ଷ ନ ପୁରୁଣୁ ବଦଳି କରାଯାଇଥିଲା। ସେହି ସ୍ଥାନରେ ଜଣେ ଏସ୍‌ଆଇଙ୍କୁ ଥାନାଧିକାରୀ ଦାୟିତ୍ୱରେ ରଖାଯାଇଥିଲା। ସୂଚନାଯୋଗ୍ୟ ଯେ, ଥାନା ଅଧିକାରୀ ନାୟକ ଏଠାରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ହତ୍ୟା ଏବଂ ଡକାୟତି ଘଟଣାର ପର୍ଦ୍ଦାଫାସ କରିଥିଲେ। ଅନ୍ତଃରାଜ୍ୟ ଡକାୟତମାନଙ୍କୁ ଧରିବାରେ ପଦକ୍ଷେପ ନେଇଥିଲେ।

## ଭାଲୁ ଆକ୍ରମଣରେ ଆହତ ବ୍ୟକ୍ତିଙ୍କୁ ସହାୟତା

ଡାବୁଗାଁ , ୮।୭ (ଡି.ଏନ୍.ଏ.)
ଭାଲୁ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଡାବୁଗାଁ ବନ ବିଭାଗ ପକ୍ଷରୁ ବୁଧବାର ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ସହାୟତା ପ୍ରଦାନ କରାଯାଇଛି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନି ଗମାଙ୍ଗ ଡୁମାଧର ଗୌଡ଼ଙ୍କୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଜଟାବାଲ ବନପାଳ ରାମଚନ୍ଦ୍ର ଜାନି, ପାତ୍ରୀ ସରପଞ୍ଚ ଯଦୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୧୧ ଡିସେମ୍ବର ୨୦୧୭ରେ ଡାବୁଗାଁ ବନାଞ୍ଚଳ ଜଟାବାଲ ସେକ୍ସନ ଅଧୀନ ପାତ୍ରୀ ଗ୍ରାମର ଡୁମାଧର ଜଙ୍ଗଲକୁ କାଠ ପାଇଁ ଯାଇଥିଲେ। ସେହି ସମୟରେ ଏକ ଭାଲୁ ଆକ୍ରମଣରେ ସେ ଆହତ ହୋଇଥିଲେ।


ହିତାଧିକାରୀଙ୍କୁ ସହାୟତା ଦିଆଯାଉଛି ।

## ରାୟଗଡ଼ାରେ ପ୍ରଥମ ମୁଣ୍ଡ ନେଲା କରୋନା

ରାୟଗଡ଼ା ଅଫିସ,୮।୭

ରାୟଗଡ଼ାରେ ପ୍ରଥମ କରୋନା ମୃତ୍ୟୁ ହୋଇଥିବା ନେଇ ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଟୁଇଟ୍ କରାଯାଇଛି। ମୃତକ ସାଇପ୍ରିୟା ନଗରର ଜଣେ ୮୦ ବର୍ଷୀୟ ବ୍ୟକ୍ତି ବୋଲି ଜଣାପଡିଛି। ବୃଦ୍ଧ ଜଣକ ଗତ ୩୦ ତାରିଖରେ ପ୍ରାଣ ହରାଇଥିଲେ। ବୃଦ୍ଧଙ୍କଠାରେ କରୋନା ଲକ୍ଷଣ ଦେଖାଦେଇଥିବାରୁ ତାଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ରିପୋର୍ଟ ଆସିବା ପରେ ସେ କରୋନାରେ ଆକ୍ରାନ୍ତ ଥିଲେ ବୋଲି ସ୍ପଷ୍ଟ ହୋଇଥିବା ନେଇ ରାୟଗଡ଼ା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି।

ପ୍ରକାଶ ଯେ, ମୃତକ ଜୁନ୍ ୨୫ରେ ଗଞ୍ଜାମରୁ ରାୟଗଡ଼ାକୁ ଆସିଥିଲେ। ଏହାପରେ ସେ ରାୟଗଡ଼ାସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ମଧ ରହୁଥିଲେ। ୩୦ ତାରିଖରେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କରୋନା ଲକ୍ଷଣ ଦେଖାଯିବାରୁ ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହିଁ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ମୃତଦେହକୁ ଗାଡି ଯୋଗେ ଗଞ୍ଜାମ ପଠାଯାଇଥିଲା। ଡ୍ରାଇଭର ଓ ଗାଡିରେ ଥିବା ଅନ୍ୟମାନେ କୋଭିଡ୍ ନିୟମ ଅନୁଯାୟୀ ମୃତଦେହ ନେଇଥିଲେ। ମୃତଦେହ ନେଇ ଯାଇଥିବା ଗାଡିକୁ ସାନିଟାଇଜ କରାଯାଇଛି। ଗଞ୍ଜାମରୁ ଯେଉଁମାନେ ମୃତଦେହ ନେବାକୁ ଆସିଥିଲେ ସମସ୍ତଙ୍କ ନମ୍ବର ରଖାଯାଇଛି। ଏ ନେଇ ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ସିଡିଏମ୍‌ଓ କହିଛନ୍ତି। ମୃତକଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି।

### ପଦ୍ମପୁରରୁ ପ୍ରଥମ ପଜିଟିଭ

ଗୁଣପୁର,୮।୭(ଡି.ଏନ୍.ଏ.)
ରାୟଗଡ଼ା ଜିଲା ପଦ୍ମପୁରରେ ପ୍ରଥମ କରୋନା ପଜିଟିଭ ବୁଧବାର ଚିହ୍ନଟ ହୋଇଛନ୍ତି। ଦୀର୍ଘଦିନ ହେବ ଜ୍ୱର ନ ଛାଡ଼ିବାରୁ ତାଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାବ୍ ନମୁନା ଟେଷ୍ଟ ହୋଇଥିଲା। ରିପୋର୍ଟ ପଜିଟିଭ ଆସିଛି ବୋଲି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ ଜଣାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ରାୟଗଡ଼ାରୁ ଗଞ୍ଜାମ ଯା ଆସ କରୁଥିବା ଲୋକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ସୂଚନା ମିଳିଛି।

ଧରିତ୍ରୀ
DHARITRI
ଗୁରୁବାର, ୯ ଜୁଲାଇ, ୨୦୨୦

> ନିଜର ଦୋଷତ୍ରୁଟି ସମ୍ବନ୍ଧେ ସଚେତନ ହୋଇ ଉଠିବା ହିଁ ମହାନ୍ ପ୍ରଗତିର ଏବଂ ସାଧନାରେ ସଫଳତା ଲାଭ କରିବାର ରାସ୍ତା ଉନ୍ମୁକ୍ତ ହେବାର ଏକ ସଙ୍କେତ। –ଶ୍ରୀମା



# ପାରାମାନଙ୍କ ଅବଦାନ



ମାନେକା ଗାନ୍ଧୀ

ପାରାମାନଙ୍କୁ ମୁଁ ଭାରି ଭଲ ପାଏ। ସେମାନଙ୍କ ସ୍ୱର ନରମ ଓ ଛନ୍ଦଯୁକ୍ତ। ମୁଁ ସକ୍କାଳୁ ବାରଣ୍ଡାରେ ସେମାନଙ୍କ ପାଇଁ ଗୁଡ଼ିଏ ବାସ୍କେଟ୍ ରଖିଛି ଏବଂ ସେମାନେ ସେଠାରେ ଚୁପଚାପ ରୁହନ୍ତି। ସେମାନେ କେବେ ଖାଦ୍ୟ ମାଗନ୍ତି ନାହିଁ– ବୋଧହୁଏ ଦୟାଳୁ ବ୍ୟକ୍ତିମାନେ ଆଖପାଖରୁ ବା ଦୂରରୁ ଆସି ମୋ ଘର ପାଖରେ ପ୍ରତିଦିନ ସେମାନଙ୍କ ପାଇଁ ପକାଉଥିବା ଖାଦ୍ୟ ଖାଇ ତାଙ୍କ ପେଟ ପୂରିଯାଉଥାଏ। ମୋର ବି ପକ୍ଷୀମାନଙ୍କ ପାଇଁ ଚାଉଳ ଓ ଫଳ ରଖାଯାଇଥିବା ଏକ ଟେବୁଲ୍ ରହିଛି। ସେମାନେ ଯେତେବେଳେ ଚାହିଁବେ ସେଠାରେ ଖାଇ ପାରିବେ। ମୁମ୍ବାଇ ପୌର କମିଶନର ବୋଧହୁଏ ତାଙ୍କର ସଂକ୍ଷିପ୍ତ କାର୍ଯ୍ୟକାଳ ଭିତରେ ମୁମ୍ବାଇକୁ ପାରାମୁକ୍ତ କରିବା ପାଇଁ ବଦ୍ଧପରିକର ହୋଇଛନ୍ତି। ଯେଉଁମାନେ ପାରାମାନଙ୍କୁ ଘୃଣା କରନ୍ତି ସେମାନେ ଜାଣିବା ଉଚିତ ଯେ ସେମାନେ ଆମ ମଣିଷମାନଙ୍କ ପାଇଁ ବର୍ଷ ବର୍ଷ ଧରି କ'ଣ କରିଛନ୍ତି। ମଣିଷ ସମାଜ ପ୍ରତି ସେମାନଙ୍କ ଅବଦାନ କ'ଣ। ପାରାଙ୍କୁ ନେଇ ପ୍ରଥମ ଏୟାରମେଲ୍ ୧୮୯୭ ମସିହାରେ ନ୍ୟୁଜିଲାଣ୍ଡରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ପିଜନ୍–ଗ୍ରାମ୍ ସେବା ଭାବରେ ଜଣାଶୁଣା। ସେମାନଙ୍କର ବେଗ ହାରାହାରି ୭୭.୭ ମାଇଲ/ଘଣ୍ଟା, ଏକ ଆଧୁନିକ ବିମାନ ଅପେକ୍ଷା ୪୦% ଧୀର। ପ୍ରତ୍ୟେକ ପାରା ୫ଟି ବାର୍ତ୍ତା ବହନ କରିଥାନ୍ତି ଏବଂ ଏଥିପାଇଁ ସ୍ୱତନ୍ତ୍ର ପିଜନ୍–ଗ୍ରାମ୍ ଷ୍ଟାମ୍ପ ବିକ୍ରି କରାଯାଉଥାଏ।

ପ୍ରଥମ ବିଶ୍ୱଯୁଦ୍ଧରେ ବାର୍ତ୍ତା ପ୍ରେରଣ ପାଇଁ ପାରାଙ୍କୁ ବହୁଳ ଭାବରେ ବ୍ୟବହାର କରାଯାଉଥିଲା। ମାଇନ୍‌ସୁଇପିଂ ବୋଟ୍ (ମାଇନ୍ ବା ବିସ୍ଫୋରକ ଠାବ କରି ନଷ୍ଟ କରୁଥିବା ନୌବାହିନୀ ବୋଟ୍)ଗୁଡ଼ିକ ପାରାମାନଙ୍କୁ ସାଙ୍ଗରେ ନେଉଥିଲେ। ଯଦି କୌଣସି ୟୁ–ବୋଟ୍ ଦ୍ୱାରା ସେମାନେ ଆକ୍ରମଣର ଶିକାର ହୁଅନ୍ତି, ତେବେ କେଉଁ ସ୍ଥାନରେ ଆକ୍ରମଣର ଶିକାର ହୋଇ ବୋଟ୍‌ଟି ବୁଡ଼ିଯିବାକୁ ବସିଛି ସେ ସମ୍ପର୍କରେ ଏକ ବାର୍ତ୍ତା ସହିତ ଗୋଟିଏ ପାରାକୁ ମୁକ୍ତ କରିଦିଅନ୍ତି, ଯାହା ଫଳରେ ବୋଟ୍‌ର କର୍ମଚାରୀମାନଙ୍କୁ ଉଦ୍ଧାରକାରୀ ଦଳ ଆସି ବଞ୍ଚାଇବାର ସମ୍ଭାବନା ଥାଏ। ଶତ୍ରୁମାନଙ୍କ ଗତିବିଧି ବିଷୟରେ ଜରୁରୀ ସୂଚନା ପ୍ରଦାନ କରିବାକୁ ନୌବିମାନ (ସିପ୍ଲେନ୍)ଗୁଡ଼ିକ ସାଙ୍ଗରେ ପାରା ନେଉଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୟୁରୋପ, ଭାରତ ଓ ବର୍ମାରେ ସକ୍ରିୟ ସେବାରେ ପାରାଙ୍କୁ ବ୍ୟବହାର କରାଯାଇଥିଲା।

ଦୁନିଆର ଶେଷ ପାରା ମେସେଞ୍ଜର ସେବା ଓଡ଼ିଶାରେ ଥିଲା, ଯାହାକୁ ଓଡ଼ିଶା ପୋଲିସ୍ କ୍ୟାରିୟର୍ ପିଜନ୍ ସେବା କୁହାଯାଉଥିଲା ଏବଂ ୮୦୦ ପକ୍ଷୀଙ୍କ ଦ୍ୱାରା ୬୦ ବର୍ଷର ସକ୍ରିୟ ସେବା ପରେ ୨୦୦୬ରେ ଏହାକୁ ବନ୍ଦ କରିଦିଆଗଲା। କ୍ୟାରିୟର ପାରାମାନେ ସାରା ରାଜ୍ୟରେ ଓଡ଼ିଶାର ୪୦୦ ପୋଲିସ ଷ୍ଟେସନ ମଧ୍ୟରେ ଦୈନିକ ଯୋଗାଯୋଗ ରକ୍ଷାରେ ସାହାଯ୍ୟ କରୁଥିଲେ। ଦୁଇଟି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ଅତ୍ୟାବଶ୍ୟକ ବାର୍ତ୍ତା ବହନ କରିଥିଲେ: ୧୯୭୧ର ବାତ୍ୟା ଏବଂ ୧୯୮୨ର ପ୍ରଳୟଙ୍କରୀ ବନ୍ୟା। ପାରାମାନଙ୍କର ପ୍ରତିକୂଳ ପାଗରେ ଉଡ଼ିବାର କ୍ଷମତା ଯୋଗୁ ଅନେକ ମାନବ ଜୀବନ ରକ୍ଷା ପାଇଥିଲା।

ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ସାଇରସ୍ ଦି ଗ୍ରେଟ୍‌ଙ୍କ ଦ୍ୱାରା ଆସିରିୟା ଓ ପର୍ସିଆରେ ପାରା ବାର୍ତ୍ତାବହମାନଙ୍କର ପ୍ରଥମ ନେଟ୍‌ୱର୍କ ପ୍ରତିଷ୍ଠିତ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଖ୍ରୀଷ୍ଟପୂର୍ବ ୨୦୦୦ରେ ସେମାନେ ମେସୋପଟାମିଆର ଯୁଦ୍ଧରତ ଗୋଷ୍ଠୀଗୁଡ଼ିକ ପାଇଁ ବାର୍ତ୍ତା ପରିବହନ କରୁଥିଲେ। ଖ୍ରୀଷ୍ଟପୂର୍ବ ୫୩ରେ ସେମାନେ ହାନିବାଲଙ୍କ ବାର୍ତ୍ତା ବହନ କରିଥିଲେ। ଖ୍ରୀଷ୍ଟପୂର୍ବ ୫୮ରୁ ୫୧ ପର୍ଯ୍ୟନ୍ତ ଗଲ୍ ଜିତିବା ସମୟରେ ଜୁଲିୟସ୍ ସିଜର ପାରାଙ୍କୁ ବ୍ୟବହାର କରିଥିଲେ। ଜାଭାନ ଯାତ୍ରା ସମୟରେ ଭାରତୀୟ ଏବଂ ଆରବ ବଣିକମାନେ କ୍ୟାରିୟର ପାରାମାନଙ୍କୁ ବ୍ୟବହାର କରୁଥିଲେ। ଖ୍ରୀଷ୍ଟପୂର୍ବ ୭୭୬ରେ ଅନୁଷ୍ଠିତ ପ୍ରଥମ ଅଲିମ୍ପିକ କ୍ରୀଡ଼ାରେ ଭାଗ ନେଉଥିବା ପ୍ରତ୍ୟେକ ଆଥ୍‌ଲେଟ୍ ତାଙ୍କ ଗାଁରୁ ଏକ ପୋଷା ପାରା ସାଙ୍ଗରେ ଆଣିଥିଲେ। ଯଦି ସେ ତାଙ୍କ ଇଭେଣ୍ଟରେ ଜିତନ୍ତି, ତେବେ ଉକ୍ତ ପାରା ସେହି ଖବରକୁ ନେଇ ତାଙ୍କ ଘରେ ପହଞ୍ଚାଇଦିଏ।

ଖ୍ରୀଷ୍ଟପୂର୍ବ ୬୩ରୁ ଖ୍ରୀଷ୍ଟାବ୍ଦ ୨୧ ମଧ୍ୟରେ ଗ୍ରୀକ୍ ଭୌଗୋଳିକ ଷ୍ଟ୍ରାବୋ ଉଲ୍ଲେଖ କରିଛନ୍ତି ଯେ, ମତ୍ସ୍ୟଜୀବୀଙ୍କ ପୋଷା ପାରା ଭୂମଧ୍ୟସାଗରୀୟ ଉପକୂଳରେ କିଛି ଦୂର ମଧ୍ୟରେ ଉଡି ବହୁ ସଂଖ୍ୟାରେ ମାଛ ଉପକୂଳକୁ ଆସିବା ଖବର ନେଇ ତଟଦେଶରେ ଅପେକ୍ଷା କରିଥିବା ମତ୍ସ୍ୟଜୀବୀଙ୍କୁ ଦେଉଥିଲେ।

ନ୍ୟୁଜ୍ ଏଜେନ୍ସି ରଏଟର୍ସ ୧୮୪୦ ଦଶକରେ ଖବର ସରବରାହ କରିବା ପାଇଁ ପାରାଙ୍କୁ ବ୍ୟବହାର କରିଥିଲା। ଟେଲିଗ୍ରାମ୍ ଉଦ୍ଭାବନ ହେବା ପରେ ପଲ୍ ଜୁଲିୟସ୍ ରଏଟରଙ୍କ ପାରାଗୁଡ଼ିକର ସେବା ବନ୍ଦ ହୋଇଗଲା। ୧୮୭୦ ମସିହାରେ ଶତ୍ରୁ ସୈନ୍ୟମାନଙ୍କ ଦ୍ୱାରା ପ୍ୟାରିସ୍ ଅବରୋଧ ସମୟରେ ପାରାମାନେ ସମଗ୍ର ଫ୍ରାନ୍ସରେ ବାର୍ତ୍ତା ସରବରାହ କରିଥିଲେ।

୧୯୧୫ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭରେ, ୱେଷ୍ଟର୍ନ ଫ୍ରଣ୍ଟରେ ଦୁଇଟି ପିଜନ କର୍ପସ୍ ପ୍ରତିଷ୍ଠା କରାଯାଇଥିଲା, ଯେଉଁଥିରେ ୪ଟି ପାରା ଓ ଜଣେ ହ୍ୟାଣ୍ଡଲର୍ ନିଯୁକ୍ତ ଥିବା ୧୫ଟି ପାରା ଷ୍ଟେଶନ୍ ରହିଥିଲା। ପିଜନ୍ କର୍ପସ୍ ଏତେ ସଫଳ ହୋଇଥିଲା ଯେ, ପରେ ଅଧିକ ପକ୍ଷୀଙ୍କୁ ନିଯୁକ୍ତ କରାଯାଇଥିଲା ଏବଂ ଉକ୍ତ ସେବା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିଲା। ଯୁଦ୍ଧ ଶେଷ ସୁଦ୍ଧା ୧୫୦ ମୋବାଇଲ୍ ଲଫ୍ଟରେ ୪୦୦ କର୍ମଚାରୀ ଓ ୨୨,୦୦୦ ପାରା ରହିଥିଲେ।

ଚିଠିଗୁଡିକ ଏକ ଛୋଟ ଧାତବ ଖୋଳରେ ରଖି ପାରାର ଗୋଡରେ ବାନ୍ଧି ଦିଆଯାଏ। ତା' ପରେ ପକ୍ଷୀଟିକୁ ମୁକ୍ତ କରିଦିଆଯାଏ ଏବଂ ଏହା ନିଜ ଲଫ୍ଟକୁ ଫେରି ଆସି ଏକ ଶବ୍ଦ କରି ପହଞ୍ଚିଥିବାର ସୂଚନା ଦିଏ। ଇଂଲଣ୍ଡ ଉପକୂଳରେ ଥିବା ପ୍ରତ୍ୟେକ ଏୟାରଫିଲ୍ଡର ନିଜସ୍ୱ ଲଫ୍ଟ ଥିଲା ଯାହାଦ୍ୱାରା ଶତ୍ରୁ ଆକ୍ରମଣ ବା ଅନୁପ୍ରବେଶ ସମୟରେ ପାରାଙ୍କ ଦ୍ୱାରା ବାର୍ତ୍ତା ପଠାଯାଇପାରିବ। ବୋମାବର୍ଷୀ ବିମାନର କର୍ମଚାରୀମାନେ ସାଧାରଣତଃ ଯୋଡ଼ିଏ ପାରା ସାଙ୍ଗରେ ରଖୁଥିଲେ। ଯଦି ଶତ୍ରୁ ଗୁଳିରେ ବିମାନଟି ତଳକୁ ଖସିପଡ଼େ, ତେବେ ସଙ୍ଗେ ସଙ୍ଗେ ପକ୍ଷୀ ବେକରେ ଦୁର୍ଘଟଣା ସ୍ଥଳର ବିବରଣୀ ସହିତ ଏକ ଚିଠି ବାନ୍ଧି ମୁକ୍ତ କରିଦିଆଯାଏ। ପ୍ରଥମ ବିଶ୍ୱଯୁଦ୍ଧରେ ଗୋଇନ୍ଦା ସେବାରେ ଏହି ପକ୍ଷୀଗୁଡ଼ିକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୪୦ରେ ୟୁରୋପର ଶତ୍ରୁ–ଅଧିକୃତ ଅଞ୍ଚଳରେ ୩୦୦ କ୍ରେଟ୍ ପାରା ପକାଯାଇଥିଲା। ପ୍ରତ୍ୟେକ ପକ୍ଷୀକୁ ୧୦ ଦିନର ଖାଦ୍ୟ ସହିତ ଏକ ବାକ୍ସରେ ପ୍ୟାକ୍ କରାଯାଇଥିଲା। ବାକ୍ସରେ ନିର୍ଦ୍ଦେଶନାମା ଏବଂ ପ୍ରଶ୍ନାବଳୀ ରଖାଯାଇଥିଲା। ଉଦ୍ଦେଶ୍ୟ ଥିଲା ଯଦି କେହି ସହଯୋଗୀ ବାକ୍ସଟି ପାଆନ୍ତି, ତେବେ ସେ ଶତ୍ରୁମାନଙ୍କ ଗତିବିଧି ବିଷୟରେ ସୂଚନା ସହ ପାରାଟିକୁ ଛାଡ଼ିଦେବେ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ୧୬,୫୪୪ ପାରାଙ୍କୁ ପାରାଶୁଟ ମାଧ୍ୟମରେ ଅଧିକୃତ ୟୁରୋପରେ ଛଡ଼ାଯାଇଥିଲା। ସେଥିମଧ୍ୟରୁ କେବଳ ୧,୮୪୨ ଫେରି ଆସିଥିଲେ।

୧,୦୦,୦୦୦ରୁ ଅଧିକ ବ୍ରିଟିଶ ପାରା ସାମରିକ ସେବାରେ ପ୍ରାଣ ହରାଇଥିଲେ। ରେଡ୍ କକ୍ ବୁଡ଼ି ଯାଉଥିବା ଜାହାଜର ଗ୍ରୀଡ୍ ରେଫରେନ୍ସ ନେଇ ଉଡ଼ିଯାଇଥିଲା ଏବଂ ଜାହାଜର କର୍ମଚାରୀମାନଙ୍କୁ ବଞ୍ଚାଇବାରେ ସାହାଯ୍ୟ କରିଥିଲା। ଅକ୍ଟୋବର ୧୯୧୮ରେ, ୭୭ତମ ଇନ୍‌ଫ୍ୟାଣ୍ଟ୍ରିର ୫୦୦ ପଦାତିକ ସୈନିକ ଫ୍ରାନ୍ସର ଆର୍ଗୋନରେ ଫସିଯାଇଥିଲେ। ତାଙ୍କ ପାଖରେ ଥିଲା ନା ଖାଦ୍ୟ ନା ଅସ୍ତ୍ରଶସ୍ତ୍ର। ଏଣେ ଶତ୍ରୁ ଆଡୁ ବୋମାମାଡ଼ ଜାରି ରହିଥାଏ। ମେଜର ଚେର ଆମି ନାମକ ପାରା ସାହାଯ୍ୟରେ ଉଦ୍ଧାର ପାଇଁ ବାର୍ତ୍ତା ପଠାଇଲେ। ପକ୍ଷୀଟି ଶତ୍ରୁର ଗୁଳିମାଡ଼ରେ ଆହତ ହୋଇ ତଳେ ପଡ଼ିଯାଇଥିଲା। ତା' ପରେ ସେ ପୁଣି ଉଡ଼ିବା ଆରମ୍ଭ କରି ୨୫ ମିନିଟରେ ୨୫ ମାଇଲ୍ ଅତିକ୍ରମ କରି ଡିଭିଜନ୍ ମୁଖ୍ୟାଳୟରେ ପହଞ୍ଚିଥିଲା। ଫଳରେ ଫସିଥିବା ଲୋକମାନେ ଉଦ୍ଧାର ପାଇଗଲେ। ଛାତିରେ ଗୁଳି ବାଜିବା, ଗୋଟିଏ ଆଖି ନଷ୍ଟ ହୋଇଯିବା ଏବଂ ଗୋଟିଏ ମାତ୍ର ସଂଯୋଜକ ଟିସୁ ଦ୍ୱାରା ଗୋଡ଼ଟି ଝୁଲୁଥିବା ଅବସ୍ଥାରେ ଚେର ଆମି ଏହି ବାର୍ତ୍ତା ପହଞ୍ଚାଇଥିଲା। ଯୁଦ୍ଧ ସମୟରେ ବିରଳ ସାହସିକତା ପାଇଁ ପ୍ରାଣୀଙ୍କୁ ଡିକିନ୍ ପଦକ ପ୍ରଦାନ କରାଯାଇଥାଏ। ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ୫୪ଟି ପଦକ ମଧ୍ୟରୁ ପାରାମାନେ ୩୨ଟି ପଦକ ପାଇଛନ୍ତି।

ଅନ୍ୟ ପଶୁଙ୍କ ଅପେକ୍ଷା ପାରାମାନେ ସଙ୍କଟ ସମୟରେ ମନୁଷ୍ୟର ସର୍ବୋତ୍ତମ ବନ୍ଧୁ ଅଟନ୍ତି। ସେମାନେ ଅଳ୍ପ କିଛି ଶସ୍ୟ ପାଇଁ ମଣିଷ ପାଖରେ ନିଜକୁ ଉତ୍ସର୍ଗ କରିଦିଅନ୍ତି। ସେମାନଙ୍କ ଅବଦାନ ଭୁଲିବାର ନୁହେଁ। ଆପଣଙ୍କୁ ସେମାନଙ୍କ ଋଣ ଦିନ ପରେ ଦିନ ପରିଶୋଧ କରିବାକୁ ପଡିବ।

ଇମେଲ: gandhim@nic.in

# ବିଷ ବଳୟ ଓ ବିଶ୍ୱ



ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଜନଜୀବନର ଦର୍ପଣ ଭାବେ ନିଜର ସ୍ୱତଃ ପ୍ରତିଷ୍ଠା ପାଇପାରିଥିବା ପ୍ରମୁଖ ଖବରକାଗଜ ନିରପେକ୍ଷ, ନିର୍ଭୀକ, ଦୈନିକ 'ଧରିତ୍ରୀ' କିଛି ମାସ ତଳୁ ସମାଜରେ ପ୍ଲାଷ୍ଟିକର ବ୍ୟବହାରକୁ ମୂଳୋତ୍ପାଟନ କରିବା ପାଇଁ ସମସ୍ତଙ୍କ ଭିତରେ ଏକ ଭାବଗତ ଆହ୍ୱାନ ସୃଷ୍ଟି କରିଥିଲା। ପ୍ରତିଦିନ ଶହ ଶହ ପାଠକ କେବଳ ଖବରକାଗଜରେ ତିଆରି ବିଭିନ୍ନ ଆକର୍ଷଣୀୟ ବ୍ୟାଗ୍ ପ୍ରସ୍ତୁତ କରି 'ଧରିତ୍ରୀ'କୁ ପଠାଉଥିଲେ, ଯାହାଦ୍ୱାରା ପ୍ଲାଷ୍ଟିକ ବିରୁଦ୍ଧରେ ଧରିତ୍ରୀର ଅଭିଯାନ ବେଶ୍ ଲୋକପ୍ରିୟ ମଧ୍ୟ ହୋଇପାରିଥିଲା। ଆମେ ଦୋକାନରୁ କିଛି କିଣିବା ପରେ, ସାଧାରଣତଃ ଦୋକାନୀ ପ୍ଲାଷ୍ଟିକ ବା ପଲିଥିନ୍ ମୁଣାରେ, ଜିନିଷ ବଢ଼ାଇଦିଏ। ଘରକୁ ଫେରି ଜିନିଷ ସାଇତିବା ପରେ ଆମେ ମୁଣାକୁ ଫୋପାଡ଼ିଦେଉ। ଅର୍ଥାତ୍ ଅଳ୍ପ କିଛି ସମୟ ଭିତରେ ଆମେ ମୁଣାଠାରୁ ମୁକ୍ତି ପାଇଯାଉ। କିନ୍ତୁ ନା ପ୍ରକୃତରେ ଆମେ ମୁକ୍ତି ପାଉନା। କାରଣ ଗୋଟିଏ ପଲିଥିନ ମୁଣା ସଂପୂର୍ଣ୍ଣ ଭାବେ ମାଟିରେ ମିଶିବା ପାଇଁ ଶହେରୁ ପାଞ୍ଚ ଶହ ବର୍ଷ ଲାଗିଯାଏ। ଆଉ ଏହି ଲମ୍ବା ସମୟ ମଧ୍ୟରେ ଏହା ପରିବେଶର କ୍ଷତି କରିଚାଲେ। ଏଣୁ ପରିବେଶର ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି ନିମନ୍ତେ ଆସନ୍ତୁ ପଲିଥିନ୍ ମୁଣା ବ୍ୟବହାର ନ କରିବା ପାଇଁ ଶପଥ ନେବା ଏବଂ ସର୍ବଦା ପୁନଃ ବ୍ୟବହାରଯୋଗ୍ୟ ମୁଣା ବ୍ୟବହାର କରିବା। ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ସାରା ବିଶ୍ୱରେ ବାର୍ଷିକ ପ୍ରାୟ ପଚାଶ ହଜାର କୋଟି ପଲିଥିନ ମୁଣା ଫୋପଡ଼ା ଯାଉଛି। ଏହାର ଅର୍ଦ୍ଧେକ କୌଣସି ନା କୌଣସି ବାଟରେ ସମୁଦ୍ରକୁ ଯାଉଛି। ଏହାର ଏକ କୁପରିଣାମ ସ୍ୱରୂପ ବାର୍ଷିକ ଦଶ ଲକ୍ଷ ସାମୁଦ୍ରିକ ପକ୍ଷୀ ଏବଂ ଏକ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ଅକାଳ ମୃତ୍ୟୁ ଘଟୁଛି। ମଣିଷ ମଧ୍ୟ ଏହା କବଳରୁ ମୁକ୍ତ ନୁହେଁ। ତେୟାନବେ ପ୍ରତିଶତ ଆମେରିକାନ୍‌ଙ୍କ ଶରୀରରେ ବିସ୍‌ଫିନୋଲ ଏ (ପ୍ଲାଷ୍ଟିକ୍ ତିଆରିରେ ବ୍ୟବହୃତ ରାସାୟନିକ) ଠାବ କରାଯାଇଥିବା ଏହାର ପ୍ରମାଣ। ଏହାଦ୍ୱାରା ହରମୋନ ଭାରସାମ୍ୟ ନଷ୍ଟ ହେଉଛି।

ସମଗ୍ର ବିଶ୍ୱ ଏକ ବିଷ ବଳୟ ମଧ୍ୟକୁ ଟାଣି ହୋଇଯାଉଥିବା ସ୍ପଷ୍ଟ ଅନୁମେୟ ହେଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୫୦ ବେଳକୁ ବିଶ୍ୱରେ ୨.୫ ନିୟୁତ ଟନ ପ୍ଲାଷ୍ଟିକଜନିତ ବର୍ଜ୍ୟ ଗଚ୍ଛିତ ଥିଲା। ୨୦୧୮ରେ ଏହା ୬୦୦ ନିୟୁତ ଟନ୍‌ରୁ ଅଧିକ ବୋଲି ସର୍ବେକ୍ଷଣ କରାଯାଇଛି। ସମ୍ପ୍ରତି ସମୁଦ୍ରରେ ୫ ଟ୍ରିଲିୟନ ପ୍ଲାଷ୍ଟିକ ରହିଛି। ବିଶ୍ୱରେ ଗୋଟିଏ ମିନିଟରେ ୧ ନିୟୁତ ପ୍ଲାଷ୍ଟିକ ବୋତଲ ଫିଙ୍ଗାଯାଉଛି। କିନ୍ତୁ ୫୦ ମାଇକ୍ରନ ଘନତ୍ୱର ପ୍ଲାଷ୍ଟିକ କ୍ଷୟ ହେବା ପାଇଁ ୪୦୦ରୁ ୪୦୦୦ ବର୍ଷ ସମୟ ଲାଗିଥାଏ। ପ୍ଲାଷ୍ଟିକ ନିର୍ଭରଶୀଳ ଜୀବନଶୈଳୀ ପରିହାର ଏକାନ୍ତ ଆବଶ୍ୟକ। ଓଡ଼ିଶାରେ ଅକ୍ଟୋବର ୨ରୁ ଓଡ଼ିଶା ପଲିଥିନ୍ ନନ୍‌ବାୟୋଡିଗ୍ରେଡେବୁଲ କଣ୍ଟ୍ରୋଲ ଆକ୍ଟ– ୨୦୧୮ ପ୍ରଣୟନ ହୋଇଛି। ଏହି ଅନୁଯାୟୀ ଛୋଟ ପ୍ଲାଷ୍ଟିକ ବୋତଲ ୨୦୦ ମିଲି, ୫୦୦ ମିଲି ପାଣି ବୋତଲ, ପାଣି ପାଉଚ, ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ଥର୍ମୋକୁଲ ଓ ପିଭିସି ବ୍ୟବହାରକୁ ନିଷିଦ୍ଧ କରାଯିବାର ବ୍ୟବସ୍ଥା ପ୍ରଶାସନ ଆଗକୁ କରିବାକୁ ଯାଉଛି। ଏହାର ଖିଲାପ କଲେ ଫୌଜଦାରି ମକଦ୍ଦମା ରୁଜୁ କରାଯିବା ସହିତ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ସରକାର ନିଷ୍ପତ୍ତି ନେଉଛନ୍ତି। ତେବେ ଆଇନ କିମ୍ବା ଦଣ୍ଡ ବ୍ୟବସ୍ଥା କରିଦେଲେ ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁଧାର ଆସିଯିବ ବୋଲି ଭାବିବା ଉଚିତ ନୁହେଁ। କାରଣ ଯେ ପର୍ଯ୍ୟନ୍ତ ଲୋକେ ନିଜେ ସଚେତନ ନ ହୋଇଛନ୍ତି ସମଗ୍ର ଜୀବଜଗତ ପ୍ରତି ବିପଦକୁ ଟାଳି ହେବନାହିଁ।

ବାସ୍ତବ କଥା ହେଉଛି ପ୍ଲାଷ୍ଟିକ ଜିନିଷ ବହୁତ ଶସ୍ତା, ସୁନ୍ଦର ମଜଭୁତ ହୋଇଥିବାରୁ ଲୋକେ ଏହାକୁ ଆପଣେଇ ନେଇଛନ୍ତି। ୨୦୫୦ ସୁଦ୍ଧା ପ୍ରତ୍ୟେକ ବର୍ଷ ୮ ମିଲିୟନ ଟନ୍ ପ୍ଲାଷ୍ଟିକ ସମୁଦ୍ରକୁ ଫିଙ୍ଗା ଚାଲିବ ବୋଲି ଏକ ଆକଳନ କରାଯାଉଛି। ଅଧିକାଂଶ ଜାଣି ନ ଥିବେ ବ୍ରହ୍ମାଣ୍ଡରେ ଯେତିକି ଗ୍ରହ ନକ୍ଷତ୍ର ଅଛନ୍ତି ତାହାଠାରୁ ୫୦୦ ଗୁଣ ଅଧିକ ପ୍ଲାଷ୍ଟିକ ଏବେ ସମୁଦ୍ରରେ ମହଜୁଦ ଅଛି। ଆଶ୍ଚର୍ଯ୍ୟର କଥା, ଯେଉଁଠାରେ ଲୋକ ନାହାନ୍ତି ସେଠାରେ ମଧ୍ୟ ପ୍ଲାଷ୍ଟିକ ପ୍ରଦୂଷଣ ଦେଖାଯାଇଛି। ପ୍ଲାଷ୍ଟିକରୁ ପଲିଷ୍ଟାୟୋରିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହେଉଛି। ତାହାର ପ୍ରାଦୁର୍ଭାବ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦେଖାଦେଉଛି। ତେଣୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ ଏକାନ୍ତ ଆବଶ୍ୟକ। ରାଜ୍ୟ ସରକାରଙ୍କ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମକୁ ସମସ୍ତେ ଗ୍ରହଣ କରିବା ଉଚିତ। ଏନ୍‌ଜିଟିରେ ବିଭିନ୍ନ ସମୟରେ ପରିବେଶ ଓ ପ୍ରଦୂଷଣକୁ ନେଇ ମାମଲା ଦାଏର କରୁଥିବା ଜନୈକ ଆଇନଜୀବୀଙ୍କ କହିବା ଅନୁଯାୟୀ ଆମେ ଇତିମଧ୍ୟରେ ଏନଜିଟିରେ ପ୍ଲାଷ୍ଟିକକୁ ନେଇ ଦୁଇଟି ପିଟିଶନ ଦାଖଲ କରିଛୁ। ଗୋଟିଏ କୋରାପୁଟର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଓ ଅନ୍ୟଟି ହେଉଛି ସୁବର୍ଣ୍ଣପୁର ପୌରପରିଷଦ ବିରୋଧରେ। ଗୁପ୍ତେଶ୍ୱର ମାମଲାରେ ଏନ୍‌ଜିଟି ସେଠାରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ଆଦେଶ ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରି ନାହାନ୍ତି। ଏହାବାଦ ସରକାର ଗଠନ କରିଥିବା ରାଜ୍ୟସ୍ତରୀୟ ତଦାରଖ କମିଟିର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ନେଇ ବୈଧାନିକ ବୈଠକ ନିୟମିତ ଭାବେ ବସୁ ନାହିଁ। ତେଣୁ ସରକାରଙ୍କ ପ୍ଲାଷ୍ଟିକମୁକ୍ତ ଅଭିଯାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ, କୋଣାର୍କ, ଭିତରକନିକା, ନନ୍ଦନକାନନ, ଚିଲିକା ଆଦି ଅଞ୍ଚଳକୁ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ କରିବା ପାଇଁ ୨୦୦୨ରୁ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଥିବାବେଳେ ତାହାର ସଫଳ ରୂପାୟନ ହୋଇପାରିନାହିଁ। ତେଣୁ ସରକାର ଏ ସମ୍ପର୍କରେ ଯେପର୍ଯ୍ୟନ୍ତ କଠୋର ହୋଇ ନାହାନ୍ତି ସେ ପର୍ଯ୍ୟନ୍ତ ଏହି ଆଇନର କାର୍ଯ୍ୟକାରିତା ପ୍ରଶ୍ନବାଚୀ ମଧ୍ୟରେ ରହିବ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ଜୟପୁର ଡିଭିଜନ, କୋରାପୁଟ, ମୋ: ୯୪୩୭୨୫୭୧୨୩

## ଏଇ ଭାରତରେ

କଲେଜରେ ପଢ଼ିବା ସହ ଗୋଟିଏ ବଖରା ଘରେ ଛତୁଚାଷ କରି ତିନିଜଣ ଛାତ୍ର ମାସକୁ ପାଖାପାଖି ୭୬ ହଜାର ଟଙ୍କା ରୋଜଗାର କରିବା ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ। କର୍ନାଟକ ମହୀଶୂରର ଜେଏସ୍‌ଏସ୍ ଏକାଡେମୀ ଅଫ୍ ହାୟର ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ଏମ୍‌ଏସ୍‌ସି (ମାଇକ୍ରୋବାୟୋଲୋଜି) ଛାତ୍ର କ୍ଲିଣ୍ଟ ଡେଭିସଙ୍କ ତତ୍ତ୍ୱାବଧାନରେ ଏହି ଛତୁଚାଷ ହେଉଛି। ସେହି କଲେଜରେ ବିଏସ୍‌ସି ଶେଷ ବର୍ଷ ଛାତ୍ର ଥିବା ସମୟରେ ୨୦୧୭ରେ ସେ ଛତୁଚାଷ ଆରମ୍ଭ କରିଥିଲେ ବୋଲି କହନ୍ତି ୨୪ ବର୍ଷୀୟ ଡେଭିସ। ଏଥିପାଇଁ ସେ 'ଫୁଙ୍ଗେ ମସ୍‌ରୁମ୍' ଷ୍ଟାର୍ଟଅପ୍ ମାଧ୍ୟମରେ ପ୍ରଥମେ ଏକାକୀ ୨୫୦ ବର୍ଗଫୁଟ୍‌ର ଭଡ଼ାଘରେ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସ୍ଥାନୀୟ ହର୍ଟିକଲଚର ବିଭାଗର ସାହାଯ୍ୟ ଲୋଡିଥିଲେ। ପ୍ରଥମେ ୧୦ କେଜି ଛତୁ ଉତ୍ପାଦନ କରି ବିକ୍ରି କରିଥିଲେ। ପରେ ରୁମ୍‌ମେଟ୍ ଅଜୟ ଜୋସେ ଓ ରାଜ କିରଣ ଏଥିରେ ସାମିଲ ହୋଇଥିଲେ। ସେମାନେ ଅର୍ଗାନିକ ଛତୁ ଉତ୍ପାଦନ ଆରମ୍ଭ କରି ତିନିବର୍ଷ ପରେ ଚାଷରୁ ଏବେ ମାସକୁ ଉପରୋକ୍ତ ପରିମାଣର ଟଙ୍କା ଆୟ କରୁଛନ୍ତି। ଚାଷକୁ ବଢ଼ାଇବା ଲାଗି ସେମାନେ କ୍ୟାଟରିଂ ଓ ଡେଲିଭରି ଜବ୍ ଭଳି ପାର୍ଟଟାଇମ୍ କାମ କରି ପାଣ୍ଠି ଯୋଗାଡ଼ କରିଥିଲେ। ସେହି ଛୋଟ ଘର କଡ଼ରେ ଏବେ ୫୨୫ ବର୍ଗଫୁଟର ଶେଡ୍ ନିର୍ମାଣ କରି ଚାଷକୁ ବଢାଇଛନ୍ତି। ପ୍ରାୟ ୫ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଏଥିପାଇଁ ଆବଶ୍ୟକ ହ୍ୟୁମିଡିଫାୟର ଓ ଟେମ୍ପରେଚର ରେଗୁଲେଟିଂ ଫ୍ୟାନ୍ ସେମାନେ ନିଜେ ତିଆରି କରିଛନ୍ତି। ଚାଷ କରୁଥିବା ମିଲ୍କି ମସ୍‌ରୁମ୍ ବା ଧଳା ଛତୁର ଚାହିଦା ବି ବେଶି ଓ ଏହାକୁ କିଲୋ ପ୍ରତି ୩୫୦ ଟଙ୍କାରେ ବିକ୍ରିକରି ସେମାନେ ପ୍ରଚୁର ଲାଭ କରୁଛନ୍ତି। ତିନିଜଣ ତିନି ମାସରେ ୧,୦୦୦ କେଜି ଛତୁ ଉତ୍ପାଦନ କରୁଛନ୍ତି। ଏଥିପାଇଁ ଏହି ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୯୫

- ଆମେରିକୀୟ ମହାକାଶଯାନ ଆଟଲାଣ୍ଟିସ ଦୀର୍ଘ ୧୦ ଦିନ ବ୍ୟାପୀ ମହାକାଶରେ ରହିବା ସହ ରୁଷିଆର ମହାକାଶଯାନ ମିଇ ସହ ସଂଯୋଗ ସ୍ଥାପନ କରି ଫ୍ଲୋରିଡାସ୍ଥିତ କେନ୍ଦ୍ରରେ ଅବତରଣ କରିଛି।
- ଚାଇନାରେ ଜନ୍ମିତ ଆମେରିକୀୟ ମାନବାଧିକାର କର୍ମକର୍ତ୍ତା ହାରି ଓ୍ୟୁଙ୍କୁ ବେଆଇନ ଭାବେ ଚାଇନାରେ ପ୍ରବେଶ କରିବା, ଚାଇନା ଦେଶର ଗୁପ୍ତ ଖବର ସଂଗ୍ରହ କରିବା ଏବଂ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ପାଇଁ ଗିରଫ କରାଯାଇଛି।
- ବାହୁଡ଼ା ଯାତ୍ରାରେ ପହଣ୍ଡି ବିଜେ କରି ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶରଧାବାଲିକୁ ଆସୁଥିବା ସମୟରେ ଶ୍ରୀଜଗନ୍ନାଥ ଦୁଇଥର ପଡ଼ିଯାଇଥିବା ଜଣାପଡ଼ିଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | 7 | | | A | | | | | |
| | | | | | 5 | | | | | C | 9 | | B | |
| A | | | | | | | 8 | D | | E | B | | | |
| | | D | | 9 | 4 | | | 1 | 0 | | 2 | | | |
| | | | | 1 | 3 | B | | 9 | | | | 8 | 7 | E |
| | 6 | | 4 | D | | | A | | | 7 | | | C | |
| 8 | | | | A | | | 3 | B | 4 | 2 | | | D | 1 |
| | | 3 | | | | C | D | | | | | | A | B |
| | | | | 3 | | | 7 | | | 0 | | | E | |
| 9 | | 4 | | 6 | 2 | | | | | 5 | A | | | |
| | | | B | | 0 | | | | 9 | 8 | C | 2 | | |
| 1 | 3 | 8 | 5 | | 7 | D | | | | B | | 4 | | |
| 4 | | | | | | 2 | | 8 | 5 | A | 0 | C | | |
| | | 0 | | | | | | | | | | | | |
| | | | 6 | | | | 5 | | D | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 5 | D | 2 | 7 | C | E | B | A | 0 | 4 | 1 | 9 | 6 | 8 |
| 8 | 2 | 1 | E | 6 | D | 0 | C | 5 | B | 7 | 9 | 3 | A | 4 |
| B | 7 | A | 1 | 0 | 4 | 3 | 9 | 2 | D | 6 | 8 | 5 | E | C |
| 9 | 4 | 0 | A | 5 | 8 | 1 | 7 | 6 | C | 3 | E | D | 2 | B |
| C | E | 6 | 3 | B | 9 | 4 | 8 | D | 5 | 2 | A | 7 | 1 | 0 |
| D | 3 | 2 | 7 | 8 | 6 | A | 1 | 4 | E | 9 | 0 | B | C | 5 |
| 6 | 1 | 5 | 9 | C | E | 7 | 0 | B | 4 | 8 | D | A | 3 | 2 |
| 7 | A | E | 4 | 2 | 3 | D | 5 | 8 | 6 | B | C | 1 | 0 | 9 |
| 0 | 8 | C | B | 1 | 5 | 6 | 2 | 9 | 3 | A | 7 | 4 | D | E |
| 4 | B | 9 | D | A | 0 | C | 3 | E | 2 | 1 | 5 | 6 | 8 | 7 |
| A | 9 | B | 8 | D | 7 | 5 | 6 | C | 1 | E | 2 | 0 | 4 | 3 |
| 1 | C | 3 | 0 | E | B | 8 | A | 7 | 9 | D | 4 | 2 | 5 | 6 |
| E | 6 | 7 | 5 | 4 | 1 | 2 | D | 3 | 8 | 0 | B | C | 9 | A |
| 5 | D | 4 | 6 | 9 | 2 | B | E | 0 | A | C | 3 | 8 | 7 | 1 |
| 2 | 0 | 8 | C | 3 | A | 9 | 4 | 1 | 7 | 5 | 6 | E | B | D |

ଗତକାଲିର ଉତ୍ତର

# ଆସ ଅର୍ଥନୀତିକୁ ବାଟକୁ ଆଣିବା



ଡ. ଷ୍ଟାଲିନ ମିଶ୍ର

କେବଳ ନରେନ୍ଦ୍ର ମୋଦି ବା ସରକାର ଚାହିଁଲେ ଦେଶର ଅର୍ଥନୀତି ବଦଳିଯିବ ବୋଲି ଭାବିବା ଭୁଲ। ଭାରତ ବିଶ୍ୱର ସର୍ବବୃହତ୍ ପ୍ରଗତିଶୀଳ ଅର୍ଥନୀତି। ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇଥିବାରୁ ଏହା ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାର କ୍ଷମତା ରଖୁଛି। ତଥାପି ଏଯାବତ୍ ଭାରତ ଅର୍ଥନୈତିକ ସ୍ୱାବଲମ୍ବୀ ହୋଇପାରି ନାହିଁ। ସରକାର ଯୋଜନା ପରେ ଯୋଜନା କରୁଥିଲେ ମଧ୍ୟ ଲୋକେ ତା'ର ଉପଯୋଗିତାକୁ ଉପଲବ୍ଧି କରିବାରେ ବିଫଳ ହେଉଛନ୍ତି। ଏଥିରେ ଉଭୟ ସରକାର ଓ ଜନତାଙ୍କ ତ୍ରୁଟି ପରିଲକ୍ଷିତ। ଏହା ନିଶ୍ଚିତ ଯେ, ଭାରତରେ ଅଧାରୁ ଅଧିକ ଯୋଜନା ଜନତା ବା ଦେଶର ହିତକୁ ଦେଖି ନୁହେଁ, ବରଂ ରାଜନୈତିକ ଦୃଷ୍ଟିକୋଣରୁ ଉପଯୋଗୀ ହେଲା ଭଳି କରାଯାଏ। ଭୋଟ୍‌ବ୍ୟାଙ୍କକୁ କିପରି ସୁରକ୍ଷିତ ରଖାଯାଇପାରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ଯୋଜନା ପ୍ରସ୍ତୁତ କରାଯାଏ। ଏଥିପାଇଁ ଆମ ଦେଶରେ ଅଧିକରୁ ଅଧିକ ଯୋଜନା ସାଧାରଣ ଜନତାଙ୍କ କାମରେ ଲାଗିପାରେ ନାହିଁ। ଯଦି ଯୋଜନା କଲାବେଳେ ରାଜନୈତିକ ଲାଭକ୍ଷତିକୁ ବିଚାର ନ କରି କେବଳ ଦେଶହିତ ବା ଜନହିତକୁ ଧ୍ୟାନ ଦିଆଯାଆନ୍ତା, ତେବେ ଜନତା ଉପକୃତ ହେବା ସହିତ ଦେଶର ଅର୍ଥନୀତି ବି ସୁଦୃଢ଼ ହୋଇପାରନ୍ତା।

୨୦୧୪ ମେ ମାସରେ ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନରେ ବିଜୟ ଲାଭ କରି କ୍ଷମତାକୁ ଆସିଥିଲା। ଜନତାଙ୍କ ଆଶା ଥିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ଲୋଗାନ୍ 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ଏବଂ 'ଅଚ୍ଛେ ଦିନ୍' ବା ଭଲ ସମୟର ପ୍ରତିଶ୍ରୁତି କେବଳ ସ୍ଲୋଗାନ୍ ନ ହୋଇ ବାସ୍ତବଧର୍ମୀ ହେବ ବୋଲି। ଅବଶ୍ୟ ପ୍ରଧାନମନ୍ତ୍ରୀ ଅର୍ଥନୀତିରେ କିଛି ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବାରେ ସଫଳ ହୋଇଥିଲେ, ଯେପରି କି 'ନୂତନ ଦେବାଳିଆ ଆଇନ', 'ମୁଦ୍ରାନୀତି' ଏବଂ 'ଜିଏସ୍‌ଟି'। କିନ୍ତୁ ଏସବୁ ସଂସ୍କାର ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିପାରିନି। ଏଥିପାଇଁ ଏହି ସଂସ୍କାରଗୁଡ଼ିକ ଆଣିବା ପୂର୍ବରୁ ଯଥୋଚିତ ଅନୁସନ୍ଧାନର ଅଭାବ, ଉଲ୍ଲେଖନୀୟ ବ୍ୟତିକ୍ରମ, ଅର୍ଥନୀତିରେ ଅପରିପକ୍ୱ ରାଜତନ୍ତ୍ର, କଷ୍ଟଦାୟକ ପ୍ରଶାସନିକ ବିଧି, ଖରାପ କାର୍ଯ୍ୟକାରିତା ଏବଂ ପର୍ଯ୍ୟାପ୍ତ ନିୟାମକ କ୍ଷମତାର ଅଭାବ ଦାୟୀ ବୋଲି ଅନୁମାନ କରାଯାଏ। କେବଳ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଅଣାଯାଇଥିବା ସଂସ୍କାର ଲୋକାଭିମୁଖୀ ହେବ କିପରି? ଅର୍ଦ୍ଧରାତ୍ର ବିମୁଦ୍ରୀକରଣ ପ୍ରକ୍ରିୟା ଆଉ ଏକ ବୌଦ୍ଧିକ ଅପରିପକ୍ୱତାର ପରିଚୟ। ନା ବିଦେଶରେ ଗଚ୍ଛିତ କଳାଧନ ଦେଶକୁ ଫେରିଆସିଲା ନା କୌଣସି ଜଣେ ହେଲେ ବି ଦୁର୍ନୀତିଗ୍ରସ୍ତ ନେତା ଧରାପଡ଼ିଲେ। କେବଳ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେ। କୁଟୀରଶିଳ୍ପ ଉଜୁଡ଼ିଗଲା, କ୍ଷୁଦ୍ର ଓ ମଧ୍ୟମବର୍ଗ ରାସ୍ତାକୁ ଆସିଗଲେ। ବେକାରି ସମସ୍ୟା ହୁ ହୁ ହୋଇ ବଢ଼ିଚାଲିଲା। ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ଶାସନର ବହୁ ବର୍ଷ ପରେ ବି କୌଣସି ସକାରାତ୍ମକ ପରିବର୍ତ୍ତନ ନ ଦେଖି ତାଙ୍କୁ ଯେବେ ଏ ବିଷୟରେ ପ୍ରଶ୍ନ କରାହେଲା ସେତେବେଳେ ସେ ତାଙ୍କ ଚିରାଚରିତ ଢଙ୍ଗରେ ଶବ୍ଦଜାଲ ସାହାଯ୍ୟରେ ଜନତାଙ୍କୁ ପକୁଡି ବିକିବାର ପରାମର୍ଶ ଦେବାକୁ ପଛେଇ ନ ଥିଲେ। ଗୋଟେ ପରେ ଗୋଟେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ, ତୈଳଦର ବୃଦ୍ଧି, ରନ୍ଧନ ଗ୍ୟାସର ଦରବୃଦ୍ଧି, ବିକାଶ ନାମରେ ନୂଆ ନୂଆ ଟିକସ, ଆୟକର ସ୍ଲାବ୍ କ୍ରମାଗତ ଭାବେ ଅପରିବର୍ତ୍ତିତ ରଖିବା ହେଉ କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ଜନତାଙ୍କ ଅର୍ଥନୈତିକ ମେରୁଦଣ୍ଡକୁ ଦୁର୍ବଳ କରିଚାଲିଛି। ଆଶ୍ଚର୍ଯ୍ୟର କଥା ଯେ ସରକାର ଭାରତୀୟ ଅର୍ଥନୀତିକୁ ୭ ପ୍ରତିଶତ ଅଭିବୃଦ୍ଧି ହାରରୁ ଉପରକୁ ଉଠାଇବାରେ ସଫଳ ହୋଇପାରିନାହାନ୍ତି। ଅତୀତରେ ରିଜର୍ଭବ୍ୟାଙ୍କ ମୁଖ୍ୟ ରଘୁରାମ ରାଜନ ବା ଉର୍ଜିତ ପଟେଲଙ୍କୁ ବହିଷ୍କାର କରାଯିବା ସହ ତାଙ୍କ ବଦଳରେ ଅର୍ଥନୈତିକ ପୃଷ୍ଠଭୂମି ନ ଥିବା ଜଣେ ବିଶ୍ୱସ୍ତ ଅମଲାତନ୍ତ୍ରୀଙ୍କୁ ଅବସ୍ଥାପିତ କରିବା ଦେଶ ପାଇଁ ଶୁଭ ସଙ୍କେତ ସାବ୍ୟସ୍ତ ହୋଇନାହିଁ। ଛୋଟରୁ ଛୋଟ ଉତ୍ପାଦଟେ ପାଇଁ ଆମେ ବି ଅନ୍ୟ ଦେଶ ଉପରେ ନିର୍ଭରଶୀଳ। 'ମେକ୍ ଇନ୍ ଇଣ୍ଡିଆ' କେବଳ ପ୍ରଚାରରେ ସୀମିତ ହୋଇ ରହିଯାଇଛି। ବିଏସ୍‌ଏନ୍‌ଏଲ୍ ହେଉ ଅବା ଦୂରଦର୍ଶନ ବା ଏୟାରଇଣ୍ଡିଆ ରାଷ୍ଟ୍ରାୟତ୍ତ ସଂସ୍ଥାମାନ କ୍ରମାଗତ କ୍ଷତି ସହୁଥିବାବେଳେ ଘରୋଇ ପ୍ରତିଯୋଗୀମାନଙ୍କର ଲାଭ ବହୁଗୁଣିତ ହୋଇଚାଲିଛି। ଏଥିରୁ ସ୍ପଷ୍ଟ ଅନୁମାନ ଲଗାଯାଇପାରିବ ସରକାରଙ୍କ ନୀତି ଦେଶର ଅର୍ଥନୀତିକୁ ବାଟକୁ ଆଣିବାକୁ ସକ୍ଷମ ହୋଇପାରୁନି। ଘରେ ଘରେ ଚାଇନା ସାମଗ୍ରୀର ବହୁଳ ପ୍ରୟୋଗ ହେଉଥିବାବେଳେ ସରକାର ଲୋକଙ୍କୁ ଚାଇନା ସାମଗ୍ରୀ ବହିଷ୍କାର କରିବାକୁ କହିଦେଲେ ଦାୟିତ୍ୱ ସରିଗଲା ବୋଲି ଭାବିବା ଭୁଲ। କାରଣ ସରକାରଙ୍କ ପ୍ରତିପକ୍ଷ ସହଯୋଗ ବିନା ବିଦେଶୀ ସାମଗ୍ରୀ ଦେଶର ବଜାରରେ ଉପଲବ୍ଧ ହେବା ଅସମ୍ଭବ। ଶତପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗର ଯୁଗରେ ଆତ୍ମନିର୍ଭର ହେବା କିପରି ସମ୍ଭବ ହେବ। ବ୍ୟବସାୟ ପ୍ରତିଷ୍ଠାନ ପଞ୍ଜୀକରଣଠାରୁ ସଂସ୍ଥାଟିକୁ ବନ୍ଦ କରିବା ପଦ୍ଧତି ଅଧିକ ଜଟିଳ ହୋଇପଡିଛି। ତେଣୁ ସରକାରଙ୍କୁ ବ୍ୟବସାୟ ପ୍ରତିଷ୍ଠାନ ପଞ୍ଜୀକରଣ ଓ ଅନୁପାଳନ ପଦ୍ଧତିର ସରଳୀକରଣ କରିବାକୁ ପଡ଼ିବ, ଏହା ଦେଶକୁ ଆତ୍ମନିର୍ଭର ହେବାରେ ସହାୟକ ହେବ।

ଏ ତ ଗଲା ସରକାରଙ୍କ କଥା, ଖାଲି ସରକାରଙ୍କୁ ଦୋଷ ଦେଲେ କିଛି ଲାଭ ହେବନି। ଏବେ ଆସନ୍ତୁ ଜାଣିବା ସାଧାରଣ ନାଗରିକ ହିସାବରେ ଆମେ କ'ଣ କରିପାରିବା। ସରକାରୀ ଯୋଜନାଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ବସିରହିବା କିମ୍ବା ନିଜକୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା ନ କରିବା ମୂର୍ଖାମିର ପରିଚୟ। ନିଜର ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଘରୋଇ ଉତ୍ପାଦନ ଉପରେ ଧ୍ୟାନ ଦେଲେ ବଜାର ଉପରେ ନିର୍ଭରତା କମିବ। କୃଷି ଓ କୁଟୀରଶିଳ୍ପ, ଯାହାକୁ ଭାରତର ଅର୍ଥନୈତିକ ମେରୁଦଣ୍ଡ ବୋଲି କୁହାଯାଏ, ତାହା ଏବେ ଅବହେଳିତ। ଆତ୍ମନିର୍ଭର ହେବା ଅତ୍ୟନ୍ତ ଜରୁରୀ। ସମ୍ପ୍ରତି କରୋନା ମହାମାରୀ ଆମମାନଙ୍କୁ ସ୍ୱଳ୍ପ ସଂସାଧନରେ ବଞ୍ଚିବା ଶିଖାଇ ସାରିଛି। ଅଯଥା ବିଦେଶୀ ସାମଗ୍ରୀର ବ୍ୟବହାର ପରିବର୍ତ୍ତେ ସ୍ୱଦେଶୀ ଜ୍ଞାନକୌଶଳରେ ଅତ୍ୟାବଶ୍ୟକ ଉତ୍ପାଦଗୁଡ଼ିକର ଉତ୍ପାଦନ ତଥା ବହୁଳ ବ୍ୟବହାର ଦେଶର ଅର୍ଥନୀତିକୁ ଦୃଢ଼ କରିବାରେ ସାହାଯ୍ୟ କରିବ। ଯେପରି ଗାଡ଼ିମୋଟରର ବହୁଳ ବ୍ୟବହାର ପରିବର୍ତ୍ତେ ସାଇକେଲର ବ୍ୟବହାର ତୈଳଦର ବୃଦ୍ଧିକୁ ପ୍ରଭାବଶୂନ୍ୟ କରିପାରେ ସେପରି ସ୍ୱଦେଶୀ ଜୀବନଚର୍ଯ୍ୟା ଅଯଥା ବିଦେଶୀ ସାମଗ୍ରୀ ଉପରେ ନିର୍ଭରତାକୁ କମ୍ କରିଦେଇପାରେ। ଗ୍ରାମୀଣ ସ୍ତରରେ କୁଟୀରଶିଳ୍ପ ତଥା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମାନ ଗଢ଼ିଉଠିଲେ ବଜାରରେ ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଚାହିଦା କମିଯିବ। ଯୁବକମାନେ ଆତ୍ମନିର୍ଭର ହେବା ସହ ଦେଶର ପ୍ରଗତିରେ ଭାଗୀଦାର ହୋଇପାରିବେ। ତେଣୁ ମୁଁ ଆଉଥରେ କହି ରଖିବାକୁ ଚାହେଁ ଦେଶର ଅର୍ଥନୀତିକୁ ବାଟକୁ ଆଣିବା ମୋଦିଙ୍କ ହାତରେ ନୁହେଁ ଆମମାନଙ୍କ ହାତରେ ଅଛି।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର

## ପାଠକ ଶ୍ରେଷ୍ଠ ବିଚାରକ

### ବାଉଁଶ ଚାଷ ପାଇଁ ପଦକ୍ଷେପ ନିଆଯାଉ

ମହାଶୟ,

ଧରିତ୍ରୀରେ ପ୍ରକାଶିତ 'ଏଇ ଭାରତରେ' ଅନୁସାରେ ଏକ ଆକଳନରୁ ଜଣାପଡ଼ିଛି ଯେ ବର୍ଷକୁ ପ୍ରାୟ ୪୦,୦୦୦ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ଝାଡୁମୁଠା ତିଆରି କରିବାରେ ବ୍ୟବହାର କରାଯାଏ। ଏହି ଝାଡୁ ଅଦରକାରୀ ହେବା ପରେ ଫୋପାଡି ଦେବା ଦ୍ୱାରା ପଡ଼ିରହି ପରିବେଶକୁ ପ୍ରଦୂଷିତ କରେ। ତ୍ରିପୁରାରେ ଅବସ୍ଥାପିତ ୨୦୧୦ ବ୍ୟାଚ୍‌ର ଭାରତୀୟ ବନ ସେବା ଅଧିକାରୀ (ଆଇଏଫ୍‌ଏସ୍) ପ୍ରସାଦ ରାଓ ବନ ଧନ ବିକାଶ କାର୍ଯ୍ୟକ୍ରମ ଜରିଆରେ ପ୍ଲାଷ୍ଟିକ୍ ବଦଳରେ ବାଉଁଶ ମୁଠା ଲଗାଇବା ପାଇଁ ଏକ ନୂଆ ଉପାୟ ବାହାର କରିଛନ୍ତି। ଏହା ମଧ୍ୟ ପ୍ଲାଷ୍ଟିକ୍ ମୁଠା ଝାଡୁ ମୂଲ୍ୟଠାରୁ ବହୁତ ଶସ୍ତା। ତାଙ୍କର ଏପରି ଅଭିନବ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ। ଭାରତରେ ୧୦୦ ପ୍ରଜାତିର ବାଉଁଶ ଦେଖିବାକୁ ମିଳେ। ଏହା ଶୀଘ୍ର ବଢ଼େ, ପ୍ରାୟ ଗୋଟିଏ ଦିନରେ ୧ ମିଟର। ପଶ୍ଚିମବଙ୍ଗ ରାଜ୍ୟ 'କାଟଲାମାରା' ହେଉଛି ଏକ ଛୋଟ ମଫସଲ ଗାଆଁ। ସେଠାରେ ଲୋକମାନେ ପ୍ରାୟ ୮୦୦ ଏକର ଜମିରେ ବାଉଁଶ ଚାଷ କରି ବାଉଁଶରୁ ତିଆରି ବଂଶୀ, ଜାଭେଲିନ୍, ଘରୋଇ ଆସବାବପତ୍ର ଏବଂ ବିଭିନ୍ନ ପ୍ରକାରର ଉନ୍ନତମାନର ସୌଖୀନ ଗୃହ ସାମଗ୍ରୀ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ବିକ୍ରୟ କରୁଛନ୍ତି। ଏହାଦ୍ୱାରା ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହି ବାଉଁଶ ତିଆରି ସାମଗ୍ରୀଗୁଡ଼ିକର ବିଦେଶରେ ବିଶେଷତଃ ୟୁରୋପରେ ବହୁତ ଚାହିଦା। ସରକାର ବିଭିନ୍ନ ପ୍ରଜାତିର ବାଉଁଶ ଚାଷ ପାଇଁ ପଦକ୍ଷେପ ନେଲେ ଲୋକମାନେ ପରିଶ୍ରମ ସହ ରୋଜଗାର କରି ସେମାନଙ୍କର ଗୁଜୁରାଣ ମେଣ୍ଟାଇ ପାରିବେ।

ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଳା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ! (ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଙ୍କୁ ୧୨,୪୫୦ କୋଟି

ନୂଆଦିଲ୍ଲୀ,୮।୭

ଦେଶର ୩ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଙ୍କୁ ସରକାର ୧୨,୪୫୦ କୋଟି ଟଙ୍କାର ପୁଞ୍ଜି ଯୋଗାଇଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ବୁଧବାର ଏ ନେଇ ନିଷ୍ପତ୍ତି ହୋଇଛି। ସାଧାରଣ ବୀମା କମ୍ପାନୀଗୁଡ଼ିକର ପୁଞ୍ଜିକୁ ବଢାଇ ସେଗୁଡିକ ଦୃଢ଼ୀକରଣ କରିବା ଲକ୍ଷ୍ୟ ରହିଛି। ସେହିଭଳି



## ୩ କମ୍ପାନୀର ମିଶ୍ରଣ ଯୋଜନା ବନ୍ଦ

୩ କମ୍ପାନୀର ମିଶ୍ରଣ ଯୋଜନାକୁ ସରକାର ବର୍ତ୍ତମାନ ବନ୍ଦ ରଖିଛନ୍ତି। କମ୍ପାନୀଗୁଡିକୁ ସଶକ୍ତ କରିବା ସହ ଅଭିବୃଦ୍ଧି କରାଇବା ଲାଗି ପୁଞ୍ଜି ଯୋଗାଣ ପଦକ୍ଷେପ ସରକାର ଗ୍ରହଣ କରିଥିବା ଜଣାପଡ଼ିଛି। ଏହା ମଧ୍ୟରେ ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଏବଂ ୟୁନାଇଟେଡ୍ ଇନ୍ସ୍ୟୁରାନ୍ସ କମ୍ପାନୀ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ଏହା ମଧ୍ୟରେ ଗତ ବର୍ଷ ଘୋଷଣା କରାଯାଇଥିବା ୨,୫୦୦ କୋଟିର ପୁଞ୍ଜି ଯୋଗାଣ ମଧ୍ୟ ସାମିଲ ରହିଛି। କମ୍ପାନୀଗୁଡିକ ଅଧିକ ପୁଞ୍ଜି ଲାଭ କରିବା ଫଳରେ ସଶକ୍ତ ହେବାକୁ ସକ୍ଷମ ହେବେ ବୋଲି ଜାଭଡେକର କହିଛନ୍ତି।

## ପ୍ରବାସୀ ଶ୍ରମିକଙ୍କୁ ସୁଲଭ ଭଡ଼ାଘର

ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ନିର୍ମାଣ କରାଯାଉଥିବା ଛୋଟଛୋଟ ଫ୍ଲାଟ୍‌ଗୁଡିକୁ ପ୍ରବାସୀ ଶ୍ରମିକ ଏବଂ ଗରିବଙ୍କୁ ସୁଲଭ ଭଡ଼ାଘର ଭାବେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା ପ୍ରାଥମିକ ପର୍ଯ୍ୟାୟରେ ୩ ଲକ୍ଷ ଲୋକ ଲାଭବାନ ହେବେ। ସରକାରଙ୍କ ଆର୍ଥିକ ସହାୟତାରେ ସହରରେ ଏହି ଫ୍ଲାଟ୍‌ଗୁଡିକ ନିର୍ମାଣ କରାଯିବ। ଯୋଜନାରେ ୬୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି।

## କୃଷି ବିକାଶ ଲାଗି ଲକ୍ଷେ କୋଟି

କୃଷି ଭିତ୍ତିଭୂମି ବିକାଶ ଲାଗି ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିଲାଗି ୧ ଲକ୍ଷ କୋଟି ଟଙ୍କାର ଏଗ୍ରି ଇନ୍ଫ୍ରା ଫଣ୍ଡ ଗଠନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ନଭେମ୍ବର ଯାଏ ବଢାଇବା ନେଇ ନିଷ୍ପତ୍ତି ହୋଇଛି। ଏହାର ଅବଧି ଜୁନ ଯାଏ ଥିବା ବେଳେ ସରକାର ବର୍ତ୍ତମାନ ସ୍ଥିତିକୁ ନଜରରେ ରଖି ଅବଧି ବଢ଼ାଇ ଦିଆଯାଇଛି।

## ଇପିଏଫ୍ ଯୋଗଦାନରେ ସରକାରଙ୍କ ସହାୟତା

କମ୍ପାନୀ ଏବଂ କର୍ମଚାରୀଙ୍କ ଫାଇଦା ଲାଗି ସରକାରଙ୍କ ପକ୍ଷରୁ ୨୪% ଇପିଏଫ୍ ଯୋଗଦାନକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଅନ୍ତତଃ ପକ୍ଷେ ୧୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ସଂସ୍ଥା ଏବଂ ୯୦% କର୍ମଚାରୀଙ୍କ ବେତନ ୧୫ ହଜାରରୁ କମ୍ ହୋଇଥିଲେ ଏହି ସୁବିଧାର ଲାଭ ଉଠାଇହେବ। ସେହି କମ୍ପାନୀଗୁଡିକର ଇପିଏଫ୍ ଯୋଗଦାନ ସରକାର କରିବେ। ଚଳିତ ବର୍ଷ ମାର୍ଚ୍ଚରୁ ଅଗଷ୍ଟ ସମୟ ଅବଧି ପାଇଁ କମ୍ପାନୀଗୁଡିକ ଲାଗି ଏଭଳି ସୁବିଧା ରହିଛି। ଚଳିତ ବର୍ଷ ମେ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ନେଇ ଘୋଷଣା କରିଥିଲେ। ୩.୬୩ ଲକ୍ଷ ସଂସ୍ଥା ଏବଂ ୭୨.୨୨ ଲକ୍ଷ କର୍ମଚାରୀ ଏହାଦ୍ୱାରା ଲାଭବାନ ହେବେ ବୋଲି କୁହାଯାଉଛି।

# ରେନୋ କ୍ୱିଡ୍ ବିକ୍ରିରେ ରେକର୍ଡ



ଭୁବନେଶ୍ୱର,୮।୭ : ରେନୋ ଇଣ୍ଡିଆ ପକ୍ଷରୁ ଏହାର ପ୍ରମୁଖ ମଡେଲ 'କ୍ୱିଡ୍'ରେ ଗ୍ରାହକମାନଙ୍କ ପାଇଁ ଅଧିକ ସୁବିଧା ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲଟି ବର୍ତ୍ତମାନ ସୁଦ୍ଧା ୩.୫ ଲକ୍ଷ ବିକ୍ରି ମାଇଲଷ୍ଟୋନ ହାସଲ କରିଛି। ଏହା ନୂଆ କରି ଏମ୍‌ଟି ଏବଂ ଏଏମ୍‌ଟି ଭର୍ସନରେ ଆସିଛି। ବିଏସ୍-୬ ଅନୁପାଳନକାରୀ ୧.୦ ଏଲ୍ ପାୱାର ଟ୍ରେନ ସହ ନୂଆ ଆର୍‌ଏକ୍ସଏଲ୍ ଭାରିଆଣ୍ଟର ଶୁଭାରମ୍ଭ କରାଯାଇଛି। ଏମ୍‌ଟି ଭର୍ସନ ପାଇଁ ମୂଲ୍ୟ ୪.୧୬ ଟଙ୍କା ଏବଂ ଏଏମ୍‌ଟି ଭର୍ସନ ପାଇଁ ମୂଲ୍ୟ ୪.୪୮ ଲକ୍ଷ ଟଙ୍କା ରହିଛି। ଭାରତରେ ବିକ୍ରି ଅଭିବୃଦ୍ଧି କ୍ଷେତ୍ରରେ କ୍ୱିଡ୍‌ର ଏକ ପ୍ରମୁଖ ଯୋଗଦାନ ରହିଛି ବୋଲି ରେନୋ ଇଣ୍ଡିଆ ଅପରେସନ୍ସ କଣ୍ଟ୍ରି ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।

# ଫିଟ୍‌ଜୀର ଅନ୍‌ଲାଇନ ପାଠପଢ଼ା

ଭୁବନେଶ୍ୱର,୮।୭ : କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ର କୋଚିଂ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଲାଇଭ ଅନ୍‌ଲାଇନ କ୍ଲାସ୍ ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ପରୀକ୍ଷା ପ୍ରସ୍ତୁତି ଲାଗି ଛାତ୍ରୀଛାତ୍ରଙ୍କୁ ସୁବିଧା ହେବ। ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ପ୍ରସ୍ତୁତିକୁ ବଜାୟ ରଖିବାରେ ସହାୟକ ହୋଇପାରିବେ ବୋଲି ଫିଟ୍‌ଜୀ ପକ୍ଷରୁ ସୂଚନା ରହିଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ଫିଟ୍‌ଜୀର ଅଫ୍‌ଲାଇନ କ୍ଲାସ୍‌ରୁମ୍ ପ୍ରୋଗ୍ରାମରେ ନାମ ଲେଖାଇଛନ୍ତି ସେମାନେ ମଧ୍ୟ ବିନା କୌଣସି ପ୍ରତିବନ୍ଧକରେ ଅନ୍‌ଲାଇନରେ କ୍ଲାସ୍ କରିପାରିବେ। ବର୍ତ୍ତମାନ ଲକ୍‌ଡାଉନ ପାଇଁ ଅଫ୍‌ଲାଇନ କୋଚିଂ ବ୍ୟବସ୍ଥା କରାଇବାରେ ବାଧା ଉପୁଜୁଛି। ଅନ୍‌ଲାଇନ କ୍ଲାସ୍‌ରୁମ କାର୍ଯ୍ୟକ୍ରମ ଦ୍ୱାରା ଘରେ ବସି ଛାତ୍ରୀଛାତ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିପାରିବେ। ଏଥିଲାଗି ଫିଟ୍‌ଜୀରେ ଛାତ୍ରୀଛାତ୍ରଙ୍କ ବ୍ୟାଚ୍‌ଗୁଡ଼ିକୁ ବହୁ ଛୋଟ ରଖାଯାଇଛି। ବିଭିନ୍ନ ବିଷୟକୁ ଭଲ ଭାବେ ବୁଝାଇବା ସହ ଛାତ୍ରୀଛାତ୍ର ଯେଭଳି ନିଜ ପ୍ରଶ୍ନ ରଖିପାରିବେ ତାକୁ ଧ୍ୟାନରେ ରଖାଯାଇଛି। ଅନ୍‌ଲାଇନ କ୍ଲାସ୍‌ରୁମ୍ ପ୍ରୋଗ୍ରାମରେ ଯୋଗଦେବା ଲାଗି ଆଡମିଶନ ଟେଷ୍ଟ ମଧ୍ୟ ଆୟୋଜନ କରାଯିବ ବୋଲି ଫିଟ୍‌ଜୀ ପକ୍ଷରୁ ସୂଚନା ରହିଛି।

FIITJEE

# ଋଣ ସୁଧ କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ,୮।୭ : ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ବା ଋଣ ଉପରେ ସୁଧହାର ହ୍ରାସ ନେଇ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୩ ମାସ ଅବଧିର ଋଣ ଉପରେ ବ୍ୟାଙ୍କ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିବ ବୋଲି ଜଣାପଡିଛି। ଏହି ହ୍ରାସ ଫଳରେ ବ୍ୟାଙ୍କର ସୁଧହାର ୬.୬୫%କୁ ହ୍ରାସ ଘଟିଛି। ଘରୋଇ ବଜାରରେ ଚାହିଦା ଏବଂ ଋଣ ଅଭିବୃଦ୍ଧିକୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ବ୍ୟାଙ୍କର ଲଗାତର ୧୪ତମ ଏମ୍‌ସିଏଲ୍‌ଆର୍ ହ୍ରାସ। ଚଳିତ ମାସ ୧୦ ତାରିଖରୁ ଏହା କାର୍ଯ୍ୟକାରୀ ହେବ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

**ODISHA JOINT ENTRANCE EXAMINATION - 2020**
**[ OJEE - 2020 ]**

**No: OJEE/182** **Date: 08.07.2020**

**NOTICE**

**Reopening of OJEE portal for online application and fee payment**

In view of the current situation arising from COVID-19 pandemics, it is hereby announced that the application portal for on-line application for various courses are reopened and the last dates of form filling and fee payment are as mentioned below.

| Type of Course / Application form | Last date for submission of online application forms | Last date for online fee payment |
|---|---|---|
| **All Courses** (B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA, LE-Tech (Dip), LE-Tech (BSc), LE- Pharm and B. Tech. (Special OJEE) **(Applications A, B, C, D, E and F)** | **25-07-2020** | **31-07-2020** |

The detailed schedule regarding dates of Examination and dates for downloading of Admit Cards etc. will be notified in due course of time, after assessment of the situation after **31.07.2020.**

**Sd/-**
**CHAIRMAN, OJEE, ODISHA**

# ଷ୍ଟାର୍ଟଅପ୍‌ଙ୍କୁ ସହାୟତା କରିବ ଭିକ୍ୟାଟ୍‌ସ



ଭୁବନେଶ୍ୱର,୮।୭ : ଷ୍ଟାର୍ଟ ଇକୋସିଷ୍ଟମ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ଅନୁଷ୍ଠାନ ଭିକ୍ୟାଟ୍‌ସ ଓଡ଼ିଶାରେ ଏହାର ଉପସ୍ଥିତି ଜାହିର କରିଛି। ବୁଧବାର ପ୍ରାଥମିକ ପର୍ଯ୍ୟାୟରେ ଏହାକୁ ଅନ୍‌ଲାଇନରେ ଭୁବନେଶ୍ୱର ଏବଂ କଟକରେ ଶୁଭାରମ୍ଭ କରାଯାଇଛି। ଓଡ଼ିଶାରେ ଆଗକୁ ଆସୁଥିବା ଷ୍ଟାର୍ଟଅପ୍‌ଗୁଡିକ ଲାଗି ଏହା ଭେଞ୍ଚର କ୍ୟାପିଟାଲିଷ୍ଟ ଫଣ୍ଡ ସୁବିଧା ଯୋଗାଇଦେବ। ଭେଞ୍ଚର କ୍ୟାଟାଲିଷ୍ଟ ନାମରେ ଏହି ସଂସ୍ଥା ଦେଶର ପ୍ରମୁଖ ସମନ୍ୱିତ ଇନ୍‌କ୍ୟୁବେଟର ଭାବେ କାର୍ଯ୍ୟ କରି ଆସୁଛି। ଦେଶର ଛୋଟଛୋଟ ସହରରେ ଉଦ୍ୟୋଗ ବିକାଶକୁ ଉତ୍ସାହିତ କରିବା ଲାଗି ଏହା ନିଜର ଯୋଗଦାନ ରଖୁଛି। ବର୍ତ୍ତମାନ ଚ୍ୟାଲେଞ୍ଜିଂ ସମୟରେ ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିକାଶ ଦିଗରେ ଏହା ଆଗେଇ ଆସିଛି। ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶାର କଟକ ଏବଂ ଭୁବନେଶ୍ୱର ଚାପ୍ଟରକୁ ଶୁଭାରମ୍ଭ କରାଯାଇଛି। ଆଞ୍ଚଳିକ ପାର୍ଟନର ଭାବେ ଭିକ୍ୟାଟ୍‌ସ ପ୍ରଦୀପ ଅଗ୍ରୱାଲଙ୍କୁ ନିଯୁକ୍ତ କରିଛି। ଅଟୋମୋବାଇଲ, ମେଡିକାଲ ଡାଇଗ୍ନୋସିସ୍ ସେଣ୍ଟର ଭଳି ବ୍ୟବସାୟ ସହ ଜଡିତ ତଥା ଜେଏମ୍‌ଜି ଅଟୋମୋବାଇଲର ସହ ପ୍ରତିଷ୍ଠାତା ଅଗ୍ରୱାଲ ଷ୍ଟାର୍ଟଅପ୍ ବିକାଶ ଦିଗରେ ଯୋଗଦାନ ରଖିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭିକ୍ୟାଟ୍‌ସ ରାଜ୍ୟରେ ଉଦ୍ୟୋଗ ବିକାଶ ଦିଗରେ ଯୋଗଦାନ ରଖିବ ବୋଲି ସେ ଆଶାବାଦୀ ରହିଛନ୍ତି। ଭିକ୍ୟାଟ୍‌ସର ପ୍ରତିଷ୍ଠାତା ଡ.ଅପୂର୍ବ ରଞ୍ଜନ ଶର୍ମା କହିଛନ୍ତି ଯେ, ଛୋଟ ଛୋଟ ସହରରୁ ବର୍ତ୍ତମାନ ଷ୍ଟାର୍ଟଅପ୍ ବର୍ତ୍ତମାନ ଆଗକୁ ଆସୁଛନ୍ତି। ନୂଆ ଯୋଜନା ଦ୍ୱାରା ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ ମିଳିପାରିବ।

# କୋଭିଡ୍ ଯୋଦ୍ଧାଙ୍କୁ ସହାୟତା

ଭୁବନେଶ୍ୱର,୮।୭ : କରୋନା ପାଇଁ ବିଶ୍ୱ ବଜାର ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇ ରହିଛି। କରୋନା ମୁକାବିଲା କରିବା ଲାଗି କୋଭିଡ୍ ଯୋଦ୍ଧାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସାନିଟେଶନ ୱାର୍କର, ସରକାରୀ କର୍ମଚାରୀ, ଡେଲିଭରି ପର୍ସନେଲ ଭଳି ଅନ୍ୟ ଜରୁରୀ ସେବାରେ ଥିବା ବ୍ୟକ୍ତିବିଶେଷ ବର୍ତ୍ତମାନ ସମୟରେ ସେମାନଙ୍କ ଯୋଗଦାନ ଦେଉଛନ୍ତି। କରୋନା ଯୋଦ୍ଧାଙ୍କୁ ସହାୟତା କରିବା ଲାଗି କ୍ୱିକ୍‌ହିଲ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିଲାଗି କମ୍ପାନୀ ଶ୍ରୀ ବିଶ୍ୱବତୀ ଆୟୁର୍ବେଦିକ ଚିକିତ୍ସାଳୟ ଏବଂ ରିସର୍ଚ୍ଚ ସେଣ୍ଟର ସହ ମିଳିତ ହୋଇ କାମ କରୁଛି। କରୋନା ଯୋଦ୍ଧାଙ୍କୁ ସହାୟତା କରିବା ଲକ୍ଷ୍ୟ ନେଇ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଜାରି ରହିଛି। କରୋନା ଯୋଦ୍ଧାଙ୍କ ଲାଗି ବିଭିନ୍ନ ଔଷଧୀୟ ସାମଗ୍ରୀ ସହ ଅନ୍ୟ ସାମଗ୍ରୀ ଯୋଗାଣ ଦିଗରେ କ୍ୱିକ୍‌ହିଲ ଯୋଗଦାନ ରଖିଥିବା ଜଣାପଡିଛି।

Quick Heal

# ହୋଣ୍ଡାର ନୂଆ ଏକ୍ସବ୍ଲେଡ୍ ବିଏସ୍-୬

ନୂଆଦିଲ୍ଲୀ,୮।୭ : ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ଏକ୍ସବ୍ଲେଡ୍ ବିଏସ୍-୬ ମଡେଲକୁ ଉନ୍ମୋଚନ କରାଯାଇଛି। ଏହି ମଡେଲଟି ଷ୍ଟାଇଲିଶ ଏବଂ ସ୍ପୋର୍ଟି ଫିଚର ସହ ବଜାରକୁ ଆସିଛି। ୧୬୦ ସିସିର ଏଚ୍‌ଇଟି ବିଏସ୍-୬ ପିଜିଏମ୍ ଏଫ୍‌ଆଇ ଇଞ୍ଜିନ ଏଥିରେ ବ୍ୟବହାର କରାଯାଇଛି। ଉଭୟ ଆଗରେ ଓ ପଛରେ ଏବିଏସ୍ ସହିତ ପେଟାଲ ଡିସ୍କ ବ୍ରେକ୍ ବ୍ୟବସ୍ଥା ରହିଛି। କମ୍ପାନୀ ଏହି ଯାନ ଉପରେ ୬ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଏହା ସିଙ୍ଗଲ ଡିସ୍କ ଓ ଡବଲ ଡିସ୍କ ଭଳି ଦୁଇଟି ଭାରିଆଣ୍ଟରେ ବଜାରକୁ ଆସିଛି। ସିଙ୍ଗଲ ଡିସ୍କ ମଡେଲର ବଜାର ଦର ୧.୦୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏହା ୪ଟି ଆକର୍ଷଣୀୟ ରଙ୍ଗରେ ଏହା ଉପଲବ୍ଧ। ସଫଳତା କୈନ୍ଦ୍ରିକ ଉତ୍ସାହୀ ଯୁବକଙ୍କ ସ୍ୱପ୍ନ ପୂରଣ ଦ୍ୱାରା ଅନୁପ୍ରାଣିତ ହୋଇ ନୂଆ ଯାନଟିକୁ ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।



**TPCODL**

**TP CENTRAL ODISHA DISTRIBUTION LIMITED**
(A Tata Power & Odisha Govt. joint venture)
(Purchase Department)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**

**TP Central Odisha Distribution Limited (TPCODL)** invites tender from eligible vendors for the following packages:

| Sl No | Tender description & | Tender Number | EMD(Rs) | Tender participation fee (Rs.) incl. GST. | Due date and time of bid submission |
|---|---|---|---|---|---|
| 1 | Rate contract for SITC of Meter Test Bench | TPCODL/P&S/29/ 2020-21 | 4,00,000 | 5,000 | 29 July 2020, 13:00 Hrs |
| 2 | SITC for Power supply to OMFED dairy plant at Arilo-Govindpur, Dist- Cuttack | TPCODL/P&S/30/ 2020-21 | 4,94,000 | 5,000 | 29 July 2020, 13:00 Hrs |
| 3 | Selection of Scrap Auction Service Provider | TPCODL/P&S/31/ 2020-21 | 15,00,000 | 5,000 | 31 July 2020, 13:00 Hrs |
| 4 | Rate Contract for Supply of LTCT Meter Box | TPCODL/P&S/32 /2020-21 | 90,000 | 5,000 | 29 July 2020, 13:00 Hrs |
| 5 | Renovation of Fuse Complaint Centres | TPCODL/P&S/34/ 2020-21 | 9,76,000 | 5,000 | 29 July 2020, 13:00 Hrs |
| 6 | OLA Work Stations across Circle office/ Section office | TPCODL/P&S/35/ 2020-21 | 2,70,000 | 5,000 | 29 July 2020, 13:00 Hrs |
| 7 | Rate Contract for Management of Customer Care Centre | TPCODL/P&S/37/ 2020-21 | 11,75,000 | 5,000 | 31 July 2020, 13:00 Hrs |
| 8 | Rate Contract for Supply of DC Hi-Pot test set | TPCODL/P&S/39/ 2020-21 | 1,50,000 | 5,000 | 29 July 2020, 15:00 Hrs |

For detail NIT, please visit Tender section on website **https://www.tpcentralodisha.com /** Interested bidders to download the tender documents from our website as indicated above. Also all future corrigendum's if any, to the said tender, will be informed on website **https://www.tpcentralodisha.com /**

No. D-36

**ODISHA PUBLIC SERVICE COMMISSION**

**ADVERTISEMENT No. 03 of 2020-21**

**Recruitment of lecturers in different disciplines of Government Homoeopathic Medical Colleges of the State in Class-II (Group-B) of Odisha Homoeopathic Medical Education Service under Health & Family Welfare Department**

**WEBSITE: http://opsc.gov.in**

*Online applications are invited from the prospective candidates through the proforma application to be made available on the website* ***(http://opsc.gov.in)*** *from* ***10.07.2020 to 17.08.2020 (Note: 10.08.2020 is the last date for Online Registration and Online payment of examination fee)*** for recruitment to **49** (Forty Nine) posts of Lecturers in different disciplines of Government Homoeopathic Medical Colleges of the State in Class-II (Group-B) of Odisha Homoeopathic Medical Education Service under Health & Family Welfare Department in the scale of pay of Rs.44,900/- in Level 10, Cell-1 of ORSP, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**

As per requisition filed by the Health & Family Welfare Department, Government of Odisha, the category wise vacancy position along with reservation thereof is given below:

| Sl. No. | Name of the Discipline | Total Vacancies | Category wise Vacancy Position | | | |
|---|---|---|---|---|---|---|
| | | | UR | SC | ST | SEBC |
| 1 | 2 | 3 | 4 | 5 | 6 | 7 |
| 1 | Homoeo Materia Medica | 06 | 04 (1 - W) | 01 | 01 | 0 |
| 2 | Organon of Medicine | 07 | 04 (1 - W) | 0 | 02 (1 - W) | 01 |
| 3 | Repertory | 03 | 02 (1 - W) | 01 | 0 | 0 |
| 4 | Homeopathic Pharmacy | 03 | 02 (1 - W) | 0 | 01 | 0 |
| 5 | Practice of Medicine | 06 | 03 (1 - W) | 01 | 01 | 01 |
| 6 | O & G | 04 | 02 (1 - W) | 01 | 01 | 0 |
| 7 | Surgery | 03 | 01 | 01 | 01 | 0 |
| 8 | Community Medicine | 03 | 01 | 01 | 01 | 0 |
| 9 | F.M.T. | 03 | 02 (1 - W) | 0 | 01 | 0 |
| 10 | Pathology & Microbiology | 04 | 02 (1 - W) | 01 | 01 | 0 |
| 11 | Anatomy | 04 | 02 (1 - W) | 01 | 01 | 0 |
| 12 | Physiology & Biochemistry | 03 | 01 | 01 | 01 | 0 |
| **Grand Total** | | **49** | **26 (9 - W)** | **9** | **12 (1 - W)** | **2** |

**The candidates are required to submit one application indicating therein their option for allied subjects (Sl. No. 5 to 12).**

**3. AGE:**

A candidate must have attained the age of 21 (Twenty one) years and must not be above the age of 40 (forty) years as on the 1st day of January, 2020 i.e. he/she must not have been born earlier than 2nd January, 1980 & not later than 1st January 1999.

Provided that the upper age limit shall be relaxable by five (5) years for candidates belonging to the categories of Scheduled Caste, Scheduled Tribe and Socially and Educationally Backward Classes, Women and Ex-servicemen and by cumulative ten (10) years for persons with Disabilities whoes permanent disability is forty percent (40%) and more.

Provided that, a candidate who comes under more than one category, he/she will be eligible for only one age relaxation benefit, which shall be considered most beneficial to him/her.

SAVE AS PROVIDED ABOVE, THE AGE LIMITS PRESCRIBED CAN IN NO CASE BE RELAXED.

Date of birth entered in the High School Certificate or equivalent certificate issued by the concerned Board/Council will only be accepted by the Commission.

**4. EDUCATIONAL QUALIFICATIONS:**

(a) **Minimum Educational Qualification for the Post of Lecturer in Homoeopathic subjects (Subjects of Paper-I contained in Appendix - A).**
A candidate must have possessed Post Graduate Degree in Homoeopathy in the concerned subject from an University recognised by Central Council of Homoeopathy.

(b) **Minimum Educational Qualification for the Post of Lecturer in Allied Medical subjects (Subjects of Paper-II contained in Appendix-A):** A candidate must have possessed Post Graduate Degree in Homoeopathy from an University recognised by Central Council of Homoeopathy.

**5. APPLICATION FEE:**

A candidate is required to pay a non-refundable and non-adjustable fee of **Rs.500/- (Rupees five hundred) only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% or more) are exempted from payment of this fee.**

***The candidates are required to make Online payment of applicable Examination Fee(s) through OPSC portal using Debit Card/Credit Card/Net Banking facilities and other financial instruments enlisted in the payment Page/Gateway of the Odisha Government Treasury Portal. The fee(s) paid shall neither be refunded under any circumstances nor can be adjusted or held in reserve for any other examination or recruitment.***

**6. HOW TO APPLY:**

(a) Candidates must go through the details of this advertisement available in the website of OPSC before filling up online application form.

(b) Candidates must apply online through the concerned website of the OPSC **http://opsc.gov.in**. Applications received through any other mode would not be accpeted and summarily rejected.

(c) **Before filling up the online application form, the candidates must go through the following documents available at OPSC portal.**
**(i) Instructions to fill up Online application.**

(d) Candidates are requested to upload the scanned image of latest passport size photograph along with scanned image of his/her full signature and scanned image of Left Hand Thumb Impression (LTI) in the online application form. Uploaded photograph, Specimen (full) signature and LTI must be clearly identifiable/visible, otherwise the application of the candidates is liable to be rejected by the Commission and no representation from the candidate will be entertained.

(e) Candidates should keep at least two copies of latest passport size photograph which is uploaded to the online application form for future use.

(f) *On successful submission of the online Registration, an unique "Permanent Public Service Account Number (PPSAN)" will be assigned to the applicant. Applicants are required to take printout of the finally submitted online Registration/Re-registration and applications forms for submission to OPSC with ink signed signature and along with copies of requisite certificate & documents.*

(g) The candidates are advised to submit the Online application form well in advance without waiting for the closing date to avoid last hour rush.

(h) *Admission letter for the eligible candidates to appear in the Examination shall be uploaded in the website of the OPSC prior to the date of examination which will be published in the website and newspapers. The candidates are required to download their Admission Letter from the website of the Commission and produce the same at the Examination centre for admission to the examination. No separate correspondence will be made on this score.*

(i) Any complaint on the conduct of examination must be sent to the Grievance Wing of the Commisison by e-Mail **(opsc@nic.in)** within 05 (Five) days of completion of the examination.

**CUTTACK**
**DATE: 08.07.2020**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**
**OIPR-12002/11/0015/2021**

**ସଂକ୍ଷେପରେ**

## ନିଯୁକ୍ତି ବନ୍ଦ ଘୋଷଣା ଜନବିରୋଧୀ

କଟକ ଅଫିସ,୮।୭: କରୋନା ଆଳ ଦେଖାଇ ସରକାର ଗୋଟାଏ ପରେ ଗୋଟାଏ ଜନବିରୋଧୀ, ଶ୍ରମିକ ଓ କର୍ମଚାରୀ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି। ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ପଦବୀ ଉଚ୍ଛେଦ, ନୂତନ ନିଯୁକ୍ତି ବନ୍ଦ, ଲୋକଙ୍କୁ କର୍ମସଂସ୍ଥାନ ଦେବା ପାଇଁ ଯୋଜନା, ଉନ୍ନୟନ କାମ, ବିଭିନ୍ନ ଶ୍ରମିକ ହିତକାରୀ ପ୍ରକଳ୍ପ ବନ୍ଦ କରିବା ପାଇଁ ସରକାର ମଙ୍ଗଳବାର ଘୋଷଣା କରିଛନ୍ତି। ଲକ୍ଷ ଲକ୍ଷ ଶ୍ରମଜୀବୀ ଜୀବିକା ହରାଇ ଥିବାବେଳେ ସରକାର ସେମାନଙ୍କୁ କାମ ନ ଯୋଗାଇ ଏଭଳି ଘୋଷଣା କରିବା ଅଗଣତାନ୍ତ୍ରିକ ବୋଲି ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର କହିଛି। ଶ୍ରମିକ କର୍ମଚାରୀ ସାମାଜିକ ଗଣମାଧ୍ୟମରେ ଏହାର ପ୍ରତିବାଦ କରିବା ଉପରେ ମଧ ସରକାର ଅଙ୍କୁଶ ଲଗାଇ ସେମାନଙ୍କର ମୌଳିକ ସାମ୍ବିଧାନିକ ଅଧିକାରକୁ ଖର୍ବ କରିଛନ୍ତି ବୋଲି ଏଆଇୟୁଟିୟୁସି କଟକ ଜିଲା କମିଟି ସମ୍ପାଦକ ରାଜକିଶୋର ମଲ୍ଲିକ ଓ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ କହିଛନ୍ତି।

## ୨୭ ନାଗ ଛୁଆ ଉଦ୍ଧାର



ବାଙ୍କୀ,୮।୭(ସ୍ୱ.ପ୍ର.): ବାଙ୍କୀ ବ୍ଲକ କାଳୀପୋଇ ବାଣିଆ ଗ୍ରାମର କୃପାସିନ୍ଧୁ ବାରିକଙ୍କ ଘରୁ ବୁଧବାର ୨୭ ନାଗ ସାପ ଛୁଆ ଓ ୨୯ ଅଣ୍ଡା ଉଦ୍ଧାର ହୋଇଛି। କରଡା ପଲ୍ଲୀ ଗ୍ରାମର ସରୋଜ ମହାରଣା ହାତରେ ଗ୍ଲୋବ୍ସ ପିନ୍ଧି ସାପ ଛୁଆଙ୍କୁ ଘରୁ ବାହାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। କୃପାସିନ୍ଧୁଙ୍କ ସୂଚନା ଅନୁଯାୟୀ, ଗତ ରବିବାର ଘର ଅଗଣାରେ ଏକ ସାପ ଛୁଆ ବୁଲୁଥିଲା। ପରିବାର ସଦସ୍ୟ ତାକୁ ବାଡ଼େଇ ବାଡ଼େଇ ମାରି ଦେଇଥିଲେ। ପୁନର୍ବାର ବୁଧବାର ଆଉ ଏକ ସାପ ଛୁଆ ବୁଲୁଥିବା ଦେଖି ସେମାନେ ବନବିଭାଗ ଓ ସ୍ନେକ ହେଲ୍‌ପଲାଇନ୍‌ରେ ଖବର ଦେଇଥିଲେ। କେହି ନ ଆସିବାରୁ ସରୋଜ ସେଠାରେ ପହଞ୍ଚି ସାପଙ୍କୁ ଉଦ୍ଧାର କରିଥିଲେ।

## ୟୁନିୟନ ବ୍ୟାଙ୍କର ନୂଆ କ୍ଷେତ୍ରୀୟ ପ୍ରବନ୍ଧକ

ଭୁବନେଶ୍ୱର,୮।୭: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ଉପମହାପ୍ରବନ୍ଧକ ସୋଭେନ ସେନ୍‌ଗୁପ୍ତା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ମଧ୍ୟପ୍ରଦେଶସ୍ଥିତ ଗ୍ୱାଲିୟର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ ଭାର ଗ୍ରହଣ କରିଥିଲେ। ୧୯୯୦ରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରବେଶ କରିଥିଲେ। ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା, ବିହାର,ଗୁଜରାଟ ଭଳି ରାଜ୍ୟଗୁଡିକରେ ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୨୭ ବର୍ଷ ଧରି ବିଭିନ୍ନ ଶାଖାରେ କାର୍ଯ୍ୟ କରିବା ସହ ଗ୍ରାହକଙ୍କୁ ପ୍ରତ୍ୟକ୍ଷ ଭାବେ ସେବା ଯୋଗାଣର ବିଭିନ୍ନ ଅଭିଜ୍ଞତା ହାସଲ କରିଛନ୍ତି। ଉପମହାପ୍ରବନ୍ଧକ ଭାବେ ପଦୋନ୍ନତି ପାଇବା ପରେ ସେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ନିଯୁକ୍ତି ଲାଭ କରିଛନ୍ତି। ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ଦିଗରେ କାର୍ଯ୍ୟ କରିବେ ସେ ମତପ୍ରକାଶ କରିଛନ୍ତି।

# ମୁଖ୍ୟ ଅଭିଯୁକ୍ତ ମିକି ଗିରଫ

ଖୋର୍ଦ୍ଧା ଅଫିସ, ୮।୭



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ।

**ଦଧିମାଛଗାଡ଼ିଆ ହତ୍ୟାକାଣ୍ଡ**

- ୩.୫ କୋଟିର ବ୍ରାଉନସୁଗାର ଜବତ
- ବନ୍ଧୁକ, ଗୁଳି, ବାଇକ, ମୋବାଇଲ ଫୋନ୍, ପ୍ୟାକିଂ ମେଶିନ, ୧୬, ୫୦୦ ଟଙ୍କା ଜବତ
- ପୋଲିସ ତାଲିକାରେ ଥିଲେ ମୋଷ୍ଟ ୱାଣ୍ଟେଡ୍
- ୭ ଦିନ ରିମାଣ୍ଡରେ ଆଣିବ ପୋଲିସ



ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆର ଲାଲା ପ୍ରଧାନଙ୍କ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଟାଉନ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଗ୍ରାମର ମିକି ଓରଫ ମନୋରଞ୍ଜନ ସାହୁ (୨୦)। ଜଟଣୀ ବାଇପାସ୍ ରୋଡ୍‌ରୁ ପୋଲିସ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ୩ କେଜି ୬୦୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୩.୫ କୋଟି ଟଙ୍କା। ଏଥିସହିତ ତାଙ୍କଠାରୁ ଏକ ବାଇକ (ନଂ. ଓଡ଼ି ୩୩ ଜେଡ୍-୫୭୬୨), ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ, ଜୀବନ୍ତ ଗୁଳି, ପ୍ୟାକିଂ ମେଶିନ, ଗୋଟିଏ ମୋବାଇଲ ଫୋନ୍, ନଗଦ ୧୬ ହଜାର ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଟାଉନ ଥାନାରେ ଆଇପିସି ୨୧(ସି)/୨୯ ଏନ୍‌ଡିପିଏସ୍ ଆକ୍ଟ, ୨୫ ଆର୍ମସ୍ ଆକ୍ଟରେ କେସ୍ ନଂ. ୨୩୨/୨୦ ରୁଜୁ ହୋଇଛି। ୨୦୧୯ ଜୁନ ୬ରେ ଏସ୍‌ଟିଏଫ୍ ଇନ୍ସପେକ୍ଟର ଆଲୋକ କୁମାର ଜେନାଙ୍କ ଉପରକୁ ଗୁଳି ଚଳାଇବା ନେଇ ତାଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ. ୧୮୭/୨୦) ରୁଜୁ ହୋଇଥିଲା। ଘଟଣା ପରଠୁ ସେ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିଲେ। ସେହିପରି ଖଣି ଚୋରି ମାମଲାରେ ସେ ସମ୍ପୃକ୍ତ ଥିଲେ। ମିକିଙ୍କୁ କୋର୍ଟଚାଲାଣ କରାଯାଇ ରିମାଣ୍ଡରେ ଅଣାଯିବ। ଏହି ଘଟଣା ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ଖୋଳତାଡ଼ କରାଯିବ ବୋଲି ବୁଧବାର ଖୋର୍ଦ୍ଧା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ କହିଛନ୍ତି। ଏହି ଅବସରରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଉପସ୍ଥିତ ଥିଲେ।

କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି ଯେ, ଜୁନ ୧୫ତାରିଖ ସକାଳ ସାଢେ ୭ଟାରେ ଦଧିମାଛଗାଡ଼ିଆରେ ଲାଲା ପ୍ରଧାନଙ୍କୁ ମିକି (ଗିରଫ ଅଭିଯୁକ୍ତ) ଏବଂ ତାଙ୍କ ସହଯୋଗୀ ଗୁଳି କରି ହତ୍ୟା କରିଥିଲେ। ଏହା ପରଠାରୁ ସେ ଫେରାର ଥିଲେ। ଏ ନେଇ ଥାନାରେ ୧୦୪/୨୦ରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଘଟଣା ପରଦିନ ଅର୍ଥାତ ଜୁନ ୧୬ରେ ଗୁଡୁ ଓରଫ ସଞ୍ଜୟ ବେହେରାଙ୍କୁ ପୋଲିସ ଗିରଫ କରିଥିଲା। ସଞ୍ଜୟଙ୍କ ବୟାନ ଭିତ୍ତିରେ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ସଦର ଏସ୍‌ଡିପିଓ ମିଶ୍ରଙ୍କ ନେତୃତ୍ୱରେ ସଦର ଥାନା ଅଧିକାରୀ ଅନିତା ସାହୁ ଏବଂ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ବୁଧବାର ସକାଳ ସାଢେ ୬ଟାରେ ବାଇକରେ ମିକି ଜଟଣୀରୁ ଖୋର୍ଦ୍ଧା ବାଇପାସ୍ ଆଡ଼କୁ ଆସୁଥିବା ପୋଲିସ ଖବର ପାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଛକି ରହିଥିଲା। ବାଇପାସ୍ ରୋଡରୁ ତାଙ୍କୁ ଗିରଫ କରାଯିବା ସହ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହି ବ୍ରାଉନସୁଗାରକୁ ସେ ବାଲେଶ୍ୱର ଜିଲାର ଜଳେଶ୍ୱରରୁ ଆଣିଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ବାହାରକୁ ଚାଲାଣ ପାଇଁ ଯୋଜନା କରିଥିଲେ।

### ‘ନିଶାମୁକ୍ତ ଖୋର୍ଦ୍ଧା ଲାଗି ଅଭିଯାନ ଜାରି ରହିବ’

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ବଢି ଚାଲିଛି। ଅତୀତରେ ଏସ୍‌ଟିଏଫ୍ ଏବଂ ଖୋର୍ଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ନିଶାମୁକ୍ତ ରାଜ୍ୟ ଗଠନ ଲାଗି ଡିଜିପି ଅଭୟଙ୍କ କଡ଼ା ନିର୍ଦ୍ଦେଶ ରହିଛି। ନିଶା କାରବାର ବନ୍ଦ ପାଇଁ ଅଭିଯାନ ଜାରି ରହିଛି। ମୁଖ୍ୟତଃ ଯୁବପିଢି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ଖୋର୍ଦ୍ଧା ସୀମାବର୍ତ୍ତୀ ଅଞ୍ଚଳରେ ଚଢାଉ ଜୋରଦାର ହେବ। ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ ହେବା ଯାଏ ଚଢାଉ ଅଭିଯାନ ଚାଲିବ ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି।

## ୯ରେ ଡିଡିରେ ପ୍ରସାରଣ ହେବ ‘ବନ୍ଦେ ଉତ୍କଳ ଜନନୀ’

ଭୁବନେଶ୍ୱର, ୮।୭(ବ୍ୟୁରୋ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’କୁ ଗତ ଜୁନ୍ ୭ ତାରିଖରେ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଦେଶାତ୍ମବୋଧକ ସଙ୍ଗୀତ କୋଟି କୋଟି ଓଡ଼ିଆଙ୍କୁ ଜାତିପ୍ରେମର ସୁଦୃଢ଼ ବନ୍ଧନରେ ବାନ୍ଧି ରଖିବା ସହ ଓଡ଼ିଶାର ଗୌରବକୁ ବିଶ୍ୱବ୍ୟାପୀ କରିବା ପାଇଁ ପ୍ରେରଣା ଯୋଗାଇବ। ଏଭଳିସ୍ଥଳେ ବର୍ତ୍ତମାନ ଓ ଭବିଷ୍ୟତ ପୀଢିଙ୍କ ଲାଗି ଏହି ରଚନାର ଶବ୍ଦାର୍ଥ ଓ ଭାବାର୍ଥକୁ ସରଳ ଭାବରେ ଉପଲବ୍ଧ କରିବାକୁ ପଦକ୍ଷେପ ନେଇଛି ଓଡ଼ିଶା ସାହିତ୍ୟ ଏକାଡେମୀ। ଏକାଡେମୀ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ତଥା ଗବେଷକ ଡ.ବସନ୍ତ କୁମାର ପଣ୍ଡା ଏବଂ ସଙ୍ଗୀତ ଶିଳ୍ପୀ ସଙ୍ଗୀତା ପଣ୍ଡାଙ୍କ ଦ୍ୱାରା ‘ବନ୍ଦେ ଉତ୍କଳ ଜନନୀ’ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ପ୍ରସ୍ତୁତ କରାଯାଇଛି। ଏହି ୩୦ ମିନିଟ ଅବଧିର ଦୃଶ୍ୟଶ୍ରାବ୍ୟ କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ସନ୍ଧ୍ୟା ୭ଟା ୩୦ରେ ଡିଡି ଓଡ଼ିଆରେ ପ୍ରସାରଣ ହେବ। ‘ବନ୍ଦେ ଉତ୍କଳ ଜନନୀ’ ରଚନା ପ୍ରତି ଶ୍ରଦ୍ଧା ଓ ସମ୍ମାନ ସ୍ୱରୂପ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ଏକାଡେମୀ ପକ୍ଷରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇଛି।

# ଖୋର୍ଦ୍ଧା: ୧୨ ପଜିଟିଭ୍ ଚିହ୍ନଟ

**ଫାସିଓଡା, ଅର୍ଜୁନପୁର ଶଟ୍‌ଡାଉନ**

ଖୋର୍ଦ୍ଧା ଅଫିସ/ବୋଲଗଡ଼ (ଡି.ଏନ୍.ଏ.),୮।୭

ଖୋର୍ଦ୍ଧା ଜିଲାରୁ ଭୁବନେଶ୍ୱରକୁ ବାଦ ଦେଇ ବୁଧବାର ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବୋଲଗଡ଼ ବ୍ଲକରୁ ସର୍ବାଧିକ ୫, ଖୋର୍ଦ୍ଧା ପୌରାଞ୍ଚଳରୁ ୪ (ବ୍ଲକର ଶରଧାପୁର ଗ୍ରାମର ୧), ବାଲିପାଟଣା ବ୍ଲକ ୧, ମେଣ୍ଢାଶାଳ (ଭୁବନେଶ୍ୱର ବ୍ଲକ) ୨ଜଣ ରହିଛନ୍ତି। ବୋଲଗଡ଼ରୁ ଚିହ୍ନଟଙ୍କ ମଧ୍ୟରେ ଫାସିଓଡା ପଞ୍ଚାୟତର ଜଣେ ୩୨ବର୍ଷ ମହିଳା ଏବଂ ୩୮ ବର୍ଷ ପୁରୁଷ ଘରୋଇ ସଙ୍ଗରୋଧରେ ଥିଲେ। ଉକ୍ତ ପଞ୍ଚାୟତକୁ ସରପଞ୍ଚ ବ୍ରଜକିଶୋର ପାତ୍ର ୫ଦିନ ପାଇଁ ଶଟ୍‌ଡାଉନ କରିଛନ୍ତି। ଦମକଳବାହିନୀ ପଞ୍ଚାୟତ ଅଞ୍ଚଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରିଛି। ସେହିପରି ୩୫ବର୍ଷ ପୁରୁଷ ତେଲେଙ୍ଗାନାରୁ ଆସି ଘରୋଇ ସଙ୍ଗରୋଧରେ ଥିବା ବେଳେ ୨୭ବର୍ଷ ପୁରୁଷ ସେ ଗୁଜରାଟରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମସି)ରେ ରହିଥିଲେ। ୨୧ବର୍ଷ ଯୁବକ ତାମିଲନାଡୁରୁ ଫେରି ଟିଏମସିରେ ରହିଥିଲେ। ସେହିପରି ବାଲିପାଟଣାରୁ ଚିହ୍ନଟ ଜଣକ ୨୧ ବର୍ଷ ପୁରୁଷ ଏବଂ ମେଣ୍ଢାଶାଳରୁ ଜଣେ ୫୫ବର୍ଷ ପୁରୁଷ, ୩୫ ପୁରୁଷ ଉଭୟ ଟିଏମସିରେ ରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ପୌରାଞ୍ଚଳର ଚିହ୍ନଟ ୪ ଜଣଙ୍କ ମଧ୍ୟରୁ ଖୋର୍ଦ୍ଧା ସଦର ବ୍ଲକ ନାଲିପଡା ଅର୍ଜୁନପୁର ପଞ୍ଚାୟତ ଅଧୀନ ଶରଧାପୁର ଗ୍ରାମରୁ ପ୍ରଥମ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସରପଞ୍ଚ ସୁବାସିନୀ ଦାସ ଏହି ଗ୍ରାମକୁ ବୁଧବାରଠାରୁ ୧୧ ତାରିଖ ପର୍ଯ୍ୟନ୍ତ ୭୨ ଘଣ୍ଟା ଲାଗି ଶଟ୍‌ଡାଉନ କରିଛନ୍ତି। ଗ୍ରାମର ସମସ୍ତ ଦୋକାନ ବନ୍ଦ ରହିବ। କୌଣସି ବ୍ୟକ୍ତି ବାହାରକୁ ଯିବା କିମ୍ବା ବାହାର ଲୋକ ଗ୍ରାମକୁ ନ ଆସିବା ଲାଗି ସରପଞ୍ଚ କଟକଣା ଜାରି କରିଛନ୍ତି।



ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଦୁର୍ଗାପୂଜା ପଡ଼ିଆ ପାଖରେ ବେଆଇନ ଘରକୁ ବୁଧବାର ଉଚ୍ଛେଦ କରୁଛି ବିଡିଏ।

# ୬ ପ୍ରବେଶ ପଥରେ ୨୪ ଘଣ୍ଟିଆ ଯାଞ୍ଚ

ପୁରୀ ଅଫିସ,୮।୭

ପୁରୀ ଜିଲାରେ କରୋନା ପଜିଟିଭ ସଂଖ୍ୟା ବଢିବାରେ ଲାଗିଛି। ସଂକ୍ରମଣକୁ ରୋକିବା ପାଇଁ ଜୁଲାଇ ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ନଜରରେ ରଖି ପୁରୀ ଜିଲା ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କରିଛି। ଜିଲା ମଧ୍ୟକୁ ବାହାର ଜିଲାବାସୀଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ବୁଧବାର ସର୍କିଟ ହାଉସ୍‌ରେ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ମଧ୍ୟକୁ ଥିବା ପିପିଲି ଟୋଲ୍‌ଗେଟ, ଗଡ଼ିଶାଗଦା ଥାନା ଅନ୍ତର୍ଗତ ଦିବ୍ୟସିଂହପୁର ଛକ, ନିମାପଡ଼ାର ଚାରିଛକ, ଗୋପର ଯୋଗେଶ୍ୱରପୁର ଏବଂ କୃଷ୍ଣପ୍ରସାଦର ପାଇକରାପୁର ଭଳି ୬ଟି ପ୍ରବେଶ ପଥ ନିକଟରେ ନାକା ଟିମ୍ ୨୪ ଘଣ୍ଟିଆ ମୁତୟନ ହୋଇଛନ୍ତି। ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏହି ଟିମ୍ ଯାଞ୍ଚ କରିବେ। ବାହାର ବ୍ୟକ୍ତି ଜିଲା ମଧ୍ୟକୁ ପ୍ରବେଶ ନିମନ୍ତେ ସନ୍ତୋଷଜନକ କାରଣ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ବାହାରୁ ଆସୁଥିବା ଜିଲା ବାସିନ୍ଦାଙ୍କୁ ସଙ୍ଗରୋଧ ଭାବେ ରଖାଯିବ। ବିବାହ ଭଳି ସାମାଜିକ କାର୍ଯ୍ୟକୁ ଅନୁମତି ଦିଆଯିବ। କିନ୍ତୁ ଉତ୍ସବ ପାଳନ ବେଳେ ସାମାଜିକ ଦୂରତ୍ୱ ଏବଂ ମାସ୍କ ବ୍ୟବହାର ନିୟମକୁ କଡ଼ାକଡ଼ି କରାଯାଇଛି। କୋଭିଡ୍ ମୁକାବିଲା ସହ କୋଭିଡ୍ କେୟାର ହୋମ୍‌ର ସୁପରିଚାଳନା ନିମନ୍ତେ ସହର ଓ ଗ୍ରାମାଞ୍ଚଳରେ କମିଟି ଗଠନ କରାଯାଇଛି। ସଂକ୍ରମଣ ଲକ୍ଷଣ ଆଶଙ୍କା ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଉକ୍ତ ହୋମ୍‌ରେ ରଖାଯିବ। ପ୍ରତ୍ୟେକ ଘରୁ ୬୫ ବର୍ଷ ବୟସରୁ ଅଧିକ ଓ ୫ ବର୍ଷରୁ କମ୍, ଗର୍ଭବତୀ ମହିଳା, କର୍କଟ, ଯକ୍ଷ୍ମା ଏବଂ ମଧୁମେହ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ସଚେତକ ଆପ୍‌ରେ ଅପ୍‌ଲୋଡ କରାଯିବ। କୌଣସି ସରକାରୀ ଅଧିକାରୀ ବା କର୍ମଚାରୀ ସର୍ବସାଧାରଣ ସ୍ଥାନରେ ମାସ୍କ ବ୍ୟବହାର କରୁ ନ ଥିବା ପ୍ରମାଣ ସହ ତଥ୍ୟ ଦେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ବାବଦ ଅର୍ଥ ସେମାନଙ୍କ ଦରମାରୁ କଟାଯିବ। ଏ ସଂକ୍ରାନ୍ତ ତଥ୍ୟ ଦେବାକୁ ସର୍ବସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଜିଲା ମଧ୍ୟକୁ ପ୍ରବେଶ ସଂକ୍ରାନ୍ତରେ ୬୩୭୦୯୬୭୧୦୦, ସଙ୍ଗରୋଧ କେନ୍ଦ୍ର, କୋଭିଡ୍ ପରୀକ୍ଷା ଏବଂ ଜିଲାରେ ଅଜଣା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ୬୩୭୦୯୭୨୧୦୦ ଏବଂ ସଂକ୍ରମଣ ଆଶଙ୍କା ବ୍ୟକ୍ତିଙ୍କ ସଂକ୍ରାନ୍ତରେ ତଥ୍ୟ ଦେବାକୁ ୦୬୭୫୨-୨୨୨୧୭୫ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ ଦାଶ ଓ ସୁବାସ ନାଥଶର୍ମା, ପୌରନିର୍ବାହୀ ଅଧିକାରୀ ବିଜୟ ଦାଶ, ଉପଜିଲାପାଳ ଭବତାରଣ ସାହୁ, ସିଡିଏମ୍‌ଓ ସୁଜାତା ମିଶ୍ର, ଏଏସ୍‌ପି ଶାନ୍ତନୁ ଦାସ, ଟ୍ରାଫିକ ଥାନାଧିକାରୀ ଗୋକୁଳ ଦାସ ଉପସ୍ଥିତ ଥିଲେ।

### ୧୬ ପଜିଟିଭ ଚିହ୍ନଟ, ୭ ସୁସ୍ଥ

ପୁରୀ ଜିଲାରୁ ବୁଧବାର ୧୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୭ ଜଣ ଆରୋଗ୍ୟ ଲାଭ କରିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩୨୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ବୁଧବାରର ୭ ଜଣଙ୍କୁ ମିଶାଇ ୨୪୪ ଜଣ ସୁସ୍ଥ ହୋଇଥିବାବେଳେ ୭୬ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନାରେ ଜୀବନ ଯାଇଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ବୁଧବାର ଚିହ୍ନଟ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# ଗଞ୍ଜାମବାସୀଙ୍କୁ ଖୋର୍ଦ୍ଧା ମନା

ଖୋର୍ଦ୍ଧା ଅଫିସ/ବାଲୁଗାଁ (ଡି.ଏନ୍.ଏ.),୮।୭

- ୨ ପଏଣ୍ଟରେ ନାକାବନ୍ଦୀ
- ପାସ୍ ନ ଥିଲେ ପ୍ରବେଶ ନାହିଁ

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତି ରହିଛି। ଏ ନେଇ ଗଞ୍ଜାମବାସୀଙ୍କୁ ଖୋର୍ଦ୍ଧା ଜିଲାରେ ପ୍ରବେଶ ଉପରେ କଟକଣା ଜାରି କରିଛି ଜିଲା ପ୍ରଶାସନ। ଗଞ୍ଜାମପଟୁ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଜରୁରୀ କାମ ବ୍ୟତୀତ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ବୁଧବାର ଗଣମାଧ୍ୟମକୁ କହିଛନ୍ତି। ନାଭାଲ ଛକ ଏବଂ ବାଣପୁର କୁମାରପଲ୍ଲୀ ଦୁଇଟି ପ୍ରବେଶ ପଥରେ ନାକାବନ୍ଦୀ କରାଯିବା ସହ ୨୪ଘଣ୍ଟିଆ ଚେକିଂ ରହିବ। ବାଣପୁର ଏବଂ ଚିଲିକା ତହସିଲଦାରଙ୍କ ଉପସ୍ଥିତିରେ ୪ଜଣ ଅଫିସର ଏବଂ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି। ଜନସ୍ୱାର୍ଥ ଏବଂ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେଉରିଆ କହିଛନ୍ତି। ଏପରିକି ପୂର୍ବତଟ ରେଳପଥ ଦେଇ ଯାତାୟତ କରୁଥିବା ୨ଟି ସ୍ପେଶାଲ ଯାତ୍ରୀବାହୀ ଟ୍ରେନ୍ କୋଣାର୍କ ଏବଂ ଫାଲ୍‌କାନାମା ଏକ୍ସପ୍ରେସ ଓ ଭୁବନେଶ୍ୱର- ବ୍ରହ୍ମପୁର ପାସେଞ୍ଜର ଟ୍ରେନକୁ ରେଳ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଗଞ୍ଜାମ ଜିଲାର ବ୍ରହ୍ମପୁର ଏବଂ ଛତ୍ରପୁର ଷ୍ଟେଶନ୍‌ରେ ରହଣି ବାତିଲ କରାଯାଇଥିବା ବିଭାଗୀୟ ସୂଚନା ମିଳିଛି। ବୁଧବାରଠାରୁ ହିଁ ୨ଟି ପଏଣ୍ଟରେ ପ୍ରଶାସନ ପକ୍ଷରୁ ବ୍ଲକିଂ କରାଯାଇ ଚେକିଂ ଜୋରଦାର କରାଯାଇଛି। ମେଡିକାଲ ଏବଂ ସରକାରୀ କାର୍ଯ୍ୟରେ ଆସୁଥିବା ବ୍ୟକ୍ତିବିଶେଷ ପାଖରେ ପାସ୍ ରଖିଥିବା ଜରୁରୀ। ନଚେତ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ଏସ୍‌ପି କହିଛନ୍ତି।

# ଶଟ୍‌ଡାଉନ୍‌ରେ ଭାଜପାର ଜନସମ୍ବାଦ ରାଲି

କଟକ ଅଫିସ,୮।୭

- ବନ୍ଦ କଲା ପୋଲିସ
- କଟକରେ ବିକାଶମୂଳକ ଯୋଜନା କରିଛି ପେଟ୍ରୋଲିୟମ ମନ୍ତ୍ରଣାଳୟ

ମର୍କତନଗର ସେକ୍ଟର-୧୩ ଅନ୍ତର୍ଗତ ମୁଣ୍ଡାସାହିରେ ବୁଧବାର ଭାଜପାର ବାରବାଟୀ ବିଧାନସଭା ସ୍ତରୀୟ ଜନସମ୍ବାଦ ରାଲି ଅନୁଷ୍ଠିତ ହୋଇଛି। ସମୀର ଦେଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଏକଜୁଟ ହୋଇଥିଲେ। ଫେଜ-୨ ଥାନାଧିକାରୀ ବିଜୟିନୀ ସିଂ ଟିମ୍ ସହ ସେଠାରେ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ଶଟ୍‌ଡାଉନ ସମୟରେ ବିନା ଅନୁମତିରେ ଏଭଳି କାର୍ଯ୍ୟକ୍ରମ ଆଇନ ବିରୁଦ୍ଧ ବୋଲି ପୋଲିସ କହିଛି। କାର୍ଯ୍ୟକ୍ରମ ବନ୍ଦ ହେବା ପରେ ମୋବାଇଲ ଦ୍ୱାରା ଭିଡିଓ କନଫରେନ୍ସରେ ସଭା ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ କହିଥିଲେ ଯେ, ଭାଜପା ସର୍ବଦା କଟକର ଐତିହ୍ୟ, କଳା ଓ ସଂସ୍କୃତିର ବିକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ। ଜନସମ୍ବାଦ ରାଲି ଦ୍ୱାରା କରୋନା ସଚେତନତା ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ଦେ କହିଥିଲେ, ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ କଟକରେ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଇଛି। କଟକବାସୀଙ୍କ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୪୦୦ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି। ଆଇଓସିଏଲ୍ ପ୍ରକଳ୍ପର ଅଗ୍ରଗତି ପାଇଁ ପ୍ରାୟ ୨୭୭ କୋଟି ଟଙ୍କା ଦେଇଛି। ଏଥିରେ ଟ୍ରାଫିକ୍ ପରିଚାଳନା ତଥା ସିଗନାଲ୍ ସିଷ୍ଟମର ବିକାଶ ପାଇଁ ୩ କୋଟି, ମହାନଦୀ ବ୍ୟାରେଜରୁ ଶୋଲ ବାହାର କରିବାକୁ ସର୍ଭେ ପାଇଁ ୦.୩୦ କୋଟି, ମହାନଦୀ ବ୍ରିଜରୁ ପୁରୁଣା ଆନିକଟକୁ ହଟାଇବା ପାଇଁ ୨୭.୯୯ କୋଟି ଯୋଗାଇ ଦେଇଛି ପେଟ୍ରୋଲିୟମ ମନ୍ତ୍ରଣାଳୟ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ତଥା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ୫୫ କୋଟି ଖର୍ଚ୍ଚ ଆକଳନ କରାଯାଇଛି।

# ମନ୍ଦିର, ମସ୍‌ଜିଦ୍ ସାନିଟାଇଜ୍ କରୁଛନ୍ତି ଶିଖ୍ ଯୁବଗୋଷ୍ଠୀ

ଭୁବନେଶ୍ୱର,୮।୭(ବ୍ୟୁରୋ)



ଅତୁଟ ଓ ଅଖଣ୍ଡ ଭାରତ। ଏଠି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାଇ ଭାଇ ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିଆନ୍ ଓ ଶିଖ୍ ସଭିଏଁ ସମାନ। ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ରାଜଧାନୀ ଭୁବନେଶ୍ୱରର କିଛି ଯୁବଗୋଷ୍ଠୀ। ଶିଖ୍ ସମ୍ପ୍ରଦାୟର କିଛି ଯୁବକ ମିଶି ସହରରେ ଥିବା ମନ୍ଦିର, ମସ୍‌ଜିଦ୍ ଓ ଚର୍ଚ୍ଚ ସାନିଟାଇଜ୍ କରି ଧର୍ମନିରପେକ୍ଷ ଭାରତର ଉଦାହରଣ ସୃଷ୍ଟି କରିଛନ୍ତି। ଗୁରୁ ନାନକଙ୍କ ବାଣୀକୁ ଅନୁକରଣ କରି ‘ଶିଖ୍ ଏଡ୍’ ନାମକ ଏହି ଯୁବଗୋଷ୍ଠୀ ଭୁବନେଶ୍ୱରରେ ଥିବା ସମସ୍ତ ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ୍, ଓ ଗୁରୁଦ୍ୱାରକୁ ନିଜସ୍ୱ ଉଦ୍ୟମରେ ସାନିଟାଇଜ୍ କରିଛନ୍ତି। ଶ୍ରଦ୍ଧାଳୁମାନେ ଏହି ଧର୍ମାନୁଷ୍ଠାନ ଗୁଡ଼ିକରେ ଯେପରି କୋଭିଡ୍-୧୯ରେ ସଂକ୍ରମିତ ନ ହୁଅନ୍ତୁ ତାହାକୁ ଦୃଷ୍ଟିରେ ରଖି ଶିଖ୍ଏଡ୍ ଏଭଳି ନିଆରା ପଦକ୍ଷେପ ନେଇଛି।

କୋଭିଡ୍ ମହାମାରୀ ଲକ୍‌ଡାଉନ୍ କଟକଣା ଧୀରେ ଧୀରେ କୋହଳ ହେଉଥିବାବେଳେ ବିଭିନ୍ନ ଧର୍ମାନୁଷ୍ଠାନଗୁଡ଼ିକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଉଛି। ଏଭଳିସ୍ଥଳେ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଆଦି ସ୍ଥାନରେ ଭକ୍ତମାନେ ଯେପରି ସୁରକ୍ଷିତ ରହିବେ ଏବଂ ଧାର୍ମିକସ୍ଥଳୀ ପରିସର ଯେପରି କୋଭିଡ୍ ମୁକ୍ତ ରହିବ ସେଥିଲାଗି ଭୁବନେଶ୍ୱର ଏବଂ କଟକ ଶିଖ୍ ସମ୍ପ୍ରଦାୟର କିଛି ଯୁବକ ମିଶି ସାନିଟାଇଜେଶନ ଅଭିଯାନ ଆରମ୍ଭ କରିଛନ୍ତି। ଜୁନ୍ ୨୪ରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ସାନିଟାଇଜେଶନ ଅଭିଯାନରେ ଜନପଥରେ ଥିବା ଗୁରୁଦ୍ୱାରା ସିଂ ସଭା, ବିଗ୍ ବଜାର ନିକଟସ୍ଥ କ୍ୟାଥୋଲିକ୍ ଚର୍ଚ୍ଚ, ସତ୍ୟ ନଗର ଚର୍ଚ୍ଚ, ସତ୍ୟ ନଗର କାଳୀ ମନ୍ଦିର ଓ ସାଇ ମନ୍ଦିର, ରାମ ମନ୍ଦିର, ମା’ ତାରିଣୀ ମନ୍ଦିର, ହରିପୁର ଚଉଷଠି ଯୋଗିନୀ ମନ୍ଦିର, ବମିଖାଲ ମା’ ସନ୍ତୋଷୀ ମନ୍ଦିର,

### ଅଖଣ୍ଡ ଭାରତର ଆଉ ଏକ ଉଦାହରଣ

ବୁଦ୍ଧେଶ୍ୱରୀ ମନ୍ଦିର, ଶହୀଦନଗରସ୍ଥିତ ମା’ ମଙ୍ଗଳା ମନ୍ଦିରକୁ ପ୍ରଥମେ ସାନିଟାଇଜ୍ କରାଯାଇଥିଲା। କେବଳ ଏତିକି ନୁହେଁ ଭୁବନେଶ୍ୱରରେ ଥିବା ସମସ୍ତ ଛୋଟ ବଡ଼ ବିଷ୍ଣୁ ଓ ଶିବ ମନ୍ଦିର, ମସ୍‌ଜିଦ୍‌ଗୁଡ଼ିକରେ ମଧ ‘ଶିଖ୍ ଏଡ୍’ ପକ୍ଷରୁ ସାନିଟାଇଜେଶନ କରାଯାଇଛି। ପରମ୍‌ଜିତ ସିଂ, ସତବିର୍ ସିଂ, ଦେବେନ୍ଦର ସିଂ, ବିବେକ ସିଂ, ଉଦ୍ଧମ ସିଂ, ତନଜୋତ ସିଂ ଏବଂ ରମେଶ ଶର୍ମା ପ୍ରମୁଖ ସାନିଟାଇଜେଶନ ଡ୍ରାଇଭ୍‌ରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେବେ ଏହି ଯୁବକମାନଙ୍କ ମଧ୍ୟରେ ଅଧିକାଂଶ ସ୍ନାତୋକ, ସ୍ନାତକୋତ୍ତର ଏବଂ ମ୍ୟାନେଜମେଣ୍ଟ ଛାତ୍ର ରହିଛନ୍ତି। କେତେ ଜଣଙ୍କ ନିଜସ୍ୱ ବ୍ୟବସାୟ ରହିଥିବାବେଳେ ଆଉକିଛି ଆଇଟି ସେକ୍ଟରରେ କାମ କରୁଛନ୍ତି। ‘ପ୍ରତି ମୁହୂର୍ତ୍ତରେ ଭଗବାନଙ୍କୁ ସ୍ମରଣ କରିବା ଓ ଭଗବାନଙ୍କ ଦୟା ଓ ଆଶୀର୍ବାଦକୁ ଗ୍ରହଣ କରି ଯାହା ବି ପାଇଛ ସେଥିରେ ପରିଶ୍ରମ ଓ ସଚ୍ଚୋଟତା ଦ୍ୱାରା ସଂସାରରେ ବଞ୍ଚିରହିବା’, ଗୁରୁ ନାନକଙ୍କ ଏହି ବାଣୀକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ଏହି ଯୁବଗୋଷ୍ଠୀ। ନିଜେ ପରିଶ୍ରମ କରି ଉପାର୍ଜନ କରିଥିବା ଅର୍ଥର କିଛି ଅଂଶ ଦରକାରୀ ଲୋକଙ୍କ ପାଇଁ ବ୍ୟୟ କରିବା ଆବଶ୍ୟକ ବୋଲି ପରମ୍‌ଜିତ କହିଛନ୍ତି। କେବଳ ଭୁବନେଶ୍ୱର ନୁହେଁ, କଟକରେ ମଧ ଜୁନ୍ ୨ରୁ ସାନିଟାଇଜେଶନ ଅଭିଯାନ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଆଗାମୀଦିନରେ ବିଭିନ୍ନ ଧର୍ମାନୁଷ୍ଠାନ ସହ ସର୍ବସାଧାରଣ ସ୍ଥାନକୁ ମଧ ସାନିଟାଇଜ୍ କରିବାକୁ ଟିମ୍ ‘ଶିଖ୍ ଏଡ୍’ ଲକ୍ଷ୍ୟ ରଖିଛି। କିଛିଦିନ ତଳେ ରଥଯାତ୍ରା ଆୟୋଜନ ନ କରିବାକୁ ସୁପ୍ରିମକୋର୍ଟ ଦେଇଥିବା ରାୟ ଉପରେ ସାନି ପିଟିଶନ୍ ଦାୟର କରି ନୟାଗଡ଼ ଜିଲାର ଜଣେ ମୁସ୍‌ଲିମ୍ ଯୁବକ ସମଗ୍ର ଦେଶବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ।

## ନୟାଗଡ଼ରେ ୧୯ ନୂଆ ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ/ରଣପୁର/ଓଡଗାଁ/ନୂଆଗାଁ,୮।୭(ସ୍ୱ.ପ୍ର./ଡି.ଏନ୍.ଏ.): ନୟାଗଡ ଜିଲାରୁ ବୁଧବାର ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୨୧ରେ ପହଞ୍ଚିଛି। ଏଥିରୁ ୧୪୩ ଜଣ ସୁସ୍ଥ ହୋଇଛନ୍ତି। ରଣପୁର ବ୍ଲକରୁ ୭, ନୟାଗଡ ବ୍ଲକରୁ ୩, ଓଡଗାଁରୁ ୮ ଓ ନୂଆଗାଁରୁ ୧ ଏପରି ମୋଟ ୧୯ ଆକ୍ରାନ୍ତ ମଧ୍ୟରୁ ୧୭ ପୁରୁଷ ଓ ୨ ମହିଳା। ୮ଜଣ ସଙ୍ଗରୋଧ କେନ୍ଦ୍ରର ହୋଇଥିବାବେଳେ ଗାଁ ଓ ସହରରୁ ୧୧ ଜଣ ବାହାରିଥିବା କୋଭିଡ୍ ନୋଡାଲ ଅଫିସର ଧନରାଜ ଏଚ୍ଡି ସୂଚନା ଦେଇଛନ୍ତି।

# ଅଣନିଃଶ୍ୱାସୀ କରୁଛି ଓଏମ୍‌ସି ଡମ୍ପ

**ଯାଜପୁର ଅଫିସ, ୮।୭**

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ପଞ୍ଚାୟତ ଅଧୀନ ହାଟସାହି (ଗୁରୁଜଙ୍ଗପାଳ) ଗ୍ରାମ ପଟକୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦକ୍ଷିଣ କାଳିଆପାଣି ଜବରଦସ୍ତି ତା'ର ଡମ୍ପ ସମ୍ପ୍ରସାରଣ କରିଚାଲିଛି। ଏହାସହ ଖଣି ଖନନ ଓ ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ ଦାବିରେ ୧।୭।୨୦୨୦ରେ ହାଟସାହି ଗ୍ରାମର ପାର୍ବତୀ ପାତ୍ରଙ୍କ ସମେତ ଗ୍ରାମର ୨୦୦ଲୋକ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି କ୍ରମରେ ଏନ୍‌ଏଚ୍ଆର୍‌ସିରେ ମଙ୍ଗଳବାର ମାମଲା (କେସ୍ ନଂ.- ୧୭୩୦/୧୮/୨୪/୨୦୨୦) ରୁଜୁ କରାଯାଇ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ଖଣି ପ୍ରଭାବିତ ଲୋକଙ୍କ ଦୁଃଖ ସାଙ୍ଗକୁ ଓଏମ୍‌ସି ଖଣି କର୍ତ୍ତୃପକ୍ଷ ଓ ଖଣି ସହ ସମ୍ପୃକ୍ତ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅମାନବୀୟ ବ୍ୟବହାର ହାଟସାହି ଗ୍ରାମବାସୀଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଏଭଳି ଅବସ୍ଥା ଯାଜପୁର ଜିଲାର ରତ୍ନଗର୍ଭା ସୁକିନ୍ଦା ଖଣି ଇଲାକାରେ ଦେଖାଯାଇଛି। ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ ଖଣି କର୍ତ୍ତୃପକ୍ଷ କି ପ୍ରଶାସନ ଆନ୍ତରିକତା ଦେଖାଉନାହାନ୍ତି। ପ୍ରତିବାଦ କଲେ ଆନ୍ଦୋଳନକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଧମକ ଦିଆଯାଉଛି।

ଏନ୍‌ଏଚ୍ଆର୍‌ସିରେ ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ୬୦ ବର୍ଷ ହେଲା ହାଟସାହି ଗ୍ରାମରେ ସେମାନେ ବସବାସ କରି ଆସୁଛନ୍ତି। ଗ୍ରାମର ଜମି ବାବଦକୁ ସରକାରଙ୍କ ରାଜସ୍ୱ ବିଭାଗକୁ ଖଜଣା ଦେଇ ଆସୁଛନ୍ତି। ଏଥିସହ ସରକାରୀ ସୁବିଧା ପାଇଖାନା ଘର, ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ଆଦି ସୁବିଧା ପାଉଛନ୍ତି। ବର୍ତ୍ତମାନ ସେହି ଗ୍ରାମର ଜମିକୁ ଓଏମ୍‌ସି ଅଧିଗ୍ରହଣ କରି ନ ଥିବା ସତ୍ତ୍ୱେ ତାହାର ଡମ୍ପ ଗ୍ରାମ ପଟକୁ ବଢ଼ାଇ ଚାଲିଛି ଏବଂ ଡି-କ୍ୱାରୀ ଖନନ ସହ ବ୍ଲାଷ୍ଟିଂ କରିଚାଲିଛି। ଗ୍ରାମଠାରୁ ଏହି ଖଣି ଖନନର ଦୂରତା ମାତ୍ର ୭୦ ରୁ ୮୦ ମିଟର ଏବଂ ଡମ୍ପର ଦୂରତା ୩୦ ମିଟର ହେବ। ବ୍ଲାଷ୍ଟିଂ ଯୋଗୁ ଗ୍ରାମରେ ଥିବା ଘରଗୁଡିକର କାନ୍ଥ ଓ ଛାତ ଫାଟି ଯାଉଛି।


ହାଟସାହି ଗ୍ରାମକୁ ଲାଗି ଓଏମ୍‌ସିର ଡମ୍ପ୍।

ଖରା ଦିନରେ ଡମ୍ପରୁ ଅତ୍ୟଧିକ ଧୂଳି ଉଡ଼ି ହାଟସାହି ଗ୍ରାମବାସୀଙ୍କୁ ଅଣନିଃଶ୍ୱାସୀ କରୁଛି। ଏହାସହ ଗ୍ରାମବାସୀ ଶ୍ୱାସରୋଗ, କାଶ, ଥଣ୍ଡା ଜ୍ୱର, ଯକ୍ଷ୍ମା, ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବର୍ଷା ଦିନେ ଡମ୍ପରୁ ନିର୍ଗତ ନିକେଲ ମିଶା ପାଣି ଗାଁ ଭିତରକୁ ପ୍ରବେଶ କରୁଛି। ଏହାବାଦ ବେଳେବେଳେ ଡମ୍ପ ଭୁଶୁଡୁ ଥିବାରୁ ଗୃହପାଳିତ ପଶୁ ଓ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଓଏମ୍‌ସି ଦକ୍ଷିଣ କାଳିଆପାଣି କର୍ତ୍ତୃପକ୍ଷଙ୍କୁ ଏ ନେଇ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉନାହାନ୍ତି। ଓଲଟା ବିନା ନୋଟିସ୍ ଏବଂ ବିନା ଥଇଥାନରେ ଗ୍ରାମବାସୀମାନଙ୍କୁ ବିତାଡିତ କରିବାକୁ ଚାହୁଁଛନ୍ତି। ଏଥିସହ ଓଏମସି ଠିକାସଂସ୍ଥା ଅଧୀନରେ କାମ କରୁଥିବା କେତେଜଣ ଗ୍ରାମବାସୀଙ୍କ ଚାକିରି ଯିବାର ଆଶଙ୍କା ମଧ୍ୟ ଉପୁଜିଛି। ଏଭଳିସ୍ଥିତିରେ ଖଣି ଓ ଡମ୍ପ ସମ୍ପ୍ରସାରଣ କାମ ଜାରି ରହିଲେ ଗ୍ରାମବାସୀ ବାସ ହରାଇବା ସହ ନିଜ ମାଟିରେ ଯାଯାବର ହୋଇଯିବେ ବୋଲି ଏନ୍‌ଏଚ୍ଆର୍‌ସିରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏନ୍‌ଏଚ୍ଆର୍‌ସିଙ୍କ ଶୁଣାଣି ଉପରେ ହ୍ୟୁମାନ ରାଇଟ୍ସ ୱାଚ୍‌ର ସଭାପତି ରାଜେଶ ସ୍ୱାଇଁ ଓଏମ୍‌ସିର

- ଏନ୍‌ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ହାଟସାହି ଗ୍ରାମବାସୀ
- ଡମ୍ପ ସମ୍ପ୍ରସାରଣ, ଖଣି ଖନନ ଓ ବ୍ଲାଷ୍ଟିଂ ବଢ଼ାଉଛି ଦୁର୍ଦ୍ଦଶା
- ୪ ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଯାଜପୁର ରୋଡ ଓଏମ୍‌ସିର ଆଞ୍ଚଳିକ ପରିଚାଳକ, ଯାଜପୁର ଜିଲାପାଳ, ଯାଜପୁର ଏସ୍‌ପି ପ୍ରମୁଖଙ୍କୁ ଜଣାଇଛନ୍ତି। ହାଟସାହି ଗ୍ରାମବାସୀଙ୍କୁ କୌଣସି ପ୍ରକାର ନିର୍ଯାତନା ନ ଦେବାକୁ ସେ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଓଏମ୍‌ସି ଆଞ୍ଚଳିକ ପରିଚାଳକ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ପଚାରିବାରେ ହାଟସାହି ଗ୍ରାମବାସୀ ଥଇଥାନ କରିବାକୁ ଦାବି କରିଛନ୍ତି। ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନର୍ସିଂ ହୋମ୍‌ରେ ଜିଲା ପ୍ରଶାସନର ଚଢ଼ାଉ

**କେନ୍ଦ୍ରାପଡ଼ା ଅଫିସ, ୮।୭:** କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ଥିବା ୭ଟି ନର୍ସିଂ ହୋମ ଓ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଉପରେ ବୁଧବାର ଚଢ଼ାଉ ହୋଇଛି। ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ୧ ଲକ୍ଷ ୬୦ ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି। ଉପଜିଲାପାଳ ମହାପାତ୍ର କହନ୍ତି, ସହର ମଧ୍ୟରେ ଥିବା ଏହି ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡିକ କୋଭିଡ୍ ୧୯ ନିୟମାବଳୀ ମାନୁ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିଲା। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ଅଢ଼େଇମାସ ପରେ ରୋଗୀସେବା ଆରମ୍ଭ

#### ଚାନ୍ଦପୁର କୋଭିଡ୍ ହେଲ୍‌ଥ ସେଣ୍ଟର

ନୟାଗଡ଼ ଅଫିସ/ରଣପୁର,୮।୭(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ବ୍ଲକର ଚାନ୍ଦପୁରଠାରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲ୍‌ଥ ସେଣ୍ଟରରେ ପ୍ରାୟ ଅଢ଼େଇ ମାସ ପରେ ବୁଧବାର ରୋଗୀସେବା ଆରମ୍ଭ ହୋଇଛି। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ବୁଧବାର ଜିଲାରେ ଚିହ୍ନଟ ହୋଇଥିବା ୧୯ ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କୁ ଚାନ୍ଦପୁରଠାରେ ଚିକିତ୍ସା କରାଯାଉଥିବାବେଳେ ୨ଜଣଙ୍କୁ ଭୁବନେଶ୍ୱର ପଠାଯାଇଛି। କରୋନା ରୋଗୀଙ୍କ ଉଦ୍ଦେଶ୍ୟରେ ଗତ ଏପ୍ରିଲ ୧୬ରେ ଜିଲାପାଳ ଏହାକୁ କାର୍ଯ୍ୟକ୍ଷମ କରାଇଥିଲେ। ଜିଲାରେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ହେଁ ଏଠାରେ ରୋଗୀଙ୍କୁ ଚିକିତ୍ସା କରାଯାଉ ନ ଥିଲା। ନୟାଗଡଠାରୁ ୪୦ କି.ମି. ଦୂର ଚାନ୍ଦପୁର କୋଭିଡ୍ ସେଣ୍ଟର ବଦଳରେ ରୋଗୀଙ୍କୁ ୧୦୦ କି.ମି. ଦୂର ଭୁବନେଶ୍ୱର ପଠାଯାଉଥିଲା। ଚାନ୍ଦପୁର କୋଭିଡ଼ ହେଲଥ୍ ସେଣ୍ଟରରେ ରୋଗୀସେବା କରା ନ ଯିବା ସମ୍ପର୍କରେ ଜିଲାପାଳଙ୍କ ମତାମତ ଥାଇ ଏକ ଖବର ଜୁନ ୧୦ରେ କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇ ରୋଗୀସେବା ଆରମ୍ଭ ହୋଇଛି।

### ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

**ରସୁଲପୁର, ୮।୭ (ଡି.ଏନ୍.ଏ.):** ରସୁଲପୁର ବ୍ଲକ କୁଆଖିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧମରେ ପୋଷ୍ଟ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ବଂଶଡା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ସୁଶାନ୍ତ ମହାରାଜ(୨୩)। ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତା ଯୁବତୀଙ୍କ ସହ ସୁଶାନ୍ତଙ୍କର ବାହାଘର ପ୍ରସ୍ତାବ ପଡିଥିଲା। ମାତ୍ର ଝିଅ ଘର ପସନ୍ଦ ନ ହେବାରୁ ସେମାନେ ବାହାଘର ପାଇଁ ମନା କରିଦେଇଥିଲେ। ବିବାହ ପ୍ରସ୍ତାବ ପଡ଼ିଥିବା ବେଳେ ଭଦ୍ରଲୋକ ଜରିଆରେ ପୁଅ ଘରକୁ ଯାଇଥିବା ସମ୍ପୃକ୍ତା ଯୁବତୀଙ୍କ ଫଟୋକୁ ସୁଶାନ୍ତ ଅନ୍ୟ ଜଣେ ଯୁବତୀଙ୍କ ଶରୀର ସହ ଯୋଡ଼ି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଯୁବତୀଙ୍କୁ ବଦନାମ କରିବା ପାଇଁ ସୁଶାନ୍ତ ଏପରି କରିଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨୧୬/୨୦ନଂ.ରେ ମାମଲା ରୁଜୁ କରିଥିଲା। ବୁଧବାର ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଡମଶାଳ ନାଳରେ ବୁଡ଼ି ଯୁବକ ମୃତ

**କାଳିଆପାଣି, ୮।୭ (ଡି.ଏନ୍.ଏ.):** କାଳିଆପାଣି ଥାନା ଅଧୀନ କଅଁସ ପଞ୍ଚାୟତ ଗୁରୁଜଙ୍ଗପାଳ ଡ଼ମାଶାଳ ନାଳରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଣ ହାସଦା (୩୫)। ତାଙ୍କ ଘର ଭଦ୍ରକ ଜିଲାରେ ବୋଲି ଜଣାପଡ଼ିଛି। ସେ କ୍ରୋମାଇଟ୍ ବୋଝେଇ କରିନେବାକୁ ଖଣି ଅଞ୍ଚଳକୁ ଆସିଥିଲେ। ଏହି ସମୟରେ ସେ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ କେତେଜଣ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଜୀବନବିନ୍ଦୁରେ ୪୭୬ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରକୁ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରୁଛନ୍ତି।

**ଏରସମା,୮।୭(ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ବାଲିତୁଠ ପଞ୍ଚାୟତ ହାଇସ୍କୁଲ ପରିସରରେ ବୁଧବାର ବିଜେଡି ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଳେଇପୁର, ଚଟୁଆ, ବାମଦେଇପୁର, ଗଡ଼କୁଜଙ୍ଗ, ଡିଙ୍କିଆ, ନୂଆଗାଁ ଓ ବଲିତୁଠ ପଞ୍ଚାୟତର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ରେଡ୍‌କ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଲ, ଜିଲାପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ଇତିଶ୍ରୀ ଭୁୟାଁ, ଡିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ବାମଦେଇପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ, ଚଟୁଆ ସରପଞ୍ଚ ସୁଜାତା ସେଠୀ, ବ୍ଲକ ଛାତ୍ର ବିଜେଡି ସଭାପତି ବରଦା ପ୍ରସାଦ ରାଉତ ଓ ରଞ୍ଜନ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଙ୍ଗରୋଧ କେନ୍ଦ୍ରରେ ବଣ୍ଟାଗଲା ଭୋଜିଖାଦ୍ୟ

**ନୟାଗଡ଼ ଅଫିସ,୮।୭**

କରୋନା କଟକଣାକୁ ଅଣଦେଖା କରି ନୟାଗଡ ପୁରୁଣା ସାହରରେ ଏକ ଭୋଜି ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୬୦୦ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ତେବେ ଜନଗହଳି ହେବା ପୂର୍ବରୁ ନୟାଗଡ ପୌର ଅଧିକାରୀ ଓ ଟାଉନ ଥାନା ପୋଲିସ ପହଞ୍ଚି ଭୋଜିଖାଦ୍ୟ ଜବତ କରି ନୟାଗଡ ବିଡିଓଙ୍କ ଜରିଆରେ

**ରୁଜୁ ହେଲା ମାମଲା**

ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କୁ ବାଣ୍ଟି ଦେଇଛନ୍ତି। ତେବେ ପୂର୍ବରୁ ଫୁଡ୍ ସେଫ୍ଟି ଅଫିସର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଖାଦ୍ୟ ପରୀକ୍ଷଣ କରାଯାଇଥିଲା। ଭୋଜି କରୁଥିବା ରବୀନ୍ଦ୍ର ସାହୁଙ୍କ ନାଁରେ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଆଇଆଇସି ସୂଚନା ଦେଇଛନ୍ତି।

## କୋଭିଡ୍ ନିୟମ ଉଲ୍ଲଂଘନ, ରେଷ୍ଟୁରାଣ୍ଟ ସିଲ୍

**ଧର୍ମଶାଳା, ୮।୭ (ଡି.ଏନ୍.ଏ.)**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଧର୍ମଶାଳା ତହସିଲ ଅଧୀନ ଜାରକା ଛକଠାରେ ଥିବା ଏକ ରେଷ୍ଟୁରାଣ୍ଟକୁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ଥିବା ବେଳେ ଉକ୍ତ ରେଷ୍ଟୁରାଣ୍ଟଟି ବେଆଇନ ଭାବେ ଖୋଲାଯାଇଥିଲା। ତେବେ ସିଲ ପୂର୍ବରୁ ଦୋକାନରେ ଥିବା ବିଭିନ୍ନ ପ୍ରକାର ମିଠା ଓ ଜଳଖିଆ ସାମଗ୍ରୀକୁ ନଷ୍ଟ କରିଦିଆଯାଇଛି। ଚଢାଉରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବିପ୍ରସନ୍ନ ମହାନ୍ତି, ଥାନାଧିକାରୀ ସରୋଜ କୁମାର ସାହୁ, ଜାରକା ବିଟ୍ ହାଉସ ଅଧିକାରୀ ରାଜ କିଶୋର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ୟାସନଗର ସହରରେ ଲାଗିଲା ୧୪୦ ଷ୍ଟ୍ରିଟ୍‌ଲାଇଟ


ଷ୍ଟ୍ରିଟ୍‌ଲାଇଟ୍ ସଂଯୋଗୀକରଣ ବେଳେ ପୌର କର୍ମଚାରୀମାନେ।

**ଯାଜପୁର ରୋଡ୍, ୮।୭ (ଡି.ଏନ୍.ଏ.)**

ବ୍ୟାସନଗର ସହରର ବ୍ୟାସସରୋବର ଏବଂ ହିଙ୍ଗୁଳା ରାସ୍ତାରେ ଗ୍ରୀନ୍‌ଫିଲଡ ପବ୍ଲିକ ଷ୍ଟ୍ରିଟଲାଇଟ ଯୋଜନାରେ ୧୪୦ଟି ଲାଇଟ ସଂଯୋଗ କରାଯାଇଛି। ଏହାପରେ ବ୍ୟାସସରୋବର ଆଲୋକିତ ହେବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୯୬ଟି ଲାଇଟ ଲାଗିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବ୍ୟାସନଗର ପୌର ପ୍ରଶାସକ ସନ୍ତୋଷ କୁମାର ମିଶ୍ର, ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

## ଲୁଚାଇ ଦିଆଗଲା ଅନାହାର ମୃତ୍ୟୁ

**ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ କଂଗ୍ରେସର ଫେରାଦ**

**ନୟାଗଡ଼ ଅଫିସ,୮।୭**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ କାଳାମ୍ବା ଗାଁରେ ଏକ ଅନାହାର ମୃତ୍ୟୁକୁ ଲୁଚାଇ ରଖାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି କରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଜିଲା କଂଗ୍ରେସ ଫେରାଦ ହୋଇଛି। କାଳାମ୍ବା ଗାଁର ସ୍ୱର୍ଗତ ଲୋକନାଥ ଜାନିଙ୍କ ଝିଅ ଦୁଃଖୀ ୨୦୧୬ରୁ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ପାଉଥିଲେ। ୨୦୧୮ ଅକ୍ଟୋବରରେ ତାଙ୍କର ଏହି କାର୍ଡ କାଟି ଦିଆଯାଇଥିଲେ ମଧ ରାଶନ କାର୍ଡ ଦିଆଯାଇ ନ ଥିଲା। ଫଳରେ ଦୁଃଖୀ ଦୁଇଓଳା ଖାଇଲେ ଓଳିଏ ଉପବାସ ରହୁଥିଲେ। ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପରେ ୨୦୨୦ ଫେବୃୟାରୀରେ ଦୁଃଖୀଙ୍କ ରାଶନ କାର୍ଡ ମଞ୍ଜୁର ହୋଇଥିଲା। ହେଲେ କାର୍ଡ ମିଳି ନ ଥିଲା। ଜୁନ ୨୪ରେ ଦୁଃଖୀ ଜଙ୍ଗଲକୁ ଯାଇ ପ୍ରାଣ ହରାଇଥିଲେ। ଏହା ଜାଣି କେତେକ ଲୋକ ମୃତଦେହ ଜଙ୍ଗଲରେ ପୋତି ଦେଇଥିଲେ। ଦୁଃଖୀ ଖାଇବାକୁ ନ ପାଇ ପ୍ରାଣ ହରାଇଲେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା କାହା ପାଇଁ ବୋଲି କଂଗ୍ରେସର ପୂର୍ବତନ ଜିଲା ସଭାପତି ରଣଜିତ୍ ଦାଶ ପ୍ରଶ୍ନ କରିଛନ୍ତି। ଅନାହାର ମୃତ୍ୟୁକୁ ପ୍ରଶାସନ ସ୍ୱୀକାର କରୁନି। ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ମହାକାଳପଡ଼ା,୮।୭(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତରେ ମଙ୍ଗଳବାର ରାତିରେ ୭ ବର୍ଷ ପୁଅ ବେକରେ ଭୁଜାଲି ଲଗାଇ ମା'ଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ.୮୦/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ପଞ୍ଚାୟତର ପିଣ୍ଟୁ ବେହେରା। ପିଣ୍ଟୁ ପ୍ରତିଦିନ ମହିଳାଙ୍କ ଘରକୁ କ୍ଷୀର ନେବାକୁ ଆସନ୍ତି। ମହିଳା ଗାଧୋଉଥିବା ବେଳେ କେହି ନ ଥିବାର ସୁଯୋଗରେ ପିଣ୍ଟୁ ତାଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲ କରୁଥିଲେ। ମଙ୍ଗଳବାର ରାତିରେ ସ୍ୱାମୀ ଘରେ ନ ଥିବା ବେଳେ ପିଣ୍ଟୁ ଘରକୁ ଆସି ପୁଅ ବେକରେ ଭୁଜାଲି ଲଗାଇ ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସ୍ୱାମୀ ଘରେ ପହଞ୍ଚି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପିଣ୍ଟୁଙ୍କ ଆକ୍ରମଣରେ ସେ ଆହତ ହୋଇଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀ କହିଛନ୍ତି, ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଏଥିସହ ପିଣ୍ଟୁଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି।

## ଯୋଗ୍ୟଙ୍କୁ ମିଳୁନି, ତାଲିକାରେ ଅଯୋଗ୍ୟଙ୍କ ନାଁ

**ରସୁଲପୁର, ୮।୭ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ଯାବରା ପଞ୍ଚାୟତରେ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯୋଗ୍ୟ ହିତାଧିକାରୀ ତାଲିକାରେ ବହୁ ଅଯୋଗ୍ୟଙ୍କ ନାମ ପ୍ରକାଶ ପାଇଥିବା ବେଳେ ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ପଞ୍ଚାୟତବାସୀ ଯାଜପୁର ଜିଲାପାଳ ଓ ରସୁଲପୁର ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ପଞ୍ଚାୟତର ଶୈଳ ତରାଇ, ବାଇଧର ତରାଇ, ରବିନ୍ଦ୍ର ତରାଇ, ଲକ୍ଷ୍ମୀଧର ତରାଇ ପ୍ରମୁଖ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

ଅଭିଯୋଗ ମୁତାବକ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇ ନ ଥିବା ୨୧୫ ହିତାଧିକାରୀ ଘର ପାଇବା ପାଇଁ ଆବେଦନ କରିଥିଲେ। କୋରେଇ ବ୍ଲକ କାର୍ଯ୍ୟାଳୟର ଅଧିକାରୀମାନେ ଆବେଦନ ପତ୍ର ଯାଞ୍ଚ କରିଥିଲେ। ତଦନ୍ତ ପରେ ଅଗ୍ରାଧିକାର ତାଲିକାରେ

**ଯାବରା ପଞ୍ଚାୟତ**

- ଜିଲାପାଳ, ବିଡିଓଙ୍କୁ ଭେଟି ଅଭିଯୋଗ କଲେ ଲୋକେ

ପଞ୍ଚାୟତର ୮୦ ଜଣଙ୍କ ନାମ ରହିଥିଲା। ମାତ୍ର ଏଥିରେ ବହୁ ଅଯୋଗ୍ୟଙ୍କୁ ସ୍ଥାନ ମିଳିଥିବା ବେଳେ ପ୍ରକୃତ ହିତାଧିକାରୀ ଏହି ତାଲିକାରୁ ବାଦ ପଡ଼ିଛନ୍ତି। ଏ ନେଇ ପଞ୍ଚାତବାସୀ ବାରମ୍ବାର ଅଭିଯୋଗ କରୁଥିଲେ ବି କିଛି ସୁଫଳ ମିଳୁନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ବସନ୍ତ କୁମାର ବେହେରାଙ୍କୁ ପଚାରିବାରେ ଜଣେ ହେଲେ ଅଯୋଗ୍ୟଙ୍କୁ ଘର ଦିଆଯାଇନାହିଁ। ଯେବେ ଘର ଦିଆଯିବା ପ୍ରକ୍ରିୟା ଆରମ୍ଭ ହେବେ ସେବେ ଅଯୋଗ୍ୟଙ୍କୁ ବାଦ ଦିଆଯିବ। ହେଲେ ଯେଉଁମାନେ ଯୋଗ୍ୟ ରହିଯାଇଛନ୍ତି, ସେମାନଙ୍କ ସମସ୍ୟାକୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

## ଯାଜପୁରରେ ୨୫ ନୂଆ ସଂକ୍ରମିତ

**ଯାଜପୁର ଅଫିସ୍/ ବରୀ/ କାଳିଆପାଣି, ୮।୭ (ଡି.ଏନ୍.ଏ.)**

ଯାଜପୁର ଜିଲାରେ ବୁଧବାର ପୁଣି ୨୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୬୩ରେ ପହଞ୍ଚିଛି। ଅନ୍ୟପକ୍ଷେ ବୁଧବାର ୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ସୁକିନ୍ଦା ବ୍ଲକରୁ କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବା ବେଳେ ଏହି ବ୍ଲକରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକର ୧୫, ବଡଚଣା ବ୍ଲକର

- ମୋଟ ଆକ୍ରାନ୍ତ ସଂଖ୍ୟା ୬୬୩
- ସାମିଲ ହେଲା ସୁକିନ୍ଦା ବ୍ଲକ

୪, ବରୀ ବ୍ଲକରେ ୧, ଦଶରଥପୁର ବ୍ଲକର ୨ ଜଣ ରହିଛନ୍ତି। ସୁକିନ୍ଦା ଖଣି ଅଞ୍ଚଳରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ସରପଞ୍ଚ କଟେପୁର୍ଡିନଗର, ମଲ୍ଲାରସାହୀ ହାଟିଂ ଓ ଟାଟାବଜାରକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ କରିଦେଇଛନ୍ତି। ସେହିପରି ବରୀ ବ୍ଲକ ଉଦୟନାଥପୁର ପଞ୍ଚାୟତ ଅଧୀନ କହରାଗଣ୍ଡ ଗ୍ରାମର ୧୦ ଓ ୧୧ ନଂ. ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## କାଉପଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଡେରାବିଶ, ୮।୭(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାଉପଡ଼ା ସରପଞ୍ଚ ଲକ୍ଷ୍ମୀ ମଳିକଙ୍କ ବିରୋଧରେ ବୁଧବାର ୧୨ ୱାର୍ଡ଼ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ନାଏବ ସରପଞ୍ଚଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ବୈଠକ ହୋଇଥିଲା। ଏଥିରେ ସରପଞ୍ଚଙ୍କ ବିରୋଧରେ ଲାଇଟ କିଣାରେ ଟଙ୍କା ଆତ୍ମସାତ୍, ଆବାସ ଯୋଜନାରେ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ, ବାଘିଲୋବାବନପୁର ଗ୍ରାମରେ ଖେଳପଡ଼ିଆ ନିର୍ମାଣ ନାମରେ କେବଳ ହଳ କରି ୫ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଆଲୋଚନା ହୋଇଥିଲା। ସଙ୍ଗରୋଧ କେନ୍ଦ୍ର ପାଇଁ ଆସବାବପତ୍ର କିଣାରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ସମ୍ବନ୍ଧରେ ଆଲୋଚନା ହୋଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ସଭାରେ ଗୃହୀତ ହୋଇଥିଲା। ପରେ ୱାର୍ଡସଭ୍ୟ ଶ୍ରୀକାନ୍ତ ଜେନା (ନାଏବ ସରପଞ୍ଚ), ରାଜକିଶୋର ନାଥ, ବିଜୟ ମଲ୍ଲିକ, ମମତା ବେହେରା, ଲତା ସେଠୀ, ନବୀନ ଲେଙ୍କା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଆବେଦନ ପତ୍ର ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ମଳିକ କହିଥିଲେ, ମୋ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିବ।

## ଜଗତ୍‌ସିଂହପୁର ଜିଲା: ୩ ଦିନରେ ୪୪ ସଂକ୍ରମିତ

ଜଗତ୍‌ସିଂହପୁର ଅଫିସ,୮।୭: ୩ ଦିନ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ୪୪ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୬୧ରେ ପହଞ୍ଚିଛି। ୬ ତାରିଖରେ ୨୩, ୭ରେ ୧୭ ଓ ବୁଧବାର ୪ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ୭ରେ ଚିହ୍ନଟ ୧୭ଙ୍କ ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୧୧ ଅଛନ୍ତି। ସେମାନଙ୍କ ମଧ୍ୟରୁ ଦିଲ୍ଲୀରୁ ୧, ତାମିଲନାଡୁ ୨, ତେଲଙ୍ଗାନା ୪, ପଶ୍ଚିମବଙ୍ଗ ୨, କର୍ଣ୍ଣାଟକ ୧ ଓ ମହାରାଷ୍ଟ୍ରରୁ ଜଣେ ଫେରିଛନ୍ତି। ଏରସମା ବ୍ଲକ ଅଞ୍ଚଳର ୩ଙ୍କ ମଧ୍ୟରୁ ତେଲଙ୍ଗାନାରୁ ଜଣେ, ତାମିଲନାଡୁ ୧ ଓ କର୍ଣ୍ଣାଟକରୁ ଜଣେ ଫେରିଛନ୍ତି। ରଘୁନାଥପୁର ବ୍ଲକରୁ ଚିହ୍ନଟ ଜଣକ କର୍ଣ୍ଣାଟକ ଫେରନ୍ତା। ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରୁ ଚିହ୍ନଟ ୨ ବ୍ୟକ୍ତି ତେଲଙ୍ଗାନା ଫେରନ୍ତା ଓ ସେମାନେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଟିଏମ୍‌ସିରେ ରହୁଥିଲେ। ବୁଧବାର ଚିହ୍ନଟଙ୍କ ମଧ୍ୟରୁ ବାଲିକୁଦା, କୁଜଙ୍ଗ, ତିର୍ତ୍ତୋଲ ଓ ପାରାଦୀପ ପୌରପରିଷଦର ଜଣେ ଲେଖାଏ ରହିଛନ୍ତି। ବାଲିକୁଦା ବ୍ୟକ୍ତି ତେଲେଙ୍ଗାନା ଫେରନ୍ତା। କୁଜଙ୍ଗର ଜଣକ ମହାରାଷ୍ଟ୍ରରୁ ଫେରିଛନ୍ତି। ତିର୍ତ୍ତୋଲ ବ୍ୟକ୍ତି ମହାରାଷ୍ଟ୍ର ଓ ପାରାଦୀପ ପୌର ପରିଷଦ ଅଞ୍ଚଳରୁ ଚିହ୍ନଟ ବ୍ୟକ୍ତି ବାଲେଶ୍ୱର ଫେରନ୍ତା। ପାରାଦୀପ ବ୍ୟକ୍ତି ହୋମ କ୍ୱାରାଣ୍ଟାଇନରେ ଥିବାବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ନୟାଗଡ଼-ଗଞ୍ଜାମ ସୀମା ସିଲ୍

**ନୟାଗଡ଼ ଅଫିସ/ଓଡଗାଁ/ଦଶପଲ୍ଲା,୮। ୭(ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ ଓ ଗଞ୍ଜାମ ଜିଲାର ସୀମାନ୍ତ ଅଞ୍ଚଳକୁ ବୁଧବାର ନୟାଗଡ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବାଘୁଆ ଗେଟ ନିକଟ ରାସ୍ତା, କୁରାଳ ନାଉରିଆଗଡ ଓ ସୁନାମୁହିଁ ପଞ୍ଚାୟତର ମାଳିଆଖୋଲା ରାସ୍ତା ସିଲ୍ କରାଯାଇ ପୋଲିସ ଚେକ୍ ପଏଣ୍ଟ କରାଯାଇଛି। ଦଶପଲ୍ଲା ଭଞ୍ଜନଗର ରାସ୍ତାର ଦଶପଲ୍ଲା ସୀମାରେ ରାସ୍ତା ସିଲ୍ କରାଯାଇ ପୋଲିସ ମୁତୟନ କରାଯାଇଛି। କେବଳ ଜରୁରିକାଳୀନ ସେବା ପାଇଁ ଯାତାୟାତ ବ୍ୟବସ୍ଥା ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଲଗ୍ନଜିତ୍ ରାଉତ ଜିଲା ସୀମାକୁ ଯାଇ ସ୍ଥାନୀୟ ପ୍ରଶାସନ ସହଯୋଗରେ ସିଲ୍ କରିଛନ୍ତି।

## କେନ୍ଦ୍ରାପଡ଼ାରେ ପ୍ରଥମ କରୋନା ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ/ଆଳି (ଡି.ଏନ.ଏ.), ୮।୭**

କେନ୍ଦ୍ରାପଡା ଜିଲାରେ କରୋନା ପ୍ରଥମ ମୁଣ୍ଡ ନେଇଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବୁଧବାର ସୂଚନା ଦିଆଯାଇଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମୃତକ ହେଉଛନ୍ତି ଆଳି ବ୍ଲକ ଏରଡଙ୍ଗ ପଞ୍ଚାୟତର ୪୯ ବର୍ଷୀୟ ପୁରୁଷ। ସେ ଦିଲ୍ଲୀରେ ରହୁଥିବାବେଳେ ଜୁନ ୧୩ରେ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତାଙ୍କର ମଧୁମେହ ରୋଗ ଥିଲା। ୧୪ ତାରିଖରେ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ନେବା ଅସୁବିଧା ହେବାରୁ ପ୍ରଥମେ ଆଳି ସିଏଚ୍‌ସି ଓ ୧୫ରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କୋଭିଡ୍ ପଜିଟିଭ୍ ବାହାରିବାରୁ ତାଙ୍କୁ ହସ୍ପିଟାଲକୁ ପଠାଯାଇଥିଲା। ୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ଜିଲାପାଳଙ୍କ ସୂଚନା ପରେ ଜିଲାରେ ଭୟର ବାତାବରଣ ଦେଖାଦେଇଛି। ଜିଲାକୁ ଆସିଥିବା

- ପ୍ରବାସୀ ଏବେ ସୁପର ସ୍ପ୍ରେଡର
- ଟେଷ୍ଟିଂ ହାର କମ ଅଭିଯୋଗ
- ଇ ପିଓଏସ୍ ପ୍ରଚଳନ ବନ୍ଦ ଦାବି

ପ୍ରବାସୀଙ୍କ ନମୁନା ପରୀକ୍ଷଣ ହାର କମ୍ ଥିବାରୁ ସେମାନେ ସୁପର ସ୍ପ୍ରେଡର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ ପାଇଛି। ରାଶନ ସାମଗ୍ରୀ ଯୋଜନାରେ ଇ ପିଓଏସ୍ ବନ୍ଦ ପାଇଁ ଦାବି ହୋଇଛି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହନ୍ତି, ଜିଲାକୁ ଅଦ୍ୟାବଧି ୭୮ ହଜାରରୁ ଅଧିକ ପ୍ରବାସୀ ଆସିଛନ୍ତି। ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ ମଧ୍ୟ ନମୁନା ସଂଗ୍ରହ ହୋଇପାରିନାହିଁ। ଅଦ୍ୟାବଧି ନମୁନା ସଂଗ୍ରହ ୮ ହଜାର ୟୁନିଟ୍ ପହଞ୍ଚି ନ ଥିବାବେଳେ ପ୍ରବାସୀ ସଙ୍ଗରୋଧରୁ ଘରକୁ ଯାଇଛନ୍ତି। ଏହି ପ୍ରବାସୀ କେତେକସ୍ଥଳରେ କୋଭିଡ୍ ନିୟମ ମାନୁ ନ ଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ବଢ଼ିଛି। ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ପାଇଁ ସରକାର ଯୋଜନା କରିଥିଲେ ମଧ୍ୟ ବିଳମ୍ବ ହେଉଛି। କେନ୍ଦ୍ରାପଡା ସହର ଖଡିଅଙ୍ଗର ରିଟେଲର ଶଙ୍କର୍ଷଣ ପଣ୍ଡା କୁହନ୍ତି, ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ଇ ପିଓଏସ୍ ଓ ଆଇ ସ୍କାନର ପ୍ରଚଳନ ଦ୍ୱାରା ସଂକ୍ରମିତ ଆଶଙ୍କା ଅଛି। ଏହାକୁ ବନ୍ଦ କରିବା ପାଇଁ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, କୋଭିଡ୍ ନିୟମାବଳୀକୁ ଗୁରୁତ୍ୱ ଦିଆଯାଉଛି। ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର କରୁ ନ ଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଉଛି। ପ୍ରତି ପଞ୍ଚାୟତରେ କ୍ୟାମ୍ପ କରାଯାଇ ନମୁନା ସଂଗ୍ରହ ହେଉଛି। ଅଦ୍ୟାବଧି ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ସେ ପ୍ରକାଶ କରିଛନ୍ତି।

## ପଣସମାଣ୍ଟରେ ଜ୍ୱର ଆତଙ୍କ

ପାତ୍ରପୁର,(ଡି.ଏନ୍.ଏ.)- ପାତ୍ରପୁର ବ୍ଲକ ତୁରୁବୁଡ଼ି ପଞ୍ଚାୟତର ଆଦିବାସୀ ଗ୍ରାମ ପଣସମାଣ୍ଟରେ ଜ୍ୱର ଆତଙ୍କ ଦେଖାଦେଇଛି। ସପ୍ତାହେ ହେଲା ଶିଶୁ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହେଲେଣି। ସେମାନେ ହେଲେ ମଙ୍ଗଳା ରଇତ, ଜ୍ୟାତି ରଇତ, ସାନ୍ଧ୍ୟାରାଣୀ ରଇତ, ହରି ରଇତ, ଶନି ରଇତ, ପୂର୍ଣ୍ଣଚନ୍ଦ୍ର ରଇତ, କୁନି ରଇତ, ବାଳବତୀ ଦଲେଇ, ସରସ୍ୱତୀ ଦଲେଇ। ସେହିଭଳି ଗ୍ରାମରେ ବହୁ ଶିଶୁଙ୍କୁ ଚର୍ମରୋଗ ହୋଇଛି। ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ମେଡିକାଲ ଆସି ପାରନାହାନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ସଂକ୍ଷେପରେ

### ପିଉଲ ପଞ୍ଚାୟତ ୬ଦିନ ଶଟ୍‌ଡାଉନ୍

ଶେରଗଡ଼,୮।୭(ଡି.ଏନ୍.ଏ.): ଶେରଗଡ଼ ବ୍ଲକ ପିଉଲ ପଞ୍ଚାୟତକୁ ବୁଧବାର ଠାରୁ ୬ଦିନ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସରପଞ୍ଚ ରଙ୍ଗବତୀ ବେହେରା ଏକ ପ୍ରେସ୍ ଇସ୍ତାହାରରେ ଏନେଇ ସୂଚନା ଦେଇଛନ୍ତି। ପିଉଲ, ନରେନ୍ଦ୍ର ପୁର, ବ୍ରାହ୍ମଣଛାଇ, ତହିଁର ପଞ୍ଚାୟତରେ ଗତ କିଛିଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକମାନେ ସାମାଜିକ ଦୂରତା ମାନୁନାହାନ୍ତି। ତେଣୁ ଶଟ୍‌ଡାଉନ କରିଥିବା ସେ କହିଛନ୍ତି। ଏହାର ନକଲ ଶେରଗଡ଼ ବିଡ଼ିଓ, ଆସିକା ଏସ୍‌ଡିପିଓ, ଶେରଗଡ଼ ତହସିଲଦାର, ହିଞ୍ଜିଳି ଥାନା ଅଧିକାରୀଙ୍କୁ ପଠାଇଛନ୍ତି।

### ଛତ୍ରପୁରକୁ ବାହାର ଲୋକ ଆସିବା ମନା

ଛତ୍ରପୁର,୮।୭(ଡି.ଏନ.ଏ): ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରର ବିଭିନ୍ନ ସ୍ଥାନରୁ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ସହରବାସୀଙ୍କ ସ୍କ୍ରିନିଂ ପାଇଁ ଗୁରୁବାରଠାରୁ ଏନ୍ଏସି ୫ ଦିନ ପାଇଁ ଶଟ୍‌ଡାଉନ୍ ହେବ । ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ସହରର ସମସ୍ତ ପ୍ରବେଶ ପଥକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି । କେବଳ ଡିଆର୍‌ଡିଏ ଛକଠାରେ ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ଗାଡି ଓ ଆମ୍ବୁଲାନ୍ସକୁ ସହର ମଧକୁ ଯିବା ପାଇଁ ଅନୁମତି ରହିଛି । ବାହାର ଅଞ୍ଚଳର ଲୋକଙ୍କୁ ଛତ୍ରପୁର ସହରକୁ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ରହିଛି । ବୁଧବାର ଡିଆରଡିଏ ଛକରେ ପୋଲିସ ପକ୍ଷରୁ କଡାକଡି ଯାଞ୍ଚ କରାଯାଉଛି । ଜାତୀୟ ରାଜପଥରେ ଟ୍ରକ୍, ବସ ଓ ମାଲ ପରିବହନ ଗାଡି ବ୍ୟତୀତ ବାଇକ୍, କାର ଓ ଅନ୍ୟ ଗାଡି ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ରହିଛି ।

### ଗଜପତିରେ ପୁଣି ୩ ପଜିଟିଭ୍

ପାରଳାଖେମୁଣ୍ଡି,୮।୭(ସ୍ୱ.ପ୍ର.): ଗଜପତିରେ ଦିନକୁ ଦିନ କରୋନାର ସ୍ଥିତି ସଙ୍ଗୀନ ହେଉଛି। ସବୁଦିନ କରୋନା ପଜିଟିଭ ବାହାରୁଛି। ମଙ୍ଗଳବାର ଜିଲାରେ ୩୧ ଜଣ ପଜିଟିଭ ଚିହ୍ନଟ ପରେ ବୁଧବାର ପୁଣି ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛି । ଏହାକୁ ମିଶାଇ ଜିଲାରେ ସଂଖ୍ୟା ୫୧୯ରେ ପହଞ୍ଚିଛି । ଚିହ୍ନଟ ହୋଇଥିବା ୩ଜଣଙ୍କ ମଧ୍ୟରେ ଜଣେ ମହିଳା ଓ ୨ପୁରୁଷ ଥିବା ଜଣାପଡିଛି । ଏମାନଙ୍କ ବୟସ ୪୫ରୁ୬୪ ବର୍ଷ ମଧରେ ରହିଛି। ୨ଜଣ ନୂଆଗଡ ବ୍ଲକ ଏବଂ ଜଣେ ଗୋଷାଣୀ ବ୍ଲକର ବୋଲି ପ୍ରଶାସନ ସୂଚନା ଦେଇଛି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଗଜପତି ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି।

### ପୁନାନା ଗାଁ କଣ୍ଟେନ୍‌ମେଣ୍ଟ

ଗୁମ୍ମା, ୮।୭: ଗଜପତି ଜିଲା ଗୁମ୍ମା ବ୍ଲକ ପୁନାନା ଗାଁରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି। ଏହି ଗ୍ରାମର ପ୍ରବେଶପଥକୁ ପ୍ରଶାସନ ପକ୍ଷରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ସବୁ ଗ୍ରାମବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ନଟବର ଗରୋଡ଼ା ସୂଚନା ଦେଇଛନ୍ତି। ତ୍ରିପତି ସାହୁ , ସ୍ୱାସ୍ଥ୍ୟାଧିକାରୀ ରାଜୀବ ସେନାପତି ଓ ଶୁଭେନ୍ଦୁ କୁମାର ପାଣିଗ୍ରାହୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ଏଡିଏମ୍ ପ୍ରବୀଣ ଭଞ୍ଜଦେବ ସମ୍ପୃକ୍ତ କଣ୍ଟେନ୍‌ମେଣ୍ଟ ଜୋନ୍‌ର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

### ଆର୍‌ଟିଓ କର୍ମଚାରୀଙ୍କ ମୃତ୍ୟୁ

ବୁଗୁଡ଼ା,୮।୭(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବାଲିପଦରରେ ରହୁଥିବା ଜଣେ ଆର୍‌ଟିଓ କର୍ମଚାରୀଙ୍କ ବୁଧବାର ମୃତ୍ୟୁ ହୋଇଯାଇଛି। ସେ ହେଲେ ବାଲିପଦର ଗ୍ରାମର ଅସିତ ପଣ୍ଡା (୩୪)। ଅସିତ୍ ଭଞ୍ଜନଗର ଆର୍‌ଟିଓ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। ଜ୍ୱର ଯୋଗୁ ୧୦ଦିନ ହେଲା ସେ ଘରେ ରହୁଥିଲେ। ବୁଧବାର ସକାଳେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ମେଡିକାଲ ନେବାକୁ ଗାଡି ଡାକିଥିଲେ। ମାତ୍ର କେହି ରାଜି ନ ହେବାରୁ ବାଲିପଦର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା ବିଡିଓ ତନ୍ମୟ ପାତ୍ରଙ୍କୁ ଜଣାଇଥିଲେ। ସେ କୋଭିଡ୍ ଆମ୍ବୁଲାନ୍ସ ପଠାଇବାରୁ ଅସିତ୍‌ଙ୍କୁ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ମୃତ୍ୟୁ ଘଟିଛି। ତେବେ ତାଙ୍କର ସ୍ୱାବ ଟେଷ୍ଟ କରାଯାଇପାରିନଥିଲା। ବର୍ତ୍ତମାନ କରୋନା ସଂକ୍ରମଣକୁ ଆଖିରେ ରଖି ସାଧାରଣରେ ବିଶେଷ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି।

# କୋଭିଡ୍-୧୯ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଅବହେଳା

## ଡ୍ରାଇଭର, ମାଲିକଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୮।୭

କରୋନା ସଂକ୍ରମିତଙ୍କୁ କୋଭିଡ୍ କେୟାର ସେଣ୍ଟର ତଥା କୋଭିଡ୍ ହସପିଟାଲକୁ ନେବାରେ ନିୟୋଜିତ ଆମ୍ବୁଲାନ୍ସ କର୍ମଚାରୀଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଡ୍ରାଇଭରଙ୍କୁ ଭଡା ଦେବାରେ ଅବହେଳା ସହ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ପ୍ରଶାସନ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଉ ନାହିଁ । ଏହାର ପ୍ରତିବାଦରେ ମାଲିକ ଓ ଡ୍ରାଇଭରମାନେ ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମପିଏଚଓ)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଏଥିସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୋଭିଡ୍-୧୯ ଆମ୍ବୁଲାନ୍ସ ସେବା ବନ୍ଦ କରିଥିବା ଡ୍ରାଇଭର ଓ ମାଲିକମାନେ ସୂଚାଇଥିଲେ ।



ଆମ୍ବୁଲାନ୍ସର ଡ୍ରାଇଭର ଓ ମାଲିକମାନେ ବିକ୍ଷୋଭ କରୁଛନ୍ତି ।

ସୂଚନା ପ୍ରକାରେ, ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତ ଓ ସନ୍ଦିଗ୍ଧଙ୍କୁ କୋଭିଡ୍ କେୟାର ସେଣ୍ଟର, କ୍ୱାରାଣ୍ଟାଇନ୍ ସେଣ୍ଟର, କୋଭିଡ୍ ହସ୍ପିଟାଲକୁ ନେବାକୁ ଘରୋଇ ଆମ୍ବୁଲାନ ନିୟୋଜିତ କରାଯାଇଥିଲା। ମାର୍ଚ୍ଚ ୨୭ରୁ ଏମ୍‌କେସିଜି ପ୍ରାଇଭେଟ ସର୍ଭିସର ୪୪ ଆମ୍ବୁଲାନ୍ସକୁ ଜିଲାର ୨୨ ବ୍ଲକରେ ନିୟୋଜିତ କରାଯାଇଥିଲା । କିନ୍ତୁ ଏଥିରେ ନିୟୋଜିତ ଡ୍ରାଇଭରଙ୍କ ସୁରକ୍ଷା ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ପ୍ରଶାସନ କୌଣସି ଗୁରୁତ୍ୱ ଦେଉ ନ ଥିବା ସେମାନେ କହିଛନ୍ତି । ଏଥିସହ ଆମ୍ବୁଲାନ୍ସ ଭଡା ମଧ ଠିକ୍ ସମୟରେ ପ୍ରଦାନ କରାଯାଉ ନ ଥିବା ଡ୍ରାଇଭର ଓ ମାଲିକମାନେ ଅଭିଯୋଗ କରିଛନ୍ତି । ଆମ୍ବୁଲାନ୍ସ ଡ୍ରାଇଭରଙ୍କ କହିବା ପ୍ରକାରେ, ୭ ଦିନରେ ଥରେ ଦୈନିକ ୧୪୫୦ ଟଙ୍କା ଭଡା ଦେବା ସହ ଡ୍ରାଇଭରଙ୍କ ପାଇଁ ଖାଇବା, ରହିବା ବ୍ୟବସ୍ଥା କରିବାକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଏଯାଏ ଡ୍ରାଇଭରଙ୍କ ରହିବା, ଖାଇବା ବ୍ୟବସ୍ଥା କରାଯାଇ ନ ଥିବା ସେମାନେ କହିଛନ୍ତି । ଅନ୍ୟପକ୍ଷରେ ଦାବି ସମ୍ପର୍କରେ ସିଡିଏମ୍‌ପିଏଚଓଙ୍କୁ ଦାବିପତ୍ର ପ୍ରଦାନ ସତ୍ତ୍ୱେ ସମାଧାନ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନ ଥିବା ସେମାନେ ସୂଚାଇଛନ୍ତି । ଦାବି ପୂରଣ ପର୍ଯ୍ୟନ୍ତ ଜିଲାରେ କୋଭିଡ୍-୧୯ ଆମ୍ବୁଲାନ୍ସ ସେବା ବନ୍ଦ ରଖିବା ନେଇ ଡ୍ରାଇଭର ଓ ମାଲିକଙ୍କ ପକ୍ଷରୁ କୁହାଯାଇଛି ।

# ଡିଜିଙ୍କ କରୋନା ମୁକାବିଲା ସମୀକ୍ଷା



ଡିଜିପି ସମୀକ୍ଷା କରୁଛନ୍ତି।

ଛତ୍ରପୁର,୮।୭(ଡି.ଏନ.ଏ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ଅଭୟ ବୁଧବାର ଗଞ୍ଜାମ ଜିଲା ଗସ୍ତରେ ଆସି କରୋନା ମୁକାବିଲା କାର୍ଯ୍ୟ ସମୀକ୍ଷା କରିଛନ୍ତି। ଡିଜି ପ୍ରଥମେ ଜିଲା ସୀମାନ୍ତରେ ଥିବା ଚେକ୍‌ପୋଷ୍ଟ ପରିଦର୍ଶନ କରିଥିଲେ। ପରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ସମୀକ୍ଷା କରିଥିଲେ। କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଜିଲାକୁ କେହି ଆସି ପାରିବେନି ଏବଂ ଏଠାର କେହି ବାହାରକୁ ଯାଇପାରିବେନି। ଜିଲା ପ୍ରଶାସନ ଓ ମେଡିକାଲ ଅଫିସରଙ୍କ ଅନୁମତିପତ୍ର ଦେଖାଇଲେ ସୀମାରେ ଲୋକଙ୍କୁ ଜିଲାକୁ ଛଡାଯିବ। ଜିଲାରେ ଫୋର୍ସ ବୃଦ୍ଧି, ଷ୍ଟ୍ରାଟେଜି ଏବଂ କିଭଳି ପଜିଟିଭ୍ ସଂଖ୍ୟା କମିବ ସେ ଉପରେ ଡିଜି ଆଲୋଚନା କରିଛନ୍ତି।

ସମୀକ୍ଷା ବୈଠକ ପରେ ଖବରଦାତାମାନଙ୍କୁ ଡିଜି କହିଛନ୍ତି, ଗଞ୍ଜାମ ପ୍ରଶାସନ ସହ ମିଶି ପୋଲିସ କୋଭିଡ୍ ପରିଚାଳନା କାର୍ଯ୍ୟ କରୁଛି। ଗଞ୍ଜାମରେ ଡିଏସ୍‌ପି, ଇନ୍ସପେକ୍ଟରଙ୍କ ସମେତ ୫ ପୋଲିସ କର୍ମଚାରୀ କରୋନାରୁ ସୁସ୍ଥ ହୋଇ ପୁଣି ଡ୍ୟୁଟି କରୁଛନ୍ତି। ଏହା ପୋଲିସର ମନୋବଳକୁ ବଢାଇବ। ଜିଲାରେ ପୋଲିସ ଭଲ କାମ କରୁଥିବାରୁ ଗର୍ବ କରୁଛି ବୋଲି ଡିଜି କହିଛନ୍ତି। ପୋଲିସ ଫୋର୍ସ ଓ ଅଧିକାରୀ ବୃଦ୍ଧି ନେଇ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି। ଅତି ଜରୁରୀ ନ ଥିଲେ ଥାନାକୁ ନ ଆସି ନିଜର ଅଭିଯୋଗ ଥାନା ମୋବାଇଲ ନମ୍ବର ନଚେତ ନଂ. ୧୦୦କୁ ଜଣାଇବାକୁ ଜନସାଧାରଣଙ୍କୁ ଡିଜି ଅନୁରୋଧ କରିଛନ୍ତି। ସମୀକ୍ଷା ବୈଠକରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ସହରାଞ୍ଚଳରେ ଶଟ୍‌ଡାଉନ୍



ଖଲ୍ଲିକୋଟ ଗୁରାପଲ୍ଲୀ ଚେକ୍‌ଗେଟ୍ ନିକଟରେ ଲୋକଙ୍କ ଭିଡ଼ ଜମିଛି।

ଛତ୍ରପୁର/ଖଲ୍ଲିକୋଟ,୮।୭(ଡି.ଏନ.ଏ)

- ଗଞ୍ଜାମ ସୀମା ସିଲ୍, କେହି ଯିବେନି ଭୁବନେଶ୍ୱର
- ସରକାରୀ କାର୍ଯ୍ୟ, ମେଡିକାଲ ପାଇଁ ପାସ୍ ମିଳିବ

ଗଞ୍ଜାମ ଜିଲାରେ ଗୁରୁବାରଠାରୁ ସୋମବାର ପର୍ଯ୍ୟନ୍ତ ସମସ୍ତ ସହରାଞ୍ଚଳ ଏବଂ ୫ ବ୍ଲକ ହେଡକ୍ୱାର୍ଟର୍ସ ଶଟ୍‌ଡାଉନ୍ ରହିବ । ଏହି ଅବଧିରେ ଘରକୁ ଘର ଯାଇ ଡାକ୍ତରୀ ଟିମ୍ ସମସ୍ତ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରିବେ । ବୁଧବାର ଗଞ୍ଜାମ-ଖୋର୍ଦ୍ଧା ସୀମାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି । ଗଞ୍ଜାମରୁ ଭୁବନେଶ୍ୱର ଯିବା ପାଇଁ କୌଣସି ବ୍ୟକ୍ତିଙ୍କୁ ଅନୁମତି ମିଳିବ ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲା ବାହାରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ପାସ୍ ବ୍ୟବସ୍ଥା ହୋଇଛି । କେବଳ ସ୍ୱାସ୍ଥ୍ୟ ଓ ଜରୁରୀ ସରକାରୀ କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତି ଦେଖାଇଲେ ବାହାର ଜିଲାକୁ ଛଡାଯିବ । ତେବେ ଏଥିପାଇଁ ଆବେଦନ କରିବାକୁ ପଡିବ । ସମ୍ପୃକ୍ତ ଅଞ୍ଚଳର ଉପଜିଲାପାଳ ତଥା ସବଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ଉକ୍ତ ପାସ୍ ଇସ୍ୟୁ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଗଞ୍ଜାମ-ଖୋର୍ଦ୍ଧା ସୀମାକୁ ସିଲ୍ କରାଯାଇ ଗୁରାପଲ୍ଲୀ ଟେଲ୍‌ଗଟ ନିକଟରେ ଚେକ୍‌ପୋଷ୍ଟ କରାଯାଇଛି। ବୁଧବାର ସେଠାରେ ଡିଜିପି ଅଭୟ ଓ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଅନ୍ୟପକ୍ଷରେ ଖୋର୍ଦ୍ଧା ଓ ନୟାଗଡ ପ୍ରଶାସନ ମଧ ନିଜ ସୀମା ସିଲ୍ କରିଦେଇଥିବାରୁ କେବଳ ଟ୍ରକ୍, ବସ ଓ ମାଲ ଗାଡି ବ୍ୟତୀତ ବାଇକ୍ , କାର୍ ଓ ଅନ୍ୟ ଗାଡି ଜିଲାକୁ ଆସୁନି । ଏଥିସହ ଜାତୀୟ ରାଜପଥରେ ମଧ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ କଡାକଡି ଯାଞ୍ଚ ଚାଲିଛି । ଶଟ୍‌ଡାଉନରେ ବ୍ୟାଙ୍କ ଖୋଲିବ । ମାତ୍ର ଲୋକେ ସେଠାକୁ ଯାଇପାରିବେନି । କେବଳ କ୍ଷୀର ପରିବହନ, ହସ୍ପିଟାଲ ଓ ଔଷଧ ଦୋକାନ ଖୋଲା ରହିବ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ପୂର୍ବତନ ନଗରପାଳଙ୍କ ପରଲୋକ



ପାରଳାଖେମୁଣ୍ଡି, ୮।୭(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ପୂର୍ବତନ ନଗରପାଳ ତଥା ବରିଷ୍ଠ ଭାଜପା ନେତା ପିନିଷ୍ଟି କ୍ରିଷ୍ଣା (୪୩)ଙ୍କ ପରଲୋକ ଘଟିଛି । ସେ ଗତ ୪ ଦିନ ହେବ ଅସୁସ୍ଥ ଥିଲେ। ମଙ୍ଗଳବାର ଅବସ୍ଥା ଗୁରୁତର ହେବାରୁ ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ପିନିଷ୍ଟିଙ୍କ ମୃତ୍ୟୁ ଘଟିଛି। ଏହା ଜଣାପଡିବା ପରେ ପାରଳାଖେମୁଣ୍ଡି ସହର ସମେତ ଜିଲାରେ ତାଙ୍କ ପରିଚିତ ମହଲରେ ଶୋକ ପ୍ରକାଶ ପାଇଛି। ସେ ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ପୌର ପରିଷଦର ନଗରପାଳ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ସେ ବିଜେଡିରେ ଥିଲେ। ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ନିଜର ସାଙ୍ଗଠନିକ ଦକ୍ଷତା ପାଇଁ ପରିଚିତ ଥିଲେ। ଗତ ସାଧାରଣ ନିର୍ବାଚନ ବେଳେ ସେ ଭାଜପାରେ ମିଶିଥିଲେ। ପାରଳାଖେମୁଣ୍ଡି ମୋଟର କର୍ମଚାରୀ ସଂଘର ସଭାପତି ମଧ ରହିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ବିଧାୟକ କେ.ନାରାୟଣ ରାଓ, ପ୍ରଦୀପ ନାୟକ, ଜମିଦାର ପଟ୍ଟନାୟକ, ଜଗନ୍ନାଥ ମହାପାତ୍ର, ଜି. ଶ୍ରୀଧର, ଜି.ଭେଙ୍କଟରାବଣା, କେ.ସୁରିଆରାଓ, ବସନ୍ତ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଦାରିଙ୍ଗବାଡ଼ି, ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ହାଇ ଆଲର୍ଟ

ଦାରିଙ୍ଗବାଡ଼ି,୮।୭(ଡି.ଏନ୍.ଏ.)

ତୁମୁଡ଼ିବନ୍ଧ ସିର୍ଲା ପଞ୍ଚାୟତ କିହାଲଗୁଡ଼ା ଜଙ୍ଗଲରେ ଗତ ଶନିବାର ପୋଲିସ ସହ ଗୁଳିବିନିମୟରେ ୪ ମାଓବାଦୀ ଓ ସୋମବାର ଜଣେ ମାଓବାଦୀ ନିହତ ହୋଇଥିଲେ । କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ତେବେ କେତେଜଣ ମାଓବାଦୀ କ୍ୟାମ୍ପରୁ ଖସି ପଳାଇଥିଲେ। କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ବିଭିନ୍ନ ଥାନାକୁ ଏନେଇ ହାଇଆଲର୍ଟ ଜାରି କରିଛନ୍ତି। ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ମାଓବାଦୀଙ୍କ ଚଳପ୍ରଚଳ ଅଞ୍ଚଳରେ ସଶସ୍ତ୍ର ପୋଲିସ ନାକା କରି ଗାଡ଼ିମୋଟର ଯାଞ୍ଚ କରୁଛି। ପୂର୍ବରୁ ଯେଉଁ ଅଞ୍ଚଳରେ ମାଓବାଦୀ ପୋଷ୍ଟର ବ୍ୟାନର ଲଗା ଯାଉଥିଲା ଏବଂ ସେମାନଙ୍କ ଯାତାୟାତ ରହୁଛି ସେସବୁ ଉପରେ କଡ଼ା ନଜର ରଖିଛନ୍ତି। ଅଞ୍ଚଳରେ କେହି ଅଜଣା ବ୍ୟକ୍ତି ବୁଲୁଛନ୍ତି କିମ୍ବା ସର୍ଲା ଗୁଳିବିନିମୟରେ କେହି ମାଓବାଦୀ ଆହତ ହୋଇ କେଉଁଠି ଚିକିତ୍ସିତ ହେଉଥିବା ସନ୍ଦେହ କରି ପୋଲିସ ଯାଞ୍ଚ ଚଳାଇଛି।

# କୋହଳ ପରେ ସହର ପୁଣି କଣ୍ଟେନ୍‌ମେଣ୍ଟ

ଭଞ୍ଜନଗର,୮।୭(ଡି.ଏନ.ଏ.)

କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବା ଭଞ୍ଜନଗର ସହରରେ ବୁଧବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲାଯାଇଥିଲା । ଲୋକଙ୍କ ସୁବିଧା ପାଇଁ ଏନ୍ଏସି ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିଲା। ତେବେ ଅପରାହ୍ନ ୪ଟା ପରେ ସହରରେ ପୁଣି କଣ୍ଟେନମେଣ୍ଟ ଜୋନ୍ ନିୟମ ଲାଗୁ ହୋଇଛି। ବୁଧବାର ୧୦ ଘଣ୍ଟା ପାଇଁ ଦୋକାନ ବଜାର ଖୋଲିଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ଏହାର ଫାଇଦା ନେଇ କେତେକ ଜିନିଷ ମଧ ଚଢ଼ାଦରରେ ବିକ୍ରି ହୋଇଥିବା ଦେଖାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଯେଉଁମାନଙ୍କ ଲକ୍ଷଣ ଦେଖାଯାଉଛି ସେମାନଙ୍କର କରୋନା ପରୀକ୍ଷା କରାଯାଉଛି । ସ୍ୱାବ୍ ସଂଗ୍ରହ କମ୍ ହେଉଥିବା ଯୋଗୁ କମ୍ ଆକ୍ରାନ୍ତ ମଧ୍ୟ ଚିହ୍ନଟ ହେଉଛନ୍ତି। ଅଧିକ ପରୀକ୍ଷା କରାଗଲେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବା ସମ୍ଭାବନା ରହିଛି । ତେଣୁ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ହଟାଇବାକୁ ଚାହୁଁନାହିଁ। ଅନ୍ୟପକ୍ଷରେ ଗୁରୁବାରଠାରୁ ୧୩ ତାରିଖ ଯାଏ ଜିଲାର ସମସ୍ତ ସହରାଞ୍ଚଳ ଶଟ୍‌ଡାଉନ୍ ରହିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି।

# କେ.ଝାଲରସିଂ କଣ୍ଟେନ୍‌ମେଣ୍ଟ ଜୋନ୍

ଆର.ଉଦୟଗିରି,୮।୭(ଡି.ଏନ.ଏ.)

ଗଜପତି ଜିଲା ନୂଆଗଡ଼ ବ୍ଲକରୁ ମଙ୍ଗଳବାର ଓ ବୁଧବାର ୧୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛି। କେ.ଝାଲରସିଂରେ ୯, ଲିଅବ, ଡୁବୁସିଂ ଓ ତେରେମେଣ୍ଡାରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ପରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ପ୍ରବାସୀଙ୍କ ସହ ଅବାଧ ମିଳାମିଶା ଯୋଗୁ ଏପରି ହୋଇଥିବା ସ୍ଥାନୀୟ ତହସିଲଦାର ପ୍ରଫୁଲ୍ଲ କୁଜୁରୁ କହିଛନ୍ତି। ଆକ୍ରାନ୍ତମାନେ ଖଜୁରିପଦା ଓ ଆର୍.ଉଦୟଗିରି ବଜାରରେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ସ୍ଥାନୀୟ ସରପଞ୍ଚ ଗାଇତନ ମଣ୍ଡଳ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ କରିଥିବାବେଳେ ମଙ୍ଗଳବାର ରାତିରେ ଗଜପତି ଜିଲାପାଳ ଅନୁପମ ସାହା କେ.ଝାଲରସିଂକୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଭାଲିଆପଦର, ବୁରୁପଦା ଓ ଖଜୁରିପଦା ରାସ୍ତାକୁ ସିଲ୍ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଠାରେ ବୁଧବାରଠାରୁ ସ୍କ୍ରିନିଂ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ ଆରମ୍ଭ ହୋଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଏସିଏସ୍ ଜି.ସି.ପାତ୍ର, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର କର, ଡାକ୍ତର ଏମ୍. ଏସ. ମୁନି, ବିଡିଓ ଲାବଣେନ୍ଦୁ ମହାନ୍ତି, ତହସିଲଦାର ପ୍ରଫୁଲ୍ଲ କୁଜୁରୁ ପ୍ରମୁଖଙ୍କୁ ଜୋନ୍‌ର ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

# ସହରର ୮ ଅଞ୍ଚଳରେ କଣ୍ଟେନମେଣ୍ଟ କଟକଣା

ପାରଳାଖେମୁଣ୍ଡି, ୮।୭ (ସ୍ୱ.ପ୍ର.)

ଗଜପତି ଜିଲା ମହକୁମା ପାରଳାଖେମୁଣ୍ଡି ସହରରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ଗୋଟିଏ ଦିନରେ ପାରଳା ସହରର ବିଭିନ୍ନ ଅଞ୍ଚଳରେ ୩୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ଚିନ୍ତାରେ ପଡିଛି। ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ଅନୁପମ ଶାହା ପାରଳା ସହରର ୮ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରିବା ସହ ଏହାର ସୀମାକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅନୁସାରେ ପାରଳାଖେମୁଣ୍ଡି ସହରର ଇନ୍ଦିରା ନଗର, ସୁବାସ ନଗର, ନଡିଆତୋଟା ସାହି ଲେନ୍-୧ ଓ ଲେନ୍-୨, ଧୋବା ସାହି ଲେନ୍-୧ ଓ ଲେନ୍ ୨,ଭଣ୍ଡାରିସାହି, ମାଟିଆ ସାହି, ବାଳିକା ଉଚ୍ଚ ବିଦ୍ୟାଳୟ ରୋଡ ଓ କଣ୍ଡରା ସାହି ଲେନ୍-୧ ଲେନ୍-୨କୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ସବୁ ଅଞ୍ଚଳର ସୀମାଗୁଡିକୁ ସିଲ୍ କରାଯାଇ ସମ୍ପୂର୍ଣ୍ଣ ନିଷେଧାଞ୍ଚଳ ଘୋଷଣା କରାଯାଇଛି । ପୌର ପରିଷଦ ଏହି ସବୁ ଅଞ୍ଚଳରେ ବିଶୋଧନ ପ୍ରକ୍ରିୟା ଜାରି ରଖିଛି ।

# ପ୍ରବାସୀଙ୍କ ପ୍ରୋତ୍ସାହନ ରାଶି ଦାବିରେ ହୋହଲ୍ଲା



ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି ପ୍ରବାସୀମାନେ।

କବିସୂର୍ଯ୍ୟନଗର,୮।୭

ସଙ୍ଗରୋଧ ଅବଧି ସାରିଥିବା ପ୍ରବାସୀଙ୍କୁ ସରକାରଙ୍କ ଘୋଷିତ ପ୍ରୋତ୍ସାହନ ରାଶି ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କବିସୂର୍ଯ୍ୟନଗର ବ୍ଲକ ବୋଲସର ପଞ୍ଚାୟତକୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଥିଲେ। ନିୟମାନୁଯାୟୀ ସେମାନେ କ୍ୱାରାଣ୍ଟାଇନ ସେଣ୍ଟର ଓ ଘରେ ସଙ୍ଗରୋଧ ଅବଧି ସାରିବାର ପ୍ରାୟ ମାସେ ବିତିଥିଲେ ମଧ ଏ ଯାଏ ଆର୍ଥିକ ପ୍ରୋତ୍ସାହନ ରାଶି (୨ ହଜାର ଟଙ୍କା) ପାଇ ନ ଥିବା ଅଭିଯୋଗ ଆଣିଛନ୍ତି ପ୍ରବାସୀମାନେ। କେବଳ ୧୦୦ଜଣଙ୍କୁ ମାତ୍ର ୧୦୦୦ ଟଙ୍କା ଲେଖାଏ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ କିଛି ମିଳିନି। ଏହା ପ୍ରତିବାଦରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏ ନେଇ ବିଡିଓ ବାସୁଦେବ ନାୟକ କହିଛନ୍ତି, ପିଇଓ ଜ୍ୱରରେ ଆକ୍ରାନ୍ତ ଥିବା ଓ ବ୍ୟାଙ୍କ ଖୋଲୁନଥିବା ହେତୁ ପ୍ରୋତ୍ସାହନ ରାଶି ଦେବାରେ ବିଳମ୍ବ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯିବ।

# ଏଣିକି ତିନିଦିନିଆ ଶଟ୍‌ଡାଉନ୍

ପାରଳାଖେମୁଣ୍ଡି,୮।୭ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଙ୍ଖ୍ୟା ବୃଦ୍ଧି ପାଉଥିବାବେଳେ ଏହାକୁ ପ୍ରତିହତ କରିବାପାଇଁ ଜିଲା ପ୍ରଶାସନ ପକ୍ଷରୁ ୩ଦିନିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଛି । ପୂର୍ବରୁ ଏହା ଶନିବାର ଓ ରବିବାର ଦୁଇଦିନିଆ ସାପ୍ତାହିକ ଶଟ୍‌ଡାଉନ୍ ଥିବାବେଳେ ଚଳିତ ସପ୍ତାହରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଥିବା ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି । ଏହି ସମୟରେ ସହରକୁ ରହିଥିବା ସମସ୍ତ ପ୍ରବେଶ ପଥଠାରେ ନକା ଗେଟ୍ କରାଯାଇ ଯାତାୟାତକୁ ନିଷେଧ କରାଯିବ । କେବଳ ଅତ୍ୟାବଶ୍ୟକ ସେବାଗୁଡିକ ଜାରି ରହିବ। ଏହି ସମୟରେ ୬୦ଟି ଟିମ୍ ଘର ଘର ବୁଲି ସ୍କ୍ରିନିଂ ଟେଷ୍ଟ କରିବେ ବୋଲି ଜଣାପଡିଛି।

# ପର ବାରଣ୍ଡାରେ ବିତୁଛି ଜୀବନ

ଖଜୁରିପଡ଼ା,୮।୭(ଡି.ଏନ.ଏ.)

ଖଜୁରିପଡା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ରାଣୀପଥର ଗ୍ରାମର ଆଦିବାସୀ ଯୁବକ ସୁବାସ ଜାନି (୩୫)। ମା' ବାପାଙ୍କ ମୃତ୍ୟୁପରେ ଭଙ୍ଗା କୁଡିଆରେ ଏକାକୀ ରହୁଥିଲେ ସେ। ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ଦୁଃଖେକଷ୍ଟେ ଚଳିଯାନ୍ତି। ଗଛରୁ ପଡି ଆହତ ହେବାପରେ ଏବେ ସେ ଅକର୍ମଣ୍ୟ ହୋଇଯାଇଛନ୍ତି। ପର ବାରଣ୍ଡାରୁ ବିତୁଛି ତାଙ୍କ ଜୀବନ। ସୁବାସଙ୍କ କହିବା ପ୍ରକାରେ, କିଛିଦିନ ତଳେ ସେ ସଜନା ଶାଗ ତୋଳୁଥିବା ବେଳେ ପ୍ରାୟ ୧୦ ଫୁଟ ଉପରୁ ଖସି ପଡ଼ିଥିଲେ। ଏହାପରେ ଆଉ ଠିକ୍‌ରେ ଚଲାବୁଲା କରିପାରି ନ ଥିଲେ। ଜଣଙ୍କ ପରାମର୍ଶ କ୍ରମେ କୌଣସି ଏକ ବ୍ୟାକ୍ ପାଖକୁ ଯାଇ ବିଦ୍ୟୁତ୍ ସକ୍ ନେବାପରେ ଆଉ ଚାଲିବୁଲି ପାରୁନାହାନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। କେହି କିଛି ଦେଲେ ଖାଆନ୍ତି, ନହେଲେ ଉପାସ। ଚିକିତ୍ସା କଲେ ସୁସ୍ଥ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ମାତ୍ର ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁନାହିଁ। ଏ ନେଇ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିମାଇଁ ଚରଣ ବିଶିଙ୍କୁ ଜଣାଇବାରୁ ତାଙ୍କୁ କର୍ମଚାରୀ ପଠାଇ ଡାକ୍ତରଖାନା ଆଣି ତୁରନ୍ତ ଚିକିତ୍ସା କରାଯିବ ବୋଲି କହିଛନ୍ତି।



ସୁବାସ ଜାନି।

## ଚିକିତ୍ସାରେ ଅର୍ଥ ବାଧକ



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଞ୍ଚିସ୍ଥିତ ବାସଭବନରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ରାଜ୍ୟର ପାନୀୟ ଜଳ ଓ ପରିମଳ ବିଭାଗ ମନ୍ତ୍ରୀ ମିଥିଲେଶ୍ ଠାକୁର କରୋନା ଆକ୍ରାନ୍ତ ହେବା ପରେ ତାଙ୍କ ସଂସ୍ପର୍ଶରେ ସୋରେନ୍ ଆସିଥିଲେ। ଖୁବ୍‌ଶୀଘ୍ର ସୋରେନ୍‌ଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ସିଏମ୍‌ଓରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।





ଦକ୍ଷିଣ ଜାପାନର କୁରୁମେ ସହର ନିକଟ ସୋଲେନ ଚିକୁଗୋ ନଦୀରେ ବନ୍ୟା ପ୍ରକୋପ (ଆକାଶ ମାର୍ଗରୁ ନିଆଯାଇଥିବା ଫଟୋଚିତ୍ର)।

# ଦିନକୁ ୨.୮୭ ଲକ୍ଷ ସଂକ୍ରମିତ ହେବେ

**ନୂଆଦିଲ୍ଲୀ,୮।୭(ପି.ଟି.)**

୨୦୨୧ ଶୀତରତୁ ଶେଷ ସୁଦ୍ଧା ଭାରତରେ ଦୈନିକ ପ୍ରାୟ ୨.୮୭ ଲକ୍ଷ କରୋନା ସଂକ୍ରମିତ ହୋଇପାରନ୍ତି। ଏଭଳି ଏକ ଆକଳନ କରିଛନ୍ତି ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି)ର ଗବେଷକମାନେ। ସେମାନେ କରିଥିବା ଅଧ୍ୟୟନ ଅନୁଯାୟୀ ଯଦି କୋଭିଡ୍-୧୯ ଟିକା କିମ୍ବା ଔଷଧ ବଜାରକୁ ନ ଆସେ ତେବେ ସାରା ବିଶ୍ୱରେ ସଙ୍ଗିନ ସ୍ଥିତି ସୃଷ୍ଟି ହେବ। ୮୪ ଦେଶରୁ ଉପଲବ୍ଧ ପରୀକ୍ଷା ତଥ୍ୟକୁ ବ୍ୟବହାର କରି ସେମାନେ ମହାମାରୀ ବିଜ୍ଞାନର ଏକ ମଡେଲ ପ୍ରସ୍ତୁତ କରିଛନ୍ତି। ଏହି ଦେଶଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ୪୭୫ କୋଟି ଲୋକଙ୍କର କୋଭିଡ୍ ପରୀକ୍ଷା କରାଯାଇଛି।

ଏମ୍‌ଆଇଟି ପ୍ରଫେସର ହାଜିର ରହମନଡାଡ୍, ଜନ୍ ଷ୍ଟେର୍‌ମାନ ଏବଂ ପିଏଚ୍‌ଡି ପ୍ରାର୍ଥୀ ସେ ୟାଙ୍ଗ୍ ଲିମ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ୨୦୨୧ ଶୀତରତୁ ଶେଷ ବେଳକୁ ସଂକ୍ରମଣରେ ଭାରତ ସର୍ବାଗ୍ରେ



ରହିଥିବ। ଭାରତରେ ଦିନକୁ ସଂକ୍ରମଣ ୨.୮୭ ଲକ୍ଷରେ ପହଞ୍ଚିଥିବାବେଳେ ଏହା ପଛକୁ ଆମେରିକା, ଦକ୍ଷିଣ ଆଫ୍ରିକା, ଇରାନ, ଇଣ୍ଡୋନେସିଆ, ବ୍ରିଟେନ, ନାଇଜେରିଆ, ତୁର୍କୀ, ଫ୍ରାନ୍ସ ଏବଂ ଜର୍ମାନୀ ରହିବେ। ତେବେ ଅତ୍ୟଧିକ ପରୀକ୍ଷା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ଦ୍ୱାରା ଏହି ସଂଖ୍ୟାକୁ ଯଥେଷ୍ଟ କମାଯାଇପାରିବ ବୋଲି ଗବେଷକମାନେ କହିଛନ୍ତି। ବିନା ଟିକା ଓ ଚିକିତ୍ସା ସୁବିଧାକୁ ବାଦ୍ ଦେଇ ଏହି ପୂର୍ବାନୁମାନ କରାଯାଇଛି। ଗବେଷକମାନେ କେବଳ ତିନୋଟି ସ୍ଥିତିକୁ ଅନୁଧ୍ୟାନ କରି ଏହା ପ୍ରସ୍ତୁତ କରିଛନ୍ତି। ତାହା ହେଲା ବର୍ତ୍ତମାନ ନିର୍ଦ୍ଦିଷ୍ଟ ଦେଶର ପରୀକ୍ଷା ହାର ଏବଂ ସଂକ୍ରମଣ

## ଏମ୍‌ଆଇଟି ଅଧ୍ୟୟନ

## ଭାରତରେ ୨୦୨୧ ଶୀତରତୁ ବେଳକୁ ସାଂଘାତିକ ହେବ ସ୍ଥିତି

ହ୍ରାସ କରିବା ଉଦ୍ୟମ, ଯଦି ଦୈନିକ ପରୀକ୍ଷା ୦.୧ ପ୍ରତିଶତ ବୃଦ୍ଧି କରାଯାଏ ଏବଂ ବର୍ତ୍ତମାନର ପରୀକ୍ଷାକୁ ବାଦ୍ ଦେଇ ଯଦି ଆନୁମାନିକ ବିପଦ ପ୍ରତି ସଂସ୍ପର୍ଶ ହାରର ସମ୍ବେଦନଶୀଳତା ୮ ରହେ।

ଏହି ମଡେଲରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପଦାକୁ ଆସିଛି। ତାହା ହେଲା ମହାମାରୀ ଯେଉଁ ହାରରେ ବଢ଼ିଚାଲିଛି, ସେହି ଅନୁଯାୟୀ ରିପୋର୍ଟ ହେଉନାହିଁ। ଜୁନ୍ ୧୮ ସୁଦ୍ଧା ୮୪ଟି ଦେଶରେ କରୋନା ସଂକ୍ରମଣ ଏବଂ ମୃତ୍ୟୁ ସରକାରୀ ହିସାବ ତୁଳନାରେ ଯଥାକ୍ରମେ ୧୧.୮ ଏବଂ ୧.୪୮ ଗୁଣ ଅଧିକ। ଅଧିକାଂଶ ଲୋକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି।

## ଅଭିନେତା ସୁଶୀଲ ଗୌଡ଼ାଙ୍କ ଆତ୍ମହତ୍ୟା



**ବେଙ୍ଗାଲୁରୁ/ଚେନ୍ନାଇ,୮।୭:** ଟିଭି ଅଭିନେତା ସୁଶୀଲ ଗୌଡ଼ା (୩୦) କର୍ଣ୍ଣାଟକର ମାଣ୍ଡ୍ୟାସ୍ଥିତ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ବେଳେ ଏହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଜଣେ ଫିଟ୍‌ନେସ୍ ଟ୍ରେନର ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ଅକାଳ ବିୟୋଗ ପରିବାରବର୍ଗ ଓ ଫ୍ୟାନ୍‌ମାନଙ୍କୁ ଆଚମ୍ବିତ କରିଛି। ସୁଶୀଲ କର୍ଣ୍ଣାଟକ ଫିଲ୍ମ ଇଣ୍ଡଷ୍ଟ୍ରି 'ସାଲାଗା'ରେ ଏକ ପୋଲିସ ଅଫିସର ଭାବେ ଡେବ୍ୟୁ କରିଥାନ୍ତେ। ପୂର୍ବରୁ ସେ ରୋମାଣ୍ଟିକ ସିରିୟଲ 'ଆନ୍ତାପୁରା'ରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ।

# ଇଥିଓପିଆ ହିଂସାରେ ୨୩୯ ମୃତ

**ଆଡିସ୍ ଆବାବ୍,୮।୭**

ଇଥିଓପିଆରେ ସପ୍ତାହେ ହେଲା ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିବାବେଳେ ଏଥିରେ ୨୩୯ ଜଣଙ୍କ ମୃତ୍ୟୁ ଘଟିଲାଣି। ୩,୫୦୦ ଲୋକ ଗିରଫ ହେଲେଣି। ଫଳରେ ଦେଶର ନୋବେଲ୍ ପୁରସ୍କାରପ୍ରାପ୍ତ ପ୍ରଧାନମନ୍ତ୍ରୀ ଅବି ଅହମଦ ଅଲିଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଓରୋମିଆ ଅଞ୍ଚଳରେ ସଂଘର୍ଷ ଘଟି ୨୧୫ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ୮ ପୋଲିସ ଏବଂ ୫ ମିଲିସିଆ ସଦସ୍ୟ ନିହତ ହୋଇଛନ୍ତି। ଲୋକପ୍ରିୟ ଗାୟକ ହଚଲୁ ହୁଣ୍ଡେସାଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ରାଜଧାନୀ ଆଡିସ୍ ଆବାବ୍‌ରେ ଏହି ହିଂସାକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ହୁଣ୍ଡେସାଙ୍କ ସରକାର ବିରୋଧୀ ପ୍ରଚାର ଯୋଗୁ ଅବି ଅହମଦ କ୍ଷମତାକୁ ଆସିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସୃଷ୍ଟ ଉତ୍ତେଜନା ଅନ୍ୟ ଅଞ୍ଚଳକୁ ବ୍ୟାପିଯାଇଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ସୈନ୍ୟବାହିନୀ ମୁତୟନ ହୋଇଛି।




ପ୍ରଧାନମନ୍ତ୍ରୀ ଅବି ଅହମଦ ଅଲିଙ୍କ ବିରୋଧରେ ବିକ୍ଷୋଭ।

## ନଭେମ୍ବର ଯାଏ ମାଗଣା ଖାଦ୍ୟଶସ୍ୟ ବଣ୍ଟନକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୮।୭(ପି.ଟି.)**

ଲକ୍‌ଡାଉନ ଯୋଗୁ ଦେଶର ଗରିବମାନେ ଦୁର୍ଦ୍ଦଶା ଭୋଗୁଥିବାବେଳେ ସେମାନଙ୍କୁ ସହାୟତା ପାଇଁ ମାଗଣାରେ ଖାଦ୍ୟଶସ୍ୟ ବଣ୍ଟନ ଯୋଜନାକୁ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଯାଇଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହାକୁ ମଞ୍ଜୁରୀ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୧ କୋଟି ଗରିବ ଆଉ ୫ ମାସ ପର୍ଯ୍ୟନ୍ତ ମାଗଣାରେ ଜଣପିଛା ମାସକୁ ୫ କିଲୋ ଚାଉଳ କିମ୍ବା ଗହମ ଏବଂ ପରିବାର ପିଛା ୧ କିଲୋ ଡାଲି ପାଇବେ। ଏହି ଯୋଜନାରେ ୧.୪୯ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ସେହିପରି ୭.୪ କୋଟି ଗରିବ ମହିଳାଙ୍କୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମାଗଣାରେ ୩ଟି ଏଲ୍‌ପିଜି ସିଲିଣ୍ଡର ଯୋଗାଇ ଦିଆଯିବ।

# ବିକାଶ ଦୁବେଙ୍କ ସହଯୋଗୀ ନିହତ

**ଲକ୍ଷ୍ନୌ/କାନପୁର,୮।୭(ପି.ଟି.)**

ଉତ୍ତରପ୍ରଦେଶର ହମିରପୁର ଜିଲାର ମୌଦାହା ଗ୍ରାମରେ ବୁଧବାର ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ସହଯୋଗୀ ଓ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ମଧ୍ୟରେ ଏନ୍‌କାଉଣ୍ଟର ହୋଇଛି।

## ୬ ଗିରଫ

ଏଥିରେ ବିକାଶଙ୍କ ଜଣେ ଘନିଷ୍ଠ ସହଯୋଗୀ ଅମର ଦୁବେ ନିହତ ହେବା ସହ ଦୁଇଜଣ ପୋଲିସ ଆହତ ହୋଇଛନ୍ତି। ଅମରଙ୍କ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଲାଇସେନ୍ସ ନ ଥିବା ଗୋଟିଏ ସେମି ଅଟୋମେଟିକ୍ ପିସ୍ତଲ ଜବତ ହୋଇଥିବା ଉତ୍ତରପ୍ରଦେଶର ଅତିରିକ୍ତ ପୋଲିସ ଡିଜି ପ୍ରଶାନ୍ତ କୁମାର



କହିଛନ୍ତି। ଏନ୍‌କାଉଣ୍ଟରରେ ମରିବାରେ ଅମର ହେଉଛନ୍ତି ବିକାଶ ଦୁବେ ଗ୍ୟାଙ୍ଗ୍‌ର ତୃତୀୟ ସଦସ୍ୟ। ମଙ୍ଗଳବାର ରାତିରେ କାନପୁରରେ ଅନ୍ୟ ଏକ ଏନ୍‌କାଉଣ୍ଟରବେଳେ ଗ୍ୟାଙ୍ଗଷ୍ଟରଙ୍କ ୩ ସହଯୋଗୀ ଶ୍ୟାମଜୀ ବାଜପାୟୀ, ସଞ୍ଜୀବ ଦୁବେ ଏବଂ ଜହାନ ଯାଦବ ଗିରଫ ହୋଇଥିଲେ। ବାଜପାୟୀଙ୍କ ଗୋଡ଼ରେ ଗୁଳି ବାଜିଥିଲା। ହରିୟାଣାର ଫରିଦାବାଦ ପୋଲିସ ଖେରିପୁର ଅଞ୍ଚଳରୁ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି।

## ଆମ୍ବେଦକରଙ୍କ ବାସଭବନରେ ଭଙ୍ଗାରୁଜା

**ନୂଆଦିଲ୍ଲୀ,୮।୭:** ସମ୍ବିଧାନ ପ୍ରଣେତା ଡଃ ବି. ଆର୍. ଅମ୍ବେଦକରଙ୍କ ମହାରାଷ୍ଟ୍ରର ଦାଦରସ୍ଥିତ ବାସଭବନ 'ରାଜ୍‌ଗୃହ'ରେ କେତେକ ଦୁର୍ବୃତ୍ତ ମଙ୍ଗଳବାର ସନ୍ଧ୍ୟାରେ ପଶି ଭଙ୍ଗାରୁଜା କରିଛନ୍ତି। ସେଠାରେ ଥିବା କେତେକ ଫୁଲକୁଣ୍ଡ ଫିଙ୍ଗିଦେବା ସହ ସିସିଟିଭି କ୍ୟାମେରାକୁ ଭାଙ୍ଗିଦେଇଛନ୍ତି। ଏନେଇ ଗୃହମନ୍ତ୍ରୀ ଅନିଲ ଦେଶ୍‌ମୁଖ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍ ସହ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛି। ମିଳିଥିବା ତଥ୍ୟ ଅନୁଯାୟୀ ଅଭିଯୁକ୍ତମାନେ ସନ୍ଧ୍ୟା ୬ରେ ୩ ମହଲା ବିଲ୍ଡିଂକୁ



ଯାଇଥିଲେ। ପରିସରରେ କେତେକ ଭଙ୍ଗାରୁଜା କରିଥିଲେ ହେଁ କେୟାର ଟେକର ପୋଲିସରେ ଅଭିଯୋଗ କରି ନ ଥିଲେ। କରୋନା ଲାଗି ଏହି ମ୍ୟୁଜିୟମ୍‌ଟି ବନ୍ଦ ରହିଥିଲା। ଏଭଳି ଭଙ୍ଗାରୁଜା ଘଟଣା ସାମ୍ନାକୁ ଆସିବା ପରେ ଆମ୍ବେଦକରଙ୍କ ପରିବାରବର୍ଗ ଶାନ୍ତିରକ୍ଷା ଲାଗି ଅନୁରୋଧ କରିଛନ୍ତି। ବଞ୍ଚିତ ବହୁଜନ ଅଘାଡ଼ି(ଭିବିଏ) ନେତା ତଥା ଡଃ ଆମ୍ବେଦକରଙ୍କ ନାତି ପ୍ରକାଶ ଆମ୍ବେଦକର ସୋସିଆଲ ମିଡିଆ ମାଧ୍ୟମରେ ଶାନ୍ତି ଲାଗି ଅପିଲ କରିଛନ୍ତି।

# ଜମ୍ମୁ-କଶ୍ମୀର ଆଇପିଏସ୍ ଅଫିସର ବସନ୍ତ ରଥ ନିଲମ୍ବିତ

**ଜମ୍ମୁ,୮।୭**

ପଦବୀର ଦୁରୁପଯୋଗ ଏବଂ ଦୁର୍ବ୍ୟବହାର ପାଇଁ ଜମ୍ମୁ-କଶ୍ମୀରର ଆଇପିଏସ୍ ଅଫିସର ବସନ୍ତ ରଥଙ୍କୁ ନିଲମ୍ବନ କରାଯାଇଛି। ଓଡ଼ିଶା ଜନ୍ମିତ ଏହି ଆଇପିଏସ୍ ଅଫିସରଙ୍କ



ବିରୋଧରେ ଅଭିଯୋଗ ପାଇବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସିଭିଲ୍ ଡିଫେନ୍ସ ଆଇଜି ଭାବେ ନିଯୁକ୍ତ ହୋଇଥିବା ୨୦୦୦ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ଶ୍ରୀନଗର ପୋଲିସ ମୁଖ୍ୟାଳୟକୁ ପଠାଇଦିଆଯାଇଛି। ସେ ପୋଲିସ ମହାନିର୍ଦ୍ଦେଶକଙ୍କ ବିନା ଅନୁମତିରେ ହେଡ୍‌କ୍ୱାର୍ଟର୍ସ ଛାଡ଼ି ଯାଇପାରିବେ ନାହିଁ।

ରାଜ୍ୟ ପୋଲିସ ମୁଖ୍ୟଙ୍କ କେତେକ କାର୍ଯ୍ୟ ପାଇଁ ତାଙ୍କ ନିରପତ୍ତା ପ୍ରତି ଆଶଙ୍କା ସୃଷ୍ଟି ହୋଇଥିବା ବସନ୍ତ ନିକଟରେ ପତ୍ର ଲେଖିଥିଲେ, ତାଙ୍କର ଏହି ପତ୍ର ସୋସିଆଲ୍ ମିଡିଆରେ ଭାଇରାଲ ହୋଇ ବିବାଦ ସୃଷ୍ଟି କରିଥିଲା। ଗତ ମାସ ୨୫ ତାରିଖରେ ସେ ଏହି ପତ୍ର ଗାନ୍ଧୀନଗର ଥାନା ଏସ୍‌ଏଚ୍‌ଓଙ୍କ ପାଖକୁ ଲେଖିଥିଲେ। ସୂଚନାଯୋଗ୍ୟ ଜମ୍ମୁ-କଶ୍ମୀରରେ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଲାଗୁ କରିବା ନେଇ ସେ ବେଶ୍ ଚର୍ଚ୍ଚାରେ ଥିଲେ।



ସୁନା ଚାଲାଣ ର୍‍ୟାକେଟରେ କେରଳର ଆଇଟି ସଚିବ ଏମ୍. ଶିବଶଙ୍କରଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ରାଜ୍ୟରେ ଝଡ଼ ସୃଷ୍ଟି ହୋଇଛି। ଶିବଶଙ୍କର ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ବୁଧବାର କୋଚିରେ ବିକ୍ଷୋଭରତ କେରଳ ଷ୍ଟୁଡେଣ୍ଟସ୍ ୟୁନିୟନର ଜଣେ କର୍ମୀଙ୍କୁ ପୋଲିସ ଉଠାଇନେଉଛି।

## ପାକିସ୍ତାନର ନୂଆ ଚାଲ୍

# କ୍ଷମା ଆବେଦନ ସପକ୍ଷରେ କୁଳଭୂଷଣ

**ଇସ୍‌ଲାମାବାଦ,୮।୭**

କୁଳଭୂଷଣ ଯାଦବ ମାମଲାକୁ ନେଇ ପାକିସ୍ତାନ ପୁଣି ଏକ ନୂଆ ଚାଲ୍ ଖେଳିଛି। ସେ ରିଭ୍ୟୁ ପିଟିଶନ ଦାଖଲ କରିବାକୁ ଚାହୁଁନାହାନ୍ତି ବରଂ ପଡ଼ିରହିଥିବା କ୍ଷମା ଆବେଦନ ସପକ୍ଷରେ ଅଛନ୍ତି ବୋଲି ପାକିସ୍ତାନ କହିଛି। ଇସ୍‌ଲାମାବାଦରେ ଦକ୍ଷିଣ ଏସିଆ ମହାନିର୍ଦ୍ଦେଶକଙ୍କ ସହ ଉପସ୍ଥିତ ରହି ଖବରଦାତା ସମ୍ମିଳନୀରେ ପାକିସ୍ତାନର ଅତିରିକ୍ତ ଆଟର୍ନି ଜେନେରାଲ ଅହମଦ ଇର୍ଫାନ୍ ଏଭଳି ମତ ରଖିଛନ୍ତି। ଜୁନ୍ ୧୭ରେ ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ କରିବା ଲାଗି ରିଭ୍ୟୁ ପିଟିଶନ ଦାଖଲ କରିବାକୁ



କୁଳଭୂଷଣଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପାକିସ୍ତାନ ଦ୍ୱିତୀୟ କନ୍‌ସୁଲାର ମଧ୍ୟ ଯୋଗାଇଥିଲା। ହେଲେ ଏହାକୁ ସେ ଗ୍ରହଣ କରିବାକୁ ରାଜି ହୋଇ ନ ଥିଲେ ବୋଲି ଇର୍ଫାନ୍ କହିଛନ୍ତି।

କୁଳଭୂଷଣଙ୍କୁ ପାକିସ୍ତାନ ସୁରକ୍ଷାକର୍ମୀ ୨୦୧୬, ମାର୍ଚ୍ଚ ୩ରେ ବେଲୁଚିସ୍ତାନରୁ ଗିରଫ କରିଥିଲେ। ଇରାନ୍ ପଟୁ ସେ ପାକିସ୍ତାନରେ ପ୍ରବେଶ କରିଥିବା ଇସ୍‌ଲାମାବାଦ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେ ଗୁପ୍ତଚରଗିରି କରୁଥିବା ଅଭିଯୋଗ କରାଯାଇଥିଲା। ଭାରତ କିନ୍ତୁ ପାକିସ୍ତାନର ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଅପହରଣ କରାଯାଇଥିବା କହିଆସୁଛି। ଇରାନ୍‌ର ଚବାହର ବନ୍ଦରରୁ କୁଳଭୂଷଣଙ୍କୁ ଅପହରଣ କରାଯାଇ ପାକିସ୍ତାନ ଅଣାଯିବା ସହ ତାଙ୍କ ବିରୋଧରେ ବିଭିନ୍ନ ମନଗଢ଼ା ଅଭିଯୋଗ ଲଗାଯାଇଥିବା ଭାରତ କହିଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୭ରେ ପାକିସ୍ତାନ ସାମରିକ ଅଦାଲତ କୁଳଭୂଷଣଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲା। କୂଟନୈତିକ ସ୍ତରରେ ଭାରତ ପାକିସ୍ତାନ ସହ ଆଲୋଚନା କରିବା ସହ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)କୁ ଯାଇଛି। ଗତବର୍ଷ ଆଇସିଜେ ଭାରତ ସପକ୍ଷରେ ରାୟ ଦେଇଥିଲେ। ଆଇସିଜେଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଲାଗି ପାକିସ୍ତାନ ସହ ଭାରତ କୂଟନୈତିକ ସ୍ତରରେ ପ୍ରୟାସ କରୁଛି। ଗତବର୍ଷ ସେପ୍ଟେମ୍ବର ୨ରେ ପାକିସ୍ତାନରେ ଅବସ୍ଥାପିତ ଭାରତର ଡେପୁଟି ହାଇକମିଶନର କୁଳଭୂଷଣଙ୍କୁ ଇସ୍‌ଲାମାବାଦରେ ଭେଟି ଆଲୋଚନା କରିଥିଲେ।

# ଟ୍ରମ୍ପ୍ ପ୍ରଶାସନର ବିଦେଶୀ ଛାତ୍ର ଭିଜା ନିୟମକୁ ବିରୋଧ

**ୱାଶିଂଟନ,୮।୭**

ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ନୂଆ ଭିଜା ନିୟମକୁ ବିରୋଧ କରି ହାର୍ଭାର୍ଡ ୟୁନିଭର୍ସିଟି ଏବଂ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି) ବୁଧବାର ବୋଷ୍ଟନ କୋର୍ଟରେ ପିଟିଶନ ଦାଏର କରିଛନ୍ତି। ବିବାଦୀୟ ନିୟମକୁ କୋହଳ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହା ଏକ ଅସ୍ଥାୟୀ ପଦକ୍ଷେପ ଏବଂ ଏହା ଶିକ୍ଷାନୁଷ୍ଠାନକୁ ସମ୍ପୂର୍ଣ୍ଣ ଖୋଲିବା ପାଇଁ ବାଧ କରିବ ବୋଲି ସେମାନେ

## କୋର୍ଟ ଗଲେ ହାର୍ଭାର୍ଡ, ଏମ୍‌ଆଇଟି

ଯୁକ୍ତି ବାଢ଼ିଛନ୍ତି। ନିର୍ଦ୍ଦେଶନାମାକୁ ସାମୟିକ ଭାବେ ସ୍ଥଗିତ ରଖିବା ସହ ଅନ୍‌ଲାଇନ ପାଠ ପଢ଼ାଉଥିବା ବିଶ୍ୱବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ରଙ୍କୁ ଦେଶ ଛାଡ଼ିବାକୁ ନ ଦେବା ଲାଗି ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଓ ଇମିଗ୍ରେଶନ ଓ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟକୁ ସ୍ଥାୟୀ ନିର୍ଦ୍ଦେଶ ଦେବା ଲାଗି ଦୁଇ ଶିକ୍ଷାନୁଷ୍ଠାନ ପକ୍ଷରୁ କୋର୍ଟଙ୍କୁ ଅନୁରୋଧ କରାଯାଇଛି।

ଅବଲୋକନ

## ଦାଶରଥି ଦାସଙ୍କ ଶ୍ରେଷ୍ଠ ପ୍ରବନ୍ଧ: ଏକ ଅଂତର୍ଯାତ୍ରା

# ଆଖି ବଦଳିଲେ କଥା ବଦଳେ


ପ୍ର. ବାଉରୀବନ୍ଧୁ କର

'ଜାତୀୟ ପୁସ୍ତକ ନ୍ୟାସ, ନୂଆଦିଲ୍ଲୀ' ୨୦୧୯ରେ ପ୍ରକାଶ କରିଛନ୍ତି ପ୍ରଫେସର ଦାଶରଥି ଦାସଙ୍କ 'ଶ୍ରେଷ୍ଠ ପ୍ରବନ୍ଧ', ଯାହାର ସମ୍ପାଦନା କରିଛନ୍ତି ପ୍ରଫେସର ବାଉରୀବନ୍ଧୁ କର। ବହିଟିରେ ପ୍ରଫେସର ଦାସଙ୍କ ରଚିତ ୭ଟି ପ୍ରବନ୍ଧ ସ୍ଥାନିତ ହୋଇଛି, ଯଥା: 'ଶବ୍ଦାର୍ଥ ସାହିତ୍ୟତତ୍ତ୍ୱ', 'କବିତାର ଅନ୍ତର୍ଦ୍ଦେବତା', 'ଲକ୍ଷ୍ମୀପୁରାଣ: ପୁନର୍ପାଠ ଓ ପୁନର୍ବିବେଚନ', 'ଭାରତୀୟ କାବ୍ୟ ଐତିହ୍ୟ ଓ କବି ଉପେନ୍ଦ୍ରଭଞ୍ଜ', 'ଓଡ଼ିଆ ସାହିତ୍ୟର ପୁନରୁଜ୍ଜୀବନ ଓ କବି ରାଧାନାଥ', 'କବି ଶ୍ରୀ ମଧୁସୂଦନ' ଓ 'ଅନ୍ତରେ ନଦୀ ସମୁଦ୍ର ଚତୁର୍ଦ୍ଦିଗେ'। 'ମୁଖବନ୍ଧ'କୁ ମିଶାଇ ବହିଟିର କଳେବର ସମଧିକ ୪୦୦ ପୃଷ୍ଠା...

ସମାଲୋଚକ ପ୍ରଫେସର ଦାସ ପ୍ରାଚୀନ, ମଧ୍ୟଯୁଗ, ଆଧୁନିକ ଓ ଆଧୁନିକୋତ୍ତର ସମୟଖଣ୍ଡର ବହୁ ଗୁରୁତ୍ୱପୂର୍ଣ୍ଣ ପଦ୍ୟ ଓ ଗଦ୍ୟ ରଚନାକୁ ନେଇ ଶତାଧିକ କାଳଜୟୀ ପ୍ରବନ୍ଧ ଲେଖିଛନ୍ତି। ତେବେ ଗ୍ରନ୍ଥର ସଂପାଦକ ପ୍ରଫେସର କର ତନ୍ମଧ୍ୟରୁ ଯେଉଁ ୭ଟି ପ୍ରବନ୍ଧକୁ ତାଙ୍କ କଳ୍ପିତ ଏଇ ବହିଟି ପାଇଁ ବାଛିଛନ୍ତି, ତାହା ତାଙ୍କ ଚୟନଜ୍ଞାନର ପକ୍ୱତାକୁ ସିଦ୍ଧ କରେ।

ବହିଟିର 'ମୁଖବନ୍ଧ'ରେ ଦାଶରଥିଙ୍କ ଜୀବନବୃତ୍ତ, ରଚନାବଳୀ ଓ ପ୍ରତିଭା-ସ୍ଫୁରିତ ତାଙ୍କ ସମାଲୋଚନାତ୍ମକ ପ୍ରବନ୍ଧଗୁଡ଼ିକର ସୂଚନା ଦିଆଯାଇଛି। ଦାଶରଥିଙ୍କ ବିଶେଷତ୍ୱ ଦର୍ଶାଇବାକୁ ଯାଇ କବି ରାଜଶେଖରଙ୍କ ଏକ ସ୍ମରଣୀୟ ଉକ୍ତିର ଉଲ୍ଲେଖ କରି ପ୍ରଫେସର କର 'ମୁଖବନ୍ଧ'ରେ କହିଛନ୍ତି: "ଭଲ ଲେଖା ଓ ଭଲ ଲେଖକ ବାଛି ସମାଲୋଚନାରେ ପ୍ରବୃତ୍ତ ହେବା ହେଉଛି ସତ୍ ସମାଲୋଚକର କର୍ତ୍ତବ୍ୟ। ଯେଉଁ ଗ୍ରନ୍ଥ ପାଠକଲେ ପାଠକର ରୁଚି ମାର୍ଜିତ ହେବ ଓ ସେ ସୁବିପୁଳ ପୃଥ୍ୱୀ ସମ୍ପର୍କରେ କିଛି ଅନୁଭୂତି ଅର୍ଜିପାରିବ, ତାହାକୁ ବିଚାର ବିଶ୍ଳେଷଣ କରିବାର ଗୁରୁଦାୟିତ୍ୱ ସମାଲୋଚକ ଉପରେ ନ୍ୟସ୍ତ ଥାଏ। ଆମର ପ୍ରିୟ ସମୀକ୍ଷକ ଦାଶରଥି ଦାସ ସାହିତ୍ୟ ଜଗତରୁ ବଛାବଛା ଲେଖା ଓ ଲେଖକ ନିର୍ବାଚନ କରି ସେମାନଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ଯେଉଁମାନଙ୍କ ଆଲୋଚନା କରିଛନ୍ତି, ସେମାନେ ହୋଇଛନ୍ତି ଆମ ସାହିତ୍ୟର ଯଶସ୍ୱୀ ସାଧକ ଓ ସ୍ମରଣୀୟ ପ୍ରତିଭା।" 'ମୁଖବନ୍ଧ'ରେ ସେ ଅନ୍ୟତ୍ର ଲେଖିଛନ୍ତି: "ସାଧାରଣ ଭାବରେ ସମାଲୋଚକ ଉତ୍ତମ, ମଧ୍ୟମ, ଅଧମ ଏହି ତିନି ଜାତିର। ଉତ୍ତମ ସମାଲୋଚକ ସୃଷ୍ଟିକୁ ଆପଣାର ବିଶ୍ଳେଷଣ ଯାଦୁରେ ଏକ ନୂଆ ସୃଷ୍ଟିର ରୂପ ଦେଇପାରେ। ମଧ୍ୟମ ସମାଲୋଚକ ଶବ୍ଦ ଓ ଅର୍ଥର କ୍ରିୟା ପ୍ରକ୍ରିୟାକୁ ନେଇ ଚର୍ଚ୍ଚା କଲାବେଳେ ଅଧମ ସମୀକ୍ଷକ ଦୋଷ ଦର୍ଶନରେ ମାତିଯାଏ। ଦାଶରଥି ଦାସ ଜଣେ ଉତ୍ତମୋତ୍ତମ ସମାଲୋଚକ।"

ଜଣେ ଭଲ ସମାଲୋଚକ କେବଳ ତା' ନିଜ କାଳର ନୁହେଁ, କାଳାନ୍ତରରେ ରଚିତ ସାହିତ୍ୟର ସବୁଠୁଁ ବିଶ୍ୱସ୍ତ ଓ ଜାଗ୍ରତପ୍ରହରୀ। ନିଜର ଅଧିତ ଜ୍ଞାନ ଓ ଅପର୍ଯ୍ୟୁଷିତ ପ୍ରଜ୍ଞା ବଳରେ ସେ ଯେଉଁ ସାହିତ୍ୟକୃତିକୁ ପରଖେ, ସେଥିପ୍ରତି ସେ ଯେତିକି ଅସକ୍ତ ଥାଏ, ଥାଏ ମଧ୍ୟ ସେତିକି ନିରାସକ୍ତ। କୌଣସି ଲେଖକର ଶ୍ରଦ୍ଧାଭାଜନ ହେବାକୁ ସେ କଲମ ଧରି ନ ଥାଏ, ଅଥଚ ସେଇ ଲେଖକ ବା ତା'ର ଲେଖା ପ୍ରତି ମଧ୍ୟ କଦାପି ବୀତଶ୍ରଦ୍ଧ ନୁହେଁ। ବାଉରୀବଂଧୁଙ୍କ ସମ୍ପାଦିତ ଆଲୋଚ୍ୟ ପ୍ରବନ୍ଧ ବହିଟିକୁ ଆମୂଳଚୂଳ ପଢ଼ିଲେ ଏହିପରି ଜଣେ ଯୋଗନିଷ୍ଠ, ଅକୁତୋଭୟ ସମାଲୋଚକଙ୍କୁ ଆବିଷ୍କାର କରେ ଆଗ୍ରହୀ ପାଠକ। ଗ୍ରନ୍ଥର ପ୍ରଥମ ପ୍ରବନ୍ଧ 'ଶବ୍ଦାର୍ଥ ସାହିତ୍ୟ ତତ୍ତ୍ୱ', ଏଥିରେ ପ୍ରମୁଖ ସଂସ୍କୃତ ଆଳଙ୍କାରିକଙ୍କଠୁଁ ଆରମ୍ଭ କରି ପାଶ୍ଚାତ୍ୟର ସୋସୁର୍ ଓ ଦେରିଦାଙ୍କ ଯାଏଁ ଯେଉଁ ବିସ୍ତୃତ ତଥା ମୌଳିକ ଅଧ୍ୟୟନ ଦାଶରଥି କରିଛନ୍ତି, ତା'ର ପଟାନ୍ତର ବିରଳ। 'ରସ' ଯଦି କାବ୍ୟର ଏକମାତ୍ର ଅବଧାରିତ 'ଆତ୍ମା'ହୁଏ, ତେବେ ବହୁ କୁଳୀନ ସାହିତ୍ୟଯେ କୁଳଟା ସିଦ୍ଧ ହେବେ, ଏକଥା କହିବାବେଳେ ସେ କବି ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ସହ କଣ୍ଠ ମିଳାଇ ଫକୀରମୋହନଙ୍କ ପ୍ରେକ୍ଷାପଟରେ କହନ୍ତି: "ଗ୍ରାମ ମୁଣ୍ଡରେ ଗୋଟିଏ ଘର। କ'ଣ ରସାତ୍ମକ ବାକ୍ୟ? ଅଥଚ 'ରେବତୀ'ଠାରୁ ଭଲ ଗଳ୍ପ କାହିଁ?"(ପୃ-୭)। ଯେତେବେଳେ କିଛି ଦାମ୍ଭିକ ଆଲୋଚକ ନିଜର ଅପକ୍ୱ ଜ୍ଞାନାଧାରରେ ସୋସୁର୍ ଓ ଦେରିଦାଙ୍କୁ




ମୁଣ୍ଡରେ ବସାଇ ଥେଇଥେଇ ନାଚନ୍ତି ଓ ଭାରତୀୟ ସମାଲୋଚନା ଧାରାର ବହୁ ବିଜ୍ଞ ଅନୁଗାମୀଙ୍କୁ ତିଳ ପ୍ରମାଣେ ପାସଙ୍ଗରେ ପକାନ୍ତି ନାହିଁ, ଠିକ୍ ସେତିକିବେଳେ ଦାଶରଥି ଉପ୍ରୋଧହୀନ ଭାବେ କହନ୍ତି: "ସୋସୁର୍‌ଙ୍କ ଗଠନବାଦ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା ସାହିତ୍ୟର ମାନିବକ ଆବେଗାନୁଭୂତି ଦିଗଟିକୁ ସମ୍ପୂର୍ଣ୍ଣ ଉପେକ୍ଷା କରିଥାଏ। x x ଆମ ପାଇଁ (ଦେରିଦାଙ୍କ) ଅବିନିର୍ମାଣବାଦର କୌଣସି ସଦର୍ଥକ ଦିଗ ନାହିଁ। x x ଅବିନିର୍ମାଣବାଦୀଙ୍କୁ ମାନିଲେ ସାହିତ୍ୟ ଫାହିତ୍ୟ ପଡ଼ିହେବ ନାହିଁ। ବ୍ୟାଖ୍ୟା ଜାଲରେ ଛନ୍ଦି ହୋଇ ରୁଦ୍ଧ ଶ୍ୱାସ ହେବା ସାର ହେବ। x x ଆଧୁନିକ ଚିନ୍ତାନାୟକ ସୋସୁର୍ ଓ ଦେରିଦାଙ୍କ ବକ୍ତବ୍ୟ ଏବଂ ବିଚାରକୁ ଧ୍ରୁବ ଜ୍ଞାନ କରି ଆମ ଆଳଙ୍କାରିକଙ୍କୁ ଅବଜ୍ଞା କରିବା ଆତ୍ମଘାତୀ ନୀତି ହେବ।" (ପୃ:୧୧-୧୨)। ଏହା ହେଉଛି ସମାଲୋଚକ ଭାବେ ଦାଶରଥିଙ୍କ ଅବିଚଳତା।

'ଲକ୍ଷ୍ମୀପୁରାଣ' ଉପରେ ଅନେକ ବିଦ୍ୱାନ୍ ଅନେକ ପ୍ରବନ୍ଧ ଲେଖିଛନ୍ତି। ଏପରିକି କେହିକେହି ଅତ୍ୟୁତ୍ସାହୀ ଭାଷ୍ୟକାର ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ 'ନାରୀବାଦ'ର ଓଁକାର ବୋଲି ଅଭିହିତ କରିଥା'ନ୍ତି। ଆମ ଦାଶରଥି ଏହାର ଠିକ୍ ଓଲଟା କହନ୍ତି : "ନାରୀ ଚେତନବାଦ (Feminism) କଥା ଲକ୍ଷ୍ମୀଙ୍କୁ ଜଣାନାହିଁ କି ଲକ୍ଷ୍ମୀ ପୁରାଣକୁ ଜଣାନାହିଁ। ଅଧିକନ୍ତୁ ଲକ୍ଷ୍ମୀ ଲକ୍ଷ୍ମୀ। ଦେବୀ ଓ ସାହିତ୍ୟିକ ଚରିତ୍ରଟିଏ ମଧ୍ୟ। ସୀତା ଓ ସାବିତ୍ରୀଙ୍କ ଉତ୍ତରାଧିକାର ଖୋଜିଲେ ତାଙ୍କ ଚରିତ୍ରରେ ମିଳିଯିବ ଯଥେଷ୍ଟ। ତାଙ୍କର ସବୁ ବିଦ୍ରୋହ ବାହାରୁ। ଭିତରେ ଭିତରେ ସେ ଅନ୍ୟାଟିଏ, ଯିଏ ସ୍ୱାମୀ ଛଡ଼ା ଜୀବନର ଅର୍ଥ ଦେଖନ୍ତି ନାହିଁ। ଅଖଣ୍ଡ ସ୍ୱାଧୀନତା ନୁହେଁ, ପ୍ରିୟାନୁରାଗୀ ପୁରୁଷର ଘରଟିଏ ତାଙ୍କର ଅବଶ୍ୟ ଲୋଡ଼ା। ବିଦ୍ରୋହ ଅନ୍ତରରୁ ନୁହେଁ କାହିଁ, ତେଣୁ ଲକ୍ଷ୍ମୀପୁରାଣରେ ଆମୂଳାନ୍ତ ନାରୀ ଅବମାନନାର ପଦକ୍ଷେପ ଅଛି।" (ପୃ: ୧୫୪-୧୫୫)। ପ୍ରବନ୍ଧଟିରେ ଦାଶରଥି ଲକ୍ଷ୍ମୀ, ବଳରାମ ଓ ଜଗନ୍ନାଥଙ୍କ ଆଚରଣର ବିସ୍ତୃତ ନିରୀକ୍ଷା ଯେପରି କରିଛନ୍ତି ଓ ଲକ୍ଷ୍ମୀଙ୍କୁ ହେନେରିକ୍ ଇବ୍‌ସେନ୍‌ଙ୍କ ରଚିତ 'ଡଲ୍‌ସ ହାଉସ୍'ର ନୋରା ଚରିତ୍ର ସହ ତୁଳି ଦେଖିଛନ୍ତି, ତାହା ତାଙ୍କ ସମାଲୋଚନାକୁ ବ୍ରତର ବୈଶିଷ୍ଟ୍ୟ ଆଣି ଦେଇଛି। ତାଙ୍କ ସମାଲୋଚନାରେ ହେଳାପାଳିଆପଣ ନାହିଁ, ନାହିଁ ଥକିପଡ଼ିବା, ଯେତେଦୂରବର୍ତ୍ତୀ ହେଉ ଲକ୍ଷ୍ୟ ସାଧନ। ଓଡ଼ିଆ ସମାଲୋଚନାରେ ବରାବର ତାଙ୍କ ମୁଣ୍ଡ ଉପରେ ଥାଏ ଛତା, ମୁଷ୍ଟିବଦ୍ଧ। ନ ଥାଏ କୁତ୍ରାପି ବର୍ଷା ଜାଣି ଛତା ପାତିବା।

"ଓଡ଼ିଆ ସାହିତ୍ୟର ପୁନରୁଜ୍ଜୀବନ ଓ କବି ରାଧାନାଥ" ଆଲୋଚ୍ୟ ଗ୍ରନ୍ଥର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ, ଯେଉଁଥିରେ ରାଧାନାଥଙ୍କୁ ନେଇ ତାଙ୍କ ପୂର୍ବସୂରୀ ଓ ସମକାଳୀନ ବହୁ ଦିଗ୍‌ଗଜ ସମାଲୋଚକଙ୍କ ଅବଧାରଣାକୁ ସେ ପାଲଟାଇ ଦେଇଛନ୍ତି। ସବୁ ଯୁକ୍ତି ପୁଣି ତଥ୍ୟଯୁକ୍ତ। ନିରାଧାର ନୁହେଁ ଗୋଟିଏ ବି। ରାଧାନାଥଙ୍କ ଆବିର୍ଭାବକାଳୀନ ସାମାନ୍ୟ କବିତା କେଇଟି ପଢ଼ି ପ୍ରଖ୍ୟାତ ବଙ୍ଗୀୟ ବିଦ୍ୱାନ୍ ଭୂଦେବ ମୁଖୋପାଧ୍ୟାୟ ୧୮୭୯ରେ ରାଧାନାଥଙ୍କୁ 'ଓଡ଼ିଶାର ଗୌରବ କେତନ' ଓ 'କବିତା କାନନର ପିକବର' ଭାବେ ଆଖ୍ୟାୟିତ କରିବା ଦାଶରଥିଙ୍କୁ ଝଟକା ଲାଗିଛି। ସେ ଘଟଣାର ଖୋଳତାଡ଼ କରିଛନ୍ତି ଓ ଉଦ୍‌ଘାଟିତ ହୋଇଛି ସତ୍ୟ। ସତ୍ୟଟି ହେଲା- ନିଜର ଖ୍ୟାତି ପ୍ରଖ୍ୟାପନ ପାଇଁ କାହାଣୀଟି ଥିଲା ରାଧାନାଥଙ୍କ ସ୍ୱ-ପ୍ରାୟୋଜିତ। ନିବନ୍ଧରେ ରାଧାନାଥଙ୍କ ମୌଳିକତା ଓ କବିତ୍ୱକୁ ଦାଶରଥି ଆଦୌ ଉପେକ୍ଷା କରିନାହାନ୍ତି, ଅଥଚ ରାଧାନାଥ ବର୍ତ୍ତମାନ ଥିବା କବିତାର ସେଇ ଯୁଗଟିକୁ ନାନା ପ୍ରାମାଣିକ କାରଣରୁ 'ରାଧାନାଥ ଯୁଗ' ଭାବେ ମାନି ନେଇ ପାରିନାହାନ୍ତି। ତାଙ୍କ ଦୃଷ୍ଟିରେ ସାହିତ୍ୟର ଏହି ପର୍ଯ୍ୟାୟଟି ଥିଲା 'ସାହିତ୍ୟର ପୁନରୁଜ୍ଜୀବନ', ଯହିଁରେ କୌଣସି ଏକକ କବି ବା ଲେଖକ ନୁହନ୍ତି, ବହୁ ଲେଖକଙ୍କର ଥିଲା ଯୋଗଦାନ।

ପ୍ରଖ୍ୟାତ ବଙ୍ଗକବି ଭାରତଚନ୍ଦ୍ରଙ୍କ 'ବିଦ୍ୟାସୁନ୍ଦର' ଓ ରାଧାନାଥଙ୍କ 'ଯଯାତିକେଶରୀ' ମଧ୍ୟରେ ଦାଶରଥି ଯେଉଁ ରଚନା-ସାମ୍ୟର ଆବିଷ୍କାର କରିଛନ୍ତି, ତହିଁରେ ଅଛି ରାଧାନାଥଙ୍କୁ ମୂଳରୁ ଆଉଥରେ ନିରେଖି ଦେଖିବାର ମୌନ ନିମନ୍ତ୍ରଣ। ରାଧାନାଥଙ୍କ ପ୍ରସଙ୍ଗରେ ମାଇକେଲ ମଧୁସୂଦନ ନୁହନ୍ତି, ଆମ ଦୃଷ୍ଟିକୁ ନେଇ ସେ ନିବଦ୍ଧ କରିଛନ୍ତି ଭାରତଚନ୍ଦ୍ରଙ୍କଠାରେ ଓ କହିଛନ୍ତି- "ରାଧାନାଥ ପ୍ରକୃତରେ କବି ଉପେନ୍ଦ୍ରଙ୍କ ଭାବଶିଷ୍ୟ ଓ ଭାରତଚନ୍ଦ୍ରଙ୍କ ଚେଲା।" ଉପସଂହାରରେ କେବଳ ଏତିକି କହିବା ଅତିକଥନ ହେବ ନାହିଁଯେ, ଦାଶରଥିଙ୍କ ସମୀକ୍ଷା କେବଳ ଓଡ଼ିଆ ସମାଲୋଚନାକୁ ନୁହେଁ, ଭାରତୀୟ ସମାଲୋଚନାକୁ ଦେଇଛି ରଶ୍ମିପ୍ରଖର ଏକ ନୂଆ ଦିଶା, ଯହିଁରୁ ସାତଟି ମୂଲ୍ୟବାନ୍ ମୋତି ସାଉଁଟି ନେଇ ଚିହ୍ନରା ବାଉରୀବନ୍ଧୁ ତିଆରିଛନ୍ତି ଏକ ଜ୍ୟୋତିଦୀପ୍ତ ସପ୍ତର୍ଷି, ଆଲୋଚ୍ୟ ଗ୍ରନ୍ଥରେ।

- ପ୍ରସ୍ତୁତି: **ଡ. ହୃଷୀକେଶ ମଲ୍ଲିକ**

---

କବିତା

## ପ୍ରିୟତମ ନୀଳଶାଢ଼ି

**ପଲ୍ଲବୀ ନାୟକ**

ଦର୍ପଣ ଆଗରେ
କେବେ ବି ଶାଢ଼ି ପିନ୍ଧେନା ମୁଁ।
ଆବଶ୍ୟକତା ହିଁ ନ ଥାଏ।

କାଖ ମୂଳେ ଅତର ସିଞ୍ଚିବା ହେଉ
ବ୍ଲାଉଜ୍‌ରେ ହୁକ ଦେବା କି
ଶାୟା ଡୋରିରେ ଗଣ୍ଠି ଦେବା ହେଉ
କି ଅଣ୍ଟାରେ ପ୍ରଥମ ପରସ୍ତ ଶାଢ଼ି
ବଳାଗଣ୍ଠି ଯାଏ ଖୁଲେଇ
ଗୁଡ଼େଇ ଆଣିବା ହେଉ
ନିଖୁଣ ଭାବେ ହାତ ଦୁଇ ମୋର
କରି ଚାଲନ୍ତି।
କାନ୍ଧ ଉପରେ ବି
ପଣତକୁ ବେଶ୍ ସଜେଇ ନିଏ ମୁଁ
ବିନା ଦର୍ପଣରେ
କୁଞ୍ଚ ଖୋସିନେବା ଆଗରୁ।

ଶାଢ଼ିରେ ଏବେ ବି ସହଜ ନ ଥିବା
ପ୍ରିୟ ବାନ୍ଧବୀ ମୋର କୁହେ
ହେସ୍ ମିଛେଇ...
ଦର୍ପଣ ନ ଦେଖି କେହି କ'ଣ
ଏତେ ସୁନ୍ଦର ଶାଢ଼ି ପିନ୍ଧିପାରେ ?

ମତେ ମିଛେଇ କହୁଥିବା
ସେ ପୁଲେଇ କି ଜାଣେ
ମୁଁ କ'ଣ
ଯେ କୌଣସି ରଙ୍ଗର ଯାହିତାହି ଶାଢ଼ି
କେବେ ବି ପିନ୍ଧୁଥାଏ !
ପ୍ରିୟତମ ନୀଳଶାଢ଼ିକୁ ମୋ'
ପ୍ରିୟର ଆଖି ଦର୍ପଣରେ
ମୁଁ ଅହରହ ପିନ୍ଧୁଥାଏ
ଯା'ର ବ୍ୟାପ୍ତି
(ମୋ') ଇହକାଳଠୁ ପରକାଳ
ଯାଏ ବ୍ୟାପିଥାଏ।

ମୋ: ୯୪୩୭୦୯୭୮୫୨

---

## ପୁସ୍ତକ ପରିଚୟ

### ଆକାଶରେ ମେଘ ନାହିଁ

**ଲେଖକ:** ନୃସିଂହ ତରାଇ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୧୦/-




ବହିଟିରେ ପ୍ରକାଶ ପାଇଛି ମୋଟ ୪୮ଟି କବିତା। ପ୍ରାକ୍‌କଥନରେ କବି କହିଛନ୍ତି: "ଯାହା ଦେଖିଚି ଶୁଣିଚି ଅଙ୍ଗେ ନିଭେଇଚି - ତାହା ମୋ' କବିତା, ତାହା ମୋ' ଜୀବନ ଗାଥା।" ଗାଳ୍ପିକ ଅଚ୍ୟୁତାନନ୍ଦ ପତି ତାଙ୍କ ମତାମତରେ କବିତାଗୁଡ଼ିକ ଉପରେ ସଫଳତାର ମୋହର ମାରିଛନ୍ତି। ନୃସିଂହ ବାଛିଥିବା ପ୍ରସଙ୍ଗଗୁଡ଼ିକ ଖୁବ୍ ଭଲ, କିନ୍ତୁ ଯଥା ସ୍ଥାନରେ ଯଥାର୍ଥ ଶବ୍ଦପ୍ରୟୋଗ ଦ୍ୱାରା ସେସବୁକୁ କବିତା କରିବାକୁ ଗଲାବେଳେ ସେ ଅନେକତ୍ର ପାରିଉଠି ନାହାନ୍ତି। ପୁରୋହିତୀ ସ୍ୱସ୍ତିବାଚନରେ କୌଣସି କବିତା କେବେ ବି ଲାଭବାନ ହୁଏନାହିଁ। କବି ଯଦି ନିଜ ପ୍ରତିଭାର ଶୁଶ୍ରୂଷା ନିୟତ କରିଚାଲନ୍ତି, ତେବେ ତାଙ୍କ କବିତାଯେ ଅଚିରେ ପରିଣତମୁଖୀ ହେବ, ଏହି ପ୍ରତିଶ୍ରୁତି ବହିଟିରେ ଉହ୍ୟ।

### ନୀଳ ନକ୍ସା

**ଲେଖକ:** ବିଜୟ ଦାସ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୫୦/-

'ନୀଳ ନକ୍ସା' ଲେଖକଙ୍କ ପ୍ରକାଶିତ ଧାରାବାହିକ ସ୍ତମ୍ଭ 'ଆଖି ଆଇନା'ର ଗ୍ରନ୍ଥରୂପ। ମୋଟ ୩୧ଟି ଆଲେଖ୍ୟରେ ସମକାଳୀନ ରାଜନୀତି, ସମାଜ ଓ ସାଂସ୍କୃତିକ ନାନା ବୃତ୍ତାନ୍ତକୁ ପ୍ରସଙ୍ଗ କରାଯାଇଛି।




'କେତେବେଳେ କେଉଁ କଥା', 'ଲୋକେ କହିବେ କ'ଣ', 'ମନ ମାନେନା', 'ନ'ରେ ବାଡ଼ି 'ନା', 'ଅତି ଆଚମ୍ବିତ ଆଜିର କଥା', 'ଫଣି, ଫନି, ଫାନି ଓ ଫୋନି', 'ଆପଣମାନେ ଖୁସି ତ...', 'ଅପସଂସ୍କୃତିର ଅଟ୍ଟହାସ୍ୟ' ଓ 'ନୀଳ ନକ୍ସା' ପ୍ରଭୃତିରେ ଲେଖକଙ୍କର ସମାଜ ଓ ଜୀବନ ଅନୁଧ୍ୟାନର ଯେଉଁ ସୂକ୍ଷ୍ମ ଦୃଷ୍ଟି, ତାହା ପାଠକଙ୍କ ମନରେ କେବଳ ରେଖାପାତ କରେ ନାହିଁ, ବିକଳ୍ପ ଚିନ୍ତା ଓ ଚେତନାର ଉଦ୍ରେକ ବି ଘଟାଏ। ବହିଟି ସମକାଳୀନ ସମୟର ଯେ ବିଶ୍ୱସ୍ତ ଦର୍ପଣ, ଏହା ପ୍ରତ୍ୟୟର ସହ କହିହୁଏ।

---

## କାଳ କାଳକୁ



**"ତମେ ଯଦି ଜଣେ ଲେଖକ, ତେବେ ଘଟଣା ବା ଚରିତ୍ରକୁ ବୁଝିବା ତମ କାମ, ବିଚାର ଶୁଣାଇବା ନୁହେଁ।"**

**-ଆର୍ନେଷ୍ଟ ହେମିଙ୍ଗ୍‌ୱେ**

ଆର୍ନେଷ୍ଟ ହେମିଙ୍ଗ୍‌ୱେଙ୍କ ଜନ୍ମ ୨୧ ଜୁଲାଇ ୧୮୯୯ରେ, ଆମେରିକାରେ ଓ ପରଲୋକ ୨ଜୁଲାଇ ୧୯୬୧ରେ। ବିଂଶ ଶତାବ୍ଦୀର ଗଳ୍ପ ଓ ଉପନ୍ୟାସକୁ ଖୁବ୍ ବେଶୀ ପ୍ରଭାବିତ କରିଥିବା ଲେଖକଙ୍କ ମଧ୍ୟରୁ ସେ ଜଣେ। 'ଦ ସନ୍ ଅଲ୍ ସୋ ରାଇଜେସ୍', 'ଏ ଫେୟାରୱେଲ୍ ଟୁ ଆର୍ମସ୍', 'ଫର୍ ହୁମ୍ ଦ ବେଲ୍ ଟୋଲ୍‌ସ' ଓ 'ଦ ଓଲ୍‌ଡ ମ୍ୟାନ୍ ଆଣ୍ଡ ଦ ସି' ଭଳି ଚର୍ଚ୍ଚିତ ଉପନ୍ୟାସର ଏଇ ସ୍ରଷ୍ଟା ସାହିତ୍ୟକୁ ତାଙ୍କର ବିରଳ ଅବଦାନ ପାଇଁ ପାଇଛନ୍ତି 'ପୁଲିଜର୍' ଓ' ନୋବେଲ ପୁରସ୍କାର'।

---

ମିନିଗଳ୍ପ

## କାଉ ଗପ

**ଡ. ନରେନ୍ଦ୍ର ସେଠୀ**

କାଉ ଦି' ଗୋଡ଼ିଆ ମଣିଷକୁ ସକାଳୁ ଆସି ଉଠାଏ। ସବୁଆଡ଼ର ମଇଳା ସଫା କରେ। ତା' କଥା କିନ୍ତୁ ମଣିଷ ବୁଝିପାରେନି। କାଉର ଭାଷା ତାକୁ କର୍କଶ ଲାଗେ। କା' କା' ଶବ୍ଦରେ ତା' କାନ ଅତଡ଼ା ପଡ଼େ। ମଣିଷ ହୁସ୍... ହୁସ୍... କରି ଉଡ଼େଇଦିଏ କାଉକୁ। ମଣିଷ ଘରକୁ କୁଣିଆମୈତ୍ର ଆସିବା ପୂର୍ବରୁ କାଉ ଜାଣିଯାଏ। ସେ ଆସେ ଚାଳ ଉପରେ ବସି କା' କା' ଶବ୍ଦ କରେ। କହେ ତୋ' ଘରକୁ ବନ୍ଧୁ ଆସୁଛନ୍ତି। ପାଣିଢାଳ ରଖ। ଜଳଖିଆ ଆଣେ। ମଣିଷ ବୁଝିପାରେନି। ଚିଡ଼ିଯାଏ। କାଉକୁ ହୁସ୍... ହୁସ୍... କରି ଘଉଡ଼ାଇଦିଏ। କାଉ ଯାଇ କାଉଆଣୀକୁ ସବୁ କହେ। କାଉଆଣୀ କହେ ମନ ଦୁଃଖ କରନି। ମଣିଷ ଦିନେ ଆମକୁ ବୁଝିବ।

କୋଇଲି ଗଛ ଡାଳରେ ବସି ଗୀତଗାଏ। କୁ...ଉ...କୁ...ଉ...! ମଣିଷ କାନରେ ପଡ଼େ। ଓଃ କି ମିଠା ସ୍ୱର! ଠିକ୍ ମଣିଷ ପରି। କୋଇଲିର କାହା ପ୍ରତି ନିଘା ନ ଥାଏ। ସେ ଗାଏ ବସନ୍ତକୁ ଦେଖି। ସେ ତାଳ ଦିଏ ପ୍ରଥମ ବର୍ଷାରେ କଅଁଳିଆ ମୁଣ୍ଡ ଟୁଙ୍ଗାରୁଥିବା ପତ୍ରକୁ ଅନେଇ। ସେ କୋଇଲିଆଣୀକୁ ଡାକେ। ଗାଏ ପ୍ରେମର ମଲ୍ଲି ମହ୍ଲାର। ତାକୁ ନିଜ ଅଣ୍ଡାକୁ ଉଷୁମ କରିବାକୁ ସମୟ ନ ଥାଏ। ସେ ଖାଲି ଗୋଟିଏ କାମ ଜାଣିଛି, ଗୀତ ଗାଇବା। ତାକୁ ଆଉ କିଛି ଆସେନି। କାଉ ଘରେ ନ ଥିଲାବେଳେ କୋଇଲି ଯାଏ। କାଉଆଣୀର ଅଣ୍ଡାକୁ ଗୋଇଠା ମାରି ତଳକୁ ଠେଲିଦିଏ। ନିଜ ଅଣ୍ଡାକୁ ରଖିଦେଇ ପଳେଇ ଆସେ।

କିଛିଦିନ ହେଲା ତନୁପାତେଳି ସୁନ୍ଦରୀ କୋଇଲି କାଉ ଘରଆଡ଼େ ବେଶି ଯିବାଆସିବା କରୁଥିଲା। ଉପରେ ପଡ଼ି ଭଲେଇ ହେଉଥିଲା। ଅନେଇ ଗୀତ ଗାଉଥିଲା। କାଉଆଣୀର ସନ୍ଦେହ ହେଲା। କାଉକୁ ସବୁ କହିଲା। ହଁ ସତେ ତ! କିନ୍ତୁ କାଉ-କାଉଆଣୀ କୋଇଲିର ବଦଳିଥିବା ବ୍ୟବହାରକୁ ଠଉରେଇ ପାରିଲେନି।



ସେଦିନ ଭୋର୍‌ରୁ ଉଠି କାଉ-କାଉଆଣୀ ଚାଲିଗଲେ ମଣିଷ ଘର ଆଡ଼େ। ତାକୁ କା କା ଡାକି ଉଠେଇଲେ। ଅଳିଆ ସଫା କଲେ। ମଣିଷ ଚିଡ଼ିଯାଇ ହୁସ୍...ହୁସ୍... କଲା। ସଅଳ ଘରକୁ ଫେରିବାକୁ ହେବ। ଦି'ଟା ଅଣ୍ଡା। ଗଛଚଢ଼ା ସାପକୁ ଓ ଡାଳ ଭାଙ୍ଗୁଥିବା ମାଙ୍କଡ଼କୁ ବିଶ୍ୱାସ ନାହିଁ। ଦୁହେଁ ବସାକୁ ଫେରିଲେ। ହେଲେ ଅଣ୍ଡା ?

କାଉଆଣୀ ମୁଣ୍ଡ ପିଟିଲା। କାଉ କା' କା' କରି ଦୁନିଆ ଉଚ୍ଛନ୍ନ କଲା। ତାଙ୍କ କାନ୍ଦବୋବାଳି ଶୁଣି ଭାଇଆଳିଆ କାଉମାନେ ଆସି ଜମାହେଲେ। ସମସ୍ତେ କହିଲେ ହନୁମାଙ୍କଡ଼ ଆସି ନ ଥିଲା। ସାପ ମଧ୍ୟ ଆସିନି।

ସେତିକିବେଳେ ପାଖ ଗଛ ଡାଳରେ କୋଇଲି କୁ' କୁ' ଗାଇଲା। ତା' ପାଖରେ କଅଁଳିଆ ଦି'ଟା ଛୁଆ କୋଇଲି ଗୀତ ଶିଖୁଥିଲେ। କାଉ କହିଲା ଯାହା ହେବାର ହେଲାଣି। ଚାଲ ଯିବା। ଅଳିଆ ସଫା କରିବା। କାଉକୁ ପୁଣି ଆସିବା ଦେଖି ଦୁଇଗୋଡ଼ିଆ ମଣିଷ ତାକୁ କହିଲା ହୁସ୍... ହୁସ୍...। କାଉ କାଉଆଣୀକୁ କହିଲା ମଣିଷ ଆମକୁ ଆଉ କେବେ ବୁଝିବ? କାଉଆଣୀ କହିଲା ଆମେ ଯଦି କୋଇଲିକୁ ବୁଝି ନ ପାରିଲେ, ସେ ଆମକୁ କେମିତି ବୁଝିବ। କାଉ ମୁଣ୍ଡରେ କିଛି ପଶୁ ନ ଥିଲା। ସେ କହିଲା କା... କା... କା...!

ମୋ: ୭୦୦୪୦୬୮୧୧୦

---

ସୃଜନ-ସ୍ମୃତି

# କବିତା ସ୍ୱୟଂଭୂ, ମୁଁ କେବଳ ଏକ ମାଧ୍ୟମ

**ପ୍ରଦୀପ ବିଶ୍ୱାଳ ଆମ ସମୟର ଏପରି ଜଣେ କବି, ଯାହାଙ୍କ କବିତାରେ ଜୀବନ ତା'ର ସବୁଯାକ ରୋମାନ୍ସ ନେଇ ସାକାର ହୁଏ। ଏଯାବତ୍ ପ୍ରକାଶିତ ପାଞ୍ଚଖଣ୍ଡ କବିତାଗ୍ରନ୍ଥ। ଓଡ଼ିଆ କବିତାରେ ଆଟୋପଶୂନ୍ୟ, ନିଃଶବ୍ଦ ତାଙ୍କ ପଦଚାରଣ ସହଜରେ ଏଡ଼ି ଯିବାର ନୁହେଁ...**


ପ୍ରଦୀପ ବିଶ୍ୱାଳ

ମୋ' ଭିତରେ କବିତାର ସ୍ଫୁରଣ ବାଲ୍ୟ ଜୀବନରୁ ହିଁ ଘଟିଥିଲା। ପଲ୍ଲୀ ଜୀବନର ବିପୁଳ ପ୍ରକୃତିରାଜି ସହ ପାଲା, ଦାସକାଠିଆ ଓ ଯାତ୍ରା ଭଳି ସୃଜନକଳା ଆନ୍ଦୋଳିତ କରିଥିଲା ମୋ' ଅବବୋଧକୁ। ଜେଜେବାପା ପିଲାଟିବେଳୁ ମୋ' ଭିତରର ସୃଜନଧିସାକୁ ଆବିଷ୍କାର କରି ଲେଖାଲେଖି ପାଇଁ ବରାବର ଅନୁପ୍ରାଣିତ କରୁଥିଲେ। ବାପା ଥିଲେ ଏକାଧାରରେ ସଂଗୀତ ସ୍ରଷ୍ଟା, ନାଟ୍ୟ ନିର୍ଦ୍ଦେଶକ ଓ ସାହିତ୍ୟପ୍ରେମୀ। ସେହି ସମୟରେ ଆମ ଘରକୁ ଆସୁଥିଲା ନବରବି, ଆସନ୍ତାକାଲି, ଝଙ୍କାର ଭଳି ସଂଭ୍ରାନ୍ତ ପତ୍ରପତ୍ରିକା। ବୋଉ ଥିଲା ଜଣେ ରୀତିମତ ପାଠିକା। ବହି ଓ ପତ୍ରପତ୍ରିକା ପଢ଼ିବାରେ ଥିଲା ତା'ର ଅସରନ୍ତି ରୁଚି।

ଏ ପ୍ରକାର ଏକ ପରିବେଶ ମୋର ସାହିତ୍ୟ ସାଧନା ପାଇଁ ଥିଲା ବେଶ୍ ଅନୁକୂଳ। ହାଇସ୍କୁଲରେ ପଢ଼ିବାବେଳେ ସ୍କୁଲ ମୁଖପତ୍ରରେ ଏକାଧିକ ଲେଖା ଲେଖି ଶିକ୍ଷକମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲି। କଲେଜରେ ପାଦ ଦେବା ବେଳକୁ ଆକାଶବାଣୀର 'ଯୁବବାଣୀ' କାର୍ଯ୍ୟକ୍ରମରେ ଲେଖାସବୁ ପ୍ରଚାରିତ ହୋଇ ଅଧ୍ୟାପକ ଓ ସହପାଠୀମାନଙ୍କ ପାଖରେ ମୋର ଏକ ଭିନ୍ନ ପରିଚିତି ସୃଷ୍ଟି ହୋଇ ସାରିଥିଲା। କଲେଜର ମୁଖପତ୍ର ସହିତ ସ୍ଥାନୀୟ ପତ୍ରପତ୍ରିକା ଏବଂ 'ମିରର୍' ଓ 'ୱିଜ୍‌ଡମ୍' ପରି ଇଂରାଜୀ ପତ୍ରିକାରେ ଲେଖା ପ୍ରକାଶ ପାଇବାର ସୁଯୋଗ ମୋତେ ମିଳିଥିଲା।

ବାଣୀବିହାରରେ ପହଞ୍ଚିବା ପରେ ପରିସ୍ଥିତି ବଦଳିଯାଇଥିଲା। ସେତେବେଳକୁ ସାହିତ୍ୟ ହୋଇଯାଇଥିଲା ଏକ ନିଶା। କେତେଜଣ ସତୀର୍ଥଙ୍କ ସାନ୍ନିଧ୍ୟ ଏବଂ ବରିଷ୍ଠ ଲେଖକମାନଙ୍କ ପ୍ରେରଣା ଏଥିପାଇଁ ଆଣି ଦେଇଥିଲା ପ୍ରବଳ ଉତ୍ସାହ। ପାଠପଢ଼ା ପରେ କିଛି ମାସ ଅଧ୍ୟାପନା ଓ ତା'ପରେ କଟକ ଆକାଶବାଣୀରେ ଯୋଗଦାନ ଏବଂ ପରେ ରାଜ୍ୟ ସରକାରଙ୍କ ଅଧୀନରେ ଆରମ୍ଭ ମୋର ବୃତ୍ତିଗତ ଜୀବନ। ତା' ପଛକୁ ସାଂସାରିକ ଜୀବନ। ଏଥର ଅନୁଭବ କଲି, ସୃଜନର ସ୍ୱପ୍ନ ମୋ' ଭିତରେ କ୍ରମଶଃ କ୍ଷୀଣ ହୋଇଯାଉଛି। ବୃତ୍ତି ଓ ପାରିବାରିକତାର ତାଡ଼ନା ଥିଲା ଏଥିପାଇଁ ଦାୟୀ। କିନ୍ତୁ ସୌଭାଗ୍ୟବଶତଃ ସାହିତ୍ୟରୁ ମୁଁ ନିର୍ବାସିତ ହୋଇଯାଇ ନାହିଁ। ଯଦିଓ ମୋର ସୃଜନକର୍ମ କିଛିଟା ଅସହଜ ହୋଇପଡ଼ିଛି। ଅଦ୍ୟାବଧି ପାଞ୍ଚଟି କବିତା ସଂକଳନ ପ୍ରକାଶିତ, ଇଂରାଜୀ ଓ ହିନ୍ଦୀରେ କେତେକର ଅନୁବାଦ ସହ।

ବେଳେବେଳେ ଭାବେ, ସବୁ କିଛି ବିଧି ନିର୍ଦ୍ଦିଷ୍ଟ ମୁଁ କେବଳ ଏକ ମାଧ୍ୟମ, ସ୍ୱୟଂଭୂ କବିତାର ଆତ୍ମପ୍ରକାଶରେ। କବିତା ଲେଖିବାଠୁଁ ବଳି ଆତ୍ମସନ୍ତୋଷ ମୋ' ଜୀବନରେ ଆଉ କ'ଣ ବା କାହିଁ?

ମୋ: ୯୪୩୭୧୭୧୫୮୫



ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ତାଙ୍କ ଜୀବନ ଶୈଳୀରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନନ୍‌ଭେଜକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରି ଜୀବନ ସାରା ଶାକାହାରୀ ହେବାକୁ ସେ ନିଷ୍ପତ୍ତି ନେଇଛନ୍ତି। ଏନେଇ ଏକ ଭିଡିଓ କରି ଇନ୍‌ଷ୍ଟାଗ୍ରାମରେ ସେ ଶେୟାର ମଧ୍ୟ କରିଛନ୍ତି। ଏହି ଭିଡିଓରେ ଶିଳ୍ପା ନିଜ ପୁଅ ଭିଆନଙ୍କ ସହ କ୍ଷେତରେ ପନିପରିବା ତୋଳୁଥିବାର ନଜର ଆସିଛନ୍ତି। ଶିଳ୍ପା ଏହି ପୋଷ୍ଟରେ ଲେଖିଛନ୍ତି, 'ମୋର ଏହି ନିଷ୍ପତ୍ତି ଟିକେ କଷ୍ଟସାଧ୍ୟ ଥିଲା। କିନ୍ତୁ ମୁଁ ଶାକାହାରୀ ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିସାରିଛି। ଶାକାହାରୀ ଖାଦ୍ୟ ଆମକୁ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିପାରିବ।



# ସୁଶାନ୍ତଙ୍କ ଶେଷ ଫିଲ୍ମର ଟ୍ରେଲର କଲା ବିଶ୍ୱ ରେକର୍ଡ



**ମୁମ୍ବାଇ:** ସମସ୍ତ ଅପେକ୍ଷାର ଅନ୍ତ ଘଟାଇ ଅଭିନେତା ସୁଶାନ୍ତ ସିଂ ରାଜପୁତ ଅଭିନୀତ ଶେଷ ଫିଲ୍ମ 'ଦିଲ୍ ବେଚାରା'ର ଟ୍ରେଲର୍ ରିଲିଜ ହୋଇଛି। ଏହାକୁ ଦର୍ଶକ ଖୁବ ପସନ୍ଦ କରିଛନ୍ତି। କେବଳ ୯୮ ମିନିଟରେ ୧ ମିଲିୟନ ଲାଇକ୍ସ ପାଇ ଏହି ଟ୍ରେଲର୍ ବିଶ୍ୱରେକର୍ଡ କରିପାରିଛି। ବର୍ତ୍ତମାନ ସୁଦ୍ଧା ଏହାର ଟ୍ରେଲରକୁ ୨୦ ମିଲିୟନରୁ ଅଧିକ ଭିୟୁଜ୍ ମଧ୍ୟ ମିଳିସାରିଛି।

ଆସନ୍ତା ଜୁଲାଇ ୨୪ ତାରିଖରେ ଅନ୍‌ଲାଇନ ପ୍ଲାଟଫର୍ମ ଡିଜ୍‌ନି ହଟ୍‌ଷ୍ଟାର୍‌ରେ ରିଲିଜ୍ ହେବାକୁ ଯାଉଛି। ସୁଶାନ୍ତ ଓ ସଞ୍ଜନା ସାଂଘୀଙ୍କ ଫିଲ୍ମ 'ଦିଲ୍ ବେଚାରା'। ଏହି ଫିଲ୍ମରେ ଶେଷ ଥର ପାଇଁ ସୁଶାନ୍ତଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ। ଏହାର ଟ୍ରେଲରକୁ ମିଳିଥିବା ପ୍ରତିକ୍ରିୟାକୁ ଦେଖି ସୁଶାନ୍ତଙ୍କ ଫିଲ୍ମ ପାଇଁ ତାଙ୍କ ଫ୍ୟାନ୍‌ମାନଙ୍କ ମନରେ ଥିବା ଆବେଗ ବିଷୟରେ ଜଣାପଡୁଛି। ସୋସିଆଲ ମିଡିଆରେ ଏହି ଟ୍ରେଲରକୁ ବାରମ୍ବାର ଦେଖାଯାଉଛି ଏବଂ ଫିଲ୍ମ ପାଇଁ ତାଙ୍କ ଫ୍ୟାନ୍‌ଙ୍କଠାରୁ ଆରମ୍ଭ କରି ବଲିଉଡ୍ କଳାକାର ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଛନ୍ତି। ଗତ ଜୁନ୍ ୧୪ରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ବାସଭବନରେ ଅଭିନେତା ସୁଶାନ୍ତ ଆତ୍ମହତ୍ୟା କରିଥିଲେ। ଏହି ଖବର ପରେ ତାଙ୍କ ପ୍ରଶଂସକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତେବେ ତାଙ୍କ ଶେଷ ଫିଲ୍ମ ଜରିଆରେ ଦର୍ଶକଙ୍କ ମନରେ ସେ ସବୁବେଳେ ସ୍ମୃତି ହୋଇ ରହିବେ।

ତୃତୀୟ ବର୍ଷର ଜନ୍ମଦିବସ ଶୁଭେଚ୍ଛା ଓ ଅଭିନନ୍ଦନ



ଭୂମିକ୍ ପ୍ରିୟଦର୍ଶୀ
ତୁମର ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ ତୁମ ଚଲାପଥକୁ କୁସୁମିତ କରିବା ସହିତ ନୀରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ଜେଜେ, ଜେଜେମା', ଅଜା, ଆଈ, ବାପା, ମାମା, ଡିଡି, ଦାଦା ଏବଂ ସମସ୍ତ ପରିବାରବର୍ଗ
ଧ-୧୭୭୦୧

8th Birthday Wish



SMARAN TRIPATHY
Wish you a very Happy Birthday Dearest Spidey
All the Best Blessings from Grandpaa, Aja, Aai, Daddy, Mummy, Mama & Papa
ଧ-୧୭୭୦୭

# ଫିଲ୍ମ 'ଥ୍ରୀଲର'ରେ ନଜର ଆସିବେ ଓଡ଼ିଆ ହିରୋଇନ



ଅପ୍‌ସରା ରାନୀ

**ମୁମ୍ବାଇ:** ବଲିଉଡ୍ ନିର୍ଦ୍ଦେଶକ ରାମ ଗୋପାଳ ବର୍ମା 'ଥ୍ରୀଲର' ନାମକ ଏକ ନୂଆ ଫିଲ୍ମ ଦର୍ଶକଙ୍କ ପାଇଁ ନେଇ ଆସୁଛନ୍ତି। ସେ ଓଡ଼ିଶାର ଜଣେ ନୂଆ ଅଭିନେତ୍ରୀ ଅପ୍‌ସରା ରାନୀଙ୍କୁ ସାଇନ୍ କରିଛନ୍ତି। ଏନେଇ ବର୍ମା ନିଜ ଟୁଇଟର୍‌ରେ ପୋଷ୍ଟ କରି ଜଣାଇଛନ୍ତି। 'ଆର୍‌ଜିଭି ୱାର୍ଲ୍ଡ'ରେ ଆଗାମୀ ଫିଲ୍ମର ନାୟିକା ହେବେ ଅପ୍‌ସରା ରାନୀ। ତେବେ ଅପ୍‌ସରାଙ୍କ ପରିଚୟ ଦେବା ସହ ବର୍ମା ଲେଖିଛନ୍ତି, ତାଙ୍କ ଘର ଓଡ଼ିଶାରେ। ସେ ଡେରାଡୁନର ପାହାଡିଆ ଅଞ୍ଚଳରେ ଜନ୍ମ ଗ୍ରହଣ କରିଛନ୍ତି, କିନ୍ତୁ ବର୍ତ୍ତମାନ ସେ ହାଇଦ୍ରାବାଦରେ ରହୁଛନ୍ତି। ସେ ଜଣେ ଭଲ ଡ୍ୟାନ୍ସର ସହ ଭଲ ଅଭିନେତ୍ରୀ ମଧ୍ୟ। ସେ ପ୍ରଥମେ ତାଙ୍କୁ ଦେଖିକି ବିଶ୍ୱାସ

## ଟ୍ରୋଲ୍ ହେଲେ ରାମ ଗୋପାଳ

କରିପାରି ନ ଥିଲେ। ଓଡ଼ିଶାରେ ଏଭଳି ପ୍ରତିଭା ଥିବା ସେ ଜାଣି ନ ଥିଲେ। ୧୯୯୯ ମହାବାତ୍ୟାକୁ ମୁଁ ଅନୁଭବ କରିପାରୁଛି। ଓଡ଼ିଶାରେ ଏଭଳି ସୁନ୍ଦରୀମାନେ ଥିବାରୁ ବିଭିନ୍ନ ପ୍ରକାର ଝଡ଼ ହେଉଛି ବୋଲି ଆର୍‌ଜିଭି ତାଙ୍କ ଟ୍ୱିଟ୍‌ରେ ଲେଖିଛନ୍ତି। ଆର୍‌ଜିଭିଙ୍କ ଏଭଳି ମନ୍ତବ୍ୟ ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଇଛି। ଓଡ଼ିଶାରେ ଟାଲେଣ୍ଟର ଅଭାବ ନାହିଁ। ଏଠାରେ କଳା, ସଂସ୍କୃତିକୁ ପୂଜା କରାଯାଏ। ଓଡ଼ିଶାର ନାମ ଦିନେ କଳିଙ୍ଗ ଓ ଉତ୍କଳ ରହିଥିଲା ବୋଲି ଟୁଇଟର ଓ ଫେସ୍‌ବୁକ୍‌ରେ ବିଭିନ୍ନ ୟୁଜର୍ସ କମେଣ୍ଟମାନ ଦେଇଛନ୍ତି। ଓଡ଼ିଶା ଉପରେ ଦୁର୍ବଳ ଜ୍ଞାନକୁ ନେଇ ଆର୍‌ଜିଭିଙ୍କୁ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଛି।

ରାମ ଗୋପାଳ ବର୍ମା ତାଙ୍କର ଏହି ମୁଭି ପାଇଁ ଅଙ୍କିତା ମହାରଣାଙ୍କ ନାମ ପରିବର୍ତ୍ତନ କରି ଅପ୍‌ସରା ରାନୀ ରଖିଛନ୍ତି। ଏହି ନାମ ରଖିବା ପରେ ସୋସିଆଲ ସାଇଟ୍‌ରେ ସେ ଆକାଉଣ୍ଟ ଖୋଲିଛନ୍ତି। ଅପ୍‌ସରା ଫ୍ୟାନ୍ ଫଲୋଇଙ୍ଗ୍ ମଧ୍ୟ ବଢ଼ିବାରେ ଲାଗିଛି। ଅପ୍‌ସରା ଓରଫ୍ ଅଙ୍କିତାଙ୍କର ୨୦୧୯ରେ ତେଲୁଗୁ ରୋମାଣ୍ଟିକ୍ ମୁଭି 'ଫୋର ଲେଟର୍' ଆସିଥିଲା। ଅପ୍‌ସରା ଆଉ ମଧ୍ୟ 'ପାଟଣାଗଡ଼' ମୁଭିରେ ଅଭିନୟ କରିଥିଲେ। ଏହି ମୁଭି ଓଡ଼ିଶା ପାଟଣାଗଡ଼ର ପାର୍ସଲବୋମା ବିସ୍ଫୋରଣକୁ ନେଇ ନିର୍ମାଣ କରାଯାଇଥିଲା। ଏହା ଦ୍ୱିଭାଷୀ ମୁଭି ଥିଲା। ଏହା ଓଡ଼ିଆ ଏବଂ ତେଲୁଗୁ ଭାଷାରେ ଡବିଂ କରାଯାଇଥିଲା।

# ଆଣ୍ଡାମାନ ହେବ ଟର୍ନିଂ ପଏଣ୍ଟ

ଗଲୱାନ ସଂଘର୍ଷ ଭାରତକୁ ଅନେକ କିଛି ଶିକ୍ଷା ଦେଇଛି। ଏହାପରେ ସାମୁଦ୍ରିକ ଜଳପଥରେ ଚାଇନାକୁ ଚେକ୍ ଦେବାକୁ ନୂଆ ରଣନୀତି ଆପଣାଯାଉଛି। ଭାରତ ମହାସାଗରରେ ଚାଇନାର ବାଣିଜ୍ୟିକ କାରବାରକୁ ଜୋର୍‌ଦାର ଝଟ୍‌କା ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଫୋକସ୍‌ରେ ରହିଛି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ମିଲିଟାରି ବେସ୍।



**ନୂଆଦିଲ୍ଲୀ:** ଗଲୱାନ ସଂଘର୍ଷ ପରେ ଭାରତର ବଳକୁ କଳିଛି ଚାଇନା। ଯୁଦ୍ଧର ଘନଘଟା ଜଳ, ସ୍ଥଳ ଏବଂ ଆକାଶରେ ନିଜର ସାମରିକ ସ୍ଥିତିକୁ ଆହୁରି ମଜଭୁତ୍ କରିବା ପାଇଁ ସୁଯୋଗ ଆଣିଛି। ଏହାକୁ ସଫଳ ରୂପ ଦିଆଯାଇପାରିଲେ ଚାଇନା ଉପରେ ଚାପ ପ୍ରୟୋଗ କରି ଯେକୌଣସି ସମୟରେ ଯୁଦ୍ଧକୁ ଟାଳି ଦିଆଯାଇପାରିବ। ଏଥିପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ସାଜିବ ଟର୍ନିଂ ପଏଣ୍ଟ। ଏଠାରୁ ସାମୁଦ୍ରିକ ଜଳମାର୍ଗରେ ଚାଇନା କରୁଥିବା ବ୍ୟବସାୟିକ ଗତିବିଧି ଉପରେ ସହଜରେ ନଜର ରଖାଯାଇପାରିବ, ଯାହା ଭାରତ ପାଇଁ ଫାଇଦା ଆଣିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଚାଇନାକୁ ମାତ୍ ଦେବାକୁ ନୂଆ ରଣନୀତି

ସାମୁଦ୍ରିକ ଜଳମାର୍ଗରେ ବ୍ୟବସାୟ ଚାଇନାକୁ ବିପୁଳ ଫାଇଦା ଦେଉଛି। ଦକ୍ଷିଣ ଚାଇନା ସାଗର, ଭାରତ ମହାସାଗର ସାଜିଛି ସାମଗ୍ରୀର ଆମଦାନୀ ଏବଂ ରପ୍ତାନିର ପ୍ରମୁଖ ମାଧ୍ୟମ। ତେଣୁ ଏହି ସାମୁଦ୍ରିକ ଜଳମାର୍ଗ ଉପରେ ନିଜର ଏକଚାଟିଆ ଅଧିକାର ଚାହୁଁଛି ଚାଇନା। ଅନ୍ତର୍ଜାତୀୟ ସାମୁଦ୍ରିକ ଜଳମାର୍ଗ (ଏସ୍‌ଏଲ୍‌ଓସି) ମଧ୍ୟ ଏହାର ବାଣିଜ୍ୟିକ କାରବାରର ମାଧ୍ୟମ ପାଲଟିଛି। ଯଦି ଲଦାଖ ସଂଘର୍ଷର ଉତ୍ତର ସାମୁଦ୍ରିକ ସୀମାରେ ଦିଆଯାଏ ତେବେ ଚାଇନା ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଖାସ୍ କରି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟବର୍ତ୍ତୀ ଅଞ୍ଚଳରେ ମାଲ୍ ପରିବହନ ଉପରେ ସାମାନ୍ୟ କଟକଣା ଡ୍ରାଗନ୍‌ର ମୁଣ୍ଡବ୍ୟଥା ବଢ଼ାଇ ଦେଇପାରେ।

ଏହାପରେ ଚାଇନାର କମ୍ୟୁନିଷ୍ଟ ସରକାର ଭାରତ ସହ ସମ୍ପର୍କରେ ସୁଧାର ଆଣିବାକୁ ବାଧ ହେବେ। ଏଥିଲାଗି ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ସାମରିକ ଶକ୍ତି ବଢ଼ାଇବାକୁ ଏବେ ପ୍ରାଥମିକତା ଦିଆଯାଉଛି।

ଏକ ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଦୀର୍ଘଦିନରୁ ଏ ଦିଗରେ କେନ୍ଦ୍ର ସରକାର ଚିନ୍ତା କରି ଆସୁଥିଲେ। ଏଥିଲାଗି ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ତେବେ ଗଲୱାନ ସଂଘର୍ଷ ପରେ ଶିଥିଳ ପଡ଼ିଥିବା ଏହି

ଆଣ୍ଡାମାନ ନିକୋବର କମାଣ୍ଡ

ଏବଂ ନୌସେନାର ଅପରେଶନ କମାଣ୍ଡର ଗୋଟିଏ। ଦୀର୍ଘ ୧୯ ବର୍ଷ ଧରି ଏଏନ୍‌ସି ଅଣଦେଖାର ଶିକାର ହୋଇ ରହିଥିଲା। ସମୁଦ୍ରରେ ଚାଇନାର ଆଧିପତ୍ୟ ହ୍ରାସ କରିବାକୁ ଭାରତ ସରକାର ଏହାକୁ ଏବେ ପୁନର୍ଗଠନ କରିବାକୁ ଯାଉଛନ୍ତି। ଏଥିସହ ଆଣ୍ଡାମାନର ନାଭାଲ ଏୟାର ଷ୍ଟେଶନର ରନ୍‌ୱେ ପରିସର ବୃଦ୍ଧି କରିବାକୁ ଧ୍ୟାନ ଦିଆଯାଉଛି। ନିକଟ ଭବିଷ୍ୟତରେ ଏଠାରେ ଯୁଦ୍ଧ ଜାହାଜ, ଫାଇଟର ଜେଟ୍, ସ୍ଥଳସେନା ମୁତୟନ କରାଯିବ। ଏ ସବୁର ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ସାଢ଼େ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ବିଶାଳ ଭାରତ ମହାସାଗରରେ ପିପୁଲ ଲିବରେଶନ ଆର୍ମି (ପିଏଲ୍‌ଏ)ର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଆଣ୍ଡାମାନ ନିକୋବର କମାଣ୍ଡ (ଏଏନ୍‌ସି)କୁ ମଜଭୁତ୍ କରିବାକୁ ଯୋଜନା କରାଯାଉଛି। ସୂଚନାଯୋଗ୍ୟ, ୨୦୦୧ରେ ଏଏନ୍‌ସି ଗଠନ ହୋଇଥିଲା। ଏହା ଭାରତର ଏକମାତ୍ର କମାଣ୍ଡ, ଯାହାର ଜଳ, ସ୍ଥଳ ସାମାନ୍ୟ ତ୍ରୁଟି ଚାଇନା ପାଇଁ ବିପଦ ସୃଷ୍ଟି କରିବ। ତେଣୁ ଚାଇନା ଫୋର୍ସ ଏପରି କାର୍ଯ୍ୟକଳାପରୁ ଯଥାସମ୍ଭବ ଦୂରରେ ରହିବ। ଚାଇନାର ହରକତ ବଢ଼ିଲେ ଭାରତ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିପାରିବ। ଏହାକୁ ଏକପ୍ରକାର କୂଟନୈତିକ ଯୁଦ୍ଧ ବୋଲି କୁହାଯାଉଛି। ତଦନୁଯାୟୀ, ଭାରତର ଜଳସୀମାରେ ପ୍ରବେଶ କରୁଥିବା ବିଦେଶୀ ଜାହାଜକୁ ନାକାବନ୍ଦୀ କରାଯାଇପାରିବ। ଆବଶ୍ୟକତା ଥିବା ଦର୍ଶାଇ ଯାଞ୍ଚ ମଧ୍ୟ କରାଯାଇପାରିବ। ଏହାଦ୍ୱାରା ଗନ୍ତବ୍ୟ ସ୍ଥଳରେ ସାମଗ୍ରୀ ପହଞ୍ଚିବାରେ ଅହେତୁକ ବିଳମ୍ବ ହେବ, ଯାହାଦ୍ୱାରା ଚାଇନା ବିପୁଳ କ୍ଷତି ସହିବ। ଚାଇନା କଞ୍ଚାମାଲ ଆମଦାନୀ କରି ନିଜ ଦେଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଥିବାବେଳେ ଭାରତର ଏହି କୂଟନୀତିରେ ଉତ୍ପାଦନ ବାଧାପ୍ରାପ୍ତ ହେବ। ଚାଇନାକୁ ପାନେ ଦେବାକୁ ହେଲେ ସାମୁଦ୍ରିକ ଜଳପଥରେ ଘେରାବନ୍ଦୀ କରିବାର ସମୟ ଆସିଛି ବୋଲି କୂଟନୀତିଜ୍ଞ ବିଶାରଦମାନେ ମତପୋଷଣ କରିଛନ୍ତି।

# ହାତୀଙ୍କ ପାଇଁ ବ୍ୟାୟାମଶାଳା

**ଡେରାଡୁନ୍:** ଏଣିକି ଜିମ୍‌ରେ ବ୍ୟାୟାମ କରିବେ ହାତୀ। ଉତ୍ତରାଖଣ୍ଡସ୍ଥିତ ରାଜାଜୀ ବ୍ୟାଘ୍ର ଅଭୟାରଣ୍ୟରେ ହାତୀଙ୍କ ପାଇଁ ତିଆରି ହୋଇଛି ଏକ ଜିମ୍। ଏହି ବିରାଟକାୟ ବନ୍ୟପ୍ରାଣୀମାନେ ଯେପରି ନିଜକୁ ଫିଟ୍ ରଖିପାରିବେ, ସେଥିପାଇଁ ଏହି ନିଆରା ପଦକ୍ଷେପ ନିଆଯାଇଛି। ଏଠାରେ ଏବେ ୩ଛୁଆ ହାତୀଙ୍କ ସମେତ ୬ହାତୀ ରହିଛନ୍ତି। ଏମାନେ ନିଜ ଦଳରୁ ଅଲଗା ହୋଇଛନ୍ତି କିମ୍ବା ଏମାନଙ୍କ ଉପଦ୍ରବ ଯୋଗୁ ବନ ବିଭାଗ ପକ୍ଷରୁ କାବୁ କରାଯାଇଛି। ସେହିପରି ଜଙ୍ଗଲରେ ମା'କୁ ହରାଇଥିବା ହାତୀ ମଧ୍ୟ ଏମାନଙ୍କ ମଧ୍ୟରେ ରହିଛନ୍ତି। ହାତୀମାନଙ୍କ ଦଳରେ ରହିବା ଅଭ୍ୟାସ। ଏଠାରେ ଜଙ୍ଗଲ ଭଳି ପରିବେଶ ନାହିଁ; ଯଦ୍ୱାରା ହାତୀମାନଙ୍କ ମାନସିକ ଚାପ ବଢ଼ିପାରେ। ଏମାନଙ୍କ ବିଚରଣ ପାଇଁ ଏକ ସ୍ୱାଭାବିକ ପ୍ରାକୃତିକ ପରିବେଶ ଯୋଗାଇଦେବା ପାଇଁ ଜିମ୍ ତିଆରି କରାଯାଇଛି। ଏହି ଜିମ୍‌ରେ ହାତୀମାନେ ଖେଳିବା ଏବଂ ନିଜକୁ ବ୍ୟସ୍ତ ରଖିବା ପାଇଁ ଛୋଟ ବଲ୍, ଝୁଲନ୍ତା ବଲ୍, ଟାୟାର ରିଙ୍ଗ୍, ଗର୍ତ୍ତରେ ଖାଦ୍ୟ ରଖି ଖୋଜିବା, ମାଟିରେ ଗାଧୋଇବା ଆଦି ବିଭିନ୍ନ ଖେଳର ବ୍ୟବସ୍ଥା ରହିଛି। ଏହାଦ୍ୱାରା ସେମାନଙ୍କ ମାନସିକ ଚାପ କମିବା ସହ ମନ ଖୁସି ରହିବ। ଏ ନେଇ ବ୍ୟାଘ୍ର ଅଭୟାରଣ୍ୟର ଭେଟେରିନାରି ଡାକ୍ତର ଆଦିତି ଶର୍ମା କହିଛନ୍ତି, ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବାକୁ ହେଲେ ହାତୀମାନେ ଖୋଲା ପରିବେଶରେ ବିଚରଣ କରିବା ଜରୁରୀ। ଏହି ଜିମ୍‌ରେ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ, ଉତ୍ତରାଖଣ୍ଡରେ ଜୁନ୍ ୬ରୁ ୮ ପର୍ଯ୍ୟନ୍ତ ହାତୀ ଗଣନା କରାଯାଇଥିଲା। ୨୦୧୭ରେ



ରାଜ୍ୟରେ ହାତୀଙ୍କ ସଂଖ୍ୟା ୧୮୩୯ ରହିଥିବାବେଳେ ଏହି ବର୍ଷ ଏମାନଙ୍କ ସଂଖ୍ୟା ୨୦୨୬ରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ ବର୍ଷରେ ହାତୀଙ୍କ ସଂଖ୍ୟା ୧୦ ପ୍ରତିଶତ ବଢ଼ିଥିବା ଜଣାପଡ଼ିଛି।

# ପୁରୁଣା ଜିନ୍ସରେ କଳାକୃତି



**ଭୋପାଳ:** ପୁରୁଣା ଜିନ୍ସରେ ତିଆରି ହୋଇଛି କଳାକୃତି। ଏକଥା ଶୁଣିବାକୁ ଅବଶ୍ୟ ଟିକିଏ ଭିନ୍ନ ମନେ ହେଉଥିବ। କିନ୍ତୁ ଏଭଳି ଏକ କଳାକୃତି ତିଆରି କରିଛନ୍ତି ମଧ୍ୟପ୍ରଦେଶର ଇନ୍ଦୋରର କଳାକାରମାନେ। ୨୧ ଜଣ କଳାକାର ମିଶି ପୁରୁଣା ଜିନ୍ସ କପଡ଼ାକୁ ଏକାଠି କରି ଏହି କଳାକୃତି ତିଆରି କରିଛନ୍ତି। ତେବେ ଭିନ୍ନ ଭାବରେ ତିଆରି ହୋଇଥିବା ଏହି କଳାକୃତି କେବଳ ଆକର୍ଷଣୀୟ ନୁହେଁ ଏହା ଏବେ ଲୋକଙ୍କୁ ସଚେତନ ବି କରୁଛି।

ଇନ୍ଦୋରର ପାଞ୍ଚୋଟି ମୁଖ୍ୟ ସ୍ଥାନରେ ଏବେ ଜିନ୍ସରେ ତିଆରି କଳାକୃତି ଲାଗିଥିବା ଦେଖିବାକୁ ମିଳୁଛି। ପୁରୁଣା ଜିନ୍ସକୁ ଛୋଟ ଛୋଟ କରି ଏକ କାଠ ଉପରେ ସୁନ୍ଦର ଡିଜାଇନ୍ କରି ଲଗାଯାଇଛି। ଏହି କଳାରେ ଜଣେ ପିଲାକୁ ମାସ୍କ ପିନ୍ଧାଇ ବସାଯାଇଛି। ଜିନ୍ସ କପଡ଼ାରେ ତିଆରି କଳାକୃତିରେ ପିଲାଟି ହାତଯୋଡ଼ି ମାସ୍କ ପିନ୍ଧିବା ପାଇଁ ଲୋକଙ୍କୁ ଅନୁରୋଧ କରୁଛି। ସହରର ମୁଖ୍ୟ ଛକଗୁଡ଼ିକରେ ଏଭଳି ଏକ ଭିନ୍ନ ଧରଣର କଳାକୃତି ଲଗାଯାଇଥିବାରୁ ଏହା ଏବେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି।

ମୋଟ ୨୧ଜଣ କଳାକାର ମିଶି ଏଭଳି କଳାକୃତି ତିଆରି କରିଛନ୍ତି। ଏହାକୁ ତିଆରି କରିବା ନିମନ୍ତେ ସେମାନେ ବିଭିନ୍ନ ଲୋକଙ୍କୁ ଠାରୁ ପୁରୁଣା ଜିନ୍ସ ସଂଗ୍ରହ କରିଥିଲେ। ତେବେ ମୋଟ ୧୫୦୦ ପୁରୁଣା ଜିନ୍ସକୁ ଏକାଠି କରି ଏହି କଳାକୃତି ତିଆରି କରାଯାଇଛି। ଏଭଳି ଏକ କଳାକୃତି ନିମନ୍ତେ କଳାକାରମାନଙ୍କୁ ଲୋକେ ପ୍ରଶଂସା କରୁଛନ୍ତି।

# ଭାବପ୍ରବଣତା ସୃଷ୍ଟି କରନ୍ତି ପୋଷା କୁକୁର

**ନେଡଲାଣ୍ଡସ(ଅଷ୍ଟ୍ରେଲିଆ):** ପରିବର୍ତ୍ତିତ ଜୀବନଶୈଳୀରେ କେତେକ ଲୋକ ମାନସିକ ଚାପଗ୍ରସ୍ତ ହୋଇଥାନ୍ତି। କିଛି ଲୋକଙ୍କ ମଧ୍ୟରେ ଚିଡିଚିଡ଼ାପଣ ବଢ଼ିଥାଏ। ସାମାନ୍ୟ ସମସ୍ୟାରେ କେତେକ ଧୈର୍ଯ୍ୟହରା ପଡ଼ିଥାନ୍ତି। ତେବେ ଏସବୁର ସହଜ ସମାଧାନ ପୋଷା କୁକୁର ଦ୍ୱାରା ସମ୍ଭବ ବୋଲି ସମ୍ପ୍ରତି ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୋଷା କୁକୁର ସହିତ କିଛି ସମୟ ବିତାଇବା ଦ୍ୱାରା ମନ ହାଲ୍‌କା ହୋଇଥାଏ। ମାନସିକ ଚାପ ମଧ୍ୟ ଦୂର ହୁଏ। ଏହା ସହିତ ମନରେ ଭାବପ୍ରବଣତା ବି ସୃଷ୍ଟି ହୋଇଥାଏ



ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। ପୋଷା କୁକୁର ରହିଥିବା ଘରେ ପିଲାମାନେ ଅଧିକ ଭାବପ୍ରବଣ ହୋଇଥାନ୍ତି। ଏଭଳି ପିଲାମାନଙ୍କ ସାମାଜିକ ସମ୍ପର୍କ ମଧ୍ୟ ଶୀଘ୍ର ବୃଦ୍ଧି ପାଇଥାଏ। ଅନ୍ୟକୁ କ୍ଷତି ପହଞ୍ଚାଇବା କଥା ଏଭଳି ପିଲାମାନେ କେବେ ଚିନ୍ତା କରି ନ ଥାନ୍ତି। ଏହି ରିପୋର୍ଟ ପେଡିଆଟ୍ରିକ୍ ରିସର୍ଚ୍ଚ ଜର୍ନାଲରେ ପ୍ରକାଶ ପାଇଛି। ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଏବଂ ଟେଲେଥୋନ୍ କିଡସ୍ ଇନଷ୍ଟିଚ୍ୟୁଟର ଗବେଷକ ଏନେଇ ୧,୬୪୬ ଘର ବୁଲି ପୋଷା କୁକୁର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଉତ୍ତର ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ସମୟରେ ୨ରୁ ୫ ବର୍ଷ ବୟସ୍କ ପିଲାଙ୍କ ମାନସିକ ସ୍ଥିତି, ସେମାନଙ୍କର ସାମାଜିକ ସମ୍ପର୍କ ଆଦି ନେଇ ଅଧ୍ୟୟନ ହୋଇଥିଲା। ଘରେ ପୋଷା କୁକୁର ରହିଲେ ମାନସିକ ସ୍ଥିତିରେ ସନ୍ତୁଳନ ଆସିଥାଏ ବୋଲି ଆସୋସିଏଟ୍ ପ୍ରଫେସର ହାଲେ କ୍ରିଷ୍ଟିଆନ୍ କହିଛନ୍ତି। ୨୦୧୫ରୁ ୨୦୧୮ ମଧ୍ୟରେ ଏସବୁ ତଥ୍ୟ ସଂଗ୍ରହ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଗବେଷକ ବୁଲିଥିବା ଘର ମଧ୍ୟରୁ ୬୮୬ରେ ପୋଷା କୁକୁର ରହିଥିବା ହାଲେ କହିଛନ୍ତି। ଘରେ ପୋଷା କୁକୁର ଥିବା ପରିବାର ସଦସ୍ୟ କାହିଁକି ଅଧିକ ଭାବପ୍ରବଣ ହୋଇଥାନ୍ତି ଏବଂ ସେମାନଙ୍କର ସାମାଜିକ ସମ୍ପର୍କ କିପରି ସୁଦୃଢ଼ ରହିଥାଏ ସେନେଇ ଗବେଷଣା କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାପରେ ଲଗାତାର ୩ ବର୍ଷ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା।

# ଦିବ୍ୟାଙ୍ଗଙ୍କ ଲାଗି ଟ୍ରାନ୍ସଫର ଟୁଲ୍ସ

**ଚଣ୍ଡିଗଡ଼:** ନିଜର ସବୁ କାମ କରିବା ପାଇଁ ଦିବ୍ୟାଙ୍ଗମାନଙ୍କୁ ଏଣିକି ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଦିବ୍ୟାଙ୍ଗଙ୍କ କାମକୁ ସହଜ କରିବା ପାଇଁ ଏବେ ଏକ ସ୍ୱତନ୍ତ୍ର ଧରଣର ଡିଭାଇସ୍ ବାହାର କରିଛନ୍ତି ହରିୟାଣା ରୋହତକର ଜନତା କଲୋନୀର ଆଇଆଇଟି ଛାତ୍ର ଅମନ ସିଙ୍ଘଲ। ଏହି ଡିଭାଇସର ନାଁ ରହିଛି 'ଟ୍ରାନ୍ସଫର ଟୁଲ୍ସ'। ୨୦ ବର୍ଷୀୟ ଅମନ ଜଣେ ଛାତ୍ରଙ୍କ ସହିତ ମିଶି ଏହି ଡିଭାଇସ୍‌ଟି ତିଆରି କରିଛନ୍ତି।

କର୍ଣ୍ଣାଟକର ଧାରବାଡ଼ରେ ଅମନ ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରୁଛନ୍ତି। ଅନେକ ଦିନ ଧରି ସେ ଦିବ୍ୟାଙ୍ଗମାନଙ୍କ ପାଇଁ ଏଭଳି ଏକ ଯନ୍ତ୍ର ତିଆରି କରିବାକୁ ଇଚ୍ଛା ରଖିଥିଲେ ଏବଂ ଏଥିପାଇଁ ଉଦ୍ୟମ ବି କରୁଥିଲେ। ଶେଷରେ ସେ ଏହି ଡିଭାଇସ୍ ତିଆରି କରିପାରିଥିବାରୁ ବେଶ୍ ଖୁସି ହୋଇଛନ୍ତି। ଅମନଙ୍କର 'ଟ୍ରାନ୍ସଫର ଟୁଲ୍ସ' ତିଆରି ନିମନ୍ତେ ମାତ୍ର ୩ରୁ ୪ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଏହାକୁ ହ୍ୱିଲ୍ ଚେୟାର ସହିତ ସଂଯୁକ୍ତ କରାଯାଇଛି। ଗତବର୍ଷ ସେ 'ଟ୍ରାନ୍ସଫର ଟୁଲ୍ସ' ତିଆରି କରିବା ପାଇଁ ପ୍ରଥମେ ଏହାର ପ୍ରୋଟୋଟାଇପ୍ ଏକ କାର୍ଯ୍ୟକ୍ରମରେ ଦେଖାଇଥିଲେ, ଯାହାକୁ ବିଶେଷଜ୍ଞମାନେ



ବେଶ୍ ପସନ୍ଦ କରିଥିଲେ। ଏହାପରେ ସେ ଧାରବାଡ଼ ଆଇଆଇଟିରେ ମଧ୍ୟ ଏହାର ଟେମ୍ପୋରାରି ପ୍ୟାଟେଣ୍ଟ କରାଇଥିଲେ। ଶେଷରେ ସେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ଏହା ପୂରା ୩୬୦ ଡିଗ୍ରିରେ ବୁଲିପାରିବ ଏବଂ ଟୁଲ୍ସର ସିଟ୍‌କୁ ମଧ୍ୟ ହାଇଟ୍ କରିହେବ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡା. ରଘୁନାଥ ମହାପାତ୍ର
ଚାଷୀଖଣ୍ଡ, ଜଗତ୍‌ସିଂହପୁର
ବାପା, ଆପଣଙ୍କର ତ୍ୟାଗ, ନିଷ୍ଠା, ସାଧୁତା, ସ୍ନେହ, ଶ୍ରଦ୍ଧା ଏବଂ ଧାର୍ମିକ ଚେତନା ଆମମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ବୋହୂ, ନାତୁଣୀ-ନାତୁଣୀଜ୍ୱାଇଁ ଏବଂ ଅଣନାତି, ଅଣନାତୁଣୀମାନେ
ଧ-୧୭୭୦୫

୨୩ତମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଲେଖ ଦୀକ୍ଷିତ
ପୁରୁଣା ବୁଢ଼ାକେରା
୧୯୧୦ – ୨୫।୦୭।୧୯୯୭
ଆଜିର ଶ୍ରାଦ୍ଧ ଦିବସରେ ତୁମ ଆତ୍ମାର ଶାନ୍ତିପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୭୭୦୬

# ପୁଣି ସୁପରହିରୋ


ହୃତିକ

ହୃତିକ ରୋଶନ ଏବେ ତାଙ୍କର ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କାରଣ ଦର୍ଶକ ପୁଣି ଥରେ ତାଙ୍କୁ ନୂଆ ଗେଟଅପରେ ତଥା ସୁପରହିରୋ ଭାବରେ ଦେଖିବାକୁ ପାଇବେ। ହୋମ୍ ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି। ଲକ୍‌ଡାଉନ ସମୟରେ ନିର୍ଦ୍ଦେଶକ ରାକେଶ ରୋଶନ ଏ ନେଇ ଚିନ୍ତା କରିଥିଲେ। ବାସ୍, ଏବେ 'କ୍ରିସ୍' ସିରିଜ୍‌ର ଆଉ ଏକ ସିକୁଏଲ୍ 'କ୍ରିସ-୪'ର ସ୍କ୍ରିପ୍ଟିଂ କାମ ଚାଲିଛି। 'ଯେତେବେଳେ ପାପା ମୋତେ ଏ ନେଇ ସୂଚନା ଦେଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। 'କ୍ରିସ୍-୪' କାହାଣୀ ବେଶ୍ ଦମଦାର। ବର୍ତ୍ତମାନ ଏହାର ସ୍କ୍ରିପ୍ଟିଂ କାମ ଚାଲିଛି। ସବୁ କାମ ଶେଷ ହେବା ପରେ ଏ ନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ। ଏହି ଫିଲ୍ମରେ ମୋତେ ଦର୍ଶକ ସୁପରହିରୋ ଅବତାରରେ ଦେଖିବାକୁ ପାଇବେ। ସେଥିପାଇଁ ନିଜକୁ ଫିଟ୍ ରଖିବାକୁ ପଡ଼ିବ। ଏବେ ମୁଁ ଜିମ୍‌ରେ ଅଧିକ ସମୟ କଟାଇବା ସହ ଡାଏଟିଂ ପ୍ରତି ବିଶେଷ ଧ୍ୟାନ ଦେଉଛି।'

# ଘାରିଛି ସମାଜସେବା ନିଶା


ଅମୀଷା

ଅମୀଷା ପଟେଲ ଯେତେବେଳେ ହିନ୍ଦୀ ସିନେମାରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ ଥିଲା। କାରଣ ରାକେଶ ରୋଶନଙ୍କ ପରି ନାମୀ ନିର୍ଦ୍ଦେଶକ କ୍ୟାମ୍ପରୁ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା। ଲଭ୍-ସସ୍‌ପେନ୍ସ ଭିତ୍ତିକ ତଥା ସୁପରହିଟ୍ ଚଳଚ୍ଚିତ୍ର 'କହୋନା ପ୍ୟାର୍ ହେ'ରୁ କେବଳ ଅମୀଷା ନୁହନ୍ତି ରାକେଶଙ୍କ ପୁଅ ହୃତିକ ରୋଶନ ମଧ୍ୟ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏପରି କି ତା'ପରେ ସନ୍ନି ଦେଓଲଙ୍କ ଅଭିନୀତ 'ଗଦ୍ଦର'ର ନାୟିକା ସାଜିଥିଲେ ସେ । ହେଲେ ପରବର୍ତ୍ତୀ ସମୟରେ ନାୟିକା ଦୌଡରୁ ବାଦ୍ ପଡିଥିଲେ। ଏ ନେଇ ଅମୀଷା କହନ୍ତି, 'ବଲିଉଡ୍‌ରେ ଯାହା ଘଟିଗଲା ତାହାକୁ ଆଉ ତର୍ଜମା କରିବାକୁ ଚାହୁଁନାହିଁ। ଏବେ ଦରିଦ୍ର ଲୋକମାନଙ୍କର ସେବା କରିବାକୁ ମନ ବଳାଇଛି। ଏ ନେଇ ନିଜକୁ ମାନସିକ ସ୍ତରରେ ମଧ୍ୟ ପ୍ରସ୍ତୁତ କରିନେଇଛି।

## ସାବଧାନ, ଆତ୍ମା ଆସୁଛନ୍ତି !

କିଛି ବର୍ଷ ପୂର୍ବରୁ ଏକ୍ସସେଲ ମୁଭିଜ ବ୍ୟାନରରେ ନିର୍ମିତ ହୋଇଥିଲା 'ଆଇନ୍ କାନୁନ୍'। ଏଥିରେ ଆତ୍ମା ଭୂମିକାରେ ଅଭିନୟ କରିଥିବା ରଫି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସଂଯୋଗ ବଶତଃ ପୁଣି ଥରେ ଏହି ବ୍ୟାନରରେ ନିର୍ମାଣାଧୀନ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ'ରେ ତାଙ୍କୁ ସେହି ଏକା ଭୂମିକାରେ ଦେଖିବାକୁ ମିଳିବ। ଫରକ୍ ଏତିକି ଯେ ସେଥିରେ ସେ ଗୋରା ଆତ୍ମା ଭାବରେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ, ହେଲେ ଏବେ ତାଙ୍କର ଚରିତ୍ରଟି ହେଲା କଳା ଆତ୍ମା। ଏ ସମ୍ପର୍କରେ ରଫି କହନ୍ତି, 'କଳା ଆତ୍ମାକୁ ଗୋଟିଏ ଜିନିଷରୁ ମଜା ମିଳିଥାଏ। ତାହା ହେଲା ଆଣ୍ଟିସୋସିଆଲ କାମ। ତାହାର ଫଳ ଯାହା ହେଉନା କାହିଁକି ଏପରି କାମରେ ନିଜକୁ ନିୟୋଜିତ ରଖିବାକୁ ସେ ପଛଘୁଞ୍ଚା ଦେଇନି। ତେବେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶିତ 'କିଏ ହେବ ମୋ ହିରୋଇନ୍'ର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ମେଲ୍ ଲିଡ୍‌ରେ ଅସିତ ଅଭିନୟ କରୁଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ମହିମା। ଏମାନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, କେ.କେ. ପୁନମଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। ତେବେ ଏଥର ଆତ୍ମା ବଡ଼ ପରଦାରେ କି କମାଲ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।

# ଦୀପିକାଙ୍କ ହାଫ୍ ସେଞ୍ଚୁରି


ଦୀପିକା

ଦୀପିକା ପାଦୁକୋନ୍ ଏବେ ହାଫ୍ ସେଞ୍ଚୁରି ମାରିଛନ୍ତି। ଏହାର ଅର୍ଥ ନୁହେଁ ସେ କ୍ରିକେଟ୍ ଖେଳୁଥିଲେ। କଥା କ'ଣ କି ଲକ୍‌ଡାଉନ୍ ସମୟରେ ସେ ନିଜ ସୋସିଆଲ ମିଡିଆ ସହ ପ୍ରାୟ ବ୍ୟସ୍ତ ରହୁଥିଲେ। ଏହାଦ୍ୱାରା ତାଙ୍କର ଇନ୍‌ଷ୍ଟାଗ୍ରାମ୍ ଫଲୋୟରଙ୍କ ସଂଖ୍ୟା କେତେରେ ପହଞ୍ଚିଛି ଜାଣନ୍ତି ? ୫୦ ମିଲିୟନ୍‌ରେ। ଏ ସମ୍ପର୍କରେ ଦୀପିକା କହନ୍ତି, 'ଏ ନେଇ ମୁଁ ମୋର ପ୍ରଶଂସକମାନଙ୍କୁ କିପରି ଧନ୍ୟବାଦ ଦେବି ଭାଷା ଖୋଜି ପାଉନାହିଁ। ସେମାନେ ସବୁବେଳେ ମୋ ପାଇଁ ମହାନ୍। ଆଜି କେବଳ ସେମାନଙ୍କ ପାଇଁ ହିଁ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।'

# ନିକ୍‌ନେମ୍ ଅନ୍ତରାଳେ..

ତାପସୀ ପାନ୍ନୁଙ୍କ ନିକ୍ ନେମ୍ ହେଉଛି 'ମ୍ୟାଗି'। ହେଲେ ତାଙ୍କୁ ଏଭଳି ସମ୍ବୋଧନ କରିବା ପଛରେ ଏକ କାରଣ ରହିଛି। ତାଙ୍କର କର୍ଲି ହେୟାର ଷ୍ଟାଇଲ ଏବଂ ଗ୍ଲାମ୍ ଡଲ୍ ଫିଗର ପାଇଁ ତାଙ୍କୁ ପିଲାଟି ଦିନରୁ 'ମ୍ୟାଗି' ବୋଲି ଡକାଯାଉଥିଲା। ସ୍କୁଲରେ ପଢ଼ିବା ସମୟରୁ ସେ କଥକ ଏବଂ ଭାରତନାଟ୍ୟମ ଶିଖିବା ଆରମ୍ଭ କରିଥିଲେ। କଲେଜ ସମୟରେ ସେ ଟାଉନ୍ ବସ୍‌ରେ ହିଁ ଯିବାଆସିବା କରୁଥିଲେ। ତା' ସହ ଏହି ସମୟରୁ ହିଁ ସେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। କେବଳ ସେତିକି ନୁହେଁ, ସେତେବେଳେ ସେ କେତୋଟି ବିଜ୍ଞାପନ ପାଇଁ କାମ କରିବାର ସୁଯୋଗ ମଧ୍ୟ ପାଇଥିଲେ। ତାମିଲ ସିନେମାରେ ସେ ଯେତେବେଳେ ନିଜ କ୍ୟାରିୟର ଆରମ୍ଭ କଲେ ସେତେବେଳେ ତାଙ୍କୁ ବେଶ୍ ଉତ୍ଥାନ ପତନର ସାମ୍ନା କରିବାକୁ ପଡିଥିଲା। ସେହି ସମୟରେ ସେ ୧୦ଜଣ ଫ୍ଲପ ଆକ୍ଟରଙ୍କ ସହ ଅଭିନୟ କରିଥିଲେ। କିନ୍ତୁ ପରେ ତାଙ୍କର ବଳିଷ୍ଠ ଅଭିନୟ ଯୋଗୁ ସେ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିବା ସହ ବଲିଉଡ୍‌ରେ ଏଣ୍ଟ୍ରି (ଚସମେ ବଦ୍ଦୁର) କରିଥିଲେ। ବର୍ତ୍ତମାନ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ରନିଙ୍ଗସାଧୀ ଡଟ୍ କମ୍' ଏବଂ 'ତଡ୍‌କା'ରେ ଅଭିନୟ କରୁଛନ୍ତି।


ତାପସୀ

# ବଡ଼ ପରଦାରେ ତାପସ

ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଯୁବ ନିର୍ଦ୍ଦେଶକ ତାପସ ସ୍ୱାଇଁଙ୍କ ଖୁସି କହିଲେ ନ ସରେ। କାରଣ ଅପେରା ଜଗତରେ ନିଜର ଭିନ୍ନ ଧରଣର ନିର୍ଦ୍ଦେଶନାଶୈଳୀ ପାଇଁ ଚର୍ଚ୍ଚିତ ଏହି ନିର୍ଦ୍ଦେଶକ ଏବେ ବଡ଼ ପରଦାରେ ନିଜର ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରଥମ ଥର ପାଇଁ ତାଙ୍କୁ ଏହି ହଟ୍ ସିଟ୍‌ରେ ବସାଇବାର ସୁଯୋଗ ଦେଇଛନ୍ତି ପ୍ରଯୋଜକ ଚିତ୍ତରଞ୍ଜନ ମହାନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ଅପେରା ବାଟୋଇ'। ନିଜର ନୂଆ ଯୋଜନା ସମ୍ପର୍କରେ ତାପସ କହନ୍ତି, 'ମୋ ମତରେ ଭଲ କାହାଣୀକୁ ଆଧାର କରି ସିନେମାଟିଏ ଠିକ୍ ଭାବରେ ନିର୍ମାଣ କଲେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଶତ ପ୍ରତିଶତ ଭରସା ରହିଛି। ତେଣୁ ଏକ ମୌଳିକ କାହାଣୀ ଚୟନ କରିବା ପରେ ଏହି ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ମୋ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ପ୍ରଥମ ଓଡ଼ିଆ ସିନେମାଟି କିପରି ସବୁଦୃଷ୍ଟିରୁ ସିନେପ୍ରେମୀଙ୍କୁ ପ୍ରଭାବିତ କରିବ ସେ ନେଇ ନିଶ୍ଚୟ ଦୃଷ୍ଟି ଦେବି। ଏହି ପ୍ରୋଜେକ୍ଟ ପାଇଁ ପ୍ରଯୋଜକ ଏବଂ ଏହାର ମୁଖ୍ୟ ଉପଦେଷ୍ଟା ମନୁ ଭାଇଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ।' ଶରଣାରବିନ୍ଦ ଓଝାଙ୍କ ତତ୍ତ୍ୱାବଧାନରେ ଉକ୍ତ ଚିତ୍ରର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଉଛନ୍ତି ଅପେରା ଜଗତର ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଗକ ମିହିର ମହାନ୍ତି। ଡାଇମଣ୍ଡ ଫିଲ୍ମ ୱାର୍କ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ସିନେମାର କଳାକାର ଚୟନ ପ୍ରକ୍ରିୟା ଚାଲୁ ରହିଛି। ତାପସଙ୍କ ଜଲିଉଡ୍ କ୍ୟାରିୟର ଆରମ୍ଭ ହୁଏ ୨୦୦୫ରୁ। ଏ ପର୍ଯ୍ୟନ୍ତ ସେ ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଅପେରା ନାଟକର ନିର୍ଦ୍ଦେଶନା ଦେବା ସହ କେତୋଟି ଧାରାବାହିକ ଏବଂ ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି।


ତାପସ ସ୍ୱାଇଁ

## ଅତୀତରୁ..


ଶ୍ରୀରାମ ପଣ୍ଡା

- ପ୍ରଥମ ଆଂଶିକ ଓଡ଼ିଆ ଚଳଚ୍ଚିତ୍ର 'ସମୟ'ରେ ସଂଯୋଜିତ 'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାର ସ୍ୱର ସଂଯୋଜକ ଥିଲେ ସେ ସମୟର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡି ଭୁବନ-ହରି। ଚିତ୍ରଟିର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ।
- ଓଡିଆ ସିନେମା 'ମମତା'ର ଗୀତଗୁଡିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। 'ରେ ଆତ୍ମନ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣ ମଲ୍ଲୀ ରାଧା ହେଲେ ବାତୁଳି, ହେ ଫଗୁଣ କାନ୍ଦନାରେ'କୁ ଆଜି ବି ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି। ଏସବୁ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର। ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

# କରୋନା କାଳରେ ଓଡ଼ିଆ ଚଳଚ୍ଚିତ୍ର

ଓଡ଼ିଆ ଚଳଚ୍ଚିତ୍ରର ସାମ୍ପ୍ରତିକ ସ୍ଥିତିର ମୁକାବିଲା ପାଇଁ ସାମଗ୍ରିକ ସହଯୋଗ ଲୋଡା। ୧୯୯୯ ମହାବାତ୍ୟାଠାରୁ ବର୍ତ୍ତମାନ ସମଗ୍ର ବିଶ୍ୱକୁ କବଳିତ କରିଥିବା ମହାମାରୀ କରୋନା ଯୋଗୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଖାପାଖି ୧୦୦କୋଟିରୁ ଊର୍ଦ୍ଧ୍ୱ କ୍ଷତି ସହିଲାଣି। ପ୍ରତିଟି କ୍ଷତି ପାଇଁ ସରକାର ସହାୟତା ମଧ୍ୟ ଯୋଗାଉଛନ୍ତି। ତଥାପି ଓଡ଼ିଆ ସିନେମା ପ୍ରତି କେତେକ କ୍ଷେତ୍ରରେ ଅଣଦେଖା ମନୋଭାବ ଇଣ୍ଡଷ୍ଟ୍ରିକୁ ମଧ୍ୟ ପ୍ରଭାବିତ କରୁଛି।

ଚଳିତବର୍ଷ ପ୍ରଥମ ମାସ (ଜାନୁୟାରୀ)ରେ ହିଁ ମାତ୍ର ତିନୋଟି ସିନେମା-'ପରଦେଶୀ ଚଢ଼େଇ', 'ବାବୁ ଭାଇଜାନ୍' ଏବଂ 'କୁଇନ୍' ପରଦା ଉପରକୁ ଆସିଥିଲା। ଅପରପକ୍ଷରେ ଅନେକ ସିନେମାର ନିର୍ମାଣ କାମ କରୋନା ଯୋଗୁ ଅଧାପନ୍ତରିଆ ହୋଇ ପଡିରହିଛି। କେତେକ ସିନେମା ରିଲିଜ ଅପେକ୍ଷାରେ ରହିଛି। ନିର୍ମାଣାଧୀନ ଅବସ୍ଥାରେ ଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡିକ ମଧ୍ୟରୁ 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍', 'ବିଦ୍ୟାରାଣି', 'ବାଏ ବାଏ ଦିଲ୍', 'ଇନ୍ଦ୍ରଜାଲ', 'ସୁପରବୟ', 'ହିରୋ ନଂ ଜିରୋ', 'ବାଜିବ ଲୋ ସାହାନାଇ', 'ଗାଁ ନାଁ ଗାଲୁଆପୁର', 'ରୋମିଓ ରଜା', 'ଦିଲ୍ ମୋର ମାନେନା', 'ତୁମକି ସେ ତ ପାଣିରେ ବୁଡ଼ିବ ନାହିଁକି', 'ପାଟଣାଗଡ଼', 'ଫ୍ଲପ ସିନେମା', 'ହୀରାଲାଲ ମୋତିଲାଲ୍', 'ଧଡକନ୍‌ରେ ତୁ' ଏବଂ 'ଦିଲ୍‌ର ପାସୱାର୍ଡ' ଅନ୍ୟତମ। ଏବେ କେତୋଟି ସିନେମାର ଡବିଂ କାମ ଆରମ୍ଭ ହୋଇଯାଇଛି, ହେଲେ ଲକ୍ ଡାଉନ୍ ପାଇଁ ଶୁଟିଂ ବନ୍ଦ ରହିଛି।

ଇଏ ତ ଗଲା ଓଡ଼ିଆ ସିନେମା କଥା। ବର୍ତ୍ତମାନ ସବୁଠାରୁ



ଆଲୋଚ୍ୟର ବିଷୟ ହେଲା ପ୍ରେକ୍ଷାଳୟ। ଇତିମଧ୍ୟରେ କଟକରେ ଦୁଇଟି ପ୍ରମୁଖ ସିନେମା ହଲ୍ 'ଜୟଶ୍ରୀ' ଏବଂ 'ସମ୍ରାଟ' ବନ୍ଦ ହୋଇଯାଇଛି। ସିନେମାଗୃହଗଡ଼ିକ କ୍ରମଶଃ ମଲ୍ କିମ୍ବା କଲ୍ୟାଣମଣ୍ଡପ ଭାବରେ ବ୍ୟବହାର ନିମନ୍ତେ ମାଲିକମାନେ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କଲେଣି। ବର୍ତ୍ତମାନ ଓଟିଟି ଫର୍ମାଟରେ ତଥା ଅନଲାଇନ୍ ମାଧ୍ୟମରେ ହିନ୍ଦୀ ସିନେମା ରିଲିଜ କରିବାକୁ ଯୋଜନା ଚାଲିଛି। କେତେକ ସଂସ୍ଥା ଏ ନେଇ ନିଜ ପଟରୁ ତତ୍ପରତା ପ୍ରକାଶ କଲେଣି। ଏପରି ଫର୍ମାଟରେ ଚଳଚ୍ଚିତ୍ରଗୁଡ଼ିକ ରିଲିଜ ହେଲେ କେତେ ଲାଭ ହେବ ତାହା ସେମାନେ ଆକଳନ କରିବା ସହ ସେହି ଅନୁପାତରେ ଅର୍ଥ ସେମାନେ ବଲିଉଡ୍ ପ୍ରଯୋଜକମାନଙ୍କୁ ଦେବାକୁ ଯାଉଛନ୍ତି। ହେଲେ ଆମ ଓଡ଼ିଆ ସିନେମାରେ ଏପରି ଉଦ୍ୟମ ଆରମ୍ଭ ହେଲେ ତାହାଦ୍ୱାରା କେତେ ଲାଭକ୍ଷତି ହେବ ତାହା ପରେ ଜଣାପଡିବ। ଆଗାମୀ ଦିନରେ ବିଗ୍ ବଜେଟ ସିନେମାଟିଏ ନିର୍ମାଣ କରିବାକୁ ପ୍ରଯୋଜକ ଆଗଭର ହେବା ଆଶା କମ୍। କାରଣ ସବୁ ସ୍ଥିତି ପରିସ୍ଥିତିକୁ ଲକ୍ଷ୍ୟ କଲେ ଓଡ଼ିଆ ଚଳଚ୍ଚିତ୍ରର ଅବସ୍ଥା କିପରି ରହିଛି ତାହା ସ୍ପଷ୍ଟ ଭାବରେ ଜଣାପଡିଯାଉଛି। ବର୍ତ୍ତମାନ କେତେକ ଆଞ୍ଚଳିକ ଟିଭି ଚ୍ୟାନେଲ ସାଟେଲାଇଟ୍ ସିନେମା ନିର୍ମାଣ କରି ଛୋଟ ପରଦାରେ ରିଲିଜ କରୁଛନ୍ତି। ଏ କ୍ଷେତ୍ରରେ କମ୍ ବଜେଟକୁ ପ୍ରାଥମିକତା ଦେଲେ ପ୍ରଯୋଜକମାନେ କ୍ଷତି ସହିବାକୁ ଅନେକାଂଶରେ ରକ୍ଷା ପାଇପାରିବେ। ହେଲେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସେପରି ସିନେମାଟିଏ ନିର୍ମାଣ କରିବା ବଡ଼ କଥା।

କରୋନା ମହାମାରୀ ଜାତୀୟ ଚଳଚ୍ଚିତ୍ରକୁ ମଧ୍ୟ ବ୍ୟାପକ କ୍ଷତି ପହଞ୍ଚାଇଛି। ସବୁ ଦୃଷ୍ଟିରୁ ବିଚାର କରି ହଲ୍ ମାଲିକ, ପ୍ରଯୋଜକ ସଂଘ, ବିତରକ ସଂଘ, କଳାକାରଙ୍କ ସମ୍ମିଳିତ ଉଦ୍ୟମରେ ବର୍ତ୍ତମାନର ସମସ୍ୟାର ସମାଧାନ କରାଯାଇପାରିବ। ଏହି ସମୟରେ ସେମାନେ ନିଜର ସୁବିଧା ଅସୁବିଧା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ ହୋଇପଡିଛି।

**-ଦିଲୀପ ହାଲି**

*ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର, ମୋ-୯୮୬୧୦୦୯୨୫୨*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଜୁଲାଇ ୯/୨୦୨୦ Thursday, July 9/2020

# ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ

ସାଉଥାମ୍ପଟନ, ୮।୭(ଏପି)

କରୋନା ଭାଇରସ୍ ସଂକ୍ରମଣ ଜନିତ କାରଣରୁ ଦୀର୍ଘ ୪ ମାସର ବ୍ରେକ୍ ପରେ ଅନ୍ତର୍ଜାତୀୟ କ୍ରିକେଟ ଫେରିଛି। ବୁଧବାରଠାରୁ ସ୍ଥାନୀୟ ଏଜାସ ବାଓଲ ଷ୍ଟାଡିୟମରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆରମ୍ଭ ହୋଇଛି ପ୍ରଥମ କ୍ରିକେଟ ଟେଷ୍ଟ। ମ୍ୟାଚ ଆରମ୍ଭ ପୂର୍ବରୁ ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନକୁ ସମର୍ଥନ ଜଣାଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ ଗୋଟିଏ ଆଣ୍ଠୁକୁ ତଳେ ଲଗାଇଥିଲେ। ଉଭୟ ଦଳର ଖେଳାଳିମାନେ ପିନ୍ଧିଥିବା ଟି-ଶାର୍ଟର କଲରରେ ମଧ୍ୟ ବ୍ଲାକ୍ ଲାଇଭ୍ସ ମ୍ୟାଟର ଲୋଗୋ ଲଗାଯାଇଛି। ଉଭୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଏକାଧିକଥର କୋଭିଡ-୧୯ ଟେଷ୍ଟ କରାଯିବାପରେ ଜୈବ-ସୁରକ୍ଷିତ ପରିବେଶରେ ବିନା ଦର୍ଶକରେ ଏହି ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହେଉଛି। ପ୍ରକାଶ ଯୋଗ୍ୟ ଯେ, ଗତ ମାସରେ ଇଂଲଣ୍ଡରେ ପ୍ରିମିୟର ଲିଗ୍ ଫୁଟବଲ ଆରମ୍ଭ ହେବା ସମୟରେ ମଧ୍ୟ ଆଣ୍ଠୁ ତଳେ ଲଗାଇବା ପ୍ରକ୍ରିୟା ଦେଖିବାକୁ ମିଳିଥିଲା। କରୋନା ଭାଇରସ ସଂକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଏବଂ ଗତ ସପ୍ତାହରେ ପରଲୋକ ଗମନ କରିଥିବା ୱେଷ୍ଟଇଣ୍ଡିଜ କ୍ରିକେଟ କିମ୍ବଦନ୍ତୀ ଏଭର୍ଟନ ୱିକ୍ସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖେଳ ଆରମ୍ଭ ପୂର୍ବରୁ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା।

ହାଲ୍‌କା ବର୍ଷା ଏବଂ ଆଉଟ୍‌ଫିଲ୍ଡ ଓଦା ଯୋଗୁ ମ୍ୟାଚ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଇଂଲଣ୍ଡର କାମଚଳା ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ଟସ୍ ପରେ ଷ୍ଟୋକ୍ସ କିଛି ସମୟ ପାଇଁ ସାମାଜିକ ଦୂରତ୍ୱ କଥାକୁ ଭୁଲିଯାଇ ପ୍ରତିପକ୍ଷ ଅଧିନାୟକ ଜାସନ ହୋଲ୍ଡରଙ୍କ ସହ ହାତ ମିଳାଇବାକୁ ଯାଇଥିଲେ। ହୋଲ୍ଡର ହାତ ଦୂରେଇ ନେବାରୁ ଉଭୟ ଅଲରାଉଣ୍ଡର ହସିଥିଲେ। ଦୀର୍ଘଦିନଧରି ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ରହି ଆସିଥିବା ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ବାଦ୍ ଦେଇ ଷ୍ଟୋକ୍ସ ମ୍ୟାଚକୁ ଓହ୍ଲାଇଥିଲେ। ପ୍ରଥମ ଓଭରକୁ କେମର ରୋଚ୍ ମେଡେନ ନେବାପରେ ଦ୍ୱିତୀୟ ଓଭର ବୋଲିଂ କରିଥିବା ଶାନନ ଗାବ୍ରିଏଲ ୪ର୍ଥ ବଲ୍‌ରେ ଇଂଲଣ୍ଡ ଓପନର ଡମ୍ ସିବ୍‌ଲେଙ୍କୁ କ୍ଲିନ ବୋଲ୍ଡ କରି ଘରୋଇ ଦଳକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ଫଳରେ ଇଂଲଣ୍ଡ ଖାତା ଖୋଲିବା ପୂର୍ବରୁ ପ୍ରଥମ ଉଇକେଟ ହରାଇଥିଲା। ୩ ଓଭରରେ ୧ ରନ, ୪.୧ ଓଭର ବେଳକୁ ୩ ରନ ଏବଂ ୧୭.୪ ଓଭରରେ ୩୫ ରନ ହୋଇଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା।



ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନକୁ ସମର୍ଥନ ଜଣାଇ ଅମ୍ପାୟର ଓ ଉଭୟ ଦଳର ଖେଳାଳିମାନେ ଆଣ୍ଠୁକୁ ତଳେ ଲଗାଇ ବସିଛନ୍ତି।

# 'ପ୍ରତି ରାଜ୍ୟ ଗୋଟିଏ କ୍ରୀଡ଼ା'

ନୂଆଦିଲ୍ଲୀ, ୮।୭(ପି.ଟି.)

ଭାରତର ପ୍ରତ୍ୟେକ ରାଜ୍ୟ ଗୋଟିଏ ଲେଖାଏ କ୍ରୀଡ଼ାକୁ ଅଗ୍ରାଧିକାର ଦେବେ। ଉକ୍ତ କ୍ରୀଡ଼ାର ଉନ୍ନତି ପାଇଁ ସମ୍ପୃକ୍ତ ରାଜ୍ୟ ଫୋକସ କରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡ଼ିକୁ ଏହି ପରାମର୍ଶ ଦିଆ ଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ବୁଧବାର ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସରେ ଅଧିକ ପଦକ ହାସଲ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। କର୍ପୋରେଟ୍ ସେକ୍ଟରକୁ ମଧ୍ୟ ସମାନ ପରାମର୍ଶ ଦିଆ ଯାଇଛି ବୋଲି 'ରୋଲ ଅଫ୍ କର୍ପୋରେଟ୍ ଇଣ୍ଡିଆ ଫର ଫିଟ୍ ଇଣ୍ଡିଆ' ଶୀର୍ଷକରେ ଆସୋଚାମ ପକ୍ଷରୁ ଆୟୋଜିତ ୱେବିନାରରେ ଭାଗନେଇ ରିଜିଜୁ ପ୍ରକାଶ କରିଛନ୍ତି। "ଆମେ ରାଜ୍ୟ ଗୁଡ଼ିକୁ ଗୋଟିଏ ଲେଖାଏ କ୍ରୀଡ଼ାକୁ ବାଛିବା ପାଇଁ ଚିଠି ଲେଖିଛୁ। ଉଦାହରଣ ସ୍ୱରୂପ ମଣିପୁର ବକ୍ସିଂ ଏବଂ ସିପକ୍‌ଟାକ୍ରକୁ ବାଛିବ। ଏହି ରାଜ୍ୟ ଫୁଟବଲ ଏବଂ ଆର୍ଚେରି ମଧ୍ୟ ଖେଳାଇ ପାରିବ। ମାତ୍ର ବାଛିଥିବା କ୍ରୀଡ଼ା ଉପରେ ଫୋକସ କରିବାକୁ ପଡ଼ିବ। ଆମେ ପ୍ରତି କର୍ପାରେଟ ସଂସ୍ଥାକୁ ମଧ୍ୟ ଗୋଟିଏ ଲେଖାଏ କ୍ରୀଡ଼ାକୁ ପୋଷ୍ୟଭାବେ ଗ୍ରହଣ କରି ତା' ଉପରେ ଫୋକସ କରିବାକୁ ପରାମର୍ଶ ଦେଇଛୁ। ତେବେ କାହାକୁ ଅନ୍ୟ କ୍ରୀଡ଼ାକୁ ସମର୍ଥନ କରିବାରୁ ବାରଣ କରିପାରିବ ନାହିଁ" ବୋଲି ରିଜିଜୁ କହିଛନ୍ତି।

ଭାରତ ପରି ଏକ ବଡ଼ ଦେଶରେ ଏକାଧିକ କ୍ରୀଡ଼ାର ଉନ୍ନତି ସମ୍ଭବ। ତେବେ ଏଥିପାଇଁ ପ୍ରତି ରାଜ୍ୟ ଗୋଟିଏ ଲେଖାଏ କ୍ରୀଡ଼ା ଉପରେ ଧ୍ୟାନ ଦେବାକୁ ପଡ଼ିବ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ଟପ୍-୧୦ ଫିନିଶ୍ ଲକ୍ଷ୍ୟ ରଖିଛି। ମାତ୍ର ଏବେଠାରୁ ଟାର୍ଗେଟ ନ ରଖିଲେ ଭାରତ ସେହି ସ୍ଥାନରେ ପହଞ୍ଚି ପାରିବ ନାହିଁ। ଅନ୍ୟ ଦେଶ ଗୁଡ଼ିକର ପ୍ରଦର୍ଶନକୁ ଦେଖିଲେ ଭାରତ ଯଦି ୧୦ରୁ ୧୨ ସ୍ୱର୍ଣ୍ଣ ପଦକ ଜିତି ପାରିବ ତେବେ ପଦକ ତାଲିକାର ଟପ୍-୧୦ରେ ରହି ପାରିବ। କାରଣ ଆମେରିକା ଓ ଚାଇନା ପରି ୪-୫ଟି ଦେଶ ୪୦ରୁ ୫୦ ସ୍ୱର୍ଣ୍ଣ ପଦକ ପାଉଛନ୍ତି। ଆର୍ଚେରି, ରେସ୍‌ଲିଂ, ବକ୍ସିଂ, ହକି, ଶୁଟିଂ ଆଦି ୧୪ଟି କ୍ରୀଡ଼ାକୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରାଯାଇଛି। ଅଲିମ୍ପିକ୍ସରେ ପଦକ ଲକ୍ଷ୍ୟରେ ଏହା ଉପରେ ଫୋକସ କରାଯିବ। ତେବେ ଅନ୍ୟ କ୍ରୀଡ଼ା ଉପରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି ରିଜିଜୁ କହିଛନ୍ତି।

ଅଲିମ୍ପିକ୍ସରେ ଭାରତ ସଫଳ ହେବାକୁ ହେଲେ ସ୍ପୋର୍ଟ୍ସ ଫେଡେରେଶନ ଗୁଡ଼ିକ, ସରକାର ଏବଂ କର୍ପୋରେଟ ସେକ୍ଟରକୁ ମିଳିତଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ ଦେଶର ଶୀର୍ଷସ୍ଥାନୀୟ ରେସ୍‌ଲର ଏବଂ ଜାଭେଲିନ୍ ଥ୍ରୋୟରଙ୍କ ପାଇଁ ସୁବିଧା ସୁଯୋଗ ଉପଲବ୍ଧ କରାଇଛି। ସେଠାରେ ସେମାନେ ଟ୍ରେନିଂ ନେଇ ପାରୁଛନ୍ତି। ସେହିପରି କର୍ପୋରେଟଗୁଡ଼ିକ ସୁବିଧା ସୁଯୋଗ ଏବଂ ଭିତ୍ତିଭୂମି ଉପଲବ୍ଧ କରାଇଲେ ଟପ୍ ଆଥଲେଟ୍‌ମାନଙ୍କୁ ଟ୍ରେନିଂ ପ୍ରଦାନ କରାଯାଇ ପାରିବ। ଯୋଜନାବଦ୍ଧଭାବେ କାର୍ଯ୍ୟ କଲେ ନିଶ୍ଚିତ ସଫଳତା ମିଳିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।



କିରେନ ରିଜିଜୁ

## ଜାତୀୟ ଶିବିରରେ ୨ ଓଡ଼ିଆ



ଏ. ଶିବ ପ୍ରସାଦ



ରଞ୍ଜନ ସୋରେନ

**କଟକ ଅଫିସ,୮।୭:** ଜୁଲାଇ ୧୫ରୁ ଗୋଆଠାରେ ୧୬ବର୍ଷରୁ କମ୍ ବାଳକ ଜାତୀୟ ଫୁଟବଲ ଶିବିର ଆରମ୍ଭ ହେବ। ଅଲଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ଦ୍ୱାରା ଆୟୋଜିତ ଏହି ଶିବିରରେ ଦୁଇ ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଏମାନେ ହେଲେ କନ୍ଧମାଳ ସ୍ପୋର୍ଟ୍ସ ହଷ୍ଟେଲର ଏ. ଶିବ ପ୍ରସାଦ ଓ ଭୁବନେଶ୍ୱରର ରଞ୍ଜନ ସୋରେନ। ଉଭୟଙ୍କୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ୪୮ ବର୍ଷରେ ଗାଙ୍ଗୁଲି

**ନୂଆଦିଲ୍ଲୀ, ୮।୭(ପି.ଟି.):** ଭାରତୀୟ କ୍ରିକେଟକୁ ନୂଆ ରୂପ ଦେଇଥିବା ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କେଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ବୁଧବାର ୪୮ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନରେ ଗାଙ୍ଗୁଲିଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନର ଶୁଅ ଛୁଟିଛି। ବ୍ୟାଟିଂ ଲିଜେଣ୍ଡ ସଚିନ ତେନ୍ଦୁଲକର ଏହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଡ଼ିଆ ଭିତରେ ଯେପରି ଆମର ବନ୍ଧୁତ୍ୱ ରହିଥିଲା ପଡ଼ିଆ ବାହାରେ ମଧ୍ୟ ତାହା ଅତୁଟ ରହୁ ଓ ଆଗାମୀ ବର୍ଷ ମଙ୍ଗଳମୟ ହେଉ ବୋଲି ସଚିନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ସେହିପରି ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍. ଲକ୍ଷ୍ମଣ ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ଆପଣ ଆହୁରି ସଫଳତା ଓ ଭଲପାଇବା ହାସଲ କରନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି। ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନରୁ ଜଣେ ଦକ୍ଷ ଅଧିନାୟକ ଓ ଏବେ ଭାରତୀୟ କ୍ରିକେଟ ପ୍ରଶାସନର ମୁଖ୍ୟ ଦାୟିତ୍ୱ ନେଇ ଗାଙ୍ଗୁଲି ନିଜ ଅସାଧାରଣ ଦକ୍ଷତାର ପରିଚୟ ଦେଇଛନ୍ତି ବୋଲି ମହମ୍ମଦ କୈଫ ଟୁଇଟ୍ କରିଛନ୍ତି। ମୋ ପ୍ରିୟ ଅଧିନାୟକ ଓ ମେଣ୍ଟରଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଗାଙ୍ଗୁଲିଙ୍କୁ ଶୁଭେଚ୍ଛା ଜଣାଇ ଟୁଇଟ୍ କରିଛନ୍ତି। ଆଗାମୀ ବର୍ଷ ଦାଦାଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି ସେ ଉଲ୍ଲେଖ କରିଛନ୍ତି।

ପ୍ରିନ୍ସ ଅଫ୍ କୋଲକାତା, ଗଡ୍ ଅଫ୍ ସାଇଡ୍, ଦାଦା, କିଙ୍ଗ୍ ଅଫ୍ କମ୍‌ବ୍ୟାକ୍ ନାମରେ ପରିଚିତ ଗାଙ୍ଗୁଲି ତାଙ୍କ କ୍ୟାରିୟରରେ ୧୧୩ଟି ଟେଷ୍ଟ ଓ ୩୧୧ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସବୁ ଫର୍ମାଟ୍‌ରେ ସେ ମୋଟ୍ ଉପରେ ୧୮, ୫୭୫ ରନ୍ ସଂଗ୍ରହ କରିଛନ୍ତି। ସବୁ ଫର୍ମାଟ୍‌ରେ ଗାଙ୍ଗୁଲି ଭାରତ ପାଇଁ ୧୯୫ଟି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ। ଏଥିମଧ୍ୟରୁ ସେ ୯୭ଟି ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଥିଲା। ଅବସର ପରେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ୍ (ସିଏବି)ର ସଭାପତି ଦାୟିତ୍ୱରେ ରହିବା ପରେ ଏବେ ବିସିସିଆଇର ସଭାପତି ରୂପେ କାର୍ଯ୍ୟରତ ଅଛନ୍ତି। ଗାଙ୍ଗୁଲି ୨୦୦୦ରେ ଭାରତର ନେତୃତ୍ୱ ନେଇଥିଲେ।



## ଏସିଆ କପ୍ ବାତିଲ: ଗାଙ୍ଗୁଲି

ନୂଆଦିଲ୍ଲୀ, ୮।୭(ପି.ଟି.)

ଆସନ୍ତା ସେପ୍ଟେମ୍ବରରେ ହେବାକୁଥିବା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ବାତିଲ ହୋଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ବୁଧବାର ପ୍ରକାଶ କରିଛନ୍ତି। "ଏସିଆ କପ୍ କ୍ୟାନସଲ ହୋ ଚୁକା ହୈ, ଯୋ ସେପ୍ଟେମ୍ବରରେ ଥା" ବୋଲି ସ୍ପୋର୍ଟ୍ସ ଟକ୍ ସହିତ ଏକ ଇନ୍‌ଷ୍ଟାଗ୍ରାମ ଲାଇଭ୍ ସେସନ ଅବସରରେ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ପାକିସ୍ତାନ ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଥିଲେ ହେଁ ଏହା ୟୁଏଇରେ ହେବା ସମ୍ଭାବନା ଥିଲା। କୋଭିଡ୍-୧୯ ସଂକ୍ରମଣ ଯୋଗୁ ଆସନ୍ତା ଅକ୍ଟୋବର-ନଭେମ୍ବରରେ ଟି୨୦ ବିଶ୍ୱକପ ହେବା ସମ୍ଭାବନା କ୍ଷୀଣ। ଏବେ ଏସିଆ କପ୍ ବାତିଲ ହୋଇଥିବାରୁ ବିସିସିଆଇ ଏହି ସମୟ ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଆୟୋଜନ କରିବା ସମ୍ଭାବନା ଦୃଢ଼ ହୋଇଛି।









## ଭାରୋତ୍ତୋଳକ ଡେମାନୋଭ ସସ୍‌ପେଣ୍ଡ

ବୁଦାପେଷ୍ଟ,୮।୭(ଏପି)

ଦୁଇଥର ୟୁରୋପିଆନ୍ ଚାମ୍ପିୟନଶିପ୍ ହାସଲ କରିଥିବା ରୁଷୀୟ ତାରକା ଭାରୋତ୍ତୋଳକ ଆନ୍ଦ୍ରେଇ ଡେମାନୋଭ ଡୋପିଂ ଅଭିଯୋଗରେ ସାମୟିକ ବାସନ୍ଦ ହୋଇଛନ୍ତି। ଡୋପ୍ ଟେଷ୍ଟରେ ତାଙ୍କ ନମୁନାରେ ନିଷିଦ୍ଧ ପଦାର୍ଥ ଥିବାରୁ ସେ ବିଫଳ ହୋଇଥିଲେ। ଏନେଇ ଅନ୍ତର୍ଜାତୀୟ ୱେଟ ଲିଫ୍ଟିଙ୍ଗ୍ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ସୂଚନା ଦେଇଛି। ଡିଏଚ୍‌ସିଏମ୍‌ଟି ନାମକ ଆନାବୋଲିକ୍ ଷ୍ଟେରଏଡ୍ ତାଙ୍କ ନମୁନାରେ ରହିବାର ପ୍ରମାଣ ମିଳିଛି। ଟୁରିନାବୋଲ ହିସାବରେ ଜଣାଶୁଣା ଥିବା ଏହି ପଦାର୍ଥକୁ ୱେଟଲିଫ୍ଟିଙ୍ଗ୍ ଓ ଅନ୍ୟ କ୍ରୀଡ଼ାରେ ବହୁଳ ଭାବେ ବ୍ୟବହାର କରାଯାଏ। ଏବେ ସେ ଶୃଙ୍ଖଳାଗତ ଶୁଣାଣିର ସମ୍ମୁଖୀନ ହେବେ। ତେବେ କେଉଁ ତାରିଖରେ ଡେମାନୋଭ୍ ପଜିଟିଭ୍ ବୋଲି ଟେଷ୍ଟ ହୋଇଥିଲା ସେ ସମ୍ପର୍କରେ ଆଇଡବ୍ଲ୍ୟୁଏଫ୍ କିଛି ସ୍ପଷ୍ଟ କରିନାହିଁ।

ପୂର୍ବରୁ ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଟୁରିନାବୋଲ ପାଇଁ ଡୋପ୍ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଥିଲା ଓ ଏଥିପାଇଁ ସେ ୨୦୧୬ରୁ ୨ ବର୍ଷ ପାଇଁ ବାସନ୍ଦ ହୋଇଥିଲେ। ଏଥିପାଇଁ ସେ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁ ନ ଥିଲେ। ଗତମାସ ମଧ୍ୟ ପୂର୍ବତନ ବିଶ୍ୱ ଚାମ୍ପିୟନ ନାଦେଝଡାଙ୍କ ସମେତ ଅନ୍ୟ ୩ ଜଣ ରୁଷୀୟ ଆଥଲେଟ୍ ଟୁରିନାବୋଲ ବ୍ୟବହାର କରିବାର ଅଭିଯୋଗ ହୋଇଛି ବୋଲି ଆଇଡବ୍ଲ୍ୟୁଏଫ୍ ତରଫରୁ କୁହାଯାଇଛି।



ଆନ୍ଦ୍ରେଇ ଡେମାନୋଭ

## ଟପ୍ ୧୦ରେ ଜ୍ୟୋତ୍ସ୍ନା

**ନୂଆଦିଲ୍ଲୀ,୮।୭(ପି.ଟି.):** ଭାରତୀୟ ମହିଳା ସ୍କ୍ୱାଶ୍ ତାରକା ଜ୍ୟୋତ୍ସ୍ନା ଚିନାପ୍ପା ସଦ୍ୟ ପ୍ରକାଶିତ ପ୍ରଫେଶନାଲ ସ୍କ୍ୱାଶ୍ ଆସୋସିଏଶନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ସ୍ଥାନ ହାସଲ କରିଛନ୍ତି। ଇଜିପ୍ଟର ୧ ନମ୍ବର ଖେଳାଳି ରାନୀମ ଏଲ. ୱେଲିଲି ହଠାତ୍ ଅବସର ଘୋଷଣା କରିବା ପରେ ଜ୍ୟୋତ୍ସ୍ନାଙ୍କୁ ଏହି ସୁଯୋଗ ମିଳିଛି। କୋଭିଡ୍-୧୯ ମହାମାରୀ କାରଣରୁ ଜ୍ୟୋତ୍ସ୍ନା ଗତ ମାର୍ଚ୍ଚରୁ ଖେଳିନାହାନ୍ତି। ତେବେ ସେ ଗୋଟିଏ ସ୍ଥାନ ଉପରକୁ ଉଠି ଦଶମ ସ୍ଥାନରେ ରହିଛନ୍ତି। ୨୦୧୬ ବର୍ଷ ପରେ ୩୩ ବର୍ଷୀୟା ଜ୍ୟୋତ୍ସ୍ନା ପ୍ରଥମଥର ପାଇଁ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଛନ୍ତି। ପୂର୍ବରୁ ଅବଶ୍ୟ ଦୀପିକା ପାଲିକାଲ ଅନ୍ୟତମ ଭାରତୀୟ ଖେଳାଳିଭାବେ ଏହି ସଫଳତା ହାସଲ କରିଛନ୍ତି। ରାନୀମ ଅବସର ଗ୍ରହଣ କରିବା ପରେ ଇଜିପ୍ଟର ଅନ୍ୟତମ ଖେଳାଳି ଗୋହର ବିଶ୍ୱର ନୂଆ ୧ ନମ୍ବର ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଅବସର ଘୋଷଣା କରିବା ପୂର୍ବରୁ ରାନୀମ୍ ୧୯ ମାସ ଧରି ୧ ନମ୍ବର ସ୍ଥାନରେ ରହିଆସୁଥିଲେ।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ